
୬୫ତମ ବର୍ଷ | ୨୧ ଫେବ୍ରୁଆରୀ ୨୦୨୨ | ପ୍ରଥମ ସଂଖ୍ୟା

# ନବଜ୍ୟୋତି

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨


1940
a year of silence and expectation...
let us find, O Lord, our entire
support in Thy Grace alone.

1940

a year of silence and expectation...

let us find, O Lord, our entire

support in Thy Grace alone.

The Mother



୧୯୪୦

ନୀରବତା ତଥା ପ୍ରତ୍ୟାଶାର ଗୋଟିଏ ବର୍ଷ...

ହେ ପ୍ରଭୁ, କେବଳ ଆପଣଙ୍କର ପରମ କରୁଣା ମଧ୍ୟରେହିଁ

ଆମେ ଆମର ସକଳ ଅବଲମ୍ବନ ଲାଭ କରିବାର ଯୋଗ୍ୟ ହେଉ ।

ଶ୍ରୀମା

୬୫ତମ ବର୍ଷ ୨୧ ଫେବ୍ରୁଆରୀ ୨୦୨୨ ପ୍ରଥମ ସଂଖ୍ୟା

# ନବଜ୍ୟୋତି

ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଓ ପ୍ରଗତିଶୀଳ ଅଧ୍ୟାତ୍ମ ଜୀବନ-ଦୃଷ୍ଟି ଦ୍ୱାରା ପ୍ରେରିତ
ଯୋଗ, ସମାଜ, ଶିକ୍ଷା ଓ ସଂସ୍କୃତି ସମ୍ବନ୍ଧୀୟ ତ୍ରୈମାସିକ ପତ୍ରିକା ।

ପ୍ରେରଣା : ଶ୍ରୀ ରାମକୃଷ୍ଣ ଦାସ ପ୍ରତିଷ୍ଠାତା : ଶ୍ରୀ ପ୍ରପତ୍ତି
ସଂପାଦକ : ଶ୍ରୀ ବିଶ୍ୱମ୍ଭର ସାମନ୍ତ

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

## ସୂଚୀପତ୍ର

[ନବଜ୍ୟୋତି • ଫେବ୍ରୁଆରୀ, ୨୦୨୨]


**ଯୋଗ-ଦର୍ଶନ**

| | | | |
|---|---|---|---|
| ଶ୍ରୀମା'ଙ୍କ ବାଣୀ | ... | ... | ୫ |
| ଶ୍ରୀଅରବିନ୍ଦଙ୍କ ବାଣୀ | ... | ... | ୬ |
| ଅତିମାନସ ଯୋଗ | ... ଶ୍ରୀଅରବିନ୍ଦ | ... | ୯ |
| ଚେତନାର ପରିବର୍ତ୍ତନ ଓ ନବଜନ୍ମ | ... ଶ୍ରୀମା | ... | ୧୨ |
| ଭାରତର ନବଯାତ୍ରା | ... ଶ୍ରୀଅରବିନ୍ଦ | ... | ୧୩ |
| ମୋ ଲକ୍ଷ୍ୟ ସମ୍ବନ୍ଧରେ ମୁଁ କିପରି ସଚେତନ ହେଲି | ... ଶ୍ରୀମା | ... | ୧୪ |
| ଜାପାନରେ ଶ୍ରୀମା | ... ଶ୍ରୀ ପ୍ରପତ୍ତି | ... | ୧୬ |

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ**

| | | | |
|---|---|---|---|
| ବନ୍ଦେ ମାତରମ୍ | ... ଶ୍ରୀଅରବିନ୍ଦ | ... | ୨୧ |
| ବ୍ରହ୍ମଜାୟା (ଋଗ୍ ବେଦ : ୧୦ମ ମଣ୍ଡଳ/୧୦୯ ସୂକ୍ତ) | ... ଶ୍ରୀ ନଳିନୀକାନ୍ତ ଗୁପ୍ତ | ... | ୨୫ |
| ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ | ... ଶ୍ରୀଅରବିନ୍ଦ | ... | ୩୦ |
| ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରୟୋଗ | ... ଶ୍ରୀ ପ୍ରପତ୍ତି | ... | ୩୩ |
| ଚିରନ୍ତନ ଗୀତା | ... ଶ୍ରୀ ମନୋଜ ଦାସ | ... | ୩୮ |
| ଅନିର୍ବଚନୀୟା (ଶ୍ରୀଅରବିନ୍ଦଙ୍କ ରଚିତ 'ମା' ପୁସ୍ତକ ଅବଲମ୍ବନରେ) | ... ଶ୍ରୀ ଚନ୍ଦ୍ରଶେଖର ରଥ | ... | ୪୪ |
| ଭାରତ ସମ୍ପର୍କରେ ଶ୍ରୀମା | ... | ... | ୪୭ |

**ସାଧନା-ପରମ୍ପରା**

| | | | |
|---|---|---|---|
| ଅଶ୍ୱଘୋଷଙ୍କ ବୁଦ୍ଧଚରିତ (୧୦) | ... | ... | ୫୦ |

**ଅନ୍ତରାଳ ଜଗତ୍**

| | | | |
|---|---|---|---|
| ଜନ୍ମ ଓ ମୃତ୍ୟୁ | ... ଶ୍ରୀମା | ... | ୫୪ |

**ଶେଷ ପୃଷ୍ଠା**

| | | | |
|---|---|---|---|
| ମହାନ୍ ଆଦର୍ଶର ଭୂମିକା | ... ଶ୍ରୀ ବିଶ୍ୱମ୍ଭର ସାମନ୍ତ | ... | ୫୮ |


❖

# ଶ୍ରୀମା'ଙ୍କ ବାଣୀ

Concentrate in the heart. Enter into it; go within and deep and far, as far as you can. Gather all the strings of your consciousness that are spread abroad, roll them up and take a plunge and sink down.

A fire is burning there, in the deep quietude of the heart. It is the divinity in you – your true being. Hear its voice, follow its dictates.

(CWM, Vol. 3, p.1) The Mother

ହୃଦୟ ମଧ୍ୟରେ ଏକାଗ୍ର ହୁଅ । ତହିଁରେ ପ୍ରବେଶ କର; ଭିତରକୁ ଯାଅ ଏବଂ ଗଭୀରକୁ ଏବଂ ଦୂରକୁ, ଯେତେ ଦୂର ଯିବାକୁ ତୁମେ ସମର୍ଥ । ବାହାରେ ବିଛେଇ ହୋଇ ରହିଥିବା ତୁମ ଚେତନାର ସମସ୍ତ ଖିଅକୁ ଗୋଟାଇ ଆଣ, ସେସବୁକୁ ଏକତ୍ର କର ଏବଂ ଭିତରକୁ ନିମଜ୍ଜମାନ ହୁଅ ।

ତହିଁ ଜ୍ୱଳମାନ ଏକ ଅଗ୍ନି, ହୃଦୟର ଗଭୀର ପ୍ରଶାନ୍ତିରେ । ତାହା ତୁମର ଦିବ୍ୟତା — ତୁମର ସତ୍ୟ ସତ୍ତା । ତାହାରି କଣ୍ଠସ୍ୱର ଶୁଣ, ତା'ରି ନିର୍ଦ୍ଦେଶ ଅନୁସରଣ କର ।

ଶ୍ରୀମା



# ଶ୍ରୀଅରବିନ୍ଦଙ୍କ ବାଣୀ

Let the new birth become manifest in your heart and radiate in calm and joy and take up all the parts of your being, mind and vision and will and feeling and life and body. Let each date in your life be a date of its growth and greater completeness till all in you is the child of the Mother. Let the Light and Power and Presence envelop you and protect and cherish and foster, till all your inner and outer existence is one movement and an expression of its peace and strength and Ananda.

23. 01. 1929 – Sri Aurobindo

(CWSA - Vol. 35, p. 838)

ନବଜନ୍ମ ତୁମ ହୃଦୟରେ ପ୍ରକାଶିତ ହେଉ ଏବଂ ଶାନ୍ତି ଓ ଆନନ୍ଦ ମଧ୍ୟରେ ତାହା ନିଜର ଜ୍ୟୋତିଃ ବିକୀର୍ଣ୍ଣ କରୁ, ତୁମ ସତ୍ତାର ସକଳ ଅଂଶକୁ – ତୁମର ମନ, ଦୃଷ୍ଟି, ସଂକଳ୍ପ, ହୃଦୟ, ପ୍ରାଣ ଓ ଶରୀରକୁ ତାହା ନିଜ ମଧ୍ୟରେ ଧାରଣ କରୁ । ତୁମ ଜୀବନର ପ୍ରତ୍ୟେକଟି ଦିନ ହେଉ ତା'ର ବୃଦ୍ଧି, ତା'ର ବୃହତ୍ତର ପୂର୍ଣ୍ଣତାର ଦିନ ଯେପର୍ଯ୍ୟନ୍ତ ତୁମ ସତ୍ତାର ସମସ୍ତ ଅଙ୍ଗ ମା'ଙ୍କର ସନ୍ତାନ ନ ହୋଇଛି । ସେହି **ଜ୍ୟୋତିଃ, ଶକ୍ତି** ଏବଂ **ସାନ୍ନିଧ** ତୁମକୁ ଚତୁର୍ଦ୍ଦିଗରୁ ଘେରି ରହୁ, ତୁମକୁ ରକ୍ଷା କରୁ, ପାଳନ କରୁ ଏବଂ ପୋଷଣ କରୁ; ଯେତେଦିନ ପର୍ଯ୍ୟନ୍ତ ତୁମର ବାହ୍ୟ ଓ ଆନ୍ତର ଜୀବନ ନ ହୋଇଛି ତା'ର ଶାନ୍ତି, ଶକ୍ତି ଓ ଆନନ୍ଦର ଏକ ଅଖଣ୍ଡ ଗତିଧାରା ଓ ପ୍ରକାଶ ।

(୨୩. ୦୧. ୧୯୨୯) – ଶ୍ରୀଅରବିନ୍ଦ



# ଅତିମାନସ ଯୋଗ

## ଶ୍ରୀଅରବିନ୍ଦ

ଅତିମାନସ ଯୋଗ ହେଉଛି ଏକାଧାରରେ ଭଗବାନଙ୍କ ଅଭିମୁଖରେ ଆତ୍ମାର ଏକ ଉତ୍ତରଣ ଏବଂ ଦେହଧାରୀ ପ୍ରକୃତି ଭିତରକୁ ଭଗବତ୍ ସତ୍ତାଙ୍କର ଏକ ଅବତରଣ ।

ଏହି ଉତ୍ତରଣର ଦାବି ହେଉଛି ଆତ୍ମା, ମନ, ପ୍ରାଣ ଓ ଦେହର ସମସ୍ତ ଅଭୀପ୍ସାକୁ ଏକତ୍ର ଠୂଳ କରି ତାହାକୁ ଊର୍ଦ୍ଧ୍ୱମୁଖୀ କରାଇବା ଓ ଅବତରଣର ଦାବି ହେଉଛି ଅନନ୍ତ ଓ ଶାଶ୍ୱତ ଭଗବାନଙ୍କ ପ୍ରତି ସମଗ୍ର ସତ୍ତାର ଏକ ଆବାହନ । ଯଦି ଏହି ଆବାହନ ଓ ଅଭୀପ୍ସା ରହିଥାଏ ଏବଂ ଯଦି ତାହା ନିରନ୍ତର ଓ ଉତ୍ତରୋତ୍ତର ବୃଦ୍ଧି ପାଇ ସମଗ୍ର ପ୍ରକୃତିକୁ ଅଧିକାର କରେ ତା'ହେଲେ ସେତେବେଳେହିଁ କେବଳ ଏହାର ଅତିମାନସ ରୂପାନ୍ତର ସମ୍ଭବପର ହୁଏ ।

ଯେଉଁ ଭଗବତ୍ ଚେତନା ଏହି ଅର୍ଦ୍ଧ-ସଚେତ ମର-ଜୀବନ ଓ ଅସ୍ତିତ୍ୱର ଊର୍ଦ୍ଧ୍ୱରେ, ପଶ୍ଚାତରେ ଓ ଚତୁର୍ଦ୍ଦିଗରେ ପରିବେଷ୍ଟନ କରି ରହିଛି, ସେହି ମହତ୍ତର ଦିବ୍ୟ ଭଗବତ୍ ଚେତନାକୁ ଗ୍ରହଣ କରିବା ପାଇଁ ଓ ତହିଁରେ ପ୍ରବେଶ କରିବା ପାଇଁ ସମଗ୍ର ପ୍ରକୃତିର ଏକ ଉନ୍ମୀଳନ ଓ ସମର୍ପଣ ଆବଶ୍ୟକ । ତହିଁ ସଙ୍ଗେ ସଙ୍ଗେ ମଧ୍ୟ ଆବଶ୍ୟକ ଏକ କ୍ରମବର୍ଦ୍ଧିଷ୍ଣୁ ସାମର୍ଥ୍ୟ ଯାହା ଭଗବତ୍ ଦିବ୍ୟ ଶକ୍ତିର ସେହି କ୍ରିୟାକୁ ସହ୍ୟ କରି ପାରିବ, ଯାହା ଅଧିକରୁ ଅଧିକ ଶକ୍ତିଶାଳୀ ଭାବରେ ଏବଂ ଅଧିକରୁ ଅଧିକ ଦୃଢ଼ଚାପ ପ୍ରୟୋଗ କରି କ୍ରିୟା କରିଥାଏ; ଯେପର୍ଯ୍ୟନ୍ତ ଅସୀମା ଦିବ୍ୟଜନନୀଙ୍କ ହାତରେ ସାଧକର ଆତ୍ମା ଏକ ଦିବ୍ୟଶିଶୁରେ ପରିଣତ ନ ହୋଇଛି । ଅନ୍ୟାନ୍ୟ ଯୋଗରେ ଜଣାଥିବା ସମସ୍ତ ଉପାୟକୁ ପ୍ରୟୋଗ କରାଯାଇପାରେ, ଏବଂ ଏହି ଯୋଗରେ ମଝିରେ ମଝିରେ ସେହିସବୁ ପ୍ରକ୍ରିୟାକୁ ଗୌଣ ପଦ୍ଧତି ରୂପେ ବ୍ୟବହାର ମଧ୍ୟ କରାଯାଇଥାଏ; କିନ୍ତୁ ପୂର୍ବୋକ୍ତ ମହତ୍ତର ସର୍ତ୍ତସବୁକୁ ଗ୍ରହଣ କରା ନ ଗଲେ ସେଗୁଡ଼ିକ ଯଥାର୍ଥ ଭାବେ ଫଳପ୍ରଦ ହେବେ ନାହିଁ ଏବଂ ଥରେ ସେହି ସର୍ତ୍ତସବୁକୁ ପୂରାପୂରି ଗ୍ରହଣ କରି ନେଲେ ସେଗୁଡ଼ିକ ଅପରିହାର୍ଯ୍ୟ ନୁହନ୍ତି ।

ଶେଷରେ ଦେଖାଯିବ ଯେ ମନ, ପ୍ରାଣ ଓ ଦେହର କୌଣସି ଚେଷ୍ଟା ଦ୍ୱାରା, ମାନବୀୟ କୌଣସି ମାନସିକ ବା ଦୈହିକ ପଦ୍ଧତି ଦ୍ୱାରା ଏ ଯୋଗ ଶେଷ ପର୍ଯ୍ୟନ୍ତ କରାଯାଇ ନ ପାରେ; କେବଳ ପରମା ଭଗବତୀ ଶକ୍ତିଙ୍କ କ୍ରିୟା ଦ୍ୱାରାହିଁ ଏହି ଯୋଗର ଶେଷ ଲକ୍ଷ୍ୟରେ ପହଞ୍ଚିବା ସମ୍ଭବପର । କିନ୍ତୁ ତାଙ୍କର ବାଟ ହେଉଛି ଏକ ସଙ୍ଗରେ ଅତ୍ୟନ୍ତ ରହସ୍ୟଜନକ ଭାବରେ ସିଧାସଳଖ, ପ୍ରତ୍ୟକ୍ଷ ଅଥଚ ବାହ୍ୟ ଭାବରେ ବେଶ୍ ଜଟିଳ; ତାହା ଏତେ ମହାନ୍, ଏତେ ସମ୍ପୂର୍ଣ୍ଣ ଓ ଏତେ ସୂକ୍ଷ୍ମ ଯେ ସେହି ଧାରାକୁ ପୂରା ବୁଝି ତାହାର ଅନୁସରଣ କରିବା ସମ୍ଭବପର ନୁହେଁ । ଏବଂ ଆମର ମାନୁଷୀ ବୁଦ୍ଧିରେ ତାହାକୁ କାଟିକୁଟି ଏକ ନିର୍ଦ୍ଦିଷ୍ଟ ସଂଜ୍ଞାବଦ୍ଧ ସୂତ୍ରରେ ନିର୍ଣ୍ଣୟ କରି ଧରିବାକୁ ଚେଷ୍ଟା କରିବା ଆହୁରି ଅସମ୍ଭବ ।

ମଣିଷ ନିଜ ଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ । କିନ୍ତୁ ସେ ଦିବ୍ୟ ଭଗବତ୍ ସତ୍ୟ ଓ ତା'ର ଶକ୍ତିକୁ ତା' ନିଜ ଭିତରେ କ୍ରିୟା କରିବା ପାଇଁ ଆବାହନ କରିପାରେ । କେବଳ ଭାଗବତୀ ଦିବ୍ୟ ପ୍ରକୃତିର ଏକ ଅବତରଣହିଁ ମଣିଷର ଆଧାରକୁ ଦିବ୍ୟାୟିତ କରିପାରେ । ଏକ ରୂପାନ୍ତରକାରିଣୀ ପରମା ଦିବ୍ୟଶକ୍ତି ହାତରେ ପୂର୍ଣ୍ଣ ଆତ୍ମ-ସମର୍ପଣହିଁ ହେଲା ଏହି ଯୋଗର ମୂଳମନ୍ତ୍ର ।

ପ୍ରକୃତିର ଏହି ଯେଉଁ ଦିବ୍ୟାୟନ ବିଷୟରେ ଆମେ କହୁ, ଏହା ଏକ ରୂପାନ୍ତର – ଏକ ପ୍ରକାର ଅତିମାନବତା ଦିଗରେ କେବଳ ଏକ ଅଭିବୃଦ୍ଧି ମାତ୍ର ନୁହେଁ, ଏହା ହେଉଛି ଆମର ଅଜ୍ଞାନମୟ ପ୍ରକୃତିର ମିଥ୍ୟାରୁ ଭଗବତ୍ ପ୍ରକୃତିର ସତ୍ୟ ଭିତରକୁ ଏକ ପରିବର୍ତ୍ତନ । ମନ ଓ ପ୍ରାଣର ଅର୍ଦ୍ଧ ଦେବତା, ଅସୁର, ରାକ୍ଷସ ଓ ପିଶାଚ – ଏମାନେ ମଧ୍ୟ ସେମାନଙ୍କର ସ୍ଥିତି, ଶକ୍ତି ଓ କ୍ରିୟା ବା ଗତିବୃତ୍ତି ଦୃଷ୍ଟିରୁ ଏବଂ ସେମାନଙ୍କର ବୈଶିଷ୍ଟ୍ୟଯୁକ୍ତ ପ୍ରକୃତି ବା ସ୍ୱଭାବ ଦୃଷ୍ଟିରୁ ଏକ ଧରଣର ଅତିମାନବ, କିନ୍ତୁ ଏମାନେ ଦିବ୍ୟ ନୁହନ୍ତି, ପରମ ଦିବ୍ୟତାରେ ଉତ୍ତୀର୍ଣ୍ଣ ହୋଇ ପାରିବେ ନାହିଁ, କାରଣ ସେମାନେ କେବଳ ଏକ ବୃହତ୍ତର ମନ ବା ପ୍ରାଣର ଶକ୍ତିରେହିଁ ବାସ କରନ୍ତି, ସେମାନେ ସର୍ବୋତ୍ତମ ପରମ ସତ୍ୟରେ ବାସ କରନ୍ତି ନାହିଁ, କେବଳ ସର୍ବୋତ୍ତମ ପରମ ସତ୍ୟକୁହିଁ ଦିବ୍ୟ ବୋଲି କୁହାଯାଇପାରେ । ଯେଉଁମାନେ କେବଳ ଏକ ପରମ ସତ୍ୟଚେତନାରେ ବାସ କରନ୍ତି ଏବଂ ତାହାକୁ ମୂର୍ତ୍ତ କରି

ପାରନ୍ତି ସେହିମାନେ କେବଳ ଆନ୍ତର ଭାବରେ ଭଗବତ୍ ଭାବମୂର୍ତ୍ତିରେ ନିର୍ମିତ ବା ପୁନଃନିର୍ମିତ ହୋଇ ପାରିବେ ।

ଅତିମାନସ ଯୋଗର ଲକ୍ଷ୍ୟ ହେଉଛି ଏହି ପରମସତ୍ୟ ଚେତନାରେ ରୂପାନ୍ତରିତ ହେବା, କିନ୍ତୁ ଏହି ସତ୍ୟ ମନର ଅତୀତ ଓ ଊର୍ଦ୍ଧ୍ୱରେ ଏବଂ ଏହି ଚେତନା ସର୍ବୋଚ୍ଚ ମନ-ଚେତନାର ବହୁ ଊର୍ଦ୍ଧ୍ୱରେ । କାରଣ ମନର ସତ୍ୟ ସବୁବେଳେ ଆପେକ୍ଷିକ, ଅନିଶ୍ଚିତ ଏବଂ ଆଂଶିକ କିନ୍ତୁ ଏହି ମହତ୍ତର ଦିବ୍ୟସତ୍ୟ ସାର୍ବଭୌମ, ଅଖଣ୍ଡ ଓ ସମଗ୍ର । ମନର ସତ୍ୟ କେବଳ ପ୍ରତିନିଧିତ୍ୱ ମାତ୍ର କରୁଥାଏ, ସବୁ ସମୟରେ ଆଂଶିକ ଓ ଅଧିକାଂଶ ସମୟରେ କେବଳ ଭୁଲ୍ ପ୍ରତିନିଧିତ୍ୱହିଁ କରେ ଏବଂ ଏପରିକି ଯେତେବେଳେ ଏହା ସବୁଠୁ ନିର୍ଭୁଲ ମନେ ହୁଏ ସେତେବେଳେ ଏହା ମାତ୍ର ଏକ ପ୍ରତିବିମ୍ବ, ସତ୍ୟର ଶରୀର ନୁହେଁ, ତା'ର ଛାୟାମାତ୍ର । ମନ ଦିବ୍ୟ ସତ୍ୟରେ ବାସ କରେ ନାହିଁ ବା ନିଜ ଅଧିକାର ଭିତରେ ତାହାକୁ ପାଏ ନାହିଁ । କେବଳ ତାହାର ଅନ୍ୱେଷଣ କରେ ଏବଂ ଅତିବେଶୀରେ ସେହି ସତ୍ୟର ପରିଚ୍ଛଦ ବା ଅଙ୍ଗବସ୍ତ୍ରରୁ ମାତ୍ର କେଇଟି ସୂତାଖିଅକୁ ଧରିପାରେ । ଅତିମାନସ ବାସ କରେ ଦିବ୍ୟ ସତ୍ୟରେ, ସତ୍ୟର ମୂଳ ଜନ୍ମଗତ ଉପାଦାନ ତା'ର ରୂପ ଓ ଅଭିବ୍ୟକ୍ତିରେ । ଏହାକୁ ସତ୍ୟର ଅନ୍ୱେଷଣ କରିବାକୁ ପଡ଼େ ନାହିଁ, ସବୁବେଳେ ସ୍ୱାଭାବିକ ଓ ସ୍ୱୟଂକ୍ରିୟ ଭାବରେ ସେହି ସତ୍ୟ ତା'ର ନିଜର ଅଧିଗତ ଓ ଅନ୍ତର୍ଗତ ହୋଇ ରହିଥାଏ; ଏବଂ ଯାହା ତାହାର ଅନ୍ତର୍ଗତ ହୋଇ ରହିଥାଏ ସେ ନିଜେ ତାହାହିଁ । ଏହାହିଁ ହେଉଛି ମନ ଓ ଅତିମାନସ ଭିତରେ ପାର୍ଥକ୍ୟର ମୂଳକଥା ।

ମନରୁ ଅତିମାନସକୁ ଏହି ସଂକ୍ରମଣ ଫଳରେ ଯେଉଁ ପରିବର୍ତ୍ତନ ବା ରୂପାନ୍ତର ସଂଘଟିତ ହୁଏ ତାହା କେବଳ ଜ୍ଞାନ କ୍ଷେତ୍ରରେ ବା ଜ୍ଞାନ ପାଇଁ ଆମର ସାମର୍ଥ୍ୟର କ୍ଷେତ୍ରରେ ଏକ ବିପ୍ଳବ ମାତ୍ର ନୁହେଁ । ଯଦି ଏହି ରୂପାନ୍ତରକୁ ସଂପୂର୍ଣ୍ଣ ଓ ସ୍ଥାୟୀ କରିବାକୁ ହେବ ତା'ହେଲେ ଆମର ଇଚ୍ଛା ବା ସଂକଳ୍ପର, ଆମର ଭାବାବେଗର, ଆମର ଇନ୍ଦ୍ରିୟାନୁଭୂତିର, ଆମ ଜୀବନର ସାମର୍ଥ୍ୟ ଓ ତା'ର ସମସ୍ତ ଶକ୍ତିକୁ ଏବଂ ଶେଷରେ ଆମ ଶରୀରର ସମସ୍ତ ଉପାଦାନ ଓ କ୍ରିୟାର ମଧ୍ୟ ଏକ ଦିବ୍ୟ ରୂପାନ୍ତର ଆଣିବାକୁ ହେବ । ତା'ହେଲେ କେବଳ କୁହା ଯାଇପାରେ ଯେ ପୃଥିବୀପୃଷ୍ଠରେ ଅତିମାନସ ବିଦ୍ୟମାନ ହୋଇ ରହିଛି, ପାର୍ଥିବ ଉପାଦାନରେ ନିଜର ଚେର ବିସ୍ତାର କରି ଦୃଢ଼ମୂଳ ହୋଇ ରହିଛି, ଏବଂ ନିଜକୁ ଶରୀରୀ ଓ ମୂର୍ତ୍ତ କରି ଧରିଛି ଦିବ୍ୟ ପ୍ରାଣୀମାନଙ୍କର ଏକ ନୂତନ ଜାତିରେ ।

ଅତିମାନସ ନିଜର ଉଚ୍ଚତମ ସ୍ଥିତିରେ ହେଉଛି ଦିବ୍ୟ ବିଜ୍ଞାନ — ଭଗବାନଙ୍କର ସେହି ପ୍ରଜ୍ଞା-ଶକ୍ତି-ଜ୍ୟୋତିଃ-ଆନନ୍ଦର ସତ୍ୟ ଯାହା ଦ୍ୱାରା ସେ ଏହି ବିଶ୍ୱକୁ ଜାଣନ୍ତି, ଧାରଣ ଓ ପୋଷଣ କରନ୍ତି, ନିୟନ୍ତ୍ରିତ ଓ ଭୋଗ କରନ୍ତି ।

*

ଅତିମାନସ ଯୋଗର ପ୍ରଥମ ଶବ୍ଦ ହେଲା ସମର୍ପଣ, ଏହାର ଶେଷ ଶବ୍ଦ ମଧ୍ୟ ସେହି ସମର୍ପଣ । ଦିବ୍ୟଚେତନାରେ ଉଠାଇ ନେବା ପାଇଁ, ପୂର୍ଣ୍ଣତା ପାଇଁ, ରୂପାନ୍ତର ପାଇଁ, ଶାଶ୍ୱତ ଭଗବାନଙ୍କ ପାଖରେ ନିଜକୁ ଦେଇ ଦେବାର ସଂକଳ୍ପ ଦ୍ୱାରାହିଁ ଏହି ଯୋଗ ଆରମ୍ଭ ହୁଏ ଏବଂ ପୂରାପୂରି ଭାବରେ ନିଜକୁ ଦେଇ ଦେବାରେହିଁ ଏହା ତା'ର ଚୂଡ଼ାନ୍ତ ପୂର୍ଣ୍ଣତାରେ ପହଞ୍ଚେ, କାରଣ ଯେତେବେଳେ କେବଳ ସେହି ଆତ୍ମ ନିବେଦନ ପୂର୍ଣ୍ଣତା ଲାଭ କରେ ସେତେବେଳେ ଯାଇ ଏହି ଯୋଗ ତା'ର ଶେଷ, ଚରମ ପର୍ଯ୍ୟାୟରେ ପହଞ୍ଚେ ଯେଉଁଠି ସତ୍ତାକୁ ସମଗ୍ର ଭାବରେ ନେଇ ନିଆଯାଇଛି ଅତିମାନସ ଦିବ୍ୟସତ୍ୟ ଭିତରକୁ ସତ୍ତାର ପୂର୍ଣ୍ଣତା ଓ ରୂପାନ୍ତର ପାଇଁ ।

*

ଆମେ ପରମ ଭଗବାନଙ୍କଠାରୁ ଯେଉଁ ବରଲାଭ ଚାହିଁଛୁ ତାହା ସର୍ବୋତ୍ତମଙ୍କଠାରୁ ପୃଥିବୀ ଯେତେ ଯେତେ ବର ଚାହିଁପାରେ ତା' ଭିତରେ ସର୍ବଶ୍ରେଷ୍ଠ । ଆମେ ଚାହୁଁଛୁ ସେହି ରୂପାନ୍ତର ଯାହାକୁ ସଂପନ୍ନ ଓ ସିଦ୍ଧ କରିବା ସବୁଠୁ ଦୁରୂହ, ଯାହାର ଦାବି ଓ ସର୍ତ୍ତ ପୂରଣରେ କୌଣସି ତ୍ରୁଟିକୁ ଶେଷ ପର୍ଯ୍ୟନ୍ତ ସହ୍ୟ କରାଯାଏନା । ପରମ ସତ୍ୟ ଓ ଶକ୍ତିର ଜଡ଼ ଭିତରକୁ ଅବତରଣ, ଜଡ଼ର ଭୂମି ଓ ଚେତନାରେ ଏବଂ ଏହି ଜଡ଼ ପୃଥିବୀରେ ଅତିମାନସର ପ୍ରତିଷ୍ଠା, ଏବଂ ଜଡ଼ର ପୂରା ମୂଳତତ୍ତ୍ୱ ପର୍ଯ୍ୟନ୍ତ ଏକ ପୂର୍ଣ୍ଣାଙ୍ଗ ରୂପାନ୍ତର — ଏହାହିଁ ଆମର ଲକ୍ଷ୍ୟ, ଏହାଠାରୁ କିଛି କମ୍ ନୁହେଁ । ଏହି ଅଲୌକିକ ସିଦ୍ଧି କେବଳ ଏକ ପରମ ଦିବ୍ୟକୃପାହିଁ ସମ୍ପନ୍ନ କରିପାରେ ।

ପରମା ଦିବ୍ୟ ଶକ୍ତି ସବୁଠୁ ଜଡ଼ମୟ ଚେତନା ଭିତରକୁ ଅବତରଣ କରିଛି କିନ୍ତୁ ସେଠାରେ ସେ ରହିଛି ଭୌତିକ ଘନ ଆବରଣର ପଶ୍ଚାତରେ । ନିଜର ପ୍ରକାଶ ପୂର୍ବରୁ, ନିଜର ପ୍ରକାଶ୍ୟ ମହାନ୍ କ୍ରିୟା ଆରମ୍ଭ ହେବା ପୂର୍ବରୁ ତାହାର ଦାବି ହେଲା ସେଠାରେ ଯେପରି ପରମ ଦିବ୍ୟକୃପାର ସର୍ତ୍ତସବୁ

ବାସ୍ତବ ଓ ଫଳପ୍ରଦ ହୋଇ ରୁହେ । ଏବଂ ପ୍ରଥମ ସର୍ତ୍ତଟି ହେଲା ଜଡ଼ମୟ ସତ୍ତା ଓ ପ୍ରକୃତିରେ ପ୍ରକାଶିତ ଓ ଅଭିବ୍ୟକ୍ତ ହେବା ପୂର୍ବରୁ ସେହି ଦିବ୍ୟସତ୍ୟ ଯେପରି ଆମ ଭିତରେ ସଂପୂର୍ଣ୍ଣ ଓ ସମଗ୍ର ଭାବରେ, ଦ୍ୱିଧାହୀନ ଓ ସର୍ତ୍ତହୀନ ଭାବରେ ଗୃହୀତ ହେଉ ।

ସମଗ୍ର ସତ୍ତାର ଏକ ପୂର୍ଣ୍ଣ ସମର୍ପଣ, ଅନ୍ୟକିଛି ପ୍ରତି ନୁହେଁ କେବଳ ଦିବ୍ୟ ପ୍ରଭାବ ପ୍ରତି ଏକ ସର୍ବତୋମୁଖୀ ଆତ୍ମ-ଉନ୍ମୀଳନ, ନିରନ୍ତର ସର୍ବାଙ୍ଗୀନ ଭାବରେ କେବଳ ଦିବ୍ୟ ସତ୍ତାକୁ ଗ୍ରହଣ କରିବା ଓ ସମସ୍ତ ମିଥ୍ୟାକୁ ପ୍ରତ୍ୟାଖ୍ୟାନ କରିବା – କେବଳ ଏହିଗୁଡ଼ିକହିଁ ହେଉଛି ସର୍ତ୍ତ । କିନ୍ତୁ କୌଣସି କୁଣ୍ଠା, ଦ୍ୱିଧା, ଛଳନା ବା ଏଡ଼ାଇ ଯିବାର ଭାବ ନ ରଖି ପୂରାପୂରି ଭାବରେ ଏହି ସର୍ତ୍ତଗୁଡ଼ିକୁ ପୂରଣ କରିବାକୁ ହେବ, ସହଜ ଓ ଆନ୍ତରିକ ଭାବରେ ଦୈହିକ ଚେତନା ଓ ତା'ର କ୍ରିୟା ପର୍ଯ୍ୟନ୍ତ ।

(Bulletin, August 1988) ✤

## ଅସଂଯତ କଥାବାର୍ତ୍ତା

ଆମେ କହିଥିଲୁ ଆମେ ନିଜକୁ ସାଧନା ପାଇଁ ପଦ୍ଧତି ମୂଳକ ଭାବେ ପ୍ରସ୍ତୁତ କରିବୁ... ଗୋଟିଏ ବିଷୟ ଉପରେ ମୁଁ ଖୁବ୍ ଜୋର୍ ଦେଇଥାଏ, କିନ୍ତୁ ଦୁର୍ଭାଗ୍ୟବଶତଃ ତୁମ ସମସ୍ତଙ୍କ ଭିତରେ ତାହା ବିଶେଷ ଫଳପ୍ରଦ ହେଉ ନାହିଁ । ମୁଁ ଭାବୁଛି ବୋଧହୁଏ ଭବିଷ୍ୟତ୍ ସାଧନା ପାଇଁ ତୁମକୁ ପ୍ରସ୍ତୁତ କରିବାକୁ, ତାହାକୁ ନେଇହିଁ ଆରମ୍ଭ କରିବା ଉତ୍ତମ ହେବ ।

ତେଣୁ ଆଜି ସନ୍ଧ୍ୟାରେ ଆମର ଧ୍ୟାନର ବିଷୟ ହେବ, ''କଥାବାର୍ତ୍ତାରେ ସଂଯମହୀନତାର କୁପରିଣାମ'' ।

ଅନେକ ସମୟରେ ମୁଁ ତୁମକୁ କହିଛି ଯେ ଅବାନ୍ତର ବା ଅର୍ଥହୀନ ଭାବରେ କହିଥିବା ପ୍ରତ୍ୟେକଟି ଶବ୍ଦ ହେଉଛି ଏକ ବିପଜ୍ଜନକ ବାଚାଳତା । କିନ୍ତୁ ଏଠାରେ ପରିସ୍ଥିତି ତା'ର ସୀମା ଟପିବାକୁ ବସିଲାଣି । ଯେଉଁମାନେ ମାନବସମାଜର ପୂର୍ଣ୍ଣତା ଚାହାନ୍ତି ସେମାନେ ବାରଂବାର ଏହି କଥାଟି କହିଛନ୍ତି ଓ ତା'ର ବାରବାର ପୁନରାବୃତ୍ତି କରିଛନ୍ତି – ଦୁର୍ଭାଗ୍ୟବଶତଃ ତାହା ବିଶେଷ ଫଳପ୍ରଦ ହୋଇ ନାହିଁ ।

ଏହି ଦୁର୍ଗୁଣଟି ହେଉଛି ଅସଦିଚ୍ଛାପୂର୍ଣ୍ଣ ପରଚର୍ଚ୍ଚା – ଅନ୍ୟକୁ ବଦନାମ କରିବା, ଅନ୍ୟମାନଙ୍କ ସମ୍ପର୍କରେ ନାନା କୁତ୍ସାରଟନା କରିବା, ଅନ୍ୟମାନଙ୍କ ସମ୍ପର୍କରେ ଖରାପ କଥା କହିବାରେ ଆନନ୍ଦ ପାଇବା । ଯେଉଁମାନେ ଏହି ଧରଣର ଅସଂଯତ କଥାବାର୍ତ୍ତାରେ ବୁଡ଼ି ଯାଆନ୍ତି, ତାହା ସେମାନଙ୍କ ଚେତନାକୁ ଦୂଷିତ କରେ ଏବଂ ଯେତେବେଳେ ସେମାନଙ୍କର ଏହି ଧରଣର ଅସଂଯତ କଥାବାର୍ତ୍ତା ସଙ୍ଗରେ ଓ ବାଜେ ଭାଷାରେ କୁହାଯାଉଥିବା ବାଜେ କଳହ ମିଶିଯାଏ ସେତେବେଳେ ଏହା ଆତ୍ମହତ୍ୟା ସଙ୍ଗେ, ନିଜ ଭିତରେ ଏକ ଆଧ୍ୟାତ୍ମିକ ଆତ୍ମହତ୍ୟା ସଙ୍ଗେ ସମାନ ହୋଇଥାଏ ।

ମୁଁ ଏହି ବିଷୟଟି ଉପରେ ଜୋର୍ ଦେଉଛି ଏବଂ ଏହାକୁ **ଗୁରୁତ୍ୱର** ସହ ଗ୍ରହଣ କର ବୋଲି କହୁଛି ।

(MCW, Vol. 9, p. 143) **– ଶ୍ରୀମା**

# ଚେତନାର ପରିବର୍ତ୍ତନ ଓ ନବଜନ୍ମ

## ଶ୍ରୀମା

ଏକମାତ୍ର ଯେଉଁ ଜିନିଷ ଯଥାର୍ଥରେ ଫଳପ୍ରଦ ତାହା ହେଉଛି ଚେତନାର ପରିବର୍ତ୍ତନ । ଅତିମାନସ ଶକ୍ତିର ସ୍ପନ୍ଦନ ସଙ୍ଗେ ଏକ ଅନ୍ତରଙ୍ଗ, ନିରନ୍ତର ତଥା ଅଖଣ୍ଡ ଓ ଅନିବାର୍ଯ୍ୟ ସଂଯୋଗ ଓ ଐକ୍ୟର ମାଧ୍ୟମରେ ଯେଉଁ ଆନ୍ତର ମୁକ୍ତି ଆସିଥାଏ, ଏହା ହେଉଛି ସେହି ପରିବର୍ତ୍ତନ । ଅତିମାନସ ଶକ୍ତିସମୂହ ସଙ୍ଗେ, ଭଗବତ୍ ଶକ୍ତିସମୂହ ସଙ୍ଗେ ଏହି ସଂଯୋଗ ଓ ଐକ୍ୟ ହେଉ ଆମ ପ୍ରତ୍ୟେକଟି ମୁହୂର୍ତ୍ତର ଅଭିନିବେଶ, ଏହାହିଁ ହେଉ ଆମ ସତ୍ତାର ସମଗ୍ର ଉପାଦାନର ସଂକଳ୍ପ, ଶରୀରର ସମସ୍ତ ଦେହକୋଷକୁ ନେଇ ଏହାହିଁ ହେଉ ଆମ ସମଗ୍ର ସତ୍ତାର ଅଭୀପ୍ସା । ଏହାର ପରିଣତି ବା ଫଳାଫଳ କ'ଣ ହେବ ସେ ନେଇ ପୂର୍ବରୁ ଭାବନା କରିବାର ଆଦୌ କୌଣସି ଆବଶ୍ୟକତା ଆଉ ନାହିଁ । ବିଶ୍ୱଶକ୍ତିର ଲୀଳା ଓ ଅଭିବ୍ୟକ୍ତି ଭିତରେ ଯାହା ହେବାର ଅଛି ତାହାହିଁ ହେବ, ଏବଂ ତାହା ହେବ ଖୁବ୍ ସ୍ୱାଭାବିକ ଭାବରେ, ସ୍ୱତଃସ୍ଫୂର୍ତ୍ତ ଭାବରେ, ସ୍ୱୟଂଚାଳିତ ଭାବରେ, ଆପେ ଆପେ; ସେସମ୍ପର୍କରେ ପୂର୍ବରୁ ଆଦୌ କୌଣସି ଭାବନାର କିଛି ବି ପ୍ରୟୋଜନ ନାହିଁ । ଯେଉଁ ଗୋଟିଏ କଥା ଜରୁରୀ ତାହା ହେଉଛି ସେହି ଦିବ୍ୟଶକ୍ତି ସହ, ସେହି ଦିବ୍ୟ-ଆଲୋକ, ସେହି ଦିବ୍ୟସତ୍ୟ, ସେହି ଦିବ୍ୟସାମର୍ଥ୍ୟ ସହିତ ଓ ଅତିମାନସ ଚେତନାର ସେହି ଅନିର୍ବଚନୀୟ ଆନନ୍ଦ ସହିତ ନିରନ୍ତର, ସାମଗ୍ରିକ ଓ ସମ୍ପୂର୍ଣ୍ଣ ସଂଯୋଗ – ନିରନ୍ତର, ହଁ, ନିରନ୍ତର ସଂଯୋଗ ।

ଏହାହିଁ ହେଉଛି ଆନ୍ତରିକତା । ବାକି ସବୁକିଛି ହେଉଛି ଅନୁକରଣ, ଏହା ହେଉଛି ପ୍ରାୟ ନିଜ ପାଇଁ ନିଜର ଏକ ଭୂମିକାରେ ଅବତୀର୍ଣ୍ଣ ହେବା ।

ସମ୍ପୂର୍ଣ୍ଣ ବିଶୁଦ୍ଧି ହେଉଛି ନିଜେ *ହୋଇଉଠିବା*; ଏକ ଆତ୍ମ-ପୂର୍ଣ୍ଣତାର ଅଭିବ୍ୟକ୍ତି ଭିତରେ ଚିରତର ଭାବରେ ଅଧିକରୁ ଅଧିକ ହୋଇ ଉଠିବା । ଜଣେ *ହୋଇ ଯାଇଛି* ବୋଲି ଛଳନା କଲେ ଚଳିବ ନାହିଁ : ସ୍ୱତଃସ୍ଫୂର୍ତ୍ତ ଭାବରେ ତୁମକୁ ତାହା *ହୋଇ ଉଠିବାକୁ* ହେବ ।

ଏହାହିଁ ହେଉଛି ଆନ୍ତରିକତା ।

*

ଆମ ପାଇଁ ନବଜନ୍ମର ଅର୍ଥ ହେଉଛି ଆମ ଭିତରୁ ପୁରୁଣା ଚେତନା ଖସିପଡ଼ିବା । କିନ୍ତୁ ଏହା କେବଳ ଏପରି ଏକ ନବଜନ୍ମ ନୁହେଁ ଯେଉଁଥିରେ ତୁମେ ହଠାତ୍ ଗୋଟିଏ ମୁହୂର୍ତ୍ତରେ ତୁମର ସବୁତକ ଅତୀତ ସହିତ ସଂପର୍କ ଛିନ୍ନ କରି ଦେବ । ତୁମର ପୁରାତନ ବ୍ୟକ୍ତିତ୍ୱ, ତୁମର ବାହ୍ୟ ନିମ୍ନ ପ୍ରକୃତିର ମୃତ୍ୟୁ ଏବଂ ନୂଆ କରି ଏକ ଜୀବନ ଆରମ୍ଭ କରିବା ଭିତରେ ଏକ ପ୍ରକାର କ୍ରମାଗତତା ରହିଥାଏ । ନବଜନ୍ମର ଅନୁଭୂତି ଭିତରେ, ପୁରୁଣା ସତ୍ତାର ପ୍ରତ୍ୟାଖ୍ୟାନର ଗତିବୃତ୍ତି ସହିତ ଓତପ୍ରୋତ ଭାବେ ଜଡ଼ିତ ରହିଥାଏ ତହିଁରୁ ଉଠି ଆସିଥିବା ନୂଆ ଚେତନାର ଓ ନୂଆ ଶକ୍ତିର ଗତିବୃତ୍ତିଗୁଡ଼ିକ । ଯାହା ଫଳରେ ଚେତନାରୁ ଯେଉଁ ଜିନିଷଗୁଡ଼ିକ ଫୋପାଡ଼ି ଦିଅ, ତାହା ଭିତରୁ ଯାହାସବୁ ଉତ୍ତମ ଜିନିଷ ଥିବ ତାହା ପୁଣି ଏକ ନୂତନ ସୃଷ୍ଟିରେ ନୂଆ ଚେତନା ସହ ଯୁକ୍ତ ହେବା ପାଇଁ ସମ୍ଭବପର ହୋଇପାରେ । ନବଜନ୍ମର ପ୍ରକୃତ ତାତ୍ପର୍ଯ୍ୟ ହେଲା ଯେଉଁ ଅବଚେତନାର ଗର୍ଭ ଭିତରକୁ ଦିବ୍ୟଚେତନା ପ୍ରବେଶ କରି ତହିଁରେ ନିଜକୁ ହଜାଇ ଦେଇଥିଲା, ସେହି ଅବଚେତନା ଭିତରେ ପୁଣି ଥରେ ସେହି ଦିବ୍ୟ-ଭଗବତ୍ ଚେତନାର ନବ ଜାଗରଣ ।

ମୃତ୍ୟୁ, ଅନ୍ଧକାର ଓ ଅଜ୍ଞାନର ସେହି ନିଶ୍ଚେତନାର ରାଜ୍ୟ ଭିତରକୁ ଅବତରଣ କରିବା ସତ୍ତ୍ୱେ ଦିବ୍ୟ ଭଗବତ୍ ଚେତନା ପୁଣିଥରେ ନିଜର ସ୍ୱରୂପ ସଂପର୍କରେ ସଚେତ ଓ ଜାଗ୍ରତ୍ ହୋଇଉଠେ । ଅଜ୍ଞାନର ସେହି ଜଗତ୍ ଆମେ ଦେଖୁଥିବା ଏହି ସ୍ଥୂଳ ଜଗତର ରାତ୍ରିଠାରୁ ମଧ୍ୟ ଆହୁରି ଅନ୍ଧକାରମୟ । ଯଦି ଏହା ଭିତରେ ପ୍ରବେଶ କରି ତୁମେ ଏଥିରୁ ବାହାରି ଆସିବ, ସେତେବେଳେ ତୁମକୁ ସବୁଠୁ ନିବିଡ଼ ତମସାଚ୍ଛନ୍ନ ରାତ୍ରିର ଅନ୍ଧକାର ମଧ୍ୟ ବେଶ୍ ପରିଷ୍କାର ଦେଖାଯିବ, ଠିକ୍ ଯେମିତି ଭଗବତ୍ ଚେତନାର ଦିବ୍ୟ-ଆଲୋକ, ତମସାହୀନ ଅତିମାନସ ଆଲୋକର ଦିବ୍ୟ-ଦର୍ଶନ ପାଇଲାପରେ ସେହି ଆଲୋକ ତୁଳନାରେ ଆମ ସ୍ଥୂଳ ଜଗତର ଏହି ସୂର୍ଯ୍ୟ ମନେହେବ ଅନ୍ଧକାରମୟ, ଅତ୍ୟନ୍ତ କଳା । ତଥାପି ସେହି ଚରମ ଅନ୍ଧକାରର ଗଭୀରତାରେ ଗୋପନରେ ଲୁକ୍କାୟିତ ହୋଇ ରହିଛି ସେହି ଦିବ୍ୟ-ଆଲୋକ । ସେହି ଦିବ୍ୟ-ଆଲୋକ ଓ ସେହି ଦିବ୍ୟଚେତନା ତୁମ ଭିତରେ ଜାଗରିତ ହେଉ, ତୁମ ଭିତରେ ସଂପନ୍ନ ହେଉ ସେହି ମହାନ୍ ନବଜନ୍ମ ।

(MCW, Vol. 2, pp. 118-119)

# ଭାରତର ନବଯାତ୍ରା

## ଶ୍ରୀଅରବିନ୍ଦ

ଭାରତ ଯେଉଁ କାର୍ଯ୍ୟ କରେ ତାହା ଧୀରସ୍ଥିରଭାବେ ବିଚାରପୂର୍ବକ କରିବାକୁ ଇଚ୍ଛା କରେ । ତାହାର କାର୍ଯ୍ୟ ସମୟସାପେକ୍ଷ, କାରଣ ବସ୍ତୁକୁ ସେ ଗ୍ରହଣ କରେ ନିଜର ଗଭୀରତାରେ – ଅନ୍ତରର ଅନ୍ତରତମ ପ୍ରଦେଶରେ – ଏହି 'ଗୁହାଗତଂ ଗହ୍ୱରେଷ୍ଟମ୍'ରୁ ଆରମ୍ଭ କରି କ୍ରମେ ବାହ୍ୟ ଜୀବନରେ ଯେଉଁଠାରେ ଯେପରି ପରିବର୍ତ୍ତନ କରିବାର, ପୁନର୍ଗଠନ କରିବାର, ତାହା ସେ କରେ । ଭାରତ ଏହିପରି ଭାବେ ବାହ୍ୟ ବସ୍ତୁକୁ ଯେପର୍ଯ୍ୟନ୍ତ ପରିବର୍ତ୍ତନ ନକରିଛି, ସମ୍ପୂର୍ଣ୍ଣଭାବେ ନିଜସ୍ୱ ନକରିଛି, ଏହି ପୁନର୍ଗଠନରେ ବ୍ୟାପୃତ ଶକ୍ତିଚୟର ଗତିଧାରାକୁ ନିର୍ଦ୍ଧାରିତ ନକରିଛି, ସେପର୍ଯ୍ୟନ୍ତ ସେ ଯେଉଁ ନୂତନ ପଥ ଧରିଛି ସେଥିରେ ସ୍ୱଚ୍ଛନ୍ଦରେ ଅଗ୍ରଗତି କରିପାରିବ ନାହିଁ । ଭାରତର ନବଯାତ୍ରା ବହୁମୁଖୀ ଓ ଜଟିଳ; ଯେଉଁସବୁ ସମସ୍ୟା ତା' ଆଗରେ ଦେଖା ଦେଇଛି, ତାହାର ମୀମାଂସା ଏପରି ଦୁରୂହ ଯେ ସେ ଯେତେ ଅଗ୍ରସର ହେବାକୁ ଲାଗିଛି, ସେତେ ବିଭିନ୍ନ ମତବାଦ ଦେଖା ଦେଉଛି; ଦୃଷ୍ଟିଭଙ୍ଗୀ, ଚଳଣିଧାରାସବୁ ଗୋଳମାଳିଆ ହୋଇ ଏପରି ଏକ ରୂପ ନେଉଛି ଯେ କୌଣସି ଏକ ସ୍ପଷ୍ଟ ନିଃସନ୍ଦେହ ପରିଣତି ସହଜ, ସମ୍ଭବ ହେଉ ନାହିଁ – ମନେ ହେଉଛି ସତେ ଯେପରି ଆମେ ଅନିର୍ଦ୍ଦିଷ୍ଟ ଘଟଣାଚକ୍ରର ତାଡ଼ନାରେ ଅନ୍ଧକାର ମଧ ଦେଇ ଭବିଷ୍ୟତ୍ ଲକ୍ଷ୍ୟ ଦିଗରେ ଅସ୍ପଷ୍ଟଭାବେ ଆଗେଇ ଚାଲିଛୁ । କୌଣସି ଗୋଟାଏ ଆବେଗରେ ଢେଉ ପରି ଏକ ସମୟରେ ଉଠୁଛୁ ତ ପରମୁହୂର୍ତ୍ତରେ ଅନ୍ୟ ଏକ ଖିଆଲ ଧରି ପଡ଼ି ରହୁଛୁ – ଆମେ ଚାଲୁଛୁ ଏହିପରି ଭାସି ଭାସି । ତଥାପି ଏକଥା ସତ୍ୟ ଯେ ଏସବୁ ଅନିଶ୍ଚିତତାର ଅନ୍ତରାଳରେ ଗୋଟାଏ ଲକ୍ଷ୍ୟ ନିର୍ଣ୍ଣୀତ ହୋଇ ଉଠୁଛି ଏବଂ ତାହାର ଅଭିବ୍ୟଞ୍ଜନା ବାହାରକୁ ମଧ ଦେଖା ଯାଉଛି । ଫଳ ତା'ର ଆଉ ଯାହା ହେଉନା କାହିଁକି, ସେହି ବସ୍ତୁ ଯେ ପାଶ୍ଚାତ୍ୟ ଆଧୁନିକତାର ପ୍ରାଚ୍ୟ ସଂସ୍କରଣ ନୁହେଁ ବରଂ ତାହା ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟି, ସମଗ୍ର ମାନବଜାତିର ଭବିଷ୍ୟତର ଶିକ୍ଷାଦୀକ୍ଷା ତାହା ଉପରେ ବହୁ ପରିମାଣରେ ନିର୍ଭର କରିବ, – ଏହା ବର୍ତ୍ତମାନ ମଧ ନିଃସନ୍ଦେହରେ କୁହାଯାଇ ପାରେ ।

(ଭାରତର ନବଜନ୍ମ) (ଶ୍ରୀଅରବିନ୍ଦ-ଆକ୍ସନ୍, ଜୁଲାଇ-ଅଗଷ୍ଟ, ୧୯୭୫, ପୃ. ୧) ❖

# ମୋ ଲକ୍ଷ୍ୟ ସମ୍ବନ୍ଧରେ ମୁଁ କିପରି ସଚେତନ ହେଲି

## ଶ୍ରୀମା

"How I became conscious of my mission." (''ମୋ ଲକ୍ଷ୍ୟ ସମ୍ବନ୍ଧରେ ମୁଁ କିପରି ସଚେତନ ହେଲି ।'') ନାମକ ଗୋଟିଏ ଚିଠିରେ ଶ୍ରୀମା ଅତି ସ୍ୱଷ୍ଟ ଏବଂ ସରଳଭାବେ ସମସ୍ତ ଘଟଣା ସଂକ୍ଷେପରେ ଉଲ୍ଲେଖ କରିଛନ୍ତି । ସେହି ଚିଠିଟି ନିମ୍ନରେ ପ୍ରଦତ୍ତ ହେଲା –

''ତୁମେ ଜାଣିବାକୁ ଚାହୁଁଛ ମୁଁ କେବେ ଓ କିପରି ଭାବେ ଜାଣିଲି ଯେ ଜଗତରେ ମୁଁ କୌଣସି ବିଶେଷ ଭଗବତ୍ କର୍ମ-ସମ୍ପାଦନ ଉଦ୍ଦେଶ୍ୟରେ ପ୍ରେରିତ ହୋଇଛି; ଆଉ ମୁଁ କିପରି ଭାବେ ଏବଂ କେବେ ଶ୍ରୀଅରବିନ୍ଦଙ୍କ ସନ୍ଧାନ ପାଇଲି ? ଏହି ପ୍ରଶ୍ନର ଉତ୍ତର ଦେବାକୁ ମୁଁ ପ୍ରତିଶ୍ରୁତି ଦେଇଥିଲି ଏବଂ ତାହାହିଁ ଏଠାରେ ସଂକ୍ଷେପରେ ବିବୃତ୍ତ କରୁଛି ।

''ଭଗବତ୍ ଆଦିଷ୍ଟ କର୍ମ ସମ୍ବନ୍ଧରେ ପ୍ରଥମେ ମୋର ଜ୍ଞାନ କେବେ ହେଲା ଏକଥା କହିବା ମୋ ନିଜ ପକ୍ଷରେ କଠିନ । ମୋର ମନେହୁଏ ଏହି ଚେତନା ନେଇହିଁ ମୁଁ ଜନ୍ମଗ୍ରହଣ କରିଥିଲି । ପରେ ମନ ଓ ମସ୍ତିଷ୍କର ପରିଣତି ସଙ୍ଗେ ସଙ୍ଗେ ସେହି ଚେତନା କ୍ରମଶଃ ପରିସ୍ଫୁଟ ଓ ପୂର୍ଣ୍ଣତର ହୋଇ ଉଠିଲା ।

''ଏଗାର ବର୍ଷରୁ ତେର ବର୍ଷ ବୟସ ମଧ୍ୟରେ ମୋ' ଭିତରେ ଏପରି ସବୁ ସୂକ୍ଷ୍ମ ଆଧ୍ୟାତ୍ମିକ ଅନୁଭୂତି ଆସିବାକୁ ଲାଗିଲା ଯଦ୍ୱାରା ମୁଁ କେବଳ ଯେ ଭଗବାନଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଏକେବାରେ ନିଃସନ୍ଦେହ ହୋଇ ଉଠିଲି ତାହା ନୁହେଁ, ବରଂ ଭଗବାନଙ୍କ ସଙ୍ଗେ ମନୁଷ୍ୟର ମିଳନ ନିଶ୍ଚୟହିଁ ସମ୍ଭବ ଏବଂ ମନୁଷ୍ୟର ଚେତନା ଓ କର୍ମରେ ପୂର୍ଣ୍ଣ ରୂପେ ତାଙ୍କୁ ଅଭିବ୍ୟକ୍ତ କରିବା ଏବଂ ପୃଥିବୀପୃଷ୍ଠରେ ଭାଗବତ ଜୀବନ ପ୍ରତିଷ୍ଠା କରିବା ମଧ୍ୟ ସମ୍ଭବପର, ଏହା ମଧ୍ୟ ଜାଣି ପାରିଲି । ଏହି ଅନୁଭୂତି ଓ ବୋଧ ଏବଂ କିପରି ଭାବେ ଏହାକୁ ଜଗତରେ ସାର୍ଥକ ଓ କାର୍ଯ୍ୟକାରୀ ରୂପ ଦିଆଯାଇ ପାରିବ – ଏହି ଶିକ୍ଷା ମୁଁ ଶୟନ କାଳରେ ବା ଶାରୀରିକ ନିଦ୍ରାବସ୍ଥାରେ ବହୁ ବ୍ୟକ୍ତିଙ୍କଠାରୁ ପାଇଥିଲି; ଯେଉଁମାନଙ୍କ ମଧ୍ୟରୁ କେତେକଙ୍କୁ ମୁଁ ପରେ ସ୍ଥୂଳ ଜଗତରେ ଭେଟିଥିଲି । ତା'ପରେ ଯେତେବେଳେ ମୋର ଆନ୍ତର ଓ ବାହ୍ୟିକ ଉନ୍ନତି କିଛି ଦୂର ପର୍ଯ୍ୟନ୍ତ ଅଗ୍ରସର ହେଲା, ସେତେବେଳେ ଏହି ସ୍ୱପ୍ନାଗତ ବ୍ୟକ୍ତିଗଣଙ୍କ ମଧ୍ୟରୁ ଜଣଙ୍କ ସଙ୍ଗେ ମୋର ଆଧ୍ୟାତ୍ମିକ ଘନିଷ୍ଠତା ସ୍ପଷ୍ଟତର ଓ ପ୍ରଗାଢ଼ତର ହୋଇ ଉଠିଲା । ଭାରତର ଧର୍ମଶାସ୍ତ୍ର ଓ ଦର୍ଶନଶାସ୍ତ୍ର ସମ୍ବନ୍ଧରେ ସେତେବେଳେ ମୁଁ ଖୁବ୍ କମ୍ କଥା ଜାଣିଥିଲି । ତେବେ, ସେବେଠାରୁ ମୁଁ ସେହି ବ୍ୟକ୍ତିଙ୍କୁ କୃଷ୍ଣ ବୋଲି ସମ୍ବୋଧନ କରୁଥିଲି ଏବଂ ମନେ ମନେ ଜାଣି ପାରିଲି ଯେ ପୃଥିବୀପୃଷ୍ଠରେ ତାଙ୍କ ସଙ୍ଗେ ମୋର ଦିନେ ନା ଦିନେ ସାକ୍ଷାତ୍ ହେବ ଏବଂ ତାଙ୍କ ସଙ୍ଗେ ମିଳିତ ହୋଇ ଆଦିଷ୍ଟ ଦିବ୍ୟକର୍ମ ମୋତେ ସାଧନ କରିବାକୁ ହେବ ।

''୧୯୧୦ ସାଲରେ ଭାରତବର୍ଷକୁ ମୁଁ ମୋର ଜନ୍ମଭୂମି ବୋଲି ମନେ କରୁଥିଲି ଏବଂ ଏଠାକୁ ଆସିବା ନିମିତ୍ତ କୃତସଙ୍କଳ୍ପ ଥିଲି । ୧୯୧୪ ସାଲରେ ମୋର ଏହି ପ୍ରାର୍ଥନା ପୂର୍ଣ୍ଣ ହେଲା ।

''ଶ୍ରୀଅରବିନ୍ଦଙ୍କୁ ମୁଁ ଦର୍ଶନ ମାତ୍ରକେ ଚିହ୍ନି ପାରିଲି ଯେ ଏହିହିଁ ମୋର ସେହି ପୂର୍ବ ପରିଚିତ ବିଶେଷ ବ୍ୟକ୍ତି – କୃଷ୍ଣ – ଯାହାଙ୍କୁ ବାରଂବାର ଧ୍ୟାନ ଓ ସ୍ୱପ୍ନରେ ଦେଖୁଥିଲି... ... । ଏତିକି କହିଲେ ଯଥେଷ୍ଟ ହେବ ଏବଂ ଏଥିପାଇଁ ମୁଁ ବିଶ୍ୱାସ କରୁଥିଲି ଯେ ମୋର ସ୍ଥାନ ଓ କର୍ମ ତାଙ୍କରି ପାଖରେ ଏବଂ ଏହି ଭାରତବର୍ଷରେ ।''

(ପଣ୍ଡିଚେରୀ, ୧୯୨୦)

ଏହି ପତ୍ରରୁ ଆମ୍ଭେମାନେ ବୁଝିପାରିବା ଯେ ମା କିପରି ସ୍ୱୀୟ ଅନ୍ତଃପ୍ରେରଣା ଓ ଆଧ୍ୟାତ୍ମିକ ଉପଲବ୍ଧି ଦ୍ୱାରା ଦିବ୍ୟାଦିଷ୍ଟ ହୋଇ ପଣ୍ଡିଚେରୀକୁ ଆସି ଶ୍ରୀଅରବିନ୍ଦଙ୍କୁ ଭେଟିଲେ ।...

୧୯୧୪ ସାଲ ମାର୍ଚ୍ଚ ୨୯ ତାରିଖ ପ୍ରାୟ ଦିନ ଘ. ୩.୩୦ରେ ମା ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କଲେ । ତା'ପରେ ଦିନେ ମା ତାଙ୍କର ଆଧ୍ୟାତ୍ମିକ ଦିନଲିପି 'ଧ୍ୟାନ ଓ ପ୍ରାର୍ଥନା' ରେ ଯାହା ଲିପିବଦ୍ଧ କରିଛନ୍ତି ତାହା ବିଶେଷ ପ୍ରଣିଧାନଯୋଗ୍ୟ ।

''ଧୀରେ ଧୀରେ ସୁଦୂର ଦିଗନ୍ତ ସ୍ୱଚ୍ଛ ହୋଇ ଉଠୁଛି, ଚଲାପଥର ରେଖା ଏଥର ସ୍ପଷ୍ଟ ଦେଖା ଯାଉଛି । ଆମ୍ଭେମାନେ ନିଶ୍ଚୟତାରୁ ଆହୁରି ଅଧିକ ନିଶ୍ଚୟତା ଆଡ଼କୁ ଅଗ୍ରସର ହେଉଅଛୁ ।

''ଶତ ଶତ ପ୍ରାଣୀ ବର୍ତ୍ତମାନ ମଧ୍ୟ ଯଦି ଅତି ଗାଢ଼ ଅଜ୍ଞାନତାର ନିଗୂଢ଼ ଅନ୍ଧକାରରେ ନିମଜ୍ଜିତ ହୋଇ ରହିଥା'ନ୍ତି,

ତେବେ ବି ସେଥିରେ କିଛି ଯାଏ ଆସେ ନାହିଁ । କାଲି ଆମ୍ଭେମାନେ ଯାହାଙ୍କୁ ସ୍ୱଚକ୍ଷୁରେ ଦେଖିଲୁ ସେ ତ ଏହି ପୃଥିବୀରେ ବିଦ୍ୟମାନ; ତାଙ୍କର ଉପସ୍ଥିତିହିଁ ସ୍ପଷ୍ଟ କରୁଛି ଯେ ଏପରି ଦିନ ଆସିବ ଯେଉଁଦିନ ଏହି ନିଗୂଢ଼ ଅନ୍ଧକାର ଉଜ୍ଜ୍ୱଳ ଆଲୋକରେ ରୂପାନ୍ତରିତ ହେବ; ତୁମର ସ୍ୱର୍ଗରାଜ୍ୟ ବାସ୍ତବରେ ଏହିଠାରେ ଦିନେ ସୁପ୍ରତିଷ୍ଠିତ ହେବ ।

''ହେ ପରମପ୍ରଭୁ, ତୁମେହିଁ ଏହି ପରମ ଆଶ୍ଚର୍ଯ୍ୟର ବିରାଟ ସ୍ରଷ୍ଟା । ଏହି କଥା ସ୍ମରଣ କରି ମୋର ହୃଦୟ ଆନନ୍ଦ ଓ କୃତଜ୍ଞତାରେ ପରିପ୍ଲୁତ ହୋଇ ଉଠୁଛି ଏବଂ ମୋର ଆଶାସକଳ ସୀମା ଅତିକ୍ରମ କରିଯାଉଛି ।''

ପରବର୍ତ୍ତୀ କାଳରେ ଶ୍ରୀଅରବିନ୍ଦଙ୍କୁ ଲକ୍ଷ୍ୟ କରି ଶ୍ରୀମା ଘୋଷଣା କରିଥିଲେ :

"Without him, I exist not;
without me, he is unmanifest."

ଅର୍ଥାତ୍, ''ତାଙ୍କ ବ୍ୟତୀତ ମୋର ଅସ୍ତିତ୍ୱ ନାହିଁ, ମୋ ବ୍ୟତୀତ ତାଙ୍କର ପ୍ରକାଶ ନାହିଁ ।'' ପୂର୍ଣ୍ଣ ରୂପେ, ସର୍ବତୋଭାବେ ମା ଜାଣିଥିଲେ ଯେ ଶ୍ରୀଅରବିନ୍ଦହିଁ ସେହି ପରାପୁର ଦିବ୍ୟପୁରୁଷ, ଯେ ଏ ପୃଥିବୀରେ ନବୀନ ସୃଷ୍ଟିର ପ୍ରତିଷ୍ଠା ନିମିତ୍ତ ମନୁଷ୍ୟ ଶରୀରରେ ଅବତୀର୍ଣ୍ଣ ହୋଇଛନ୍ତି । ସେହିଁ ତାଙ୍କର ସବୁକିଛି – ଗୁରୁ, ଦିଶାରୀ, ଜୀବନ, କର୍ମ, ଶ୍ୱାସ, ପ୍ରଶ୍ୱାସ, ପ୍ରତି ରକ୍ତ-ବିନ୍ଦୁ... ଇତ୍ୟାଦି ଇତ୍ୟାଦି । ଶ୍ରୀମା'ଙ୍କ 'ରାଧାଙ୍କ ପ୍ରାର୍ଥନା'ରେ ଏହି ପରମ ଆତ୍ମୋତ୍ସର୍ଗ ଓ ଐକାନ୍ତିକତାର ଭାବ ପରିସ୍ଫୁଟ ହୋଇ ଉଠିଛି । ଶ୍ରୀଅରବିନ୍ଦ ଶ୍ରୀମା'ଙ୍କ ସମ୍ବନ୍ଧରେ ଯେଉଁ ପତ୍ରାବଳୀ ଲେଖିଛନ୍ତି ସେଥିରୁ ଏକଥା ଅତି ସ୍ପଷ୍ଟ ଯେ ମା'ହିଁ ସ୍ୱୟଂ ମୂର୍ତ୍ତ ଦିବ୍ୟଜନନୀ, ପରାପୃରା, କ୍ରିୟାତ୍ମିକା ଅତିମାନସ ଦିବ୍ୟଶକ୍ତି ଏବଂ ତାଙ୍କ ପଥ ଓ ମା'ଙ୍କ ପଥ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଶ୍ରୀଅରବିନ୍ଦ ଓ ଶ୍ରୀମା – ପୁରୁଷୋତ୍ତମ ଓ ପରାପୃରା ଜନନୀ – ଏକହିଁ ତତ୍ତ୍ୱ, ଏକହିଁ ଚେତନା, ଏକହିଁ ସତ୍ୟ, ଏକହିଁ ଆଲୋକ ।

ଅତଏବ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ମିଳନ ବିଧିନିର୍ଦ୍ଦିଷ୍ଟ, ଭଗବତ୍ ପ୍ରେରିତ । ପଣ୍ଡିଚେରୀହିଁ ତାଙ୍କ ସାଧନାର ପୀଠ – ଭାବୀ ଯୁଗର ଦିବ୍ୟ ଜ୍ୟୋତିଃ ଅବତରଣର ଭୂମି – ଏହାହିଁ ନିୟତି-ନିର୍ଦ୍ଦିଷ୍ଟ ।

(*CWM, Vol. 13,* p.39,
ଓ *Prayers and Meditations*)

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି, ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** Sri Aurobindo Ashram Trust 'Donation' website (donations.sriaurobindoashram.org) ସହାୟତାରେ ପ୍ରଣାମୀ ଦାଖଲ କରିପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।

ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା **Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।

ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ ଫୋନ୍ (୦୪୧୩ - ୨୨୩୩୬୩୩)ଯୋଗେ ଯୋଗାଯୋଗ କରିପାରନ୍ତି ।

– ନବଜ୍ୟୋତି କାର୍ଯ୍ୟାଳୟ

# ଜାପାନରେ ଶ୍ରୀମା

## ଶ୍ରୀ ପ୍ରପତ୍ତି

ଜାପାନରେ ଶ୍ରୀମା ଜୁନ୍ ୭, ୧୯୧୬ ଠାରୁ ୧୯୨୦ ମସିହା ମାର୍ଚ୍ଚ ପ୍ରଥମ ସପ୍ତାହ ପର୍ଯ୍ୟନ୍ତ ଥିଲେ । ୧୯୨୦ ମସିହା ଏପ୍ରିଲ ୨୪ ତାରିଖରେ ସେ ପଣ୍ଡିଚେରୀରେ ଶେଷଥର ପାଇଁ ଆସି ପହଞ୍ଚିଲେ । ୧୯୨୦ ସାଲରୁ ଶେଷ ଅବଧି ଶ୍ରୀମା ପଣ୍ଡିଚେରୀରେହିଁ ନିରବଚ୍ଛିନ୍ନ ଭାବେ ଶ୍ରୀଅରବିନ୍ଦଙ୍କ ସାନ୍ନିଧ୍ୟରେ ତାଙ୍କ ଆଶ୍ରମର ଅଧିଷ୍ଠାତ୍ରୀ ଦେବୀ ଓ ସର୍ବେସର୍ବା କର୍ତ୍ତ୍ରୀ ରୂପେ ରହି ଶ୍ରୀଅରବିନ୍ଦଙ୍କ ଦିବ୍ୟ-ଜୀବନର ଆଦର୍ଶକୁ ରୂପ ଦେଇଛନ୍ତି ।

ଶ୍ରୀମାଙ୍କର ଜାପାନରେ ଏହି ତିନିବର୍ଷ ରହଣି ବିଷୟରେ ଅଳ୍ପ କିଛି ଜଣା ଅଛି । ସେ କିଛିଦିନ ଟୋକିଓରେ ଥିଲେ ଏବଂ କିଛିଦିନ କିୟୋଟୋରେ ଥିଲେ । ୧୯୬୪ ସାଲରେ ଆଶ୍ରମରୁ ଶ୍ରୀ ପ୍ରଣବକୁମାର ଭଟ୍ଟାଚାର୍ଯ୍ୟ ଯେଉଁ ବିଶାଳ ଫଟୋଗ୍ରାଫି ଗ୍ରନ୍ଥ (Album) ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ପ୍ରକାଶ କରିଛନ୍ତି, ସେଥିରେ ଶ୍ରୀମା'ଙ୍କର ଜାପାନ ରହଣି କାଳର ସାତ ଆଠ ଗୋଟି ଛବି ରହିଛି । କିଛିବର୍ଷ ପୂର୍ବେ, ଯେତେବେଳେ ଦୁଇଜଣ ଜାପାନୀ ବନ୍ଧୁ ଆଶ୍ରମରେ ଥିଲେ, ସେତେବେଳେ ଗୋଲକୁଣ୍ଡରେ ଶ୍ରୀମା'ଙ୍କ ଜାପାନରେ ଥିବା ସମୟର ଆସବାବପତ୍ରର ଏକ ଅତି ନିଖୁଣ ଓ ଚମତ୍କାର ପ୍ରଦର୍ଶନୀ ହୋଇଥିଲା । ୧୯୫୬ ସାଲରେ ଅଧ୍ୟାପକ ଭି. କେ. ଗୋକକ୍ ଓ ଅଧ୍ୟାପକ ଶ୍ରୀନିବାସ ଆୟାଙ୍ଗାର ଯେତେବେଳେ ଜାପାନକୁ ଆନ୍ତର୍ଜାତିକ ପି. ଇ. ଏନ୍ ସଂଘର ବାର୍ଷିକ ଅଧିବେଶନରେ ଭାରତର ପ୍ରତିନିଧି ରୂପେ ଯାଇଥିଲେ ସେତେବେଳେ ସେମାନେ ଶ୍ରୀମା'ଙ୍କର ଦୁଇଜଣ ପୂର୍ବତନ ଜାପାନୀ ବନ୍ଧୁଙ୍କ ସଙ୍ଗେ ସାକ୍ଷାତ୍ କରିଥିଲେ । ଡକ୍ଟର ଗୋକକ୍ ଜାପାନରେ ଥିଲାବେଳେ ଶ୍ରୀମା'ଙ୍କର ପୂର୍ବ ବାସସ୍ଥାନକୁ ଯାଇ ସେହି କକ୍ଷର ଭୂମିକୁ ନିଜ ମସ୍ତକରେ ସ୍ପର୍ଶ କରିଥିଲେ ଏବଂ ଶ୍ରୀମାଙ୍କର ଦୁଇଜଣ ବନ୍ଧୁଙ୍କ ସଙ୍ଗେ କଥାବାର୍ତ୍ତା କରି ଯାହା ପତ୍ରାକାରେ ଲେଖି ଆଶ୍ରମକୁ ପଠାଇଥିଲେ ତାହା ଖୁବ୍ ଚିତ୍ତାକର୍ଷକ । ଶ୍ରୀଯୁକ୍ତ ଗୋକକ୍‌ଙ୍କର ସମ୍ପୂର୍ଣ୍ଣ ଚିଠିଟି ଏଠାରେ ପାଠକମାନଙ୍କ ଗୋଚରାର୍ଥେ ଓଡ଼ିଆରେ ଅନୁବାଦ କରି ଦିଆଗଲା । ତାହା ପଢ଼ିଲେ ବୁଝାଯିବ ଯେ ଶ୍ରୀମା କି ଅସାମାନ୍ୟ ପ୍ରତିଭା ଓ ଗୁଣର ଅଧିକାରୀ ଥିଲେ ।

ଜାପାନରେ ଥିଲାବେଳେ ଶ୍ରୀମା'ଙ୍କର ବିଶ୍ୱବିଖ୍ୟାତ କବି ରବୀନ୍ଦ୍ରନାଥଙ୍କ ସଙ୍ଗେ ସାକ୍ଷାତ୍ ହୋଇଥିଲା । ରବୀନ୍ଦ୍ରନାଥଙ୍କ ସହ ସେ କିଛିଦିନ ପ୍ରତ୍ୟହ ପ୍ରାୟ ଦୀର୍ଘ ସାନ୍ଧ୍ୟ ଭ୍ରମଣ ବା ନୌକା ବିହାରରେ କଟାଇଥିଲେ । ରବୀନ୍ଦ୍ରନାଥ ଓ ଶ୍ରୀମା'ଙ୍କର ଏକତ୍ର ଛବି ମଧ୍ୟ ରହିଛି ଏବଂ ଏହା ''ରବୀନ୍ଦ୍ର ଶତବାର୍ଷିକୀ'' ପାଳନ ବେଳେ 'ବିଶ୍ୱଭାରତୀ' ପତ୍ରିକାରେ ବା ତତ୍ ସମ୍ପର୍କୀୟ କୌଣସି ଏକ ପତ୍ରିକାରେ ପ୍ରକାଶ ପାଇଛି । ଏହି ସମୟରେ ରବୀନ୍ଦ୍ରନାଥ ଶ୍ରୀମା'ଙ୍କର ଅସାଧାରଣ ପ୍ରତିଭାର ପରିଚୟ ପାଇ ତାଙ୍କୁ 'ବିଶ୍ୱ-ଭାରତୀ'ର ସମଗ୍ର କାର୍ଯ୍ୟଭାର ଗ୍ରହଣ କରିବାକୁ ଅନୁରୋଧ କରିଥିଲେ, ମାତ୍ର ଶ୍ରୀମା ତାହା ପ୍ରତ୍ୟାଖ୍ୟାନ କରିଥିଲେ । ସେ ଜାଣିଥିଲେ ଯେ ତାଙ୍କର ସ୍ଥାନ ପଣ୍ଡିଚେରୀରେ, ଶ୍ରୀଅରବିନ୍ଦଙ୍କ ଶ୍ରୀଚରଣରେ ।

ଯେଉଁ ଦୁଇଜଣ ଜାପାନୀ ବନ୍ଧୁଙ୍କୁ ଡକ୍ଟର ଗୋକକ୍ ସାକ୍ଷାତ୍ କରିଥିଲେ, ସେମାନଙ୍କ ମଧ୍ୟରୁ ଶ୍ରୀମତୀ ନବୁକୁ କୋବାୟାଶୀ ୧୯୬୦ ସାଲରେ ଆଶ୍ରମ ପରିଭ୍ରମଣରେ ଆସିଥିଲେ । ତାଙ୍କର ବୟସ ସେତେବେଳକୁ ପ୍ରାୟ ସତୁରୀ ବର୍ଷ ହୋଇଥିଲା ।

ଜାପାନରେ ଥିଲାବେଳେ ଶ୍ରୀମା'ଙ୍କର ଲିଖିତ କେତେଗୁଡ଼ିଏ ବିଶିଷ୍ଟ 'ଧ୍ୟାନ ଓ ପ୍ରାର୍ଥନା'ରୁ ତାଙ୍କର ତତ୍କାଳୀନ ବିଶାଳ, ପ୍ରଜ୍ୱଳ ଆଧ୍ୟାତ୍ମିକ ଉପଲବ୍ଧିର କଥା ବୁଝାଯାଏ । ୧୯୧୬ ସାଲ ଡିସେମ୍ବର ୫ ତାରିଖର ଅନୁଭୂତି ବିଷୟ ଉଲ୍ଲେଖଯୋଗ୍ୟ । ସେଥିରେ ସେ ଆନ୍ତର ଚେତନାରେ ଭାଗବତ ଉପଲବ୍ଧି କରିଛନ୍ତି ସକଳ ଘଟରେ, ସକଳ ବସ୍ତୁ ଓ ସକଳ ବ୍ୟାପାରରେ । ସେ ଅନୁଭୂତିର ସୂକ୍ଷ୍ମତାରେ ଦେଖି ପାରିଥିଲେ ଯେ ଭଗବାନ୍ ସର୍ବବ୍ୟାପୀ –

''୫ ଡିସେମ୍ବର, ୧୯୧୬... ...

ଦେଖିଲି ଜାପାନର ଗୋଟିଏ ରାସ୍ତା – ଉଜ୍ଜ୍ୱଳ ବର୍ଣ୍ଣର ସୁସଜ୍ଜିତ ଜାପାନୀ ଉତ୍ସବରେ ସୁଶୋଭିତ ଲଣ୍ଠନ ଦ୍ୱାରା ରାସ୍ତାଟି ଆଲୋକିତ । ତାହା ମଧ୍ୟରେ ଏହି ସଚେତନ ସତ୍ତା ଯେତେ ଯେତେ ଅଗ୍ରସର ହୋଇ ଚାଲିଲା, ଦେଖି ପାରିଲା ପ୍ରତ୍ୟେକଙ୍କ ଅନ୍ତରରେ, ସମସ୍ତଙ୍କ ଅନ୍ତରରେ ଭଗବାନଙ୍କୁ । ଗୋଟିଏ ଛୋଟ ହାଲୁକା ଘର ସ୍ୱଚ୍ଛ ହୋଇ ଉଠିଲା, – ତା' ଭିତରେ ଜନୈକ ସ୍ତ୍ରୀଲୋକ ଟାଟାମୀ (ଜାପାନୀ ଗଦି) ଉପରେ ବସିଅଛି ଏବଂ

ପରିଧାନ କରିଅଛି ଗୋଟିଏ ସ୍ୱର୍ଣ୍ଣ-ରଙ୍ଗ ଖଚିତ ବିଭିନ୍ନ ବର୍ଣ୍ଣ-ବୈଚିତ୍ର୍ୟର 'କିମୋନ' ବସ୍ତ୍ର । ସ୍ତ୍ରୀ ଲୋକଟି ସୁନ୍ଦରୀ, ବୟସ ପ୍ରାୟ ପଞ୍ଚତ୍ରିଂଶରୁ ଚାଳିଶ ବର୍ଷ ମଧ୍ୟରେ । ସେ ବସି ସ୍ୱର୍ଣ୍ଣ ରଙ୍ଗର 'ସାମିସେନ୍' ଯନ୍ତ୍ର ବଜାଉଥିଲା । ତାହାର ପାଦ ଦେଶରେ ବସିଥିଲା ଗୋଟିଏ ଛୋଟ ଶିଶୁ ଏବଂ ସେହି ସ୍ତ୍ରୀ ଲୋକଟି ମଧ୍ୟରେ ବି ଭଗବାନଙ୍କୁ ଦର୍ଶନ କଲି ।''

ଏହି ଉପଲବ୍ଧିରୁ ଏହାହିଁ ସ୍ପଷ୍ଟ ଯେ ମା'ଙ୍କ ଚେତନା ବିଶ୍ୱବ୍ୟାପୀ ପରମପୁରୁଷଙ୍କ ସହ ଏକାତ୍ମତା ଲାଭ କରି ତାଙ୍କୁ ସର୍ବଘଟରେ ଦର୍ଶନ କରିଅଛି ।

*

ଏହାପରେ ଆମ୍ଭେମାନେ ଡକ୍‌ଟର ଭି. କେ. ଗୋକକ୍‌ଙ୍କର ଶ୍ରୀମା'ଙ୍କ ଜାପାନ ରହଣି ସମୟର ବର୍ଣ୍ଣନା ଏଠାରେ ଉଲ୍ଲେଖ କରିବା । ଏହି ବର୍ଣ୍ଣନା ଏପରି ଚିତ୍ତାକର୍ଷକ ଯେ ପ୍ରତ୍ୟେକ ପାଠକ ଏହାକୁ ପଢ଼ି ସେଥିରେ ଅଭିଭୂତ ହେବେ । ଡକ୍‌ଟର ଗୋକକ୍ ଲେଖିଛନ୍ତି :

''ଶ୍ରୀମତୀ କୋବାୟାଶୀଙ୍କୁ ଅନୁରୋଧ କଲୁ, 'ଶ୍ରୀମାଙ୍କ ସମ୍ବନ୍ଧରେ ଯାହା ଜାଣନ୍ତି ତାହା ଆମ୍ଭମାନଙ୍କୁ କହନ୍ତୁ ।' ସେ ଅକପଟ ଭାବରେ କହି ଚାଲିଲେ : ''ସେ ଆସିଥିଲେ ଏଠାକୁ ଜାପାନୀ ଭାଷା ଶିଖିବା ପାଇଁ, ଆମ୍ଭମାନଙ୍କ ପରି ଜଣେ ହେବା ପାଇଁ । କିନ୍ତୁ ତାଙ୍କଠାରୁ ତାଙ୍କର ମଧୁର ଓ ରହସ୍ୟମୟ ଚରିତ୍ରରୁ ଅନେକ କିଛି ଆମ୍ଭମାନଙ୍କର ଶିଖିବାର ଥିଲା ।

''ମଧୁରୋପମ ବନ୍ଧୁ ଥିଲେ ସେ । ମନେହୁଏ ତାଙ୍କର ବୁଦ୍ଧିର ମଧ୍ୟ ସୀମା ନଥିଲା । ସେ ଥିଲେ ଉଚ୍ଚକୋଟୀର ଶିଳ୍ପୀ – ତଥାପି ମୋ ପରି ଲୋକର ପ୍ରତିକୃତି ସେ ରଙ୍ଗରେ ଆଙ୍କି ଥିଲେ । ସେ ଚିତ୍ର ଆଜି ବି ମୋ ପାଖରେ ଏକ ମୂଲ୍ୟବାନ୍ ସମ୍ପଦ ରୂପେ ରହିଛି ।

''ଆମ ଉଭୟଙ୍କର ସେତେବେଳେ ଯୌବନାବସ୍ଥା । ଦୁଇଜଣ ଏକ ସଙ୍ଗରେ ବୁଲିବାକୁ ଯାଉ – କେଉଁଠି ଗୋଟିଏ ସୁନ୍ଦର ପ୍ରାକୃତିକ ଦୃଶ୍ୟ ଦେଖିଲେ ଆମ୍ଭେମାନେ ଚାହିଁ ରହୁ ନୀଳ ଆକାଶ ଆଡ଼କୁ । ତାଙ୍କର ଉପାସ୍ୟ ପ୍ରଭୁଙ୍କୁ ସେ ପାଇଛନ୍ତି ବୁଦ୍ଧଙ୍କ ପ୍ରାଚୀନ ଦେଶରେ । ସେ ଅନ୍ତରରେ ନିଶ୍ଚିତ ରୂପେ ଜାଣିଥିଲେ ଯେ ଏହି ମହାମାନବଙ୍କର ବାଣୀହିଁ ହେବ ଭବିଷ୍ୟତରେ ନବ ଦୀପନ ବାଣୀ, ଆଗତ ନୂତନ ଦିବସର ଜୀବନ-ବେଦ । ଏହି ପୁରୁଷଶ୍ରେଷ୍ଠଙ୍କ କଥା କହୁ କହୁ ତାଙ୍କର ଚକ୍ଷୁ ଆନନ୍ଦ ଓ ବିସ୍ମୟରେ ଉଜ୍ଜ୍ୱଳ ହୋଇ ଉଠୁଥାଏ ।

''ମୁଁ ଥିଲି ବୌଦ୍ଧ । ମୋର ଗୁରୁ ଓଖାଟା ମୋତେ ଶିଖାଇଥିଲେ ଧ୍ୟାନର ରହସ୍ୟ, 'ନାରାର' (ବୁଦ୍ଧଙ୍କ) ନିଶ୍ଚଳ ଉପବିଷ୍ଟ ଅନୁପମ ପ୍ରସ୍ତର ମୂର୍ତ୍ତି ସଦୃଶ । ମୋର ସ୍ୱାମୀ ଶଲ୍ୟ ବିଶାରଦ, ସେ ଉଦର ଅସ୍ତ୍ରୋପଚାର ଛାଡ଼ି ଦେଇଥିଲେ । ପରେ ସେ କହୁଥିଲେ ନିରାମୟ ନିମିତ୍ତ ପ୍ରକୃତିର ଶରଣାପନ୍ନ ହେବାକୁ, ଓଖାଟାଙ୍କ ପରି ନିଶ୍ଚଳ ଭାବରେ ଧ୍ୟାନରେ ବସିବାକୁ, ଯେଉଁ ନାଭିପଦ୍ମ ମଧ୍ୟରେ ଦେହ ଓ ଆତ୍ମାର ସ୍ୱାସ୍ଥ୍ୟ ସମ୍ପୁଟିତ ବା ବିକଶିତ, ତାହା ଉପରେ ମନୋନିବେଶ କରିବାକୁ ।

''କିନ୍ତୁ ଆପଣମାନଙ୍କର ମା କହୁଥିଲେ ଅଧ୍ୟାତ୍ମ-ଜଗତ୍ ଗୋଟିଏ । ତାଙ୍କର ଛୋଟ ସୁନ୍ଦର ଘରଟିରେ ଆମ୍ଭେମାନେ ଏକ ସଙ୍ଗରେ ଧ୍ୟାନ କରିବାକୁ ବସୁଥିଲୁ । ନିଜ ନିଜ ଉପାୟରେ ଚାଲି ଯାଉଥିଲୁ ସତ୍ତାର ଗଭୀରତମ ପ୍ରଦେଶକୁ । ତାଙ୍କଠାରୁହିଁ ଜାଣିଲି ଆମ୍ଭମାନଙ୍କର ଚିନ୍ତା ଅଭିନ୍ନ, ଦୃଷ୍ଟି ଅଭିନ୍ନ ।

''ସେ ମୋର ଖୁବ୍ ନିଜର ଥିଲେ । ନାରାର କାସୁଗା ମନ୍ଦିରର ଛାତରେ ଲୋଟି ପଡ଼ିଥିବା ମୁଦ୍ରିତ ଚକ୍ଷୁ ଉଇଷ୍ଟାରିୟା ଫୁଲ ଦେଖିଛନ୍ତି ? ଆମ୍ଭେମାନେ ତାହାକୁ କହୁ 'ହୁଜି' । ମୋର ବନ୍ଧୁଙ୍କର ସେହି ଫୁଲଗୁଡ଼ିକ ଖୁବ୍ ପ୍ରିୟ ଥିଲା । ସେ ଏହି ଫୁଲ ସଙ୍ଗେ ଏକାତ୍ମ ହୋଇ ଯାଉଥିଲେ । ଜାପାନୀ ନାମ ଗ୍ରହଣର ଚିନ୍ତା ଉଠିଲେ ସେ ନିଜକୁ କହୁଥିଲେ 'ହୁଜିକୋ' । ମୋର ନାମ 'ନବୁକୋ' – 'ନବୁ' ଅର୍ଥ ବିଶ୍ୱାସ ।

''କିନ୍ତୁ ପ୍ରତ୍ୟେକଙ୍କ ଜୀବନରେ କୌଣସି ଏକ ସମୟରେ ସଙ୍କଟ ଦେଖାଯାଏ । ସେତେବେଳେ ସବୁ ସ୍ୱପ୍ନ ତା'ର ଛିନ୍ନ ଭିନ୍ନ ହୋଇଯାଏ, ଆତ୍ମା ଜଡ଼ ମୃତପିଣ୍ଡ ସଦୃଶ ପଡ଼ି ରହେ । କିଛିକାଳ ଏହିପରି ମରୁଭୂମି ମଧ୍ୟ ଦେଇ ଯିବା ମୋ ଭାଗ୍ୟରେ ଥିଲା ।

''ତା'ପରେ ବନ୍ଧୁ ଦିନେ କିୟୋଟୋ ତ୍ୟାଗ କରି ଚାଲିଗଲେ । ତାହାର ଦୁଇ ବର୍ଷ ପରେ ମୋର ଗୁରୁ ଦେହତ୍ୟାଗ କଲେ । ଅଳ୍ପ କେତେକ ବର୍ଷ ପରେ ମୋର ସ୍ୱାମୀଙ୍କର ମଧ୍ୟ ମୃତ୍ୟୁ ଘଟିଲା । ମୁଁ ଥିଲି ନିଃସନ୍ତାନ । ବିଶାଳ ଏହି ବିଶ୍ୱରେ ମୁଁ ସେତେବେଳେ ଏକା – ଏକାକୀହିଁ ମୋତେ ମୋର ପଥ ଖୋଜି ନେବା ପାଇଁ ହେବ, ଆଶାର ଆଲୋକ ଚିହ୍ନିବା ପାଇଁ ହେବ ।

''ମୋର ମାଆବାପା ଚାହିଁଥିଲେ ଯେ ତାଙ୍କର ବିଧବା ଝିଅ ତାଙ୍କ ସଙ୍ଗେ ଟୋକିଓରେ ରହୁ । କିନ୍ତୁ ଧ୍ୟାନ-ସଭାର ସଭ୍ୟମାନେ – ଯାହାର ଶାଖାପ୍ରଶାଖା ସମସ୍ତ ଜାପାନରେ ବିସ୍ତାର ଲାଭ କରିଥିଲା – ଧରି ବସିଲେ ମୁଁ ଯେପରି

କିୟୋଟୋରେହିଁ ରହେ ଏବଂ ମୋର ସ୍ୱାମୀ ଓ ଗୁରୁଙ୍କର କାର୍ଯ୍ୟ ଚଳାଇନିଏ ।

''କିୟୋଟୋ ମୋର ଦେଶ । ଏହିଠାରେହିଁ ମୋର କାର୍ଯ୍ୟ, ମୋର ବ୍ରତକୁ ସଫଳ କରି ତୋଳିବାକୁ ହେବ । ମୋର ଗୁରୁ ଓ ସ୍ୱାମୀଙ୍କର ମୃତ୍ୟୁ ପରେ ସେମାନଙ୍କର ଶୂନ୍ୟସ୍ଥାନ ପୂରଣ କରିବାକୁ ମୁଁ ବାହାରି ପଡ଼ିଲି । ଯେଉଁମାନେ ଧ୍ୟାନରେ ନିଶ୍ଚଳ ଭାବରେ ବସିବାର କୌଶଳ ଆୟତ୍ତ କରିବାକୁ ଚାହୁଁଥିଲେ ଏହିପରି ନାନା ଧର୍ମର ଲୋକଙ୍କୁ ମୁଁ ନିମନ୍ତ୍ରଣ କଲି । ଆମ୍ଭମାନଙ୍କର ସାପ୍ତାହିକ ଏବଂ ପାକ୍ଷିକ ସଭା ବସୁଥିଲା । ଆମ୍ଭମାନଙ୍କର ଏକ ମାସିକ ପତ୍ରିକା ଥିଲା ଏବଂ ଏକ ବାର୍ଷିକ ଅଧିବେଶନ ମଧ୍ୟ ହେଉଥିଲା । ଆମ୍ଭମାନଙ୍କର ଧ୍ୟାନ-ସଭାର ଶାଖା-ପ୍ରଶାଖା ସମଗ୍ର ଜାପାନରେ ପ୍ରସାରିତ ହୋଇଗଲା । ବାର୍ଷିକ ଅଧିବେଶନରେ ଦେଖା ଯାଉଥିଲା ପାଞ୍ଚ ହଜାର ନରନାରୀ ଏକତ୍ର ଧ୍ୟାନରେ ବସିଛନ୍ତି । ସବୁ କାର୍ଯ୍ୟରେହିଁ ଅଗ୍ନି ପରୀକ୍ଷା ଅଛି, ମୋ କ୍ଷେତ୍ରରେ ମଧ୍ୟ ତାହାର ବ୍ୟତିକ୍ରମ ହେଲା ନାହିଁ । ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବାରୁ ଧ୍ୟାନ-ସଭାଗୁଡ଼ିକର ସଂଖ୍ୟା କମିବାକୁ ଲାଗିଲା । ମାସିକ ପତ୍ରିକାଟି ବନ୍ଦ ହୋଇଗଲା । ଟୋକିଓ ଉପରେ ବିମାନ ଆକ୍ରମଣ ଫଳରେ ମୋର ପିତା ମୃତ୍ୟୁ ମୁଖରେ ପଡ଼ିଲେ । ମା'ଙ୍କର ଦେଖାଶୁଣା କରିବା ପାଇଁ ତାଙ୍କୁ ନେଇ ଆସିଲି ଏଠାକୁ । ଯୁଦ୍ଧ ଶେଷ ହେବାରୁ ପତ୍ରିକାଟି ପୁନର୍ବାର ବାହାର କଲି । ଧ୍ୟାନ-କେନ୍ଦ୍ରଗୁଡ଼ିକ ଗୋଟାକ ପରେ ଗୋଟାଏ ପୁନର୍ଗଠିତ ହେବାକୁ ଲାଗିଲା । ଏହି ତିରିଶ ବର୍ଷ ଯେଉଁ ପ୍ରାଣପାତ ପରିଶ୍ରମ କଲି ତାହା ଏକେବାରେ ନିରର୍ଥକ ନୁହେଁ । ଅନେକେ ମୋତେ ଉପଦେଶ ଦେଲେ ବିଲାତ ଯିବା ପାଇଁ – ଯୁଦ୍ଧର କଲ୍ୟାଣରୁ ସେଠାରେ ବହୁ ଲୋକଙ୍କ ମନ ବ୍ୟାଧିଗ୍ରସ୍ତ, ସେମାନଙ୍କର ସାହାଯ୍ୟ ପ୍ରୟୋଜନ । କିନ୍ତୁ ମୁଁ କହିଲି, 'ଜାପାନ ବା କେଉଁ ସୁଖଶଯ୍ୟାରେ ଅଛି ? ମୋର କାର୍ଯ୍ୟ ଏହିଠାରେ, ମୋର ଜନ୍ମଭୂମିରେହିଁ ।'

''ଅସଂଖ୍ୟ ଲୋକ ସଂଶୟ ସହକାରେ ଜିଜ୍ଞାସା କରିଥିଲେ ଏହିପରି ନିଶ୍ଚଳ ଭାବରେ ବସିବା ଓ ନାଭିପଦ୍ମ ଉପରେ ମନ ସ୍ଥିର କରିବାର ସାର୍ଥକତା କ'ଣ ? ସେମାନେ ବର୍ତ୍ତମାନ ମତ ବଦଳାଇବାକୁ ଆରମ୍ଭ କରିଛନ୍ତି । କାରଣ ଆମେରିକାରେ ବୈଜ୍ଞାନିକମାନେ ମଧ୍ୟ କହିବାକୁ ଆରମ୍ଭ କରିଛନ୍ତି ଡ୍ରାୟାଫ୍ରାମ୍ (Diaphragm)ର ଉଠିବା ପଡ଼ିବା କଥା ।

''ଠିକ୍ ଭାରତବର୍ଷକୁ, ପଣ୍ଡିଚେରୀକୁ ଯାଇ ପାରିଲେ ମୁଁ ମୋର ସୌଭାଗ୍ୟ ମନେ କରିବି । ସେଦିନ ଆସିବ ଯେତେବେଳେ ମୋର ମା ଆଉ ମୋର ସାହାଯ୍ୟର ମୁଖାପେକ୍ଷୀ ହୋଇ ରହି ନଥିବେ ।

''ମଝିରେ ମଝିରେ ମନେହୁଏ ମୋର ବନ୍ଧୁଙ୍କ ନିକଟକୁ ଚିଠି ଲେଖିବି । ଇଚ୍ଛା ହୁଏ ତାଙ୍କ ନିକଟକୁ ମୋର ପତ୍ରିକା ପଠାଇବି । ତୁମର ମନେହୁଏ ସେ ମୋର ଚିଠି ପଢ଼ିବେ ? ଉତ୍ତର ଦେବେ ? ଜାଣେନା, କାରଣ ବର୍ତ୍ତମାନ ସେ ଯେ ବିଶ୍ୱଜନନୀ ।

''ପୁଣି ଦେଖା ହେଲେ ଦୁଇ ହାତରେ ତାଙ୍କୁ ଜାବୁଡ଼ି ଧରିବି, ଏତେ ବର୍ଷର ଅତୃପ୍ତ ପ୍ରେମର ଦାବି ମୁଁ ମେଣ୍ଟାଇବି । ସେପରି ବ୍ୟବହାର କଲେ କ'ଣ ଆଶ୍ରମବାସୀମାନେ ମୋ ଉପରେ ଅସନ୍ତୁଷ୍ଟ ହେବେ ? କାରଣ ବର୍ତ୍ତମାନ ଯେ ସେ ସମସ୍ତଙ୍କର ମା ।

''ହଁ, ଆପଣମାନଙ୍କ ନିକଟରେ ସେ ମା, କିନ୍ତୁ ମୋ ନିକଟରେ ସେ ଚିରଦିନର ଅତି ପ୍ରିୟବନ୍ଧୁ । ମୋର ମହା-ସୌଭାଗ୍ୟ ଯେ ଏହି ଆଶ୍ଚର୍ଯ୍ୟ ଅଥଚ ନିୟମାବଦ୍ଧ ଜଗତରେ ମୋର ଏହି ଅନ୍ତରର ମଣି ତଥା ଏହି ଆତ୍ମାର ବନ୍ଧୁଟିର ଦେଖା ପାଇଥିଲି । ଦୁଇଟି ବର୍ଷ ଆମ୍ଭେମାନେ ଏକ ବୃନ୍ତରେ ଦୁଇ ଯମଜ ଗୋଲାପ ସଦୃଶ ଥିଲୁ, ସେହି ଦୁଇବର୍ଷର ସୁରଭି ମନ୍ଦିରର ଧୂପ ତୁଲ୍ୟ ଆଜି ବି ମୋର ମନର ପବିତ୍ର ଦେବାଳୟରେ ପ୍ରଶାନ୍ତ ଚିତ୍ର ଆଙ୍କି ଦିଏ ।''

*

ଓଖାଓୟାଙ୍କୁ ଅନୁରୋଧ କଲି : ''ମା'ଙ୍କ ସମ୍ବନ୍ଧରେ ଯାହା ଜାଣନ୍ତି, ଦୟାକରି ଆମ୍ଭମାନଙ୍କୁ କହନ୍ତୁ ।''

ନିଷ୍ପ୍ରଭ ଚନ୍ଦ୍ର ଦେହରେ ଲାଗିଥାଏ ଯେଉଁ ମୃଦୁ ଆଲୋକ, ସେ ଆଲୋକ ଦେଖାଦେଲା ତାଙ୍କର ଅନ୍ଧ ଚକ୍ଷୁରେ ।

ହସହସ ମୁଖରେ ସେ ଉତ୍ତର ଦେଲେ – ''ମା'ଙ୍କ ସମ୍ବନ୍ଧରେ କହୁଛି ଆପଣମାନଙ୍କୁ, ଏସିଆର ନବଜାଗରଣର ଯେଉଁସବୁ ଦିନ ଆମ୍ଭେମାନେ ଏକତ୍ର କଟାଇଛୁ, ସେହିସବୁ ଦିନର କଥା ମୁଁ କହୁଛି ।

''ତରୁଣ ବୟସରୁହିଁ ଭାରତୀୟ ଚିନ୍ତାଧାରା ସହିତ ମୋର ନିବିଡ଼ ପରିଚୟ । ସେହି ସମୟରୁହିଁ ଏକ ନବ ଏସିଆର ସ୍ୱପ୍ନ ମୁଁ ଦେଖି ଆସୁଛି । ମୁଁ ହିଁ ନିର୍ବାସିତ ରାସବିହାରୀ ବସୁ ଏବଂ ଗୁପ୍ତଙ୍କୁ ଆଶ୍ରୟ ଦେଇଥିଲି ।

''ଭାରତୀୟ ପଣ୍ଡିତ କୌଣସି ସଭାରେ ବକ୍ତୃତା ଦେଲେହିଁ ମୁଁ ସେ ସଭାକୁ ଯାଉଥିଲି । ଯାଉଥିଲି, ଶୁଣୁଥିଲି ଏହି ଆଶାରେ ଯେ ଏଥର ମୁଁ ମୋର ଆତ୍ମାର ସନ୍ଧାନ ପାଇବି ।

''ପ୍ରଥମ ବିଶ୍ୱଯୁଦ୍ଧ ପୂର୍ବେ 'ଦି ଜାପାନିଜ୍ ଅବ୍‌ଜରଭର୍' ନାମକ ଖବର କାଗଜରେ ଶ୍ରୀଅରବିନ୍ଦଙ୍କ ସମ୍ବନ୍ଧରେ ପଢ଼େ । କିନ୍ତୁ ତାଙ୍କର ଠିକଣା ଜାଣିବାକୁ ଚାହିଁ ବ୍ୟର୍ଥ ମନୋରଥ ହେଲି ।

''ତା'ପରେ ଦିନେ ହରପ୍ରସାଦ ଆସିଲେ ଜାପାନକୁ । ସେ ବକ୍ତୃତା ଦେଲେ ଭାରତୀୟ ଦର୍ଶନ ଉପରେ । ମୁଁ ଗଲି, ତାଙ୍କର ବକ୍ତୃତା ଶୁଣିଲି । ସମବେତ ପଚାଶ ଜଣ ନରନାରୀଙ୍କ ମଧ୍ୟରେ ମୁଁ ଥିଲି ଜଣେ ।

''ଏମାନଙ୍କ ମଧ୍ୟରୁ ଜଣେ ତରୁଣୀକୁ ଦେଖି ମୋର ନିଭୃତତମ ଅନ୍ତର ଆଲୋଡ଼ିତ ହୋଇ ଉଠିଲା ।

''ତାଙ୍କ ଭିତରର କ'ଣ ଏକ ବସ୍ତୁ ମୋତେ ଟାଣି ନେଇଗଲା ତାଙ୍କ ନିକଟକୁ – ଏହାରି ନାମ ହୁଏତ ଦୈବୀକୃପା, ଏହାହିଁ ହୁଏତ ଧ୍ରୁବତାରାର ସେହି ଅନିର୍ବାଣ ଆଲୋକ, ଯାହା ଚୁମ୍ବକର କଣ୍ଟାକୁ କେନ୍ଦ୍ରମୁଖୀ କରି ରଖେ । ତାଙ୍କ ଅଙ୍ଗର ଯେଉଁ ସୁବାସ ଭାସି ଆସିଲା ମୋ ନିକଟକୁ ତାହା ଯେପରି ନନ୍ଦନକାନନର, କେତେ ଯୁଗ ବ୍ୟାପୀ ପରିଚୟର ସୁରଭିରେ ବୋଳା, ତାହା ସତେ କି ମଧୁର ! ବିଶ୍ୱର ଏକ ନବଜାଗ୍ରତ୍ ମହାପ୍ରଭାତର ଆଲୋକ ତାଙ୍କ ଚକ୍ଷୁ ଦୁଇଟିରେ ।

''ବକ୍ତୃତା ଥିଲା ଖୁବ୍ ସୁନ୍ଦର, ଚମତ୍କାର । ମୁଁ ଯନ୍ତ୍ରବତ୍ ଶୁଣି ଯାଉଥିଲି । ମୋର ଆତ୍ମା କାନ ଡେରିଥିଲା ସେହି ଆଶ୍ଚର୍ଯ୍ୟକର ନୀରବ ଗଭୀରତା ଆଡ଼କୁ, ତାଙ୍କ ଆତ୍ମାର ଅସୀମତାର କୌଣସି ସନ୍ଧାନ ଯଦି ମିଳିପାରେ ।

''ତା'ପର ଦିନ ହରପ୍ରସାଦଙ୍କ ସଙ୍ଗେ ସାକ୍ଷାତ୍ ହେଲା । ସେତେବେଳେ ସେ କହିଲେ ଯେ ସେହି ଭଦ୍ରମହିଳା ମୋ ସଙ୍ଗେ ଦେଖା କରିବାକୁ ଚାହାଁନ୍ତି, ମୁଁ ଶୁଣି ଆଶ୍ଚର୍ଯ୍ୟ ହୋଇଗଲି ।

''ବିସ୍ମୟର ଆନନ୍ଦ ।

''ମୋର ହୃଦୟର ମୂଳକୁ ଧରି କିଏ ଯେପରି ହଲାଇ ଦେଲା ।

''ତାଙ୍କ ସଙ୍ଗେ ପରିଚୟ ହେଲା ଭାଇ ହିସାବରେ, ବନ୍ଧୁ ହିସାବରେ : ତା'ପରେ ସୌଭାଗ୍ୟବଶତଃ ସହକର୍ମୀ ହିସାବରେ ସମ୍ବନ୍ଧ ହେଲା । ସେଦିନ ମୁଁ ବୁଝିପାରି ନଥିଲି, କେଉଁ ବ୍ରତ ସାଧନ ଉଦ୍ଦେଶ୍ୟରେ ତାଙ୍କ ନିକଟରେ ଥିଲି, ଆଉ ସେହି ବ୍ରତର ସାଫଲ୍ୟର ଚିତ୍ର ମଧ୍ୟ ମୋର କଳ୍ପନାର ଅତୀତ ଥିଲା ।

''ସେ ଓ ତାଙ୍କର ବନ୍ଧୁମାନେ ଏକ ନବ ଏସିଆର, ଏକ ନୂତନ ଜଗତର ସ୍ୱପ୍ନ ଦେଖୁଥିଲେ । ବୁଦ୍ଧଙ୍କ ପ୍ରାଚୀନ ଦେଶରେ ଯେଉଁ ବ୍ୟକ୍ତି ଜଣକ ସ୍ୱପ୍ନ ଓ ଆଶାର ଭବିଷ୍ୟ ଚିତ୍ର ଦେଖୁଥିଲେ ତାଙ୍କ ସଙ୍ଗେ ସେମାନଙ୍କର ପ୍ରତ୍ୟକ୍ଷ ଯୋଗାଯୋଗ ଥିଲା । ଏହି ବ୍ୟକ୍ତିହିଁ ଶ୍ରୀଅରବିନ୍ଦ । ଯାହାଙ୍କର ଠିକଣା ପାଇ ନଥିଲି, ତାଙ୍କର ସହକର୍ମୀମାନଙ୍କ ସଙ୍ଗେ କାର୍ଯ୍ୟ କରିବା – ଏହା ହେଲା ମୋର ବିଧିଲିପି ।

''ଏମାନଙ୍କର ଅଲୌକିକ ଆଲୋକବୃତ୍ତ ମଧ୍ୟରେ ପ୍ରବେଶ କଲି, ନିଜର ଅଜାଣତରେ ସେତେବେଳେ ଯେପରି ସ୍ୱର୍ଗଧାରରେ ଆସି ରହିଛି ।

''ବର୍ଷେକାଳ ଆମ୍ଭେମାନେ ଏକ ସଙ୍ଗରେ ଥିଲୁ । ପ୍ରତିଦିନ ରାତ୍ରିରେ ଏକ ଘଣ୍ଟା ଧ୍ୟାନରେ ବସୁଥିଲୁ । ମୋର ଅନୁଶୀଳନ ଥିଲା 'ଜେନ୍' (Zen), ସେମାନଙ୍କର ଯୋଗ । କିନ୍ତୁ ଦୁଇପଥହିଁ ଆମ୍ଭମାନଙ୍କୁ ନେଇ ଯାଇଛି ଶୈଳ ଶିଖରକୁ ।

''ତରୁଣ ବନ୍ଧୁ, ଆପଣଙ୍କର ବୋଧହୁଏ ଜାଣିବାକୁ ଇଚ୍ଛା ଶ୍ରୀମା'ଙ୍କର କେଉଁ ଜିନିଷଟି ମୋତେ ସବୁଠାରୁ ବେଶୀ ଆକର୍ଷଣ କରିଛି ।

''ତାଙ୍କର ମନୋବଳ ପାହାଡ଼କୁ ଟଳାଇ ପାରେ, ତାଙ୍କର ବୁଦ୍ଧି ତରବାରିର ଧାର ସମ ତୀକ୍ଷ୍ଣ ।

''ଚିନ୍ତା ତାଙ୍କର ପରିଚ୍ଛନ୍ନ, ସଙ୍କଳ୍ପ ବିଶାଳ ଓକ୍ ବୃକ୍ଷର ଚେର ସମ ଦୃଢ଼ ।

''ତାଙ୍କର ଅନ୍ତର୍ଲୋକର ଗଭୀରତା ସମୁଦ୍ରଠାରୁ ମଧ୍ୟ ଗଭୀର । ଯେଉଁ ସମୁଦ୍ରର ପରିମାପ କରିପାରିବ, ଏକମାତ୍ର ଶ୍ରୀମା'ଙ୍କରହିଁ ବୁଦ୍ଧି ।

''ସମାହାରରେ ସେ ଶିଳ୍ପୀ – ବର୍ଣ୍ଣର ସେ ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ସୃଷ୍ଟି କରି ପାରୁଥିଲେ । ସେ ଥିଲେ ସୁରଶିଳ୍ପୀ, ଅର୍ଗାନ୍ କିମ୍ବା ଗୀଟାର ବଜାଇ ସେ ମୋର ଆତ୍ମାକୁ ମୁଗ୍ଧ କରିଥିଲେ । ସେ ପୁଣି ଥିଲେ ବୈଜ୍ଞାନିକ – ଦ୍ୟୁଲୋକ ଓ ଭୂଲୋକର ଏକ ନୂତନ ପରିକଳ୍ପନା, ଏକ ନୂତନ ସୌରମଣ୍ଡଳ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପନ କରୁଥିଲେ ।

''ମୀରା ଯେ କ'ଣ ନୁହନ୍ତି ଏବଂ କ'ଣ ହୋଇ ନପାରନ୍ତି, ଏକଥା ମୋତେ ଜଣା ନାହିଁ ।

''ମୋ ନିକଟରେ ସେ ଭଉଣୀ, ମୋ' ଅନ୍ତରାତ୍ମାର ସହଧର୍ମୀ । ଏହି ହେଲା ମୋ ନିକଟରେ ତାଙ୍କର ପରିଚୟ । ଆପଣ ହୁଏତ ଜାଣିବାକୁ ଉତ୍ସୁକ ମୁଁ ତାଙ୍କର ଭବିଷ୍ୟ ଦୃଷ୍ଟି ବୁଝି

ପାରିଛି କି ନାହିଁ, ତାଙ୍କର ଆନ୍ତର ଦ୍ୟୁତିର ସୀମା ପରିସୀମା ଖୋଜି ପାଇଛି କି ନାହିଁ ।

''କିନ୍ତୁ ମୁଁ ତ' ଥିଲି ତାଙ୍କ ବନ୍ଧୁ, ଏକ ପରିବାର ଅନ୍ତର୍ଭୁକ୍ତ । ମୁଁ ଥିଲି ତାଙ୍କର ଭାଇ ।

''ଆପଣମାନେ ତାଙ୍କୁ ଚିହ୍ନିଛନ୍ତି ଭଗବାନ୍ ରୂପେ । ମୁଁ ଯେଉଁ ଭଗବାନଙ୍କୁ ଜାଣେ, ମୋର ସେ ବନ୍ଧୁ, ମୋର ଭଗିନୀ । ପାଶ୍ଚାତ୍ୟ ବେଶଭୂଷାରେ ସେ ଦେଖିବାକୁ ପରମା ସୁନ୍ଦରୀ । କିନ୍ତୁ ସେ ବେଶ ମଧ୍ୟ ମଳିନ ପଡ଼ି ଯାଉଥିଲା ଯେତେବେଳେ ସେ କିମୋନୋ (ଜାପାନୀ ବେଶ) ପିନ୍ଧୁଥିଲେ । ଆଉ ଯଦି ଦେଖି ପାରନ୍ତି, ତା'ହେଲେ ନିଶ୍ଚୟ କହନ୍ତି ଭାରତୀୟ ଶାଢ଼ୀରେ ମଧ୍ୟ ତାଙ୍କର ସୌନ୍ଦର୍ଯ୍ୟ ତଦ୍ରୂପ ହୁଅନ୍ତା ।

''ମାପିବା ଅର୍ଥ ଦୂରକୁ ହଟି ଛିଡ଼ା ହେବା, ବିଚାର କରି ବସିବାକୁ ହେଲେ ଆଉ ଟିକିଏ ଦୂରକୁ ଚାଲି ଯିବାକୁ ହେବ । ବର୍ଣ୍ଣନା ଯଥାଯଥ କରିବାକୁ ହେଲେ ଦୂରତ୍ୱ ରଖିବାକୁ ହୁଏ ।

''ମୁଁ ରହିଛି ଫୁଜିହାମାର ଏକେବାରେ ଅଭ୍ୟନ୍ତରରେ, ମୁଁ କିପରି କହିବି ତା'ର ଅଗ୍ନିସ୍ରାବ, ତା'ର ଶିଖାର ପରିମାଣ, ତା'ର ଆଲୋକର ପରିଧି ?''

*

ଶ୍ରୀମତୀ ଓଖାଓୟାଙ୍କୁ ଅନୁରୋଧ କଲି : ''ଶ୍ରୀମାଙ୍କ ସମ୍ବନ୍ଧରେ ଯାହା ଜାଣନ୍ତି ଆମ୍ଭମାନଙ୍କୁ କୁହନ୍ତୁ ।''

ଉତ୍ତରରେ ସେ କହିଲେ – ''ସେ ଥିଲେ ମୋର ଅତି ପରିଚିତ । ସେହି ମହାତ୍ମାମାନଙ୍କ ମଧ୍ୟରେ ସେ ଜଣେ, ଯାହାଙ୍କୁ ମନ-ପ୍ରାଣ ଦେଇ, ସର୍ବସ୍ୱ ଦେଇ ଭଲ ନପାଇ ରହି ହୁଏ ନାହିଁ ।

''ସୁଦୂର ଫରାସୀ ଦେଶରେ ତାଙ୍କର ଘର । କିନ୍ତୁ କେଜାଣି କାହିଁକି ମୋର ମନେହୁଏ ସେ ଯେପରି ଜନ୍ମଜନ୍ମାନ୍ତର ଧରି ମୋ ପରି ଜାପାନରହିଁ ଦୁହିତା । ମୁଁ ଶପଥ କରି କହିପାରେ ଯେ କିମୋନୋ ପୋଷାକ ଭିତରେ ତାଙ୍କୁ ମୋର ଭଉଣୀ ଛଡ଼ା ଅନ୍ୟକିଛି ଭାବିବାର ଉପାୟ ନଥିଲା ।

''ସେ ଏଠାରେ ଅଳ୍ପଦିନ ଥିଲେ । କିନ୍ତୁ ଯେଉଁ କେତେଦିନ ତାଙ୍କ ସଙ୍ଗେ ରହିଛି, ସେହି କେତେଦିନ ଆନନ୍ଦରେ ଭାସି ଉଠିଛି । ସେ ବିଦାୟ ନେବା ସମୟରେ ଅଶ୍ରୁଭାରରେ ମୋର ଆଖି ଝାପ୍ସା ହୋଇ ଉଠିଲା, ଯେପରି ଶରତର କୁହେଳିକାରେ ହୋଇଉଠେ ଝାପ୍ସା ଟୋକିଓ ତଥା ପାର୍ଶ୍ୱସ୍ଥ ସମୁଦ୍ର ବକ୍ଷ ।

''ମାତୃତ୍ୱର ମାହାତ୍ମ୍ୟ କ'ଣ ମୁଁ ଜାଣେ ନାହିଁ । ତେବେ ସମସ୍ତଙ୍କଠାରୁ ନିଃସଂଶୟ ରୂପେ, ଭଲ ଭାବରେ ମୁଁ ଜାଣିଛି ଯେ ଭଗିନୀ ହୋଇ ପାରିବା କେତେ ସୌଭାଗ୍ୟଜନକ ।

''ବର୍ତ୍ତମାନ ବେଳେ ବେଳେ ମନେହୁଏ ମୀରା ଯେତେବେଳେ ଏଠାରେ ଥିଲେ ସେତେବେଳେ କାହିଁକି ତାଙ୍କୁ ଆହୁରି ପାଞ୍ଚ ବ୍ୟଞ୍ଜନ ରନ୍ଧନ କରି ଦେଇ ନଥିଲି । ତା'ହେଲେ ମୋର ବାସନା ତୃପ୍ତ ହୋଇଥା'ନ୍ତା ।

''ତାଙ୍କ କଥା ବହୁତ ଭାବେ, ଯେପରି ନିଜର ଭଉଣୀଟି ରହିଛି ଦୂର ବିଦେଶରେ । କେତେକ ବର୍ଷ ପୂର୍ବେ ଆପଣମାନଙ୍କ ଦେଶର ଜନୈକ ଭଦ୍ରଲୋକ ଆସିଥିଲେ । ବାଉଁଶରେ ତିଆରି ଗୋଟିଏ ପ୍ରଦୀପ ତାଙ୍କ ହାତରେ ଦେଇଥିଲି ମୀରାଙ୍କ ପାଇଁ । ତାହା କ'ଣ ଯଥାସ୍ଥାନରେ ପହଞ୍ଚିଥିଲା ?

''ବଡ଼ ଇଚ୍ଛା ହେଉଛି ଆପଣଙ୍କ ହାତରେ ତାଙ୍କ ନିକଟକୁ କିଛି ଉପହାର ପଠାଇବା ପାଇଁ । କିନ୍ତୁ କ'ଣ ନିଶ୍ଚୟତା ଅଛି ? କ'ଣ ଭରସା ଅଛି ଯେ ଏହା ଠିକ୍ ତାଙ୍କ ହାତରେ ପହଞ୍ଚିବ । ତାଙ୍କୁ ଦେଖିବି, ତାଙ୍କ କରକମଳରେ ସ୍ୱହସ୍ତରେ ଉପହାରଟି ଅର୍ପଣ କରିବି, ସେହିଦିନ ପାଇଁ ଅପେକ୍ଷା କରିବାହିଁ ବୋଧହୁଏ ଭଲ ହେବ ।'' ❖

ପୂର୍ଣ୍ଣ ନିଷ୍ଠାର ଅର୍ଥ ହେଲା ଏକମାତ୍ର ଦିବ୍ୟସତ୍ୟକୁ ଚାହିଁବା ଏବଂ ନିଜକୁ ଅଧିକରୁ ଅଧିକ ଭାବରେ ଦିବ୍ୟଜନନୀଙ୍କ ନିକଟରେ ସମର୍ପଣ କରିବା । କେବଳ ଏହି ଏକ ଅଭୀପ୍ସା ବ୍ୟତୀତ ଅନ୍ୟ ସମସ୍ତ ବ୍ୟକ୍ତିଗତ ଦାବି ଓ ସମସ୍ତ କାମନାବାସନା ପ୍ରତ୍ୟାଖ୍ୟାନ କରିବା, ଜୀବନର ସମସ୍ତ କର୍ମ ଭଗବାନଙ୍କୁ ଉତ୍ସର୍ଗ କରିବା ଏବଂ ଅହଂଶୂନ୍ୟ ଭାବରେ, କର୍ତ୍ତବ୍ୟକର୍ମ ଭାବରେ ଏହା କରିବା, – ଏହାହିଁ ହେଲା ଦିବ୍ୟଜୀବନର ଭିତ୍ତି ।

– ଶ୍ରୀଅରବିନ୍ଦ

**ସଂସ୍କୃତି-କଳା-ସାହିତ୍ୟ-ବିଜ୍ଞାନ :**

# ବନ୍ଦେ ମାତରମ୍

## ଶ୍ରୀଅରବିନ୍ଦ

### ସଂକଟ

ମିଣ୍ଟୋ-ମୋର୍ଲେ ସରକାରଙ୍କର ଶେଷ କାର୍ଯ୍ୟାନୁଷ୍ଠାନଟି ବ୍ରିଟିଶ ଶାସକବର୍ଗଙ୍କର ଅବସ୍ଥିତି ଏବଂ ନୀତି ଉପରେ ଢାଙ୍କି ହୋଇ ରହିଥିବା ପ୍ରତିଟି ପର୍ଦ୍ଦାକୁ ଛିନ୍ନ କରି ଦେଇଛି । ପଞ୍ଜାବରେ ଜାତୀୟତାବାଦକୁ ତଳିତଳାନ୍ତ କରିବା ପାଇଁ ପ୍ରବଳ ପ୍ରଚେଷ୍ଟାର ଫଳାଫଳ ଯାହା ହୋଇଥାଉନା କାହିଁକି, ବାତାବରଣକୁ ନିର୍ମଳ କରି ଦେବା ପାଇଁ ଯୋଗ୍ୟତା ଏହାର ରହିଛି । ଆମ ପରିସ୍ଥିତିକୁ ଭୁଲ୍ ବୁଝିବା ପାଇଁ କିଂବା ଭୁଲ୍‌ର ବଶବର୍ତ୍ତୀ ହୋଇ ଗୁଡ଼ିଏ ନିରର୍ଥକ ନୀତିକୁ ପ୍ରୟୋଗ କରିବା ଯୋଗୁଁ ଆମ ପକ୍ଷରୁ ତେଣିକି କୌଣସି କୈଫିୟତ୍ ଦେବାକୁ କିଛି ବାଟ ଆଉ ନାହିଁ । ପ୍ରଶାସନ ଅତି ବର୍ବରୋଚିତ ଭାବେ ଜୋର୍ ଦେଇ ଘୋଷଣା କରିଛି ଯେ ସାମାନ୍ୟ ଆପତ୍ତି ଅଭିଯୋଗ କରୁଥିବା ଆନୁଗତ୍ୟବାଦ (Loyalism)କୁ ପଛେ ବରଦାସ୍ତ କରିବ, ଆବେଦନକାରୀର ଏକ ନିଷ୍ଫଳତାକୁ ପଛେ ବରଦାସ୍ତ କରିବ, କିନ୍ତୁ ନୂତନ ଚେତନା (New Spirit)କୁ ଏହା କୌଣସି ମତେ ବରଦାସ୍ତ କରିପାରିବନି । ଯଦି ଭାରତୀୟ ତା'ର ମନ ଭିତରେ ମୁକ୍ତି ଅଭିମୁଖେ, ସ୍ୱାଧୀନତା ଅଭିମୁଖେ, ସ୍ୱାୟତ୍ତ ଶାସନ ପାଇଁ ଆସ୍ପୃହା ପୋଷଣ କରୁଥାଏ, ତା'ହେଲେ ସେଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ଦମନ କରି ମାନସପଟରୁ ହଟେଇ ନେଉ ଆଉ ତା' ହୃଦୟ ଭିତରେ ନିବୁଜ କରି ସାଇତି ରଖୁ; କାରଣ ଇଂରେଜ ସଚିବ କିଂବା ଆଙ୍ଗ୍ଲୋ-ଭାରତୀୟ ପ୍ରାଦେଶିକ ଶାସନକର୍ତ୍ତାଙ୍କଠାରୁ ହେଉ, ରକ୍ଷଣଶୀଳ କିଂବା ଉଦାରବାଦୀଙ୍କଠାରୁ ହେଉ ସେମାନେ ସ୍ୱତନ୍ତ୍ର ସୁବିଧା କିଂବା ଧର୍ମଗତ ସହିଷ୍ଣୁତା ପାଇଁ ଆଶା ରଖି ପାରିବେ ନାହିଁ । ଭାରତୀୟ ଉଚ୍ଚାକାଂକ୍ଷାଗୁଡ଼ିକ ଏବଂ ନିରଙ୍କୁଶ ଅମଲାତାନ୍ତ୍ରିକ ଶାସନ ଏକତ୍ର ନିବାସ କରିପାରିବେ ନାହିଁ; ଦୁଇଟି ଭିତରୁ ଯିଏ ହେଲେ ଗୋଟିଏ ଯିବହିଁ ଯିବ । ନୂତନ ଚେତନାର ବିକାଶକୁ ଏତେ ଦୀର୍ଘକାଳ ଧରି ବଙ୍ଗଳାରେ ବରଦାସ୍ତ କରାଯାଇଥିଲା, କାରଣ ଶାସକମାନେ ଯଦିଓ ନୂତନ ଆଗମନୀର ପୂର୍ବାଭାସରେ ଆତଙ୍କିତ ହୋଇ ପଡ଼ିଥିଲେ ଯେ ଏହା ଏକ ଚିତ୍ରିତ ଦାନବ ଥିଲା କିଂବା ଏକ ସତ୍ତାଧାରୀ ଦୁର୍ଜେୟ ଶକ୍ତି ଥିଲା, ଯାହାକୁ କି ହଠାତ୍ ସେମାନେ କିଛି ମନରେ ସ୍ଥିର କରି ପାରିଲେ ନାହିଁ । ଏମିତିକି ଯେତେବେଳେ ଏହାର ପ୍ରକୃତ ସ୍ୱରୂପ ଏବଂ ପ୍ରବହମାନ ସ୍ରୋତ ପରିସ୍ଫୁଟ ହୋଇ ଉଠିଲା, ଜନସାଧାରଣଙ୍କୁ ଏହା ନିଜ ନିୟନ୍ତ୍ରଣ ଭିତରକୁ ଆଣି ପାରିବ କି ନାହିଁ ଏକଥା ଦେଖିବା ପାଇଁ ସେମାନେ ପ୍ରତୀକ୍ଷା କରି ରହିଲେ । ଆମେରିକାରେ ତୃଣାଚ୍ଛାଦିତ ବିଶାଳ ଭୂଖଣ୍ଡରେ ଆକସ୍ମିକ ଅଗ୍ନିକାଣ୍ଡର ବ୍ୟାପକତା ପରି ଯେଉଁ ପ୍ରକାଣ୍ଡକାୟ କ୍ଷିପ୍ରତା ସହକାରେ ଏହି ନବ ଉନ୍ମାଦନା ସମଗ୍ର ଭାରତବର୍ଷକୁ ପ୍ରସାରିତ ହେବାକୁ ଲାଗିଲା ସେଥିପାଇଁ ସେମାନେ ପ୍ରସ୍ତୁତ ନଥିଲେ । ସେମାନେ ଏଇ କଥାଟି ଉପଲବ୍ଧି କଲା ବେଳକୁ ଏତେ ବିଳମ୍ବ ହୋଇ ଯାଇଥିଲା ଯେ କେତୋଟି ଖବରକାଗଜ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କିଂବା କେତୋଟି ବଡ଼ବଡ଼ିଆଙ୍କ ମଥାରେ ଠୋକର ଦେଇ ବଙ୍ଗଳାରେ ଏହାକୁ ଦମନ କରିବା ସମ୍ଭବ ନଥିଲା । କାରଣ ବଙ୍ଗଳାରେ ଏହି ନୂତନ ଉନ୍ମାଦନା ଅଳ୍ପ କେତେଜଣ ନେତାଙ୍କର ଉପସ୍ଥିତି କିଂବା ଜଣେ ଦୁଇଜଣ ବକ୍ତାଙ୍କ ଉପରେ ନିର୍ଭର କରେ ନାହିଁ । ଏହା ସମୁଦାୟ ଶିକ୍ଷିତ ଗୋଷ୍ଠୀକୁ ଆଲିଙ୍ଗନ କରି ଘେରି ରହିଛି ଗୋଟିଏ ଅନିର୍ବାପିତ ଅଗ୍ନିଶିଖା ତୁଲ୍ୟ । ଯଦି ଶ୍ରୀଯୁକ୍ତ ବିପିନ୍ ଚନ୍ଦ୍ର ପାଲ୍ ଦେଶାନ୍ତରିତ ହୋଇ ଯାଆନ୍ତି, ଏବଂ 'ବନ୍ଦେ ମାତରମ୍', 'ସନ୍ଧ୍ୟା' ଓ ଅନ୍ୟାନ୍ୟ ଜାତୀୟତାବାଦୀ ଖବରକାଗଜମାନଙ୍କୁ ଯଦି ଦମନ କରାଯାଏ, ସେ ଅଗ୍ନିଶିଖା ନୀରବ ହୋଇଯିବ ସତ କିନ୍ତୁ ଆହୁରି ପରିବ୍ୟାପ୍ତ ଏବଂ ଦୁର୍ଦ୍ଦମନୀୟ ହୋଇ ଉଠିବ । ଅଧିନାୟକ ହାତରୁ ଯଦି ଜାତୀୟତାବାଦର ଧ୍ୱଜାଟି ଖସିଯାଏ ତା'ହେଲେ ଆହୁରି ଶହେଟା ହାତ ଆପଣାଛାଏଁ ପ୍ରସାରିତ ହୋଇ ଆସିବ ସେ ଧ୍ୱଜାଟିକୁ ଧରିବା ପାଇଁ ଓ ଆହୁରି ଶହେ ଜଣ ତେଜସ୍ୱୀ ଆତ୍ମା ଛୁଟି ଚାଲିବେ ଭୂତଳଶାୟୀ ଅଧିନାୟକର ସ୍ଥାନଟିକୁ ପୂରଣ କରିବା ପାଇଁ । ବଙ୍ଗଳାରେ ତେଣୁ ଅନ୍ୟାନ୍ୟ ପଦକ୍ଷେପଗୁଡ଼ିକ ଗ୍ରହଣ କରାଯାଇଛି । କିନ୍ତୁ ଯେଉଁ ମୁହୂର୍ତ୍ତରେ ପ୍ରଶାସକମାନେ ନିଶ୍ଚିତ ହୋଇଗଲେ ଯେ ବିପ୍ଳବର ବହ୍ନି ପଞ୍ଜାବକୁ ଗ୍ରାସ କରି ଗଲାଣି, ସେମାନେ ତୁରନ୍ତ ଧାଇଁଲେ ଆଘାତ କରିବା ପାଇଁ, ଆଶା କରିଥିଲେ ଯେ ଅଳ୍ପ କେତେଜଣଙ୍କୁ ଦମନ କରି ଦେଲେ ସମୁଦାୟ ଆନ୍ଦୋଳନକୁ ଦମନ କରାଯାଇ ପାରିବ । 'ପଞ୍ଜାବୀ' ଉପରେ ପ୍ରଥମ ପାହାରଟା ଭୟଙ୍କର ଭାବେ ବ୍ୟର୍ଥ ହୋଇଗଲା ।

ଦ୍ୱିତୀୟ ପ୍ରହାରଟା କରାହୋଇଛି ଅସାଧାରଣ ସତର୍କତା ସହିତ ଏହାର ସାଫଲ୍ୟକୁ କୃତନିଶ୍ଚିତ କରିବା ପାଇଁ । ବ୍ରିଟିଶ ସାମ୍ରାଜ୍ୟର ସମୁଦାୟ ଶକ୍ତିକୁ ତଲବ କରାଯାଇଛି ପରିସ୍ଥିତିକୁ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କରିବା ପାଇଁ । ଏହାର ଦୁର୍ଦମନୀୟ ଶକ୍ତିର ଆଡ଼ମ୍ବର ଓ ପ୍ରତିଷ୍ଠା, ଏହାର ସେନାବାହିନୀର ଭାରୀ ବୁଟ୍‌ର ଆଘାତ ଆଉ ଏହାର ବନ୍ଧୁକଗୁଡ଼ିକର ସନ୍ତ୍ରାସ, ଧୀର ମନ୍ଥର ଏହାର ଦଣ୍ଡବିଧିର ନିର୍ମମତା ଏବଂ ସ୍ୱେଚ୍ଛାଚାରୀ ଏହାର ଆଇନକାନୁନର ଝଞ୍ଜାତୁଲ୍ୟ ପ୍ରଚଣ୍ଡ ପ୍ରକୋପ ସବୁ କିଛି ଆଣି ଠୁଳ କରି ଦିଆଯାଇଛି ଦୁଇଟି କ୍ଷୁଦ୍ର ନଗରୀର ଚାରିପଟେ ଭୟାନକ ବିଦ୍ରୋହକୁ ଦମନ କରିବା ଉଦ୍ଦେଶ୍ୟରେ ନୁହେଁ କିଂବା ବିପଜ୍ଜନକ ସାମରିକ ନେତାମାନଙ୍କ ଗିରଫଦାରୀକୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ନୁହେଁ; କିନ୍ତୁ ଅଳ୍ପ କେତେଜଣ ସମ୍ମାନାସ୍ପଦ ଏବଂ ଯୁଦ୍ଧବିମୁଖ ଓକିଲ ଓ ବାରିଷ୍ଟରମାନଙ୍କୁ ଗିରଫ କରିବା ପାଇଁ । ସେନାବାହିନୀର ଭାରୀ ଭାରୀ ଉଦ୍ୟତ କମାଣଗୁଡ଼ିକ ବ୍ରିଟିଶର, ଯାହାର ଅଧୀନରେ ଉତ୍ତୁଙ୍ଗ ଲହରୀମାଳା ସଦୃଶ ଚତୁର୍ଦ୍ଦିଗରୁ ଅଶ୍ୱାରୋହୀର ଦଳ ଘେରାବନ୍ଦୀ କରି ନେଉଛନ୍ତି ଏହି ଭାଗ୍ୟଶାଳୀ ବ୍ୟକ୍ତି ବିଶେଷଙ୍କୁ, ଯେଉଁମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ନାମ ସୁଦ୍ଧା ସେପର୍ଯ୍ୟନ୍ତ ନିଜ ରାଜ୍ୟ ବାହାରେ ପ୍ରାୟତଃ କାହାରିକୁ ଜଣା ନଥିଲା, – ତରବରରେ ସେମାନଙ୍କୁ ନିଆ ହେଉଛି ବ୍ରିଟିଶ କାରାଗାର ଭିତରକୁ, ଆଉ ଜଣେ ଖ୍ୟାତିସମ୍ପନ୍ନ ଓକିଲ ଭାରତରୁ ଛାନିଆଁରେ କେଉଁଆଡ଼େ ତୁରନ୍ତ ଚକ୍କର କାଟିଛନ୍ତି । ଏଇସବୁ ଆଡ଼ମ୍ବର ଓ ସାଜ ସରଞ୍ଜାମଗୁଡ଼ିକର ଆଉ କିଛି ଉଦ୍ଦେଶ୍ୟ ପ୍ରକାଶ୍ୟରେ ସେମିତି କିଛି ନାହିଁ, କେବଳ ବ୍ରିଟେନର ଅପ୍ରତିହତ ସାମର୍ଥ୍ୟର ପ୍ରଦର୍ଶନ ଦ୍ୱାରା ଭାରତ ବ୍ୟାପୀ ନୂତନ ଜାଗରଣ (New Spirit)କୁ ଭୟଭୀତ କରି ରଖିବା, ଯେପରି ତାହା ମୁଣ୍ଡପାତି ନୀରବରେ ସବୁକିଛି ମାନି ନିଏ । ମି. ମୋର୍ଲେ ଏବଂ ଲର୍ଡ଼୍ ମିଣ୍ଟୋଙ୍କଠାରୁ ଗୋଟିଏ ଜୋର୍‌ଦାର ଚେତାବନୀ ମିଳିଛି, ଯଦି ଭାରତୀୟ ତା'ର ମୁକ୍ତି ପାଇଁ ଆକାଙ୍କ୍ଷା ଘୋଷଣା କରେ କିଂବା ଜାତୀୟ ସ୍ୱାୟତ୍ତ ଶାସନ (national autonomy) ହାସଲ କରିବା ପାଇଁ ଶାନ୍ତି ପୂର୍ଣ୍ଣ ଆତ୍ମ ନିର୍ଭରତା (Self-help) ଏବଂ ନିଷ୍କ୍ରିୟ ପ୍ରତିରୋଧ (passive resistance) ବଳରେ କାମ କରିବାକୁ ଚାହେଁ ତା'ହେଲେ ସେମାନେ ତାଙ୍କୁ ବରଦାସ୍ତ କରିବେ ନାହିଁ ।

ଆମ ନିୟତିର ଏହି ଘୋର ସଂକଟ ସମୟରେ ଆମ ଜନସାଧାରଣ ଯେପରି ସେମାନଙ୍କର ଦୃଢ଼ ମନୋବଳ ହରାଇ ନ ବସନ୍ତି କିଂବା ବାକ୍‌ଶକ୍ତି ଶୂନ୍ୟତା ଓ ଅବସାଦ ଯେପରି ସେମାନଙ୍କର ଅନ୍ତରାତ୍ମାକୁ କବଳିତ ଓ ଦୁର୍ବଳ କରି ନପକାଏ । ଆମେ ଯେଉଁ ଲଢ଼େଇରେ ନିଜକୁ ବ୍ୟସ୍ତ ରଖିଛୁ ତାହା ପୁରାତନ ଯୁଗର ଲଢ଼େଇ ପରି ନୁହେଁ ଯେ ରାଜା କିଂବା ସେନାଧ୍ୟକ୍ଷଙ୍କର ପତନ ହେଲା ମାତ୍ରକେ ସେନାବାହିନୀ ଯୁଦ୍ଧ ଭୂଇଁ ଛାଡ଼ି ପଳାଇଯିବେ । ବର୍ତ୍ତମାନର ଯୁଦ୍ଧରେ ଆମେ ଯେଉଁ ରାଜାଙ୍କ ପଛେ ପଛେ ଅନୁଧାବନ କରୁଛୁ, ସେ ଆଉ କେହି ନୁହଁନ୍ତି, ସ୍ୱୟଂ ଆମର ମାତୃଭୂମି (Motherland), ପୁଣ୍ୟମୟୀ, ଅବିନଶ୍ୱରୀ; ଆମର ଅଗ୍ରଗାମୀ ସେନାନୀର କର୍ଣ୍ଣଧାର ସ୍ୱୟଂ ସର୍ବଶକ୍ତିମାନ୍ ସେ ନିଜେ, ତାଙ୍କର ସେଇ ଅଂଶ ବିରାଜମାନ କରିଛି ଆମରି ଭିତରେ ଓ ଆମରି ବାହାରେ ଯାହାକୁ ତରବାରୀ ହାଣି ପାରେନି, ଜଳ ଡୁବାଇ ପାରେନି କିଂବା ଅଗ୍ନି ଯାହାକୁ ଦଗ୍ଧୀଭୂତ କରିପାରେନି ବା ନିର୍ବାସନ ଯାହାକୁ ଆମଠାରୁ ବିଛିନ୍ନ କରି ଦିଏନି । ଲଜପତ୍ ରାୟ ବୋଲି କେହି ନାହିଁ, ତିଳକ ବୋଲି କେହି ନାହିଁ, ବିପିନ୍ ପାଲ୍ ବୋଲି କେହି ନାହିଁ, ଏମାନେ ସମସ୍ତେ କେବଳ ଏକ ମହାବଳୀ ହାତର ଆୟୁଧଗୁଡ଼ିକ ମାତ୍ର : ସେଇ ଶ୍ରୀକର ମାଠେଣିରେ ଆମମାନଙ୍କର ନିୟତିକୁ ସେ ଗଢ଼ି ତୋଳୁଛି ଆଉ ଏଇ ସାଧନଗୁଡ଼ିକ ଯଦି ଚାଲିଯା'ନ୍ତି ତେବେ ତୁମେ କ'ଣ ଭାବୁଛ ଯେ ଭଗବାନ୍ ସ୍ୱୟଂ ଆଉ ଅନ୍ୟ କାହାକୁ ପାଇବେ ନାହିଁ ତାଙ୍କ ସଂକଳ୍ପକୁ ସିଦ୍ଧ କରିବାକୁ ? ଲାଲା ଲଜପତ୍ ରାୟ ଆମ ପାଖରୁ ଚାଲିଗଲେ ସତ, କିନ୍ତୁ ମନ ଭିତରେ ତୁମର କୌଣସି ସଂଶୟକୁ ପ୍ରଶ୍ରୟ ଦିଅନି; କାରଣ ତାଙ୍କଠାରୁ ଆହୁରି ପରାକ୍ରମୀ, ଆହୁରି ମହୀୟାନ୍ ମନୀଷୀମାନେ ଆସି ତାଙ୍କ ଶୂନ୍ୟସ୍ଥାନକୁ ପୂରଣ କରି ଦେବେ । କାରଣ ଯେତେବେଳେ ଏକ ଜୀବନ୍ତ ଓ ଉଦୀୟମାନ ଲକ୍ଷ୍ୟ ଉତ୍ପୀଡ଼ନର ଶିକାର ହୁଏ, ଏଇଟାହିଁ ହୁଏ ତା'ର ନିଶ୍ଚିତ ପରିଣତି ଯେ ଯେଉଁମାନେ ନିର୍ଯାତିତ ହୋଇ ଟଳି ପଡ଼ୁଛନ୍ତି ଠିକ୍ ସେମାନଙ୍କ ସ୍ଥାନରେ ସେଇଠି ରକ୍ତବୀଜର ରକ୍ତ କଣିକାରୁ ଦୈତ୍ୟ ତୁଲ୍ୟ ଜାଗି ଉଠୁଛନ୍ତି ମଣିଷମାନେ; ଶକ୍ତି ପରେ ଆହୁରି ଶକ୍ତି ଆହରଣ କରି ଚାଲିଛନ୍ତି ସେମାନେ, ଦ୍ୱିଗୁଣିତ ହୋଇ ଯାଉଛି ସେ ଶକ୍ତି । ସେ ଶକ୍ତି ପୁଣି ଚତୁର୍ଗୁଣା ହୋଇ ଉଠୁଛି ଶହୀଦମାନଙ୍କର ମୃତ୍ୟୁରେ ଅବା ନିର୍ଯାତନାରେ । ଇଟାଲୀର ସେଇ ନିର୍ବାସିତମାନେ, ଯେଉଁମାନେ ଅଷ୍ଟ୍ରିୟାର ଏବଂ ଫ୍ରାନ୍ସର ବୋର୍‌ବୋନ୍ (Bourbon) ରାଜବଂଶର ଅନ୍ଧକୂପ ଭିତରେ ପଡ଼ି କ୍ରମେ ନିସ୍ତେଜ ହୋଇଗଲେ; ପୋରିଓ (Poerio) ଏବଂ

ସିଲ୍‌ଭିଓ ପେଲ୍ଲିକୋ (Silvio Pellico) ଆଉ ସେମାନଙ୍କ ସହିତ କଷ୍ଟ ଭୋଗୁଥିବା ସାଥିମାନଙ୍କର ସାମୂହିକ ଶକ୍ତିହିଁ ମାଜ୍ଜିନି (Mazzini), ଗାରିବାଲ୍‌ଡ଼ି ଓ କାଭୁର୍ (Cavour)ଙ୍କ ଭିତରେ ରୂପାୟିତ ହୋଇ ଉଠିଥିଲା ସେମାନଙ୍କ ମାତୃଭୂମିକୁ ମୁକ୍ତ କରିବା ପାଇଁ ।

କୌଣସି ହତାଶା, କୌଣସି ଅବସାଦରେ ଅନ୍ତର ଯେପରି ଆଚ୍ଛନ୍ନ ନ ରହେ ଆଉ ମଧ୍ୟ ଅଦୂରଦର୍ଶୀ ପ୍ରଚଣ୍ଡ କ୍ରୋଧର ବଶବର୍ତ୍ତୀ ହୋଇ ଅନ୍ଧ ଭାବରେ କାହାକୁ ଚୋଟ ମାରିବାର ପାଗଳାମି ଯେପରି ନରହେ । ଏକ ଭୟାବହ ଅଗ୍ନି ପରୀକ୍ଷାର ସମୟ, ଇଏ ଅୟମାରମ୍ଭ ମାତ୍ର, ସେଇଠି ଆମେ ପହଞ୍ଚି ଯାଇଛୁ । ପଥଟି ଏତେ ସୁଗମ ବୋଲି ଭାବିବା ଠିକ୍ ନୁହେଁ; ବିଜୟର କିରୀଟକୁ ଏତେ ଶସ୍ତାରେ ହାସଲ କରି ହୁଏନି । ଭାରତବର୍ଷ ଅବତରଣ କରୁଛି ମୃତ୍ୟୁର ଛାଇ ରୂପୀ ଉପତ୍ୟକା ଭିତରକୁ, କାଳ ତମିସ୍ରା ଓ ଯନ୍ତ୍ରଣାର ଏକ ବିରାଟ ବିଭୀଷିକା ଭିତରକୁ । ଚାଲ ଆମେ ଉପଲବ୍ଧି କରିବା ଯେ ବର୍ତ୍ତମାନ ଆମେମାନେ ଯେଉଁ କ୍ଳେଶ ଭୋଗୁଛୁ ତାହା ସାମାନ୍ୟ ମାତ୍ର, ଆଗକୁ ଭୋଗିବାକୁ ଥିବା ଆହୁରି ଅନେକ ଯନ୍ତ୍ରଣାର ଅପେକ୍ଷା, ଏବଂ ଏହି ଜ୍ଞାନ ନେଇ କାର୍ଯ୍ୟ କରିଯାଅ ଦୃଢ଼ ସଂକଳ୍ପ ସହିତ, କୌଣସି ମାନସିକ ଉନ୍ମାଦନାକୁ ନିଜ ଭିତରେ ପ୍ରଶ୍ରୟ ନଦେଇ । ଗୋଟିଏ ଭୀଷଣ କ୍ରୋଧୋନ୍ମତ୍ତ ଭାବ ସଞ୍ଚରି ଯାଉଛି ସାଧାରଣ ଲୋକମାନଙ୍କ ଭିତରେ ଯିଏକି ଚିତ୍କାର କରି ଉଠୁଛନ୍ତି ପ୍ରତି-ହିଂସାରେ ଉଦ୍‌ବେଳିତ ହୋଇ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଏବଂ ଡାକରା ଦେଉଛନ୍ତି ଆମରିମାନଙ୍କୁ, ମରଣକୁ ଆଲିଙ୍ଗନ କରିବା ପାଇଁ । ଆମେ କହି ରଖୁଛୁ, ଆସ ମୃତ୍ୟୁ ପାଇଁ ପ୍ରସ୍ତୁତ ହୋଇ ରହିବା, ଜୀବନ ପାଇଁ କାର୍ଯ୍ୟ କରିଯିବା, — ସେ ଜୀବନ ଆମ ବିନାଶଶୀଳ ଶରୀରର ନୁହଁ, ତାହା ଯେ ଆମ ଲକ୍ଷ୍ୟର, ଆମରି ମାତୃଭୂମିର ଜୀବନ । ଯାହାକିଛି ଆମେ କରି ବସୁନା କାହିଁକି ଜ୍ଞାନ ଆଉ ଦୂରଦୃଷ୍ଟି ସହକାରେ କରିବାକୁ ପଡ଼ିବ । ଆମର ପ୍ରାରମ୍ଭିକ ଏବଂ ଅନ୍ତିମ ଲକ୍ଷ୍ୟ ରହୁ ଏହି ସାଧନରେ ସାହାଯ୍ୟ କରିବା ପାଇଁ, କିନ୍ତୁ କ୍ରୋଧର ଆବେଶକୁ ଅନ୍ଧ ଭାବରେ ଚରିତାର୍ଥ କରିବା ପାଇଁ ନୁହଁ । ବର୍ତ୍ତମାନର ଏଇ ଘଡ଼ିସନ୍ଧି ମୁହୂର୍ତ୍ତରେ ଖାଲି ଆବଶ୍ୟକ ହେଉଛି ସାହସର, ତାହା ଏପରି ଗୋଟିଏ ସାହସ ଯାହା ଜାଣେନି ଶଙ୍କା ଅବା ପଛଘୁଞ୍ଚା । ଦ୍ୱିତୀୟ ଆବଶ୍ୟକତା ହେଉଛି ଆତ୍ମସ୍ଥ ଭାବ (self-possession) । ଉତ୍‌ପୀଡ଼ନ ଭିତର ଦେଇ ଭଗବାନ୍ ଆମକୁ ସାହାଯ୍ୟ କରି ଚାଲିଛନ୍ତି; ଆନନ୍ଦର ସହିତ ଆମେ ଏହାକୁ ଗ୍ରହଣ କରି ନେବା ଆଉ ସେଇ ସାହାଯ୍ୟର ସଦୁପଯୋଗ କରିବା ପ୍ରଶାନ୍ତ ଚିତ୍ତରେ, ନିର୍ଭୟରେ, ବିଜ୍ଞତା ସହକାରେ । ଏହି ଯେଉଁ ରୀତି ଓ ମନୋଭାବ ନେଇ ଆମେ ଆକ୍ରମଣକୁ ପ୍ରତିରୋଧ ଏବଂ ପ୍ରତିହତ କରିବା, ଯେତେବେଳେ କି ଆମେ ମୁହୂର୍ତ୍ତକ ପାଇଁ ସୁଦ୍ଧା ଶତ୍ରୁ ହାତରେ କ୍ରୀଡ଼ା ପୁତ୍ତଳିକା ହୋଇ ରହିବା ନାହିଁ, ତାହାରି ଉପରେ ନିର୍ଭର କରୁଛି ଆମ ବ୍ରତର ସଫଳ ଉଦ୍‌ଯାପନ ଅବା ବ୍ୟର୍ଥ ପରିଣାମ ।

[ବନ୍ଦେ ମାତରମ୍, ମେ ୧୧, ୧୯୦୭]

## ସରକାରଙ୍କ ପ୍ରଶସ୍ତିରେ

ସମଗ୍ର ଭାରତବର୍ଷକୁ ଚରମପନ୍ଥୀମାନଙ୍କର ଏକ ରାଷ୍ଟ୍ରରେ ପରିଣତ କରିବା ପାଇଁ ବ୍ରିଟିଶ ସରକାରଙ୍କର ପ୍ରଚଣ୍ଡ ଏବଂ ନିଃସ୍ୱାର୍ଥପର ପ୍ରୟାସକୁ ଆମେ ପୂରାପୂରି ତାରିଫ କରିପାରୁନୁ । ଆମେ ଭାବି ନେଇଥିଲୁ ଯେ ସୁଦୀର୍ଘ ତଥା ବିରକ୍ତିଜନକ ସ୍ଥିତି ବର୍ଷ ପରେ ବର୍ଷ ଏମିତି ବିତିଯିବ ଆମର ସକଳ ଦେଶବାସୀଙ୍କୁ ଜାତୀୟତାବାଦୀ ଆଦର୍ଶରେ ଦୀକ୍ଷିତ ହେବା ପାଇଁ । ସେମିତି କିଛି ନୁହେଁ । ଭାରତ ସରକାର ବଦ୍ଧ ପରିକର ଯେ ଆମର ପ୍ରୟାସ କେବେ ବି ବିଫଳ ହେବନି କିଂବା ଆମକୁ ସେମିତି ଦୀର୍ଘ ସମୟ ଲାଗିବନି ଲକ୍ଷ୍ୟ ସିଦ୍ଧି ପାଖରେ ପହଞ୍ଚିବା ପାଇଁ । ଜନସାଧାରଣଙ୍କ ନିକଟକୁ ଯାଇ ଜାତୀୟତାବାଦର ପ୍ରଚାର କରିବାକୁ ଏହା ଆମକୁ ଅସୁବିଧାରେ ପକାଇବାକୁ ଦେବ ନାହିଁ ସତ କିନ୍ତୁ ମହାନୁଭବତାର ଚଞ୍ଚଳପଣରେ ଆଉ ପ୍ରବଳ ଉତ୍ସାହରେ କୃତ ସଂକଳ୍ପ ହୋଇ ନାହିଁ ଜାତୀୟତାବାଦ ପ୍ରଚାରକୁ ଏକଚାଟିଆ କାର୍ଯ୍ୟ ଭାବେ ନିଜ ପାଖରେ ସଂରକ୍ଷିତ କରି ରଖିବା ପାଇଁ । ''ଏଇ କାର୍ଯ୍ୟ ଏକୁଟିଆ ମୁଁ କରିବି,'' ନିଜକୁ ନିଜେ ପ୍ରକାଶ୍ୟରେ ସେମାନେ କହି ସାରିଛନ୍ତି, ଠିକ୍ ଏମିତି ଷୋଡ଼ଶ ଲୁଇ (Louis XVI) ତାଙ୍କ ଜନସାଧାରଣଙ୍କୁ କହିଥିଲେ ଯେତେବେଳେ ସେ ପ୍ରତିନିଧି ମଣ୍ଡଳ (ସମ୍ଭ୍ରାନ୍ତ ଧର୍ମଯାଜକ ଏବଂ ନାଗରିକମାନଙ୍କୁ ନେଇ ଗଢ଼ା ଯାଇଥିବା States General) ପାଖରୁ ସଂସ୍କାର କାର୍ଯ୍ୟକୁ କାଢ଼ି ନେଇ ନିଜ ହାତକୁ ନେବାକୁ ଦୃଢ଼ ନିଷ୍ପତ୍ତି ନେଇଥିଲେ । ଭାରତ ସରକାର ମଧ୍ୟ ପଣ କରିଛନ୍ତି ଜାତୀୟତା-ବାଦକୁ ସଂକ୍ରମିତ କରିବାର କାର୍ଯ୍ୟ ନିଜ ହାତକୁ ନେବା ପାଇଁ । ଆଉ ଏଣିକି ଜଣେ ବିପିନ୍ ଚନ୍ଦ୍ର ପାଲ୍‌ଙ୍କର ପ୍ରେରଣାଦାୟକ

ଓଜସ୍ୱିନୀ ବକ୍ତୃତାର କିଂବା ଅକାଟ୍ୟ ତର୍କର, ଜଣେ ତିଳକର ମନୋହର ତଥା ତେଜୋଦୀପ୍ତ ଓ ସୁବିମଳ କଥନଶୈଳୀ ଆଉ ସୁଦକ୍ଷ ସଙ୍ଗଠନର, ଜଣେ ଲଜପତ୍ ରାୟଙ୍କର ମନମତାଣିଆ ମୋହିନୀ ଶକ୍ତିର, ଆତ୍ମବଳିର, ନୈତିକ ଶକ୍ତିର, ଆଉ ଅବିଚଳ ସ୍ଥିର କାର୍ଯ୍ୟଧାରାର ଆବଶ୍ୟକତା ପଡ଼ିବ ନାହିଁ । ସରକାର ସେଗୁଡ଼ିକ ହେୟମଣି ଆଡ଼େଇ ଦେବେ ଏବଂ ନିଜେ ଆସି ସେମାନଙ୍କ ସ୍ଥାନ ପୂରଣ କରି ଦେବେ । ଆମେ ମଧ୍ୟ ଅସ୍ୱୀକାର କରିପାରିବାନି ଯେ ସରକାର ଗ୍ରହଣ କରିଥିବା ପନ୍ଥାଗୁଡ଼ିକ ଆମ ଦୁର୍ବଳ ପ୍ରଚେଷ୍ଟାକୁ ଅତିକ୍ରମ କରି ବହୁ ଦୂର ଚାଲିଯାଇଛି । ଆମ ପନ୍ଥାଗୁଡ଼ିକ ବହୁତ ଦୀର୍ଘ, ଶବ୍ଦବହୁଳ, ବିରକ୍ତିକର ଆଉ ସବୁକିଛି କୁହାସରିଛି, ସବୁ କାର୍ଯ୍ୟ ସମ୍ପନ୍ନ ହୋଇଛି, ତଥାପି ସଫଳତା ମାତ୍ର ଅଧାଅଧି ମିଳିଛି; କିନ୍ତୁ ସରକାରଙ୍କର ପନ୍ଥାଗୁଡ଼ିକ ହେଉଛି ଅତି ଉତ୍କୃଷ୍ଟ ଧରଣର, ସଂକ୍ଷିପ୍ତ, ସାରଗର୍ଭକ, ଚୂଡ଼ାନ୍ତ ଆଉ ସେଥିରେ ରହିଛି ବିଜୟ ଉଲ୍ଲାସଭରା ସାର୍ଥକତା । ମଇମନ୍‌ସିଂ ସ୍ଥିତ ମୁସଲମାନଙ୍କୁ କ୍ରମାଗତଭାବେ ସପ୍ତାହ ସପ୍ତାହ ଧରି ଅବାଧରେ ଛାଡ଼ି ଦେବାର ନୀତି ହେଲା କେବଳ ହିନ୍ଦୁ ଜନତା ଉପରେ ଲୁଣ୍ଠନ ଓ ଦସ୍ୟୁବୃତ୍ତିର ସନ୍ତ୍ରାସକୁ ପାରୁପର୍ଯ୍ୟନ୍ତ ପ୍ରୟୋଗ କରିବାକୁ, ସତର୍କତା ସହକାରେ ସେମାନଙ୍କୁ ନିରସ୍ତ୍ର କରି ଦିଆଯାଇଛି । ସରକାରୀ କର୍ମଚାରୀଙ୍କ କ୍ରୂର ଆଚରଣରେ ସେମାନଙ୍କୁ ଭୟଭୀତ କରାଯାଇଛି, ସେମାନେ ଦେଶକୁ ହୃଦ୍‌ବୋଧ ଆଣି ଦେଇଛନ୍ତି ଯେ ବ୍ରିଟେନ୍‌ର ଶାନ୍ତି ନୀତି (Pax Britannica) ହେଉଛି ଏକ ଭ୍ରମ ଆଉ ସେଭଳି କୌଣସି ଶାନ୍ତି ନିରର୍ଥକ ହୋଇପଡ଼େ ଯାହା ଆମ ନିଜର ପରାକ୍ରମ ଓ ପୌରୁଷ ଦ୍ୱାରା ସୁରକ୍ଷିତ ହୋଇ ରହିବାର ବସ୍ତୁ ନୁହେଁ । ଲାଲା ଲଜପତ୍ ରାୟଙ୍କ ଦେଶାନ୍ତର ଫଳରେ ସେମାନେ ବ୍ରିଟିଶ ନ୍ୟାୟ ବିଚାର ପ୍ରତି ରହି ଆସିଥିବା ବିଶ୍ୱାସକୁ ଧ୍ୱଂସ କରି ଦେଇଛନ୍ତି । ସଭାସମିତିଗୁଡ଼ିକ ନିଷେଧ କରି ଦେବାକୁ ପ୍ରସ୍ତାବ ଗ୍ରହଣ କରି ସେମାନେ ଜଣ ଜଣ କରି ପ୍ରତ୍ୟେକଙ୍କ ମନ ଭିତରେ ଏଇ ଧାରଣା ଆଣି ଦେଇଛନ୍ତି ଯେ ବାକ୍-ସ୍ୱାଧୀନତାର ଅଧିକାର ଆମର ରହିଛି ନ୍ୟାଯ୍ୟ ଦାବୀ ହିସାବରେ ନୁହଁ, କିନ୍ତୁ ଏକ ସାମୟିକ, ସର୍ତ୍ତମୂଳକ ଅନୁଗ୍ରହ ରୂପରେ, ଯାହାର କ୍ରମାଗତ ସ୍ଥାୟିତ୍ୱ ନିର୍ଭର କରେ ଅତ୍ୟାଚାରର ଖିଆଲ ଉପରେ । ଆମେ ଦୃଢ଼ ପ୍ରତ୍ୟୟର ସହିତ ପ୍ରତୀକ୍ଷା କରି ରହିଛୁ ଏହି ପ୍ରଶଂସନୀୟ ଜାତୀୟବାଦୀ ପ୍ରଚାରର ସଦ୍ୟ ପୁଷ୍ପାୟନଗୁଡ଼ିକୁ ।

[ବନ୍ଦେ ମାତରମ୍, ମେ ୧୩,୧୯୦୭]

(କ୍ରମଶଃ)

ଅନୁବାଦ : ଶ୍ରୀ ଉମେଶ ପ୍ରସାଦ ପଟ୍ଟନାୟକ ❖

ମୁକ୍ତ ହେବାକୁ ହେଲେ ତୁମକୁ ବନ୍ଦିଗୃହ ଭିତରୁ ବାହାରି ଆସିବାକୁ ହେବ । ଏକ ପୃଥକ୍ ବ୍ୟକ୍ତିତ୍ୱର ଭାବ ଥିବା ଅହଂହିଁ ହେଉଛି ସେହି ବନ୍ଦିଗୃହ । ମୁକ୍ତ ହେବାକୁ ହେଲେ ସଚେତ ଭାବରେ, ସମଗ୍ର ଓ ସଂପୂର୍ଣ୍ଣ ଭାବରେ ତୁମକୁ ପରମଙ୍କ ସହ ଯୁକ୍ତ ଓ ମିଳିତ ହେବାକୁ ହେବ ଏବଂ ଏହି ଏକାତ୍ମତା ଅହଂର ସୀମାଗୁଡ଼ିକୁ ଭାଙ୍ଗିଦିଏ ଏବଂ ନିଜକୁ ବିଶ୍ୱାସ, ବିଶ୍ୱଜନୀନ କରିଦେବା ପରେ ଅହଂର ସମଗ୍ର ଅସ୍ତିତ୍ୱଟିହିଁ ନିଶ୍ଚିହ୍ନ ହୋଇଯାଏ । ଯଦିଓ ଚେତନାର ବ୍ୟକ୍ତିଗଠନ ସେହିପରି ସୁରକ୍ଷିତ ହୋଇ ରହିଥାଏ ।

— ଶ୍ରୀମା

# ବ୍ରହ୍ମଜାୟା

## (ଋଗ୍ ବେଦ : ୧୦ମ ମଣ୍ଡଳ/୧୦୯ ସୂକ୍ତ)

## ଶ୍ରୀ ନଳିନୀକାନ୍ତ ଗୁପ୍ତ

ଆଜି ତୁମ୍ଭମାନଙ୍କୁ ମୁଁ ଗୋଟିଏ ଗଳ୍ପ କହିବି — ଯେପରି ବଡ଼ମାନଙ୍କ ପାଇଁ ସେପରି କିଶୋରମାନଙ୍କ ପାଇଁ ମଧ୍ୟ, ସମସ୍ତଙ୍କ ନିମନ୍ତେ ଏଇ କାହାଣୀ, ଗୋଟିଏ ଅତି ପ୍ରାଚୀନ ତଥା ପୁରାତନ କାହାଣୀ । ଏଇଟି ବେଦରୁ ଆସିଛି ।

ଏକଦା ଏକ କାଳରେ — ଅବଶ୍ୟହିଁ ମୋର କହିବା କଥା ଯେ ସେତେବେଳେ ନା କାଳ ଥିଲା, ନା ଦେଶ ଥିଲା, ଦେଶ-କାଳର ଅସ୍ତିତ୍ୱର ପୂର୍ବେ, କେବଳ ମାତ୍ର ଏକ ଅଦମ୍ୟ ସତ୍ତା — ନାମାତୀତ, ନାମ ଯା'ର ବ୍ରହ୍ମ, ଆମ ଭଳି ମାନୁଷୀ ଜୀବନ ପାଖରେ ସେ ପରମପୁରୁଷ, ଭଗବାନ୍, ପରମପ୍ରଭୁ ଅଥବା ତାଙ୍କ ନାମ ତୁମର ଯେପରି ଖୁସି ସେପରି ରଖିପାର । ସେ ପୁଣି ସୂର୍ଯ୍ୟଦେବ ଜ୍ୟୋତିର୍ମୟ ସତ୍ତା । ସେଇ ଜ୍ୟୋତିର୍ମୟ ବ୍ରହ୍ମସତ୍ତା ନିଜ ଆଡ଼କୁ ଦୃଷ୍ଟିପାତ କଲେ, ଦେଖିଲେ ତାଙ୍କର ଯେଉଁ ଜ୍ୟୋତିରୁଦ୍ଭାସ, ତାଙ୍କର ଯେଉଁ ଔଜ୍ଜ୍ୱଲ୍ୟ ତାହା କ୍ରମେହିଁ ସ୍ତିମିତ ହୋଇଯାଉଛି, ଏକପ୍ରକାର ଅନ୍ଧକାର ତାଙ୍କୁ କ୍ରମଶଃ ଘେରି ଘେରି ଯାଉଛି । ସେ ବିଭ୍ରାନ୍ତ ହତବୁଦ୍ଧିପ୍ରାୟ ହୋଇପଡ଼ି ଭାବିବାକୁ ଲାଗିଲେ : ଏ କ'ଣ ହେଲା ? ସେତେବେଳେ ତାଙ୍କର ମନେ ପଡ଼ିଲା ସଙ୍ଗୀ ଅନୁଗତ ଦେବକୁଳଙ୍କ କଥା । ସେମାନେ ତତ୍‌କ୍ଷଣାତ୍ ଆସି ଉପସ୍ଥିତ ହେଲେ — ସେମାନଙ୍କ ପୁରୋଭାଗରେ ବରୁଣଦେବ, ସେ ହେଉଛନ୍ତି ସେଇ, ଯାହାଙ୍କର ରହିଛି ବିରାଟ ଚେତନା ଓ ଦୃଷ୍ଟି । ବରୁଣଦେବ ଦୂରଦର୍ଶୀ-ସୁଦୂରତମ ଦୂରତ୍ୱରେ ବି ନିରୀକ୍ଷଣରେ ସମର୍ଥ, ଦେଖିପାରନ୍ତି ଅଦୃଷ୍ଟ ଭବିଷ୍ୟତକୁ । ସେ ଆବିଷ୍କାର କଲେ ବ୍ୟାପାରଟିର ରହସ୍ୟ କ'ଣ; ଆଉ କହିଲେ, ''ଭଗବାନ୍ ଆପଣଙ୍କର ଶକ୍ତିହିଁ ଆପଣଙ୍କୁ ଛାଡ଼ି ଚାଲିଯାଇଛନ୍ତି ।'' ବ୍ରହ୍ମ ଓ ବ୍ରହ୍ମଜାୟା ଥିଲେ ଏକ ଓ ଅଭିନ୍ନ — ସର୍ବକାଳରେ ସମ୍ମିଳିତ ସତ୍ତାରେ ପରସ୍ପର ଭିତରେ ଲୀନ । ବରୁଣଦେବଙ୍କ ବକ୍ତବ୍ୟ ହେଉଛି : ବ୍ରହ୍ମଜାୟା ବ୍ରହ୍ମଙ୍କୁ ଅନ୍ଧକାର ମଧ୍ୟରେ ଛାଡ଼ି ଚାଲିଯାଇଛନ୍ତି । ତା'ହେଲେ ଏବେ ଆମର କର୍ତ୍ତବ୍ୟ ହେଉଛି ବ୍ରହ୍ମଜାୟା କେଉଁଠି ଲୁଚିଛନ୍ତି, ଆମକୁ ଅନୁସନ୍ଧାନ କରିବାକୁ ପଡ଼ିବ । ଯେମିତି ପ୍ରାୟଶଃ ଘଟିଥାଏ ସେ ତାଙ୍କର ତୀକ୍ଷ୍ଣ ସର୍ବଭେଦୀ ଦୃଷ୍ଟି ଦେଇ ଅବଲୋକନ କଲେ ଯେ ବ୍ରହ୍ମଶକ୍ତି, ଭାଗବତୀ ଶକ୍ତି ଚାଲିଯାଇଛନ୍ତି ଦୂରକୁ ତଥା ବହୁଦୂରକୁ ପୃଥିବୀର ଅନ୍ତରରେ ଅନେକ ଗଭୀରରେ ଏବଂ ସେଠାରେ ସେ ନିଜକୁ ଚୂର୍ଣ୍ଣବିଚୂର୍ଣ୍ଣ କରି ଜଡ଼ ପଦାର୍ଥରେ ପରିଣତ ହୋଇଛନ୍ତି । ସେ ହୋଇ ଉଠିଛନ୍ତି ଜଡ଼ବସ୍ତୁ — ଜଡ଼ ଭଳି ଅଚେତନ ଓ ଅନ୍ଧକାର । ଦେବତାମାନେ ଦେଖିଲେ ଯେ ସାଧାରଣ ଜୀବ, ବସ୍ତୁ ଓ ପଦାର୍ଥ ସଙ୍ଗେ ସେ ଏକ ହୋଇ ଯାଇଛନ୍ତି । ସେତେବେଳେ ଦେବତାମାନେ ଆପଣା ମଧ୍ୟରେ ପରାମର୍ଶ ଏବଂ ସ୍ଥିର କଲେ : ''ଆମେ ସବୁ ତାଙ୍କୁ ଜାଗ୍ରତ୍ କରିବୁ ଓ ତାଙ୍କର ନିଜସ୍ୱ ସ୍ୱରୂପ ବିଷୟରେ ସଚେତନ କରିତୋଳିବୁ । ତାଙ୍କୁ ନେଇଯିବୁ ତାଙ୍କର ପ୍ରଭୁ ବ୍ରହ୍ମଙ୍କ ସମୀପକୁ । ତେବେ ଯାଇଁ ବ୍ରହ୍ମ ପାଇବେ ନିଜସ୍ୱ ସତ୍ତା ଆଉ ସେ ତାଙ୍କୁ ପୁନର୍ଗ୍ରହଣ କରିବେ ଓ ଲାଭ କରିବେ ନିଜସ୍ୱ ଏକାତ୍ମତା ।'' କଥାନୁଯାୟୀ ଯେଉଁ ଦେବତାଗଣ ପ୍ରୟାସ କରିଥିଲେ, ସେମାନଙ୍କ ମଧ୍ୟରେ ପ୍ରଥମ ଥିଲେ ସୋମଦେବ । ସୋମଦେବ ଅର୍ଥ ଆନନ୍ଦ ବା ଚନ୍ଦ୍ର, ସେ ବ୍ରହ୍ମଜାୟାଙ୍କ ସମୀପସ୍ଥ ହେଲେ । ଦେବଗଣ ମନେ କରୁଥିଲେ ସୋମ-ଆନନ୍ଦହିଁ ପରମଦେବ ଏବଂ ସେମାନେ ସମସ୍ତେ ନିଜ ନିଜ ଶକ୍ତି ତାଙ୍କ ମଧ୍ୟରେ ଠୁଳ କଲେ, ସୁତରାଂ ସେମାନଙ୍କର ଏକତ୍ରିତ ଶକ୍ତି ବ୍ରହ୍ମଜାୟାଙ୍କୁ ଫେରାଇ ଆଣିବାରେ ସମର୍ଥ ହେବ ଏବଂ ସୋମଦେବଙ୍କର ଉଚିତ ପରାମର୍ଶରେ ଓ ପଥପ୍ରଦର୍ଶନରେ ସେମାନେ ବ୍ରହ୍ମଜାୟାଙ୍କ ନିକଟକୁ ଅଗ୍ରସର ହେଲେ । ଅତଏବ ତାଙ୍କ ନିକଟରେ ପହଞ୍ଚି, ତାଙ୍କୁ ସବୁକଥା ବୁଝାଇ କହିଲେ, ନାନାଭାବରେ ଅନୁଯୋଗ, ଅନୁରୋଧ କରି ସମ୍ମତ କରାଇଲେ ସେମାନଙ୍କୁ ଅନୁସରଣ କରି ବ୍ରହ୍ମଙ୍କ ନିକଟକୁ ପ୍ରତ୍ୟାବର୍ତ୍ତନ କରିବାକୁ, ତାଙ୍କର ଆଦି ସ୍ୱଧାମକୁ ଫେରିବାକୁ । ଶେଷରେ ତାହାହିଁ ହେଲା, ଶକ୍ତି ଫେରିଲେ ପରମବ୍ରହ୍ମଙ୍କ ସମୀପକୁ । ଏ ପ୍ରସଙ୍ଗରେ ଆମେ ପାର୍ବତୀଙ୍କର ପାର୍ଥିବ ମାତୃଗୃହ ବାସରୁ ବାହାରି ତାଙ୍କର କୈଳାସପତି ଶିବଙ୍କ ସହ ମିଳିତ ହେବାର ଉପାଖ୍ୟାନଟି ସ୍ମରଣ କରିପାରୁ ।

ଆହୁରି ଗୋଟିଏ କାହାଣୀ ରହିଛି ବେଦରେ ଏହାର

ଅନୁରୂପ ସମାନ୍ତରାଳ : ଅଗ୍ନିଦେବତା ଯିଏ ସର୍ବାଦୌ ପ୍ରୟୋଜନୀୟ ବୈଦିକ ଯଜ୍ଞ ବ୍ୟବସ୍ଥାରେ, ତାଙ୍କୁ ଛାଡ଼ି ଯଜ୍ଞର କଳ୍ପନା ବି କରି ହେବ ନାହିଁ, କାରଣ ସେହିଁ ପୁରୋହିତ, ସେହିଁ ଯଜ୍ଞର ପ୍ରଧାନ ହବ୍ୟବାହକ । ଏ ସବୁ ସତ୍ତ୍ୱେ ଦେଖାଗଲା ଯେ ସେ ନାହାନ୍ତି । ସବୁକିଛି ପ୍ରସ୍ତୁତ, ଯଜ୍ଞ ଆରମ୍ଭ ହେବା ଉପରେ, ଅକସ୍ମାତ୍ ସେ ଅନ୍ତର୍ଦ୍ଧାନ । ମୁଁ ତୁମମାନଙ୍କୁ କହିରଖୁଛି, ଏହି ଆରମ୍ଭ ବହ୍ନି ପ୍ରଜ୍ୱଳିତ କରିବା ହେଉଛି ଆସ୍ପୃହାକାମୀ ଚେତନାର ସଂକଳ୍ପ ଶକ୍ତିର ଉଦ୍‌ବୋଧନର ପ୍ରତୀକ, ସେଇ ଅଗ୍ନିଦେବ ହେଉଛନ୍ତି ଯଜ୍ଞର ଅଗ୍ରଗତିର ପୁରୋଧା ଅଥଚ ସହସା ତାଙ୍କୁ ଆସନୋପରେ ଦେଖାଗଲା ନାହିଁ । ଦେବଗଣ ଚରାଚର ଜଗତ୍ ଖୋଜି ବୁଲିଲେ, ଅଥଚ ପଳାତକଙ୍କୁ ପାଇଲେ ନାହିଁ – ଉପରତଳ ଅନ୍ଧିସନ୍ଧି ଖୋଜି ଖୋଜି ଲକ୍ଷ୍ୟ କଲେ ସମୁଦ୍ର ଗଭୀରରେ – ଏକେବାରେ ତଳ ଦେଶରେ ଜାକିଜୁକି ହୋଇ ଲୁଚିଛନ୍ତି ସିଏ । ତାଙ୍କରହିଁ ତ ମୁଖ୍ୟ ଭୂମିକା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଯଜ୍ଞ ସମ୍ପାଦନ କରିବାର, ଗୁରୁତ୍ୱପୂର୍ଣ୍ଣ ସମୟରେ ସେ ନିଜକୁ ପଳାତକ କରିନେଇଛନ୍ତି । ଯା' ହେଉ ଅନ୍ୟ ସମସ୍ତ ଦେବତା ଯାଇ ତାଙ୍କ ପାଖରେ ପହଞ୍ଚିଲେ, ଜିଜ୍ଞାସିଲେ, କି ନିମନ୍ତେ ଏଠି ଲୁଚିଛ, ସବୁକାମ ସେଠି ତୁମକୁ ଅପେକ୍ଷା କରିଛି । ଅଗ୍ନି ଉତ୍ତର ଦେଲେ, ''ମୁଁ ଯିବି ନାହିଁ, ତୁମେସବୁ ଯେତେ ଯାହା କୁହ, ଯେତେ ଖୋସାମତ କର ପଛକେ – ମୁଁ ଏଠାରୁ ବାହାରୁ ନାହିଁ ।'' ଦେବତା ପଚାରିଲେ, ''କାହିଁକି, କ'ଣ ହେଲା ?'' ନା, ନା ଯେଉଁ କାମ ମୋତେ କରିବାକୁ ହେବ, ତାହା ଅତି କଠିନ । ମୋ ଆଗରୁ ଯେଉଁ ଅଗ୍ନିମାନେ ଏ ପ୍ରୟାସ କରିଛନ୍ତି, ସେମାନଙ୍କ ମଧ୍ୟରୁ ଜଣେ କେହି ସଫଳ ହୋଇ ନାହିଁ, ଏ ଦାୟିତ୍ୱ ମହାନ୍ ଓ ଅତ୍ୟନ୍ତ ଦୁରୂହ, କେହି ଜଣେ ବି ଅଗ୍ନି ଏଥିରେ ସମ୍ପୂର୍ଣ୍ଣ ସଫଳକାମ ହୋଇ ନାହାନ୍ତି, ସେଥିପାଇଁ ପୁଣି ଥରେ ସେଇ ବ୍ୟର୍ଥ ଚେଷ୍ଟା କରିବି ନାହିଁ ଜାଣିଶୁଣି । ଏଇ ଜଳରାଶିର ତଳେ ମୁଁ ସ୍ୱସ୍ତି-ବୋଧ କରୁଛି ।'' ଦେବତାଗଣ ଅନୁନୟ ବିନୟ କଲେ, ଅଗ୍ନିଙ୍କର ଭୂମିକା ଓ କର୍ତ୍ତବ୍ୟ ସମ୍ପର୍କରେ ଯେତେ ଚେତେଇ ଦେଲେ ଅଗ୍ନି ମଧ୍ୟ ଜିଦ୍ କରିଚାଲିଲେ ଠିକ୍ ସେଇଭଳି । ଶେଷପର୍ଯ୍ୟନ୍ତ ଦେବତାଙ୍କ ଅନୁଯୋଗ ତାଙ୍କୁ ଦ୍ରବୀଭୂତ କଲା । ସେ ରାଜିହେଲେ ଯଜ୍ଞଭୂମିକୁ ଫେରି ଆସିବାକୁ । ଦେବଗଣ ପ୍ରତିଶ୍ରୁତି ଦେଲେ, ''ହେ ଜାତବେଦ, ଏହା ତୁମରି ନିମନ୍ତେ ଅପେକ୍ଷା କରିଛି, ଏହାର ସମ୍ପୂର୍ଣ୍ଣ ଫଳାଫଳ ତୁମେହିଁ ଭୋଗ କରିବ''; ଏଇ ଆଶ୍ୱାସନା ଆମେ ସମସ୍ତେ ତୁମକୁ ଦେଉଛୁ । ବିଦ୍ରୋହୀ ଦେବତା ଶାନ୍ତ ଓ ଆଶ୍ୱସ୍ତ ହୋଇ ସେମାନଙ୍କ ସହ ସ୍ୱସ୍ଥାନକୁ ଯାତ୍ରା କଲେ ।

ଯଜ୍ଞ ଅର୍ଥ – ଟିକିଏ ଆଗରୁ କହିଛି – ଚେତନାର ଊର୍ଦ୍ଧ୍ୱାୟନ ଅର୍ଥାତ୍ ଯେତେବେଳେ ଆମେ ଜଡ଼ସ୍ତରରୁ ଉଠି ଆଲୋକର ଊର୍ଦ୍ଧ୍ୱତର ସ୍ତରକୁ ଉଠିଚାଲୁ, ପୁଣି ଇନ୍ଦ୍ରିୟର ଅନ୍ଧକାର ପାର ହୋଇ ଅତୀନ୍ଦ୍ରିୟ ଆଡ଼କୁ ଯାତ୍ରା କରୁ – ତାହାକୁହିଁ କହନ୍ତି ଊର୍ଦ୍ଧ୍ୱଗତି ଊର୍ଦ୍ଧ୍ୱାୟନ – ତାହାହିଁ ଆଧ୍ୟାତ୍ମିକ ଅର୍ଥରେ ଯଜ୍ଞ । କାହିଁକି ନା, ଏଠାରେ ତୁମେ ଇନ୍ଦ୍ରିୟର ନିମ୍ନତର ଅନ୍ଧକାରଲୋକ ପାର ହୋଇ ଆସିଛ ଓ ଊର୍ଦ୍ଧ୍ୱଦିଗରେ ଯାତ୍ରା କରୁଛ, ଏହାକୁ ଯଜ୍ଞ କୁହାଯାଏ । କାରଣ, ତୁମେ ନିମ୍ନତର ସ୍ତରକୁ ତ୍ୟାଗ କରି ପ୍ରକୃତିର ନାନା ସ୍ତରସବୁର ମାୟାକୁ ଛାଡ଼ି ଉଚ୍ଚତର, ଉଚ୍ଚତମ ସତ୍ୟମାନ ଲାଭକର । ଅଗ୍ନି ହେଉଛନ୍ତି ତୁମର ଅନ୍ତରାଗ୍ନି ଅର୍ଥାତ୍ ତୁମର ହୃଦୟର ତପଃଶକ୍ତି, ସାଧାରଣ ମର୍ତ୍ତ୍ୟଜୀବଠାରୁ ଅନେକ ବେଶୀ କିଛି ହୋଇ ଉଠିବାର ଯେଉଁ ଆସ୍ପୃହା, ଏହା ତାହାରହିଁ ବଳ । ସୁତରାଂ ଯଥାର୍ଥରେ ଏଇ ଯେଉଁ ତପସ୍ୟା, ଉଚ୍ଚତର ଲୋକକୁ ଉଠିବାର ସଶ୍ରମ ପ୍ରୟାସ ମାଧ୍ୟାକର୍ଷଣ ଶକ୍ତିର ଆକର୍ଷଣର ବିରୋଧରେ – ବାସ୍ତବିକହିଁ ଏହା ଏକ ମହାବିପତ୍ତିର ଜିନିଷ, ଅଗ୍ନି ଏସବୁ ଝାମେଲାର ଦାୟିତ୍ୱ ନେବାକୁ ଚାହୁଁ ନ ଥିଲେ, ରାଜି ହେଉ ନ ଥିଲେ । କାରଣ ସାଧାରଣ ମଣିଷ, ଅତି ସାଧାରଣ ମଣିଷ ବି ଏହା ଅସ୍ୱୀକାର କରେ । ଶେଷରେ ଦେବତାମାନଙ୍କର ଅନୁନୟର ସମାପ୍ତି ଘଟିଲା 'ମଧୁରେଣ'– ଶେଷରେ ଅଗ୍ନିଦେବ ଫେରିଯିବାକୁ ସମ୍ମତ ହେଲେ ।

ଏଠାରେ ଆମେ ଲକ୍ଷ୍ୟ କରୁ ଅଗ୍ନି ଜଳରାଶିର ଭିତରେ ଏକାନ୍ତ ତଳେ ଲୁଚିଥିଲେ । ଜଳ ଅର୍ଥ କ'ଣ ? ଜଳ ହେଉଛି ଜୀବନରସ, ପ୍ରାଣଶକ୍ତିର ପ୍ରତୀକ – ପ୍ରାଣଧାରାର ରୂପ, ଏହା ହେଉଛି ଗୋଟିଏ ଚିତ୍-ଶକ୍ତିର ପ୍ରତୀକ ଅଗ୍ନି – ନିଜେ ଅଗ୍ନିହିଁ ସ୍ୱରୂପତଃ ଯାହା କେବଳ ଆଚ୍ଛାଦିତ ଭୂଷିତ ଏକ ଜଡ଼ ଆବରଣରେ – ଯେପରି ସେ ଗୋପନରେ ଆଶ୍ରୟ ନେଇଛନ୍ତି । ସେଇ ଜାଗାରୁ ତାଙ୍କୁ ମୁକ୍ତ କରି ଊର୍ଦ୍ଧ୍ୱ ଦିଗରେ ଚାଳିତ କରାଗଲା ଅନ୍ୟ ଦେବତାମାନଙ୍କ ସହାୟତାରେ ।

ବର୍ତ୍ତମାନ ଆମେ ଆମର କାହାଣୀକୁ ଫେରିଆସିବା । ବ୍ରହ୍ମଜାୟାଙ୍କୁ ଅର୍ଥାତ୍ ବ୍ରହ୍ମଙ୍କର ବଧୂଙ୍କୁ ସଙ୍ଗରେ ଧରି ଫେରି ଚାଲିଲେ ଦେବଗଣ ବ୍ରହ୍ମଧାମରେ ପହଞ୍ଚିବା ପାଇଁ । ତେବେ ଏ କାହାଣୀର ଆଗରୁ ଗୋଟିଏ ଆଦିପର୍ବ ରହିଛି, ଗୋଟିଏ ସୂଚନା, ଗୋଟିଏ ପ୍ରସ୍ତାବନା ବି ରହିଛି । ଭଗବତୀ ଜାୟା ତାଙ୍କ ସ୍ୱାମୀଙ୍କୁ

ସର୍ବାଦୌ ଛାଡ଼ିଗଲେ କାହିଁକି ? କ'ଣ ଏମିତି ଘଟିଲା ଯାହାଫଳରେ ତାଙ୍କୁ ପଳାଇଯିବାକୁ ହେଲା – ଯାହାଙ୍କ ସହିତ ଏତେ ଅତୁଟ ଅଖଣ୍ଡ ମିଳନରେ ଯୁକ୍ତ ଥିଲେ ସିଏ ? ଏହାର ଉତ୍ତରରେ ଉପନିଷଦ୍ କହେ ବ୍ରହ୍ମ ଥିଲେ ଅନନ୍ୟ ଏକାକୀ ବହୁକାଳ ଧରି, ଏକ ଅସ୍ତିତ୍ୱ, ଏକ ସତ୍ୟ ରୂପେ ସମ୍ପୂର୍ଣ୍ଣ ଏକ ଥିଲେ । ଉପନିଷଦ୍ ଆହୁରି ବି କହୁଛନ୍ତି ସେଇ ବ୍ରହ୍ମ ଶାଶ୍ୱତକାଳ ଧରି ଅନନ୍ୟ ଅବିଭାଜ୍ୟ, ଅବିଭକ୍ତ ଥିଲେ । ସେ ଥିଲେ କେବଳ ଅସ୍ତିତ୍ୱ-ମାତ୍ର । ଅକସ୍ମାତ୍ ସେ ମନେକଲେ, ''ଏକା ଏକା କିପରି ଆନନ୍ଦ ଉପଭୋଗ କରାଯାଇପାରେ ? ଶୂନ୍ୟରୁ ବାଣୀ ଉତ୍ଥିତ ହେଲା : ''ଏକାକୀ ନ ରମତେ'' । ଯେତେବେଳ ଯାଏଁ ତୁମେ ଏକା, ଉପଭୋଗରେ ତୁମର ଅଧିକାର ନାହିଁ, ସୁଖୀ ହେବାର ସୁଯୋଗ ତୁମ ପାଇଁ ନାହିଁ; ତୁମକୁ ଦୁଇ ହେବାକୁହିଁ ପଡ଼ିବ ।'' ସୁତରାଂ, ବ୍ରହ୍ମ ହେଲେ ଦୁଇ ଭାଗରେ ବିଭକ୍ତ, ସିଏ ହେଲେ ପୁରୁଷ, ଅନ୍ୟଟି ହେଲେ ପ୍ରକୃତି, ଏକ ଅଂଶ ଚିତ୍, ଅନ୍ୟ ଅଂଶ କ୍ରିୟାତ୍ମିକା ଶକ୍ତି, ବଳ । ବ୍ରହ୍ମ ସ୍ୱୟଂହିଁ ଶକ୍ତିଙ୍କ ନିକଟରୁ ଅଲଗା ହୋଇଗଲେ ଏବଂ ଶକ୍ତି ମଧ୍ୟ ସ୍ୱେଚ୍ଛାରେ ବ୍ରହ୍ମଙ୍କଠାରୁ ପୃଥକ୍ ହୋଇଗଲେ । ଏତେ ଦିନଯାଏ ଏଇ ଦୁଇ ଅଂଶ ମିଳିତ, ଏକତ୍ର ସଂଯୁକ୍ତ ଏକହିଁ ସତ୍ତା ଥିଲେ – ଅବିଭାଜ୍ୟ । କିନ୍ତୁ ଯେତେବେଳେ ମନେକଲେ ସେମାନଙ୍କୁ ଦୁଇ ହେବାକୁ ପଡ଼ିବ, ସେଇକ୍ଷଣିହିଁ ସେମାନେ ଦୁଇ ପୃଥକ୍ ବିଭକ୍ତ ସତ୍ତା ହେଲେ । ଆଗେ ବ୍ରହ୍ମ ନିଜକୁ ଅଲଗା କରିନେଲେ ତାଙ୍କ ଶକ୍ତିଙ୍କ ପାଖରୁ ଆଉ ଶକ୍ତି ମଧ୍ୟ ନିଜକୁ ବ୍ରହ୍ମଙ୍କଠାରୁ ଅଲଗା ହୋଇଗଲେ ଯେପରି ସାମନା-ସାମନି ଠିଆ ହୋଇଛନ୍ତି ପରସ୍ପର ଆଡ଼କୁ ମୁହଁ କରି । ଅବଶ୍ୟ ତୁମ୍ଭମାନଙ୍କର ମନେଥିବ, ବଡ଼ମାନଙ୍କର ବି ତ ମନେଥିବ ଆମ ଥିଏଟରରେ ଗୋଟିଏ ନାଟକ ଅଭିନୀତ ହୋଇଥିଲା : 'He and She' – ସ୍ୱୟଂ ମା ନିଜେ ସେଇଟିକୁ ପରିଚାଳନା କରିଥିଲେ । ସେଥିରେ ଅଭିନୀତ ହୋଇଥିଲା – ପରମପୁରୁଷ ଓ ପରମାପ୍ରକୃତିଙ୍କ ଲୀଳା – ପ୍ରଥମେ କେମିତି ଏକ ଥିଲେ, ପରେ କେମିତି ଅଲଗା ଅଲଗା ହେଲେ ଯାହାଫଳରେ ଜଣେ ଅନ୍ୟ ଜଣକୁ ସ୍ପଷ୍ଟ କରି ଦେଖିପାରିବ, କ୍ରମଶଃ ସେମାନେ ପରସ୍ପରଠାରୁ ଦୂରକୁ ଚାଲିଗଲେ । ଧୀରେ ଧୀରେ ଏ ଦୂରତ୍ୱ ବଢ଼ିଚାଲିଲା; ଏ ଦୂରତ୍ୱ ଏତେ ବଢ଼ିଚାଲିଲା ଯେ ଦୁହେଁ ଦୁଇ ପ୍ରାନ୍ତକୁ ଚାଲିଗଲେ । ଶକ୍ତି ତାଙ୍କର ଅଧିଦେବଙ୍କଠାରୁ ଏତେ ଅଧିକ ଦୂରକୁ ଚାଲିଗଲେ ଯେ ଏକାନ୍ତ ବିପରୀତ ପ୍ରାନ୍ତରେ ଯାଇଁ ପଡ଼ିଗଲେ । ବ୍ରହ୍ମ ହେଲେ ଉର୍ଦ୍ଧ୍ୱରେ ପରାଚୈତନ୍ୟ ଏବଂ ଶକ୍ତି ହୋଇଉଠିଲେ ଏଠାରେ ସମ୍ପୂର୍ଣ୍ଣ ଅନ୍ଧକାର 'ଜଡ଼' । ବ୍ରହ୍ମ କ୍ରମଶଃ ଶକ୍ତିଙ୍କ ନିକଟରୁ ପୃଥକ୍ ହୋଇ ସମ୍ପୂର୍ଣ୍ଣ ବିପରୀତ ଦିଗରେ ଯାଇ 'ନାସ୍ତି'ରେ ପହଞ୍ଚିଲେ – ବୌଦ୍ଧମାନେ ଯାହାଙ୍କୁ କହନ୍ତି 'ଶୂନ୍ୟ' ।

ବର୍ତ୍ତମାନ ପୁନରାୟ ପ୍ରତ୍ୟାବର୍ତ୍ତନର ପର୍ବ, ବ୍ରହ୍ମଜାୟା ତାଙ୍କର ଦେବାଧିଦେବଙ୍କୁ ଛାଡ଼ି କେତେକାଳ ଆଉ ଅଲଗା ହୋଇପାରନ୍ତେ ? – ନା, ଏହା ତାଙ୍କର ଶେଷ ପରିଣତି ହୋଇ ପାରିବ ନାହିଁ । ତାଙ୍କୁ ତାଙ୍କର ଦେବଙ୍କ ନିକଟକୁ ଫେରିଯିବାକୁହିଁ ପଡ଼ିବ । ତାହାହିଁ ହେବ ଜଡ଼ପ୍ରକୃତିର ପୁନରୁତ୍ଥାନ ତା'ର କ୍ରମରୂପାନ୍ତର ପରାପ୍ରକୃତି ଆଡ଼କୁ, ତାଙ୍କର ଦେବ, ପରମଦେବଙ୍କ ପାର୍ଶ୍ୱରେ ପୁନରାୟ ଆସନ ଲାଭର କାହାଣୀ ।

ବେଦରେ ସାଧାରଣ ମାନୁଷୀ ଜୀବ ନିମନ୍ତେ ମଧ୍ୟ ନିମ୍ନତମ ପ୍ରକୃତିରୁ ମୁକ୍ତି ଏବଂ ତା' ସହିତ ଆଧ୍ୟାତ୍ମିକ ପ୍ରକୃତିକୁ ପୁନରାୟ ଅର୍ଜନ କରିବାର ଯେଉଁ ପଦ୍ଧତି ଓ ସୋପାନ ଶ୍ରେଣୀର ବର୍ଣ୍ଣନା କରାହୋଇଛି, ତାହା ସର୍ବଦାହିଁ ଏକାଭଳି । ବେଦ କହୁଛନ୍ତି ଦେବତାମାନେ ଜଣ ଜଣ କରି ଆସିଲେ ଏବଂ ଶକ୍ତିଙ୍କୁ ଉର୍ଦ୍ଧ୍ୱକୁ ନେଇଚାଲିଲେ; ପ୍ରଥମେ ତ ଆସିଲେ ସୋମଦେବ ଅର୍ଥାତ୍ ଆନନ୍ଦ, ସେ ସ୍ପର୍ଶକଲେ ପତିତା ପ୍ରକୃତିର ଅନ୍ତରତମ ପ୍ରଦେଶକୁ, ବାଧ୍ୟ କଲେ ତାଙ୍କୁ ଜାଗ୍ରତ୍ ହେବାକୁ, ଉଠିବାକୁ । ସେମାନଙ୍କର ଆଦି ମିଳନର ଉତ୍ସ ଥିଲା ଆନନ୍ଦ, ସୁତରାଂ ସେମାନଙ୍କର ପୁନର୍ମିଳନରେ ସେଇ ଆନନ୍ଦହିଁ ଦେବ ଅନୁପ୍ରେରଣା, ହେବ ଦିଗ୍‌ଦର୍ଶକ । ତତ୍ପରେ ଅଗ୍ନିଙ୍କର ପର୍ବ, ତାଙ୍କୁ ନିର୍ଦ୍ଦେଶ ଦିଆଗଲା ସେଇ ବ୍ରହ୍ମ-ଶକ୍ତିଙ୍କୁ ସାଙ୍ଗରେ ଧରି ସୁପଥରେ ଆଗେଇ ନେବାକୁ । ମୁଁ ତୁମ୍ଭମାନଙ୍କୁ କହିଛି : ଅଗ୍ନି ହେଉଛନ୍ତି ସେଇ ଶକ୍ତି ଯିଏ ଉର୍ଦ୍ଧ୍ୱକୁ ଉଠି ଚାଲିବାର ଯେଉଁ ଆସ୍ପୃହା, ତାହାରହିଁ ଜ୍ୟୋତିଃ ଓ ବହ୍ନି । ସେ, ତେଣୁ ଅଜ୍ଞାନ ଶକ୍ତିକୁ ଦେଲେ ଏକ ମନ୍ତ୍ର, ସାଧାରଣତଃ ମନୁଷ୍ୟ ଯେତେବେଳେ ଟିକିଏ ଅନ୍ତର୍ମୁଖୀ ହୁଏ, ସେ ସମୟରେ ସେ ଗୁରୁଙ୍କ ନିକଟରୁ ଦୀକ୍ଷା ଗ୍ରହଣ କରେ । ତୁମେ ସେତେବେଳେ ଗୁରୁ ସମୀପରୁ ଦୀକ୍ଷା ମାଧ୍ୟମରେ ଯେଉଁ ମନ୍ତ୍ର ନିଅ, ତାହାରି ଦ୍ୱାରା ତୁମର ଅନ୍ତର ମୁକ୍ତ ହୁଏ, ଜାଗ୍ରତ୍ ହୁଏ । ବର୍ତ୍ତମାନ ଅଗ୍ନି ମନ୍ତ୍ର ଦେଲେ ଦିବ୍ୟବାକ୍ 'ବ୍ରହ୍ମ' ଭଗବାନଙ୍କର ପ୍ରତିଭୂ ରୂପେ । ଏଇ ମନ୍ତ୍ରରେ ଚେତନାକୁ ସଂହତ କରିବାକୁ ହେବ ଯେତେବେଳ ଯାଏଁ ଚେତନାରେ ତାଙ୍କ ସହ ସେ ଏକ ହୋଇଯାଇ ନାହାନ୍ତି । ଶକ୍ତି ଏବେ ତାହାହିଁ କଲେ । ସେ ଅନୁଭବ କଲେ ଯେ ପୁନରାୟ

ଆପଣା ଦେବତାଙ୍କୁ ଚିହ୍ନିଯାଇଛନ୍ତି ଓ ତାଙ୍କୁ ଅନ୍ତରରେ ଗ୍ରହଣ କରି ନେଇଛନ୍ତି । ଅଗ୍ନିଦେବ ତାଙ୍କ ବକ୍ତବ୍ୟ ଜଣାଇଲେ ବ୍ରହ୍ମଜାୟାଙ୍କୁ : 'ଆହୁରି ଅଗ୍ରସର ହୁଅ, ଏଥର ତେବେ ତୁମକୁ ଦ୍ୱିତୀୟ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ, ତୁମର ଚେତନାକୁ, ତୁମର ସତ୍ତାକୁ ବୃହତ୍ତର ଓ ପ୍ରସାରିତ କର । ବର୍ତ୍ତମାନ ପର୍ଯ୍ୟନ୍ତ ଯେଉଁ ଉପଲବ୍ଧି ତୁମେ ପାଇଛ, ତାହା ହେଉଛି ତୁମେ ସ୍ୱୟଂ ହେଉଛ ବ୍ରହ୍ମ, ତାଙ୍କ ସହିତ ଏକାତ୍ମ୍ । ତୁମକୁ ଏବେ ସକଳ ଜୀବ, ସକଳ ଦେବତା, ସକଳ ପ୍ରାଣୀ ସହ ଏକ ହୋଇ ନିଜକୁ ବିଶ୍ୱବ୍ୟାପିନୀ ହେବାକୁ ପଡ଼ିବ ।' ସୁତରାଂ ବ୍ରହ୍ମଜାୟା ତାଙ୍କର ବ୍ୟକ୍ତିଗତ ଅଭିଜ୍ଞତାରୁ ଆଗେଇ ଚାଲିଲେ ବିଶ୍ୱଭୂତ ଉପଲବ୍ଧି ଆଡ଼କୁ ଯେଉଁଠାରେ ସେ ପ୍ରତ୍ୟକ୍ଷ କଲେ ସର୍ବଜୀବର ସର୍ବପ୍ରାଣୀର ଅନ୍ତରରେହିଁ ସେ ସର୍ବତ୍ର,– ସେ ପ୍ରବେଶ କଲେ ସର୍ବଦେବଙ୍କ ନିବାସରେ ମଧ୍ୟ, ଯେପରି ସର୍ବବସ୍ତୁର ଆଳୟରେ ସେ ଥିଲେ ।

ତା'ହେଲେ ତୁମେମାନେ ଜାଣ ଯେ ଚେତନାର ତିନୋଟି ଶ୍ରେଣୀ, ତୁମ ସତ୍ତାର ତିନୋଟି ଧାପ ପରମପୁରୁଷଙ୍କର ଅଭିମୁଖରେ ଉଠିବାକୁ ଲାଗେ ଏବଂ ଏଇଥିପାଇଁ ପ୍ରଥମତଃ ତୁମର ସାଧାରଣ ବ୍ୟକ୍ତିସତ୍ତା ତା'ର ବିଶେଷ ନାମ ଓ ରୂପ ନେଇଥାଏ, ସେଇଟି ହେଉଛି ତୁମର ନିଜସ୍ୱ ବ୍ୟକ୍ତିସତ୍ତା ଏଇଟି ପ୍ରଥମ; ତା'ପରେ ସେଇ ଯେଉଁ ପରିଚ୍ଛଦ ବା ଖୋଳପା, ସେଥିରୁ ବାହାରି ତୁମକୁ ଶିଖିବାକୁ ପଡ଼େ ସର୍ବଜୀବ, ସର୍ବମଣିଷ; ଏପରିକି ସର୍ବବସ୍ତୁର ସହିତ ଏକାତ୍ମ୍ ହୋଇଯିବାକୁ । ତୁମେ ଏଇ ସୃଷ୍ଟି ସହିତ ଏକ ହୋଇ ବିଶାଳ ବିପୁଳ ହୋଇଯିବାକୁ ଶିଖ – ଅବଶ୍ୟ ସେଇ ସିଦ୍ଧିଟି ଶେଷ କଥା ନୁହେଁ, ସେଇ ସୋପାନକୁ ତୁମକୁ ପାର ହୋଇଯିବାକୁ ପଡ଼ିବ, ସେଇ ସୋପାନର ପରପାରରେ ରହିଛନ୍ତି ପରାତ୍ପର । ସେଠାରେ ତୁମେ ପରମ ଭଗବାନଙ୍କୁ ଦେଖିବ, ସେ ହେଉଛନ୍ତି ତୁମ ସତ୍ତାର ସମଗ୍ର ସତ୍ୟ, ଚରମ ସତ୍ୟ । ସୁତରାଂ ବ୍ରହ୍ମଜାୟା ତାଙ୍କର ବିଶ୍ୱ ଉପଲବ୍ଧି ପାଖରୁ ପୁଣି ଗଲେ ପରାତ୍ପର ତଥା ତାଙ୍କର ପ୍ରିୟ ଦେବତାଙ୍କ ମଧ୍ୟକୁ – ଅର୍ଥାତ୍ ତାଙ୍କର ପରିପୂର୍ଣ୍ଣ ସ୍ୱରୂପ ମଧ୍ୟକୁ । ତାଙ୍କର ଆପାତଃ ଅଜ୍ଞାନ ଜଡ଼-ରୂପାୟନରୁ ଯାତ୍ରାରମ୍ଭ କରି ଉର୍ଦ୍ଧ୍ୱାୟନ ଯାତ୍ରାରେ ସେ ଯେପରି ତାଙ୍କ ନିମ୍ନତର ରୂପର ନିର୍ମୋକ ସବୁକୁ ଗୋଟିଏ ଗୋଟିଏ କରି ପରିତ୍ୟାଗ କରିଚାଲିଲେ, ସେତିକି ବିଶୁଦ୍ଧତର ଉର୍ଦ୍ଧ୍ୱତର ଆହୁରି ମହିମାମୟ ତନୁସବୁକୁ ଗ୍ରହଣ, ଆହରଣ କରିଚାଲିଲେ । ପରିଶେଷରେ ସେ ଦେଖିଲେ, ସେ ଅନୁଭବ କଲେ ଯେ ବିଚ୍ଛେଦର ପୂର୍ବେ ସେ ଯେପରି ଥିଲେ, ଅନାଦି କାଳରୁ ଚିରକାଳ ସଦାସର୍ବଦା ଯାହା ଥିଲେ, ସେ ଏବେ ତାହାହିଁ ରହିଛନ୍ତି । ଏଇଭାବରେ ସେମାନେ – ବ୍ରହ୍ମ ଓ ବ୍ରହ୍ମଜାୟା ମିଳିତ ହେଲେ ଏବଂ ଦେବତାଗଣ ସେମାନଙ୍କର ଆଲିଙ୍ଗନରେ ଅନ୍ତର୍ଭୁକ୍ତ ହୋଇଗଲେଣି ଏବଂ ସମସ୍ତେ ହୃଷ୍ଟ ଓ ସନ୍ତୁଷ୍ଟ ହୋଇଗଲେ ।

କୁହାଯାଏ, ଏଇ ଯେଉଁ ବିଚ୍ଛେଦ ଓ ପୁନର୍ମିଳନ ତା'ର ଅର୍ଥ ପୃଥିବୀର ବକ୍ଷରେ ଏକ ମହତ୍ତର ସିଦ୍ଧି । ଏଇ ବିଚ୍ଛେଦ ନ ଥିଲେ ଏ ସିଦ୍ଧି ପୃଥିବୀ ଉପରେ ଘଟିପାରି ନ ଥା'ନ୍ତା । ପୃଥିବୀ ଯାହା ଥିଲା, ତାହାହିଁ ହୋଇ ରହିଯାଇଥା'ନ୍ତା ଯଦି ଉକ୍ତ ବିଚ୍ଛେଦ ଘଟି ନ ଥା'ନ୍ତା, ଅର୍ଥାତ୍ ବ୍ରହ୍ମଜାୟା ଦେବଦେବଙ୍କ ପାର୍ଶ୍ୱରୁ ପୃଥକ୍ ବିଚ୍ଛିନ୍ନ ହୋଇ ଜଡ଼ ମଧ୍ୟରେ ଏକହୋଇ ଉଠିବା ଫଳରେ ଦେଖାଗଲା ସେଇ ସମ୍ଭାବନା – ଯାହାଥିଲା ଅନିବାର୍ଯ୍ୟ, ଭବିତବ୍ୟ ତଥା ତାଙ୍କର ସତ୍ୟ ଓ ବ୍ରହ୍ମଙ୍କର ସତ୍ୟ ଜଡ଼ ମଧ୍ୟରେ ଅବତୀର୍ଣ୍ଣ ଓ ପ୍ରତିଷ୍ଠା ହେବାର ।

ଭାଗବତ ଜାୟା ପୃଥିବୀରେ ପତିତ ହେଲେ, ଜଡ଼ ମଧ୍ୟକୁ ଝାମ୍ପି ପଡ଼ିଲେ, ତାହା ସହ ଏକାକାର ହୋଇଗଲେ – ହେଲେ ଜଡ଼ପଦାର୍ଥ, ଜଡ଼ପ୍ରକୃତି ଘନ, ଅନ୍ଧକାର, ଗୁରୁଭାର ତା'ର ସବୁପ୍ରକାର ଭାବକୁ ଆପଣାର କରିନେଲେ, ଯାହାଙ୍କୁ ବେଦ କହେ 'ଭୀମଜାୟା' ଶକ୍ତିମୟୀ ଅଥଚ ଭୟଙ୍କରୀ ଜାୟା – ବସ୍ତୁତଃ ଆମମାନଙ୍କର ମହାକାଳୀ । ଆଦିରେ ସେ ଥିଲେ ସୌମ୍ୟାଜାୟା ଶ୍ରୀମୟୀ ବଧୂ । କିନ୍ତୁ ପ୍ରଗତିର ପ୍ରୟୋଜନ ଥିଲା ଯାହା ବିବର୍ତ୍ତନର ଲାଭ । ମାତ୍ର ଯେତେବେଳେ ସେ ସେଇ ନିଶ୍ଚେତନାର ଗୁରୁଭାର ତାଙ୍କ ସହିତ ବହନ କରି ନେଇଚାଲିଲେ, ସେ ଅର୍ଜନ କଲେ କ୍ରମଶଃ ତାହାକୁ ରୂପାନ୍ତରିତ କରିବାର ଶକ୍ତି । ଶେଷ ପରିଣତିରେ ସବୁ ଦେବତାଙ୍କୁ ପୁରୋଭାଗକୁ ଆସିବାକୁ ପଡ଼ିବ, ସମୁଦାୟ ମାନବଜାତିକୁ ବାହାରି ଆସିବାକୁ ପଡ଼ିବ ସେଇ ଉନ୍ମୁକ୍ତ ପ୍ରସାରଣ ମଧ୍ୟକୁ ଏବଂ ସ୍ନାନ କରିବାକୁ ହେବ ସୂର୍ଯ୍ୟର ଆଲୋକରେ, ସେମାନଙ୍କୁ ଭାଗବତ ଦମ୍ପତିଙ୍କ ମିଳନର ଆନନ୍ଦରେ ଅଂଶ ଗ୍ରହଣ କରିବାକୁ ହେବ ।

ଏଇ ନାଟକହିଁ ରୂପାୟିତ ହେଉଛି । ସତସତିକା ନାଟକ, ଅଳୀକ କଳ୍ପନାଗତ କାହାଣୀ ନୁହେଁ । ଏ ଘଟଣା ଘଟି ଚାଲିଛି ସୂକ୍ଷ୍ମତର ସ୍ତରରେ ଆଉ ଏକ ଲୋକରେ । ବେଦ ଯେପରି କହୁଛି ଏହି ନାଟକର କେତେ କେତେ ସ୍ୱର୍ଗରେ ପୁନରାବୃତ୍ତି ଘଟିଚାଲିଛି; ପୁନରାବୃତ୍ତି ହୋଇଥାଏ, ପୁଣି ତାହା କ୍ରମେ

ଅଧିକରୁ ଅଧିକ ବାସ୍ତବ ହୋଇଉଠେ; ପୃଥିବୀପୃଷ୍ଠରେ ଆହୁରି ପ୍ରକଟ ହୋଇଉଠେ ସତ୍ୟ ଭଳି; ପରିଶେଷରେ ତାହା ପୃଥିବୀରେ ବି ପ୍ରକଟ ହୋଇଉଠେ ଜଡ଼ ଆୟତନରେ, ଦେହ ଆଧାରକୁ କେନ୍ଦ୍ର କରି ।

ବିଶ୍ୱସୃଷ୍ଟିର ଏଇ ନାଟ୍ୟଲୀଳାର ଗୋଟିଏ ଲକ୍ଷଣୀୟ ବୈଶିଷ୍ଟ୍ୟ ଆମର ପ୍ରଣିଧାନଯୋଗ୍ୟ । କେଉଁଠାରେ କୌଣସି ଅବତରଣ ଘଟିଲେ, ତା'ପରେ ତାକୁ ଅନୁସରଣ କରି ଅପରିହାର୍ଯ୍ୟଭାବେ ଏକ ଆରୋହଣ ବି ଘଟେ । ଆପାତ ଦୃଷ୍ଟିରେ ଏକାକୀ ଶକ୍ତିହିଁ ଓହ୍ଲାଇ ଆସିଥିଲେ, ମାତ୍ର ଆପାତ ଦୃଷ୍ଟିରେ ଏକା ହେଲେ ବି ମୂଳତଃ ସେ ଏକା ହୋଇପାରନ୍ତି ନାହିଁ । ତାଙ୍କର ପରମଦେବଙ୍କୁ ସେ ପଶ୍ଚାତରେ ନେପଥ୍ୟରେ ସଙ୍ଗରେ ରଖିଥିଲେ । କଠିନ ଜଡ଼ର ଘନତମ ତମସାର ମଧ୍ୟରେ ବି ବ୍ରହ୍ମ ଥିଲେ ତା'ର ଅନ୍ତରତମ ଅନ୍ତରରେ ଦୀପ୍ତ ଶାୟିତ କ୍ଷୁଦ୍ରାଦପି କ୍ଷୁଦ୍ର ସ୍ଫୁଲିଙ୍ଗ, ଯେପରି ଆଲୋକର କ୍ଷୁଦ୍ରତମ ଅଣୁ ଏକ । ଏବଂ ତା'ର ଅର୍ଥହିଁ ହେଉଛି ଊର୍ଦ୍ଧ୍ୱମୁଖୀ ପ୍ରବେଗ, ଏଷଣା, ଆମ ଭାଷାରେ ଯାହାକୁ କୁହାଯାଏ 'ଆସ୍ପୃହା' – ଯାହା ସର୍ବଦା ସର୍ବବସ୍ତୁର ଅନ୍ତରରେ ରହିଥାଏ । ଶକ୍ତି ଯେତେବେଳେ ଅଚେତନାର ଅତଳରେ ଶେଷସୀମାରେ ପହଞ୍ଚନ୍ତି, ସେତେବେଳେ ବି ଏହାହିଁ ଘଟିଥାଏ : ସେଠାରୁ ଏକ ପ୍ରତ୍ୟାହୃତ ଶକ୍ତିର ଗତି ଆରମ୍ଭ ହୁଏ – ଯେମିତି 'ବୁମେରାଂ'ର ଓଲଟା ଗତି । ତା'ଫଳରେ ଜାଗରଣ ଆରମ୍ଭ ହୁଏ ଅଚେତନ ପ୍ରକୃତିର, ଗତିହୁଏ ବିବର୍ତ୍ତନ ପଥରେ – ତାହାର ଊର୍ଦ୍ଧ୍ୱାୟନର ଦୀକ୍ଷା । ତା'ର କ୍ରମବୃଦ୍ଧିର ମଧ୍ୟରେ ଲକ୍ଷ୍ୟ କରାଯାଏ ପରମଦେବ ବି ସେଇ ବସ୍ତୁଟିର କ୍ରମବିକାଶ ସଙ୍ଗେସଙ୍ଗେ ବର୍ଦ୍ଧିତ ହୋଇଚାଲନ୍ତି; ଅର୍ଥାତ୍ ପରମ ଭଗବାନ୍ ମଧ୍ୟ ଅଧିକରୁ ଅଧିକତର ପ୍ରକଟ କରିଚାଲନ୍ତି, ଏହା ଏକ ଦ୍ୱୟୀ ପ୍ରକାଶ । ଏଇ ଦ୍ୱୟୀକୁ କେବେ ହେଲେ ବି ବିଚ୍ଛିନ୍ନ କରାଯାଇପାରେ ନାହିଁ, ସେମାନେ ସର୍ବଦା ଏକ । ବାହାରକୁ ଦେଖିବାକୁ ବିଚ୍ଛେଦ ବା ତମସାଚ୍ଛାଦନ ଲୀଳାମାତ୍ର – ଯାହାର ଉଦ୍ଦେଶ୍ୟ ମହତ୍ତର ପୁନର୍ମିଳନ ।

କହିବା କେତେଦୂର ଠିକ୍, ତେବେ ମନେହୁଏ ଆମେ ଏ ଯୁଗର ମଣିଷମାନେ ଚରମ ଉପଲବ୍ଧିଠାରୁ ବେଶୀ ଦୂରରେ ନାହୁଁ, ଯେମିତି ଦୁଆର ନିକଟରେ ପହଞ୍ଚି ଯାଇଛୁ – ଏଇ ଯେଉଁ ଉପଲବ୍ଧି ଯାହା କଥା ପ୍ରାଚୀନ ମୁନିଋଷିମାନେ କହିଯାଇଛନ୍ତି – ଯେବେ ସତ୍ୟରେ ଜଡ଼, ନିରାଟ ଅନ୍ଧକାର ପ୍ରତ୍ୟକ୍ଷ ଜଡ଼, ଆମର ଜଡ଼ମାତା,– ବେଦର ଭୀମଜାୟା – ରୂପାନ୍ତରିତ ହେବ ଏବଂ ଆମର ମାନବକୁଳ ବି ସେଇ ରୂପାନ୍ତରରେ ଅଂଶଗ୍ରହଣ କରିବେ । ବର୍ତ୍ତମାନ ସେସବୁ ଜିନିଷ, ଆଗେ ଯେପରି କହିଛୁ ଯେପରି ପୁନରାବର୍ତ୍ତିତ ହୋଇ ଚାଲିଛି ଅନ୍ୟାନ୍ୟ ଅନେକ ଜଗତରେ ସବୁ ସୂକ୍ଷ୍ମତର ସ୍ତରରେ, ସୂକ୍ଷ୍ମତର ରୂପରେ ଓ ଶକ୍ତିରେ । ସମ୍ପୂର୍ଣ୍ଣ ଜଡ଼ରୂପ ତା'ଠାରୁ ବେଶୀ ଦୂରରେ ନାହିଁ – ଉଦୀୟମାନ ଉଷାର ପଶ୍ଚାତରେହିଁ ତାହା ରହିଛି । ତୁମେ ସମସ୍ତେ, ଆମେ ସମସ୍ତେ ନିଶ୍ଚୟହିଁ ଅଂଶ ଗ୍ରହଣ କରିବୁ ସେଇ ଚରମ ପରିଣତିରେ କୌଣସି ନା କୌଣସି ରୂପରେ କେହି ଆଗରେ, କେହି କିଛି ପଛରେ ।

(ତରୁଣ ଶିକ୍ଷାର୍ଥୀ ଓ ଶିକ୍ଷକମାନଙ୍କୁ ୮. ୮. ୭୭ ମସିହାରେ
ଦେଇଥିବା ଅଭିଭାଷଣ ।
ଶ୍ରୀଅରବିନ୍ଦ ମନ୍ଦିର 'ବର୍ତ୍ତିକା'ର ସୌଜନ୍ୟରୁ ପ୍ରାପ୍ତ)

ଅନୁବାଦ : କୃଷ୍ଣା ଦେବୀ

ଏପରି ଏକ ମୁହୂର୍ତ୍ତରେ, ଯେତେବେଳେ କି ସବୁକିଛି ଖରାପରୁ ଅଧିକ ଖରାପ ହୋଇ ଚାଲିଛି, ଠିକ୍ ସେତିକିବେଳେହିଁ ଆମେ ସର୍ବୋଚ୍ଚ ସକ୍ରିୟ ବିଶ୍ୱାସର ପରିଚୟ ଦେବା ଏବଂ ପରମକରୁଣା ଯେ ଆମକୁ କଦାପି ଛାଡ଼ି ଚାଲି ଯିବ ନାହିଁ, ସେହି କଥାଟିକୁ ଜାଣି ରଖିବା ।

- ଶ୍ରୀମା

ବେଦରହସ୍ୟ - (ତୃତୀୟ ଭାଗ),  ଅତ୍ରିଋଷିଗଣଙ୍କ ସୂକ୍ତମାଳା

# ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ

## ଶ୍ରୀଅରବିନ୍ଦ

ଉପନିଷଦ୍‌ମାନଙ୍କର ଯେଉଁ ଉଚ୍ଚକୋଟୀକ ଆଧ୍ୟାତ୍ମିକ ସାରତତ୍ତ୍ୱ ତାହା ବେଦ ମଧ୍ୟରେ ବିଦ୍ୟମାନ, କିନ୍ତୁ ସେମାନଙ୍କର ବାକ୍‌-ବିନ୍ୟାସ ପଦ୍ଧତି ଏଥିରେ ଦେଖିବାକୁ ମିଳେ ନାହିଁ; ଏହା ଏକ ଅନ୍ତଃ-ପ୍ରେରିତ ଜ୍ଞାନ ହୋଇଥିଲେ ମଧ୍ୟ ବୌଦ୍ଧିକ ତଥା ଦାର୍ଶନିକ ପାରିଭାଷିକ ଶବ୍ଦାବଳୀ ଦ୍ୱାରା ସେତେ ସମ୍ପନ୍ନ ନୁହେଁ । ଆମେ ଏପରି କବି ତଥା ଜ୍ଞାନୀମାନଙ୍କ ଏକ ଭାଷାକୁ ଲାଭ କରିଛୁ ଯେଉଁମାନଙ୍କଠାରେ ସମସ୍ତ ଅନୁଭୂତି ହେଉଛି ବାସ୍ତବ, ସୁସ୍ପଷ୍ଟ, ବୋଧଗମ୍ୟ ଏପରିକି ମୂର୍ତ୍ତିମନ୍ତ, ଏହା ସେହି ଚିନ୍ତକ ଓ ରୀତି-ସଂସ୍ଥାପକମାନଙ୍କ ଭାଷା ନୁହେଁ ଯେଉଁମାନଙ୍କ ନିମନ୍ତେ ମନ ଓ ଆତ୍ମାର ବାସ୍ତବତା ପ୍ରଭୃତି ହୋଇ ଯାଇଥାଏ କଳ୍ପନାର ବିଷୟ । ତଥାପି ଏଥିରେ ଏକ ପଦ୍ଧତି, ଏକ ସିଦ୍ଧାନ୍ତ ରହିଛି; କିନ୍ତୁ ଏହାର ଗଠନରେ ରହିଛି ନମନୀୟତା, ଏଥିରେ ପ୍ରଯୁକ୍ତ ପାରିଭାଷିକ ଶବ୍ଦାବଳି ସ୍ଥିରନିଶ୍ଚିତ, ଏହାର ବିଚାରାଭିବ୍ୟକ୍ତି ବ୍ୟବହାରିକ ତଥା ପ୍ରୟୋଗସାପେକ୍ଷ, ଏହା ପୁରାତନ ତଥା ସିଦ୍ଧ ଅନୁଭୂତିକୁ କ୍ରିୟାନ୍ୱିତ କରିଥିବାର ଏକ ପ୍ରଣାଳୀ, କିନ୍ତୁ ଏହା ସେହି ପ୍ରକାର ଭାଷା ନୁହେଁ ଯାହା ସିଦ୍ଧ ହେବାକୁ ଯାଉଥିବା ହେତୁ ତଥାପି ଅସିଦ୍ଧ ତଥା ଅନିଶ୍ଚିତ । ଆଧ୍ୟାତ୍ମିକ ଜୀବନର ଏପରି ପ୍ରାଚୀନ ମନସ୍ତାତ୍ତ୍ୱିକ ବିଜ୍ଞାନ ଆମେ ଲାଭ କରିଛୁ ଉପନିଷଦ୍‌ମାନଙ୍କରେ ଯାହାର ଦାର୍ଶନିକ ପରିପ୍ରକାଶ ତଥା ସଂସ୍କରଣ ଏବଂ ବେଦାନ୍ତ ସାଂଖ୍ୟ ଓ ଯୋଗ ହେଉଛନ୍ତି ଏହାର ପରବର୍ତ୍ତୀ ବୌଦ୍ଧିକ ପରିଣାମ ଓ ତାର୍କିକ ସିଦ୍ଧାନ୍ତ । ପରନ୍ତୁ ସମସ୍ତ ଜୀବନ ପରି, ସମସ୍ତ ବିଜ୍ଞାନ ପରି ଏହା (ବେଦ) ତଥାପି ପ୍ରାଣବନ୍ତ, ତର୍କବୁଦ୍ଧିଯୁକ୍ତ ପାଣ୍ଡିତ୍ୟର କବଚାବୃତ ରୂଢ଼ତାର ବନ୍ଧନରୁ ଏହା ମୁକ୍ତ; ଏଥିରେ ପ୍ରତିଷ୍ଠିତ ପ୍ରତୀକରାଜି ତଥା ପବିତ୍ର କ୍ରିୟାବିଧି ଥିବା ସତ୍ତ୍ୱେ ଏହା ତଥାପି ବ୍ୟାପକ, ମୁକ୍ତ, ନମନୀୟ, ତରଳ, ପରିବର୍ତ୍ତନୀୟ ଓ ସୂକ୍ଷ୍ମ । ଏଥିରେ ପ୍ରାଣର ଗତିସଞ୍ଚାର ତଥା ଆତ୍ମାର ସୁଦୀର୍ଘ ଶ୍ୱାସକ୍ରିୟା ରହିଛି । ଆହୁରି କହିଲେ, ପରବର୍ତ୍ତୀ ଦର୍ଶନଗୁଡ଼ିକ ଜ୍ଞାନର ଗ୍ରନ୍ଥରାଜି ହୋଇଥିବା ବେଳେ ତଥା ମୁକ୍ତିହିଁ ଏକମାତ୍ର ପରମ ନିଃଶ୍ରେୟସ ବୋଲି କହୁଥିବା ବେଳେ ବେଦ ହେଉଛି 'କର୍ମ'ର ଗ୍ରନ୍ଥ ଏବଂ ଯେଉଁ ଆଶାରେ ଏହା ଆମର ବର୍ତ୍ତମାନ ଜୀବନର ସକଳ ବନ୍ଧନ ତଥା କ୍ଷୁଦ୍ରତାକୁ ଦୂର କରିଥାଏ ତାହା ହେଉଛି ପୂର୍ଣ୍ଣତା, ଆତ୍ମସାଫଲ୍ୟ, ଅମରତ୍ୱ ।

ସବୁକିଛିର ପଶ୍ଚାତରେ ଥିବା ଏକ ଅଜ୍ଞେୟଙ୍କୁ, ଏକ କାଳାତୀତ ତଥା ଅନାମଙ୍କୁ ରହସ୍ୟବାଦୀମାନଙ୍କ ସିଦ୍ଧାନ୍ତ ଗ୍ରହଣ କରେ ଯାହା ମନର ଅଧ୍ୟୟନଧର୍ମୀ ଅନୁସନ୍ଧାନ ଦ୍ୱାରା ପ୍ରାପ୍ୟ ନୁହେଁ । ନୈର୍ବ୍ୟକ୍ତିକ ଭାବେ ସେ ହେଉଛନ୍ତି 'ତତ୍‌', 'ଏକଂ ସତ୍‌'; ଆମ ବ୍ୟକ୍ତିବାଦୀ ଅନୁସନ୍ଧାନ କ୍ଷେତ୍ରରେ ଏହା ସ୍ୱୟଂ ବସ୍ତୁଗୁଡ଼ିକର ଗୁପ୍ତଗୁହା ମଧ୍ୟରୁ 'ଭଗବାନ୍‌' ବା 'ଆଦିଦେବ' ରୂପେ ଆବିର୍ଭୂତ ହୋଇଥା'ନ୍ତି,— ତାଙ୍କର ବହୁନାମ ରହିଥିଲେ ବି ସେ ଅନାମ, ସେ ମଧ୍ୟ ଅନନୁମେୟ ଓ ଅବର୍ଣ୍ଣନୀୟ ଯଦିଓ ସେ ନାମ ଓ ଜ୍ଞାନର ସକଳ ବର୍ଣ୍ଣନକୁ ନିଜ ମଧ୍ୟରେ ଧାରଣ କରିଛନ୍ତି ତଥା ରୂପ ଓ ଆତ୍ମାର, ଶକ୍ତି ଓ କ୍ରିୟାର ସକଳ ମାନକୁ ବହନ କରିଛନ୍ତି ।

ସେହି 'ଦେବ' ବା 'ପରମଦେବ' ହେଉଛନ୍ତି ମୂଳକାରଣ ତଥା ଅନ୍ତିମ ପରିଣାମ । ସେ ଦିବ୍ୟ ସତ୍‌ପୁରୁଷ, ସକଳ ଲୋକର ସ୍ରଷ୍ଟା, ସକଳ ବସ୍ତୁର ଈଶ୍ୱର ଓ ଉତ୍ପାଦକ, ସେହିଁ ଆଦି 'ପୁରୁଷ' ଓ 'ସ୍ତ୍ରୀ' (ନୃ ଓ ଗ୍ନା), 'ସତ୍‌' ଓ 'ଚିତ୍‌', ସକଳ ଲୋକ ଓ ସେସବୁର ଅଧିବାସୀମାନଙ୍କର ସେ 'ପିତା' ଓ 'ମାତା', ସେ ମଧ୍ୟ ସେହି ଲୋକଗୁଡ଼ିକର 'ତନୟ' ତଥା ଆମମାନଙ୍କର 'ପୁତ୍ର' : କାରଣ, ଲୋକଲୋକାନ୍ତରରେ ଜାତ ଏହି 'ଦିବ୍ୟ ଶିଶୁ' ଜୀବର ଅଭିବୃଦ୍ଧି ମଧ୍ୟରେ ସ୍ୱୟଂ ଅଭିବ୍ୟକ୍ତ ହେଉଛନ୍ତି । ସେ ସ୍ୱୟଂ ରୁଦ୍ର ଓ ବିଷ୍ଣୁ, ପ୍ରଜାପତି ଓ ହିରଣ୍ୟଗର୍ଭ, ସୂର୍ଯ୍ୟ, ଅଗ୍ନି, ଇନ୍ଦ୍ର, ବାୟୁ, ସୋମ, ବୃହସ୍ପତି,— ବରୁଣ ଓ ମିତ୍ର, ଭଗ ଓ ଅର୍ଯ୍ୟମନ୍‌, ସେ ହେଉଛନ୍ତି ସର୍ବଦେବ (ବିଶ୍ୱଦେବାଃ) । ସେ ହେଉଛନ୍ତି ସେହି ପ୍ରାଜ୍ଞ, ଆମର କର୍ମ ଓ ଯଜ୍ଞରୁ ଉତ୍ପନ୍ନ, ସେ ହେଉଛନ୍ତି ସେହି ବଳବାନ୍‌ ତଥା ମୁକ୍ତିଦାୟକ 'ଅପତ୍ୟ', ଆମ ସଂଗ୍ରାମରେ ସେ ହେଉଛନ୍ତି ସେହି 'ବୀର' ଏବଂ ଆମ ଜ୍ଞାନର ସେ ହେଉଛନ୍ତି ସେହି 'ଦ୍ରଷ୍ଟା' (ଋଷି), ଆମ ଦିବସଗୁଡ଼ିକର ଅଗ୍ରଭାଗରେ ସ୍ଥିତ ଏ ହେଉଛନ୍ତି ସେହି 'ଶ୍ୱେତ ଅଶ୍ୱ' ଯିଏ ଊର୍ଦ୍ଧ୍ୱଲୋକର 'ମହାସିନ୍ଧୁ' ଦିଗରେ ଦ୍ରୁତଗତିରେ ଆଗେଇ ଚାଲିଛନ୍ତି ।

ମାନବାତ୍ମା ଏକ ଦିବ୍ୟ ବିହଙ୍ଗମ ପରି, ହଂସଟିଏ ପରି, ମୁକ୍ତପକ୍ଷରେ ଉଡ଼ୁଥାଏ, ଏହା ଦୈହିକ ଓ ମାନସିକ ଚେତନାର ପ୍ରଦୀପ୍ତ ଆକାଶକୁ ଅତିକ୍ରମ କରି 'ସତ୍ୟ'ର ଊର୍ଦ୍ଧ୍ୱଗାମୀ ପଥଦେଇ ଜଣେ ଯାତ୍ରୀ ତଥା ଯୋଦ୍ଧା ପରି ଦେହରୂପକ ପୃଥିବୀର ତଥା ମନରୂପକ ସ୍ୱର୍ଗର ଊର୍ଦ୍ଧ୍ୱକୁ ଆରୋହଣ କରେ ଆମପାଇଁ ପ୍ରତୀକ୍ଷାରତ ଏହି ପରମଦେବଙ୍କୁ ପ୍ରାପ୍ତ ହେବା ନିମନ୍ତେ, ସେହି ଉଚ୍ଚତମ ପରମଙ୍କର ଗୂଢ଼ ଲୋକ ଯେଉଁଠି ପରମଦେବ ଦିବ୍ୟ ତ୍ରିତତ୍ତ୍ୱ (ସତ୍, ଚିତ୍, ଆନନ୍ଦ) ମଧ୍ୟରେ ତଥା 'ଆନନ୍ଦ'ର ଉତ୍ସ ମଧ୍ୟରେ ଆସୀନ ସେହି ଲୋକରୁ ଏହି ବିହଙ୍ଗମ ଆମ ଦିଗରେ ଆନତ ହୋଇ ଆସେ । ପରମଦେବ, ଯିଏକି ସେହି ଲୋକରେ ଉଚ୍ଚାସୀନ ରହି ଆକର୍ଷଣ କରୁଥା'ନ୍ତୁ ପଛେ ଅଥବା ମହତ୍ତର ଦେବଗଣଙ୍କ ଏକ ପୁରୁଷାକୃତି ରୂପେ ଆମ ଏହି ଲୋକରେ ଥାଇ ଆମର ଯେତେ ସହାୟକ ହୋଇଥାନ୍ତୁ ପଛେ, ସେ ହେଉଛନ୍ତି ମାନବର 'ସଖା' ଓ 'ପ୍ରେମିକ', ଜ୍ୟୋତିର୍ଗୋମାନଙ୍କ ଚାରଣଭୂମିର ସ୍ୱାମୀରୂପେ ସେ ସେହି ଆନନ୍ତ୍ୟରୂପକ ଭାସ୍ୱର 'ଧେନୁ'ର ପହ୍ନାରୁ ସୁମିଷ୍ଟ ଦୁଗ୍ଧ ଓ ଘୃତ ଦୋହନ କରି ଆମକୁ ବିତରଣ କରନ୍ତି । ସେ ହେଉଛନ୍ତି ଦିବ୍ୟାନନ୍ଦରୂପକ 'ମାଦକରସ'ର ଉତ୍ସ ତଥା ଉତ୍ସର୍ଜକ, ସତ୍ତାର ସପ୍ତବିଧ ଜଳଧାରାରୁ ନିଷ୍କାସନ କରିଥିବା ଅଥବା ଜୀବନରୂପକ ଗିରିସ୍ଥିତ ସେହି ଉଜ୍ଜ୍ୱଳ ବନସ୍ପତିରୁ ନିଗିଡ଼ା ହୋଇଥିବା ସେହି ରସକୁ ଆମେ ପାନ କରୁ, ଏହାରି ହର୍ଷ ଓ ଉଲ୍ଲାସରେ ଉନ୍ନୀତ ହୋଇ ଆମେ ଅମର ହୋଇଯାଉ ।

ଏହି ସୁପ୍ରାଚୀନ ରହସ୍ୟବାଦୀ ସିଦ୍ଧାନ୍ତର ରୂପକଗୁଡ଼ିକରୁ କେତୋଟି ମାତ୍ର ଏହିପରି ।

ସେହି 'ପରମଦେବ' ଏହି ବିଶ୍ୱକୁ ଲୋକଗୁଡ଼ିକର ଏପରି ଜଟିଳ ପଦ୍ଧତିରେ ରଚନା କରିଛନ୍ତି ଯେ ଆମେ ସେଗୁଡ଼ିକୁ ଉଭୟ ଅନ୍ତଃ ଓ ବହିଃ କ୍ଷେତ୍ରରେ ଦେଖିବାକୁ ପାଉ, ଅର୍ନ୍ତଗତ ଭାବେ ସେଗୁଡ଼ିକ ଉପଲବ୍ଧ ହୁଅନ୍ତି ଏବଂ ବାହ୍ୟସ୍ତରରେ ବୋଧଗମ୍ୟ ହୁଅନ୍ତି । ଏହା ହେଉଛି ନାନା ଭୂମି ଓ ସ୍ୱର୍ଗର ଊର୍ଦ୍ଧ୍ୱାରୋହୀ ଅଧିଷ୍ଠାନ ବା ଲୋକଚୟ; ବିବିଧ ଜଳଧାରାକୁ ନେଇ ପ୍ରବାହିତ ହେଉଥିବା ଏହା ଏକ ସ୍ରୋତସ୍ୱିନୀ; ସପ୍ତରଶ୍ମିଯୁକ୍ତ ଏହା ଏକ 'ଜ୍ୟୋତିଃ', ଅଥବା ଏହାର ସଂଖ୍ୟା ଆଠ ବା ନଅ ବା ଦଶ ରଶ୍ମିଯୁକ୍ତ 'ଜ୍ୟୋତିଃ'; ବହୁ ଅଧିତ୍ୟକାଯୁକ୍ତ ଏହା ଏକ 'ପର୍ବତ' । ଋଷିଗଣ ଅନେକ ସମୟରେ ଏହାକୁ ଅନେକ ତ୍ରିକ (trios) ଦ୍ୱାରା ରୂପାୟିତ କରିଛନ୍ତି; ସେଥିରେ ରହିଛି ତ୍ରିଭୂମି ତଥା ତ୍ରିସ୍ୱର୍ଗ । ଆହୁରି କହିଲେ, ନିମ୍ନରେ ରହିଛି ତ୍ରିବିଧ ଜଗତ୍, – 'ସ୍ୱର୍', 'ଭୂ' ଓ ଏହି ଉଭୟର ମଧ୍ୟଗତ-ଲୋକ (ଭୁବ); ମଧ୍ୟ ଭାଗରେ ଯେଉଁ ଏକ ତ୍ରିକ ଜଗତ୍ ରହିଛି ତାହା 'ସୂର୍ଯ୍ୟ'ଙ୍କର ଜ୍ୟୋତିର୍ମୟ ତ୍ରିସ୍ୱର୍ଗ; ଊର୍ଦ୍ଧ୍ୱରେ ଯେଉଁ ତ୍ରିକ ଜଗତ୍ ରହିଛି ତାହା ସେହି 'ପରମଦେବ'ଙ୍କର ଉଚ୍ଚତମ ଓ ଆନନ୍ଦ ଉଲ୍ଲାସଭରା ଅଧିଷ୍ଠାନ ।

କିନ୍ତୁ ଭିନ୍ନ କିଛି ତତ୍ତ୍ୱ ଏହା ସହ ମିଶ୍ରିତ ହେବା ଦ୍ୱାରା ଲୋକଗୁଡ଼ିକର ଏହି କ୍ରମକୁ ଆହୁରି ଜଟିଳ କରି ଦେଉଛି । ଏଗୁଡ଼ିକ ଆଧ୍ୟାତ୍ମିକ ତତ୍ତ୍ୱ; କାରଣ, ସମଗ୍ର ସୃଷ୍ଟି ଯେହେତୁ ସେହି 'ସର୍ବାତ୍ମା'ଙ୍କର ରଚନା ତେଣୁ ଲୋକଗୁଡ଼ିକର ପ୍ରତ୍ୟେକ ବାହ୍ୟ ପଦ୍ଧତି ନିଜର ପ୍ରତ୍ୟେକ ସ୍ତରରେ କୌଣସି ନା କୌଣସି ଶକ୍ତି ସହ ସଂଯୁକ୍ତ ହେବାକୁ ବାଧ୍ୟ । ଅଥବା ଯେଉଁ ଚେତନାର ଏହା ବାହ୍ୟ ପ୍ରତୀକ ତାହାର ବିକାଶଶୀଳ ଏକ ମାତ୍ରା ହେବାକୁ ବାଧ୍ୟ, ଆହୁରି ମଧ୍ୟ ବସ୍ତୁସକଳର ସାମଞ୍ଜସ୍ୟଯୁକ୍ତ ଏକ କ୍ରମବିନ୍ୟାସକୁ ନିଜ ମଧ୍ୟରେ ସ୍ଥାନଦେବାକୁ ବାଧ୍ୟ । ବେଦକୁ ବୁଝିବାକୁ ହେଲେ ଏହି ବୈଦିକ ସମାନ୍ତରାଳବାଦକୁ ଅନ୍ତଃକରଣରେ ବୁଝିବାକୁ ହେବ ତଥା ଏହା ଯେଉଁ ବୈଶ୍ୱ ସ୍ତରଗୁଡ଼ିକ ଦିଗରେ ଗତି କରୁଛି ସେଗୁଡ଼ିକୁ ପୃଥକ୍ ପୃଥକ୍ ଭାବେ ଚିହ୍ନିବାକୁ ହେବ । ପରବର୍ତ୍ତୀକାଳରେ ରଚିତ ପୌରାଣିକ ପ୍ରତୀକଗୁଡ଼ିକର ପଶ୍ଚାତରେ ଥିବା ସେହି ସମାନ ପଦ୍ଧତିକୁ ଆମର ପୁନରାବିଷ୍କାର କରିବାର ଅଛି, ତା'ହେଲେ ଯାଇ ଆମେ ଏହାର ପଟଳରୂପେ ବିନ୍ୟସ୍ତ କ୍ରମକୁ ଅତ୍ୟନ୍ତ ସରଳ ଓ ସ୍ପଷ୍ଟରୂପେ ପ୍ରାପ୍ତ ହୋଇପାରିବୁ । ଯେହେତୁ ଅସ୍ତିତ୍ୱର ସପ୍ତତତ୍ତ୍ୱ ରହିଥିବା ବେଳେ ପୁରାଣଗତ ସପ୍ତଲୋକ ରହିଛି, ତେଣୁ ଏହା ସେହି ସପ୍ତତତ୍ତ୍ୱ ସହିତ ଯଥେଷ୍ଟ ଅନୁରୂପତାକୁ ରକ୍ଷା କରୁଛି, ଯଥା –

| **ମୂଳତତ୍ତ୍ୱ** | **ଲୋକ** |
|---|---|
| ୧. ବିଶୁଦ୍ଧ ସତ୍ତା – ସତ୍ | ସତ୍ତାର ଉଚ୍ଚତମ ସତ୍ୟର ଲୋକ (ସତ୍ୟଲୋକ) |
| ୨. ବିଶୁଦ୍ଧ ଚେତନା – ଚିତ୍ | ଅନନ୍ତ ସଂକଳ୍ପ ବା ଚିତ୍-ଶକ୍ତିର ଲୋକ (ତପୋଲୋକ) |
| ୩. ବିଶୁଦ୍ଧ ଆନନ୍ଦ – ଆନନ୍ଦ | ସତ୍ତାର ସୃଜନଶୀଳ ଆନନ୍ଦର ଲୋକ (ଜନଲୋକ) |
| ୪. ଜ୍ଞାନ ବା ସତ୍ୟ – ବିଜ୍ଞାନ | ବିଶାଳତାର ଲୋକ (ମହର୍ଲୋକ) |

| | |
|---|---|
| ୫. ମନ | ଜ୍ୟୋତିର୍ଲୋକ (ସ୍ୱର୍) |
| ୬. ପ୍ରାଣ | ବୈଚିତ୍ର୍ୟମୟ ସୃଷ୍ଟିର ଲୋକ |
| (ସ୍ନାୟୁଗତ ସତ୍ତା) | (ଭୁବଃ) |
| ୭. ଅନ୍ନ | ଭୌତିକ ଲୋକ (ଭୂଃ) |

ପୁରାଣରେ ସନ୍ନିବେଶିତ ଏହି ଲୋକସଂସ୍ଥାନର ବେଶ୍ ସରଳ ଅଥଚ ପଦ୍ଧତିଟି ବେଦରେ ବହୁ ପରିମାଣରେ ଛନ୍ଦାଛନ୍ଦି ହୋଇ ରହିଛି । ସେଥିରେ ଉଚ୍ଚତମ ଲୋକତ୍ରୟ ତ୍ରିବିଧ ଦିବ୍ୟତତ୍ତ୍ୱ (ସତ୍-ଚିତ୍-ଆନନ୍ଦ) ରୂପେ ସର୍ବଦା ଏକତ୍ର ଗୋଟିଏ ଶ୍ରେଣୀର ଅନ୍ତର୍ଭୁକ୍ତ, — କାରଣ ସେମାନେ ଏକ ତ୍ରିକ ମଧ୍ୟରେ ସର୍ବଦା ନିବାସ କରନ୍ତି; ଆନନ୍ତ୍ୟ ହେଉଛି ସେମାନଙ୍କର ଆୟତନ, ଆନନ୍ଦ ସେମାନଙ୍କର ଆଧାର । 'ସତ୍ୟ' ରୂପକ ବିଶାଳ ଆୟତନ ଦ୍ୱାରା ସେମାନେ ଧୃତ ହୋଇଛନ୍ତି, ସେଠାରୁ ଦିବ୍ୟ 'ଜ୍ୟାତି' ସ୍ୱର୍‌ରୂପୀ ତ୍ରିବିଧ ସ୍ୱର୍ଗୀୟ ଜ୍ୟୋତିର୍ମୟ ଜଗତ୍, ଯାହା 'ଇନ୍ଦ୍ର'ଙ୍କର ଧାମ, ଯାହା ମଧ୍ୟରେ ଆମ ମନୋରାଜ୍ୟ ବିଦ୍ୟମାନ, ତାହା ପ୍ରତି ସ୍ୱକିରଣରେ ଭାସ୍ୱର ହୋଇ ରହିଛି । ତାହାର ନିମ୍ନକୁ ଅବସ୍ଥାପିତ ଆମେ ବାସ କରୁଥିବା ଭୂମିର ତ୍ରିତତ୍ତ୍ୱ ।

ପୁରାଣମାନଙ୍କରେ ଯେପରି ବୈଶ୍ୱ ଶ୍ରେଣୀବିଭାଗ ରହିଛି ବେଦରେ ମଧ୍ୟ ସେହିପରି, କିନ୍ତୁ ସେମାନେ ଭିନ୍ନ ଭାବେ ଶ୍ରେଣୀବଦ୍ଧ ହୋଇ ରହିଛନ୍ତି, — ତତ୍ତ୍ୱତଃ ସେଥିରେ ରହିଛି ସପ୍ତଲୋକ, ବ୍ୟବହାରିକ ଦୃଷ୍ଟିରୁ ସେମାନଙ୍କ ସଂଖ୍ୟା ପାଞ୍ଚ, ସାମାନ୍ୟ ବର୍ଗଗୁଡ଼ିକ ମଧ୍ୟରେ ସେମାନଙ୍କ ସଂଖ୍ୟା ତିନି :

୧. ପରମ ସତ୍-ଚିତ୍-ଆନନ୍ଦ ତ୍ରିବିଧ ଦିବ୍ୟ ଲୋକଚୟ

୨. ସଂଯୋଜକ ଜଗତ୍
ଅତିମାନସ — ସତ୍ୟ, ଋତ, ବୃହତ୍ —
ଏହାର ଜ୍ୟୋତିର୍ମୟ
ତ୍ରିସ୍ୱର୍ଗ ସହ 'ସ୍ୱର୍' ମଧ୍ୟରେ ଅଭିବ୍ୟକ୍ତ

୩. ତ୍ରିବିଧ ନିମ୍ନଲୋକ

| | |
|---|---|
| ବିଶୁଦ୍ଧ ମନ | ସ୍ୱର୍ (ଦ୍ୟୌଃ, ତ୍ରିସ୍ୱର୍ଗ) |
| ପ୍ରାଣ ଶକ୍ତି | ମନୋଲୋକ (ଅନ୍ତରୀକ୍ଷ) |
| ଅନ୍ନ | ପୃଥ୍ୱୀଲୋକା (ତ୍ରିଭୂମି) |

(କ୍ରମଶଃ)

[ଶ୍ରୀଅରବିନ୍ଦଙ୍କ CWSA, Vol. 15, '*The Secret of the Veda'*, Part - III, (***Hymns of the Atris, The Doctrine of the Mystics***), pp. 370 - 373 ]

ଅନୁବାଦ : ଶ୍ରୀ ମଧୁସୂଦନ ମହାପାତ୍ର

ସମଗ୍ର ରୂପଟିକୁ ହରାଇ ବସିବା ନୁହେଁ, ତାହାକୁ ସମଗ୍ର ଭାବରେ ବହନ କରିବା,— ତାହାହିଁ ଅସଲ ଗୁପ୍ତ ରହସ୍ୟ । ଈଶ୍ୱର ଏବଂ ମନୁଷ୍ୟ, ବିଶ୍ୱ ଏବଂ ବିଶ୍ୱାତୀତତା,— ଯେତେବେଳେ ଏମାନେ ପରସ୍ପରକୁ ଜାଣନ୍ତି, ସେତିକି ବେଳେହିଁ ସେମାନେ ଏକରୂପ ହୋଇଯାଆନ୍ତି । ସେମାନେ ପରସ୍ପରଠାରୁ ଅଲଗା ହୋଇଗଲେହିଁ ତହିଁରୁ ଅଜ୍ଞାନ ଜାତ ହୁଏ ଏବଂ ଅଜ୍ଞାନରୁ ଦୁଃଖ ଜାତ ହୋଇଥାଏ ।

(SABCL.Vol. 16, p.382) — ଶ୍ରୀଅରବିନ୍ଦ

# ପୂର୍ଣ୍ଣାଙ୍ଗ ଶିକ୍ଷାର ପ୍ରୟୋଗ

## ଶ୍ରୀ ପ୍ରପତ୍ତି

### ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିକୋଣ :

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ପ୍ରଦର୍ଶିତ ଶିକ୍ଷାମାର୍ଗକୁ ପୂର୍ଣ୍ଣାଙ୍ଗ ଶିକ୍ଷା ବୋଲି କୁହାଯାଏ । ଏହା ମୂଳତଃ ତାଙ୍କର ଅଧ୍ୟାତ୍ମ ଯୋଗ-ଦର୍ଶନ ଉପରେ ପ୍ରତିଷ୍ଠିତ । ଶ୍ରୀଅରବିନ୍ଦ ସ୍ୱୀୟ ଯୋଗ-ଦୃଷ୍ଟି ବଳରେ ବିଶ୍ୱ ଓ ମାନବ ଜୀବନର ଯେଉଁ ଗଭୀର ତତ୍ତ୍ୱଚୟ ଉଦ୍‌ଘାଟନ କରି ଅଛନ୍ତି ତାହାହିଁ ତାଙ୍କ ଶିକ୍ଷା-ଦର୍ଶନର ମୂଳଭିତ୍ତି । ଏଥିରେ ଦେଖିବାକୁ ମିଳେ ସମଗ୍ର ମାନବଜୀବନ ଓ ସମଗ୍ର ସଂସାରର ପୂର୍ଣ୍ଣାଙ୍ଗ ରୂପ । ଶ୍ରୀଅରବିନ୍ଦ ଜୀବନ ଓ ସଂସାରର କୌଣସି ଅଂଶକୁ ବାଦ୍ ଦେଇ ନାହାନ୍ତି । ଆମ୍ଭେମାନେ ପ୍ରାୟ ଦେଖୁ ପ୍ରାଚୀନ ଭାରତର ଶିକ୍ଷାପଦ୍ଧତିରେ ବ୍ୟାବହାରିକ ଜୀବନର ଉନ୍ନତି, ସମୃଦ୍ଧି ଓ ବୈଭବ ତୁଳନାରେ ଆଧ୍ୟାତ୍ମିକ ଜୀବନର ଉନ୍ନତି, ସିଦ୍ଧି ଓ ସାଫଲ୍ୟ ଉପରେ ଜୋର୍ ଦିଆଯାଇଛି । ମାତ୍ର ପାର୍ଥିବ ଓ କର୍ମମୟ ଜୀବନକୁ ଅବହେଳା କରାଯାଇଛି । ପରିଣାମରେ ଭାରତରେ ଜୀବନର ମୂଲ୍ୟବୋଧ ଏକ ତରଫା ହୋଇ ଯାଇଛି ଏବଂ ବହିର୍ଜଗତ ସଙ୍ଗେ ଅନ୍ତର୍ଜଗତର ସାମଞ୍ଜସ୍ୟ ନଷ୍ଟ ହୋଇ ଯାଇଛି । ଅନ୍ୟ ଦିଗରେ, ବର୍ତ୍ତମାନ ପ୍ରଚଳିତ ପାଶ୍ଚାତ୍ୟ ଶିକ୍ଷାରେ ବହିର୍ଜଗତ ତଥା ଭୌତିକ ସାଫଲ୍ୟ, ବିଜ୍ଞାନ ଓ ଶିଳ୍ପତନ୍ତ୍ର ଉପରେ ଅତ୍ୟଧିକ ଜୋର୍ ଦିଆଯାଇଛି । ଏହା ଫଳରେ ଅନ୍ତର୍ଜଗତର ସୁଷମ ବିକାଶ ବ୍ୟାହତ ହୋଇଛି । ଅଧ୍ୟାତ୍ମ ଭାବ ଓ ପ୍ରେରଣାକୁ ବାଦ୍ ଦେଇ ପାଶ୍ଚାତ୍ୟ ଜଗତ୍ ନାନା ପ୍ରକାର ଯୁଦ୍ଧ, ବିଗ୍ରହ ଓ କଳହ ମଧ୍ୟରେ ଗତି କରୁଛି । ପ୍ରାଚ୍ୟର ଶାନ୍ତ, ସ୍ନିଗ୍ଧ, ଉଜ୍ଜ୍ୱଳ ଆଧ୍ୟାତ୍ମିକ ମନୋଭାବ ସାଙ୍ଗକୁ ରହିଛି ତାମସିକତା, ଦରିଦ୍ରତା ଓ କର୍ମହୀନତା ଏବଂ ଅନ୍ୟ ପକ୍ଷରେ ପାଶ୍ଚାତ୍ୟର ସଚଳ, ସକ୍ରିୟ, ବହୁମୁଖୀ କର୍ମପ୍ରବଣ ମନୋଭାବ ସାଙ୍ଗକୁ ରହିଛି ସଂଘର୍ଷ, ଯୁଦ୍ଧ ଓ ଆସୁରିକତା । ଏହି ଉଭୟ ପାକ୍ଷିକ (one-sided) ସଂସ୍କୃତିର ସମୁଦାୟ ସମନ୍ୱୟ ଘଟିଛି ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା-ବିଧିରେ । ଏହି ସମ୍ବନ୍ଧରେ ଶ୍ରୀମା'ଙ୍କ ଏକ ବାଣୀ ବିଶେଷ ପ୍ରଣିଧାନଯୋଗ୍ୟ :

"India has or rather *had* the knowledge of the Spirit, but she neglected matter and suffered for it.

The West has the knowledge of matter but rejected the Spirit and suffers badly for it.

An integral education which could, with some variations, be adapted to all the nations of the world, must bring back the legitimate authority of the Spirit over a matter fully developed and utilised."

(CWM, Vol. 12, P. 249) – The Mother

ଅର୍ଥାତ୍, ''ଆତ୍ମା ସମ୍ବନ୍ଧରେ ଭାରତର ଯଥାର୍ଥ ଜ୍ଞାନ ଅଛି ବା ଅତୀତରେ ଥିଲା, କିନ୍ତୁ ସେ ଭୌତିକ ବସ୍ତୁକୁ ଅବହେଳା କଲା ଏବଂ ଏଥିପାଇଁ ତାକୁ ଦୁଃଖଭୋଗ କରିବାକୁ ପଡ଼ିଲା ।

ଭୌତିକ ବସ୍ତୁ ସମ୍ବନ୍ଧରେ ପାଶ୍ଚାତ୍ୟର ଯଥାର୍ଥ ଜ୍ଞାନ ଅଛି, କିନ୍ତୁ ଏହା ଆତ୍ମାକୁ ପ୍ରତ୍ୟାଖ୍ୟାନ କରିଛି ଏବଂ ଏଥିନିମିତ୍ତ ଆହୁରି ଶୋଚନୀୟ ପରିଣତି ତାକୁ ଭୋଗ କରିବାକୁ ହୋଇଛି ।

ଯଦି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ପୃଥିବୀର ସକଳ ରାଷ୍ଟ୍ର ନିମିତ୍ତ କେତେକ ବୈଚିତ୍ର୍ୟ ସହ ଗ୍ରହଣ କରାଯାଇ ପାରିବ, ତେବେ ତାହା ନିଶ୍ଚୟ ପୁନଶ୍ଚ ଲାଭ କରିବ ପୂର୍ଣ୍ଣ ବିକଶିତ ଓ ସୁବ୍ୟବହୃତ ଭୌତିକ ବସ୍ତୁ ଉପରେ ଆତ୍ମାର ନ୍ୟାଯ୍ୟ କର୍ତ୍ତୃତ୍ୱ ପ୍ରତିଷ୍ଠା ।''

ସୁତରାଂ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାନୀତିରେ ଅଧ୍ୟାତ୍ମ ସତ୍ୟ ଓ ଭୌତିକ ଜୀବନ ମଧ୍ୟରେ, ଅନ୍ତର୍ଜଗତ ଓ ବହିର୍ଜଗତ ମଧ୍ୟରେ ପୂର୍ଣ୍ଣ ସାମଞ୍ଜସ୍ୟ ରଖାଯାଇ ପାରିଛି ଏବଂ ଏହାକୁ ପୃଥିବୀର ବିଭିନ୍ନ ରାଷ୍ଟ୍ର ମଧ୍ୟରେ କିଛି କିଛି ପରିବର୍ତ୍ତିତ କରି ପ୍ରୟୋଗ କରାଯାଇ ପାରେ ବୋଲି ଶ୍ରୀମା ତାଙ୍କର ବାଣୀରେ ଉଲ୍ଲେଖ କରିଛନ୍ତି ।

ଆମ୍ଭେମାନେ ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନର କେନ୍ଦ୍ରୀୟ ତତ୍ତ୍ୱ ପ୍ରତି ଆଉ ଟିକିଏ ଅଧିକ ଧ୍ୟାନ ଦେଲେ ତାଙ୍କ ଶିକ୍ଷାବିଧିର ପୂର୍ଣ୍ଣ ସ୍ୱରୂପ ବୁଝି ପାରିବା । ଶ୍ରୀଅରବିନ୍ଦ ହେଲେ ଭାବୀ ଯୁଗର ଦ୍ରଷ୍ଟା — ତାଙ୍କ ଶିକ୍ଷାନୀତି ମଧ୍ୟ ଭାବୀ ଯୁଗର ବାର୍ତ୍ତାବହ ।

ଉଭୟ ବୈଜ୍ଞାନିକ ବିଚାର ଏବଂ ବ୍ୟାପକ ଅଧ୍ୟାତ୍ମ ଉପଲବ୍ଧି ବଳରେ ଶ୍ରୀଅରବିନ୍ଦ ଜାଣି ପାରିଲେ ଯେ ବର୍ତ୍ତମାନ ମନୁଷ୍ୟ ଓ ମାନବଗୋଷ୍ଠୀର ଗୋଟିଏ ଉନ୍ନତ ଅବସ୍ଥା ନିଶ୍ଚୟ ଦେଖା ଦେବ । ପ୍ରାକୃତିକ ବିବର୍ତ୍ତନଧାରାରେ ମନୁଷ୍ୟ ନିଜକୁ ଅତିକ୍ରମ କରି ଏକ ବ୍ୟାପକ, ବୃହତ୍ତର, ଉଜ୍ଜ୍ୱଳତର ଅଧ୍ୟାତ୍ମ ଚେତନାରେ ପ୍ରତିଷ୍ଠିତ ହେବ ଏବଂ ତାହାରି ଫଳରେ ଏକ ରୂପାନ୍ତର ଦେଖା ଦେବ । ଶ୍ରୀଅରବିନ୍ଦ ସ୍ୱୀୟ ତପସ୍ୟା ବଳରେ ମନୁଷ୍ୟର ଏହି ଦିବ୍ୟ ରୂପାନ୍ତର କାର୍ଯ୍ୟକୁ କ୍ଷିପ୍ରତର କରାଇବା ନିମିତ୍ତ ଊର୍ଦ୍ଧ୍ୱଲୋକର ଏକ ପୂର୍ଣ୍ଣ ଜ୍ୟୋତିର୍ମୟ, ପୂର୍ଣ୍ଣ ଜ୍ଞାନମୟ, ପୂର୍ଣ୍ଣ ଆନନ୍ଦମୟ ଦିବ୍ୟ ଅତିମାନସ ଶକ୍ତିକୁ ଅବତରଣ କରାଇଲେ । ଏହି ଅବତରଣ ଫଳରେ ଯେଉଁ ବିପ୍ଳବ ବ୍ୟକ୍ତି ଓ ସମାଜ ମଧ୍ୟରେ ସଂଘଟିତ ହେବ – ତାହା ଚେତନାରେ ଏବଂ ଅନ୍ତର୍ଜଗତରେ ଏକ ବିପ୍ଳବ । ଏହି ବିପ୍ଳବ ଫଳରେ ଏକ ଅଭ୍ୟୁତ୍ଥାନ ଅନିବାର୍ଯ୍ୟ ହେବ – ପୂର୍ଣ୍ଣତର ମାନବଜୀବନ ଓ ପୂର୍ଣ୍ଣତର ଗୋଷ୍ଠୀବଦ୍ଧ ଜୀବନ ଆଡ଼କୁ । ଏହାର ଚରମ ପରିଣାମ ହେବ ଏକ ନୂତନ ମାନବଜାତିର ଆବିର୍ଭାବ । ପ୍ରକୃତିର ବିବର୍ତ୍ତନରେ ଜଡ଼, ଉଦ୍ଭିଦ ଓ ପଶୁଜଗତ ପରେ ଯେପରି ମାନବର ଉଦ୍ଭବ ହୋଇଅଛି, ସେହିପରି ମାନବ ପରେ ଅତିମାନବର ଆବିର୍ଭାବ ଏକ ଅନିବାର୍ଯ୍ୟ ଘଟଣା । ଶ୍ରୀଅରବିନ୍ଦଙ୍କ ଶିକ୍ଷା-ଦର୍ଶନର ଚରମ ଲକ୍ଷ୍ୟ ହେଲା ଏହି ନୂତନ ମାନବଜାତି ନିମିତ୍ତ ମାନବସମାଜକୁ ପ୍ରସ୍ତୁତ କରିବା । ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଉଦ୍‌ଘାଟନ ଉତ୍ସବରେ ଶ୍ରୀମା ଏହି କଥା ଘୋଷଣା କରି କହିଥିଲେ । ଏହି ଶିକ୍ଷାକେନ୍ଦ୍ର ହେଲା "... ... one of the best means of preparing the future humanity to receive the supramental light that will transform the élite of today into a new race manifesting upon earth the new light and force and life."

(CWM, Vol. 12, P. 112) – The Mother

ସୁତରାଂ ଆଗାମୀ କାଳରେ ଯେଉଁ ନୂତନ ଜୀବନ, ନୂତନ ସମାଜ, ନୂତନ ରାଷ୍ଟ୍ର, ସର୍ବୋପରି ଏକ ନୂତନ ପୃଥିବୀ ଆସୁଅଛି, ତାହାରି ନିମିତ୍ତ ବର୍ତ୍ତମାନ ଶିକ୍ଷାକୁ ଉପଯୋଗୀ କରିବାକୁ ହେବ । ଏହି ଶିକ୍ଷାର ମାଧ୍ୟମରେ ମନୁଷ୍ୟର ପୂର୍ଣ୍ଣାଙ୍ଗ ବିକାଶ କେବଳ ଯେ ସମ୍ଭବ ହେବ ତାହା ନୁହେଁ ବରଂ ଏକ ରୂପାନ୍ତର ଘଟିବ ଯାହା ଫଳରେ ମନୁଷ୍ୟ ନିଜକୁ ଅତିକ୍ରମ କରି ଏକ ଉଚ୍ଚତର ପାବଚ୍ଛରେ ଉପନୀତ ହେବ ।

**ପୂର୍ଣ୍ଣାଙ୍ଗ ଶିକ୍ଷାର ଚତୁର୍ବିଧ ଅଙ୍ଗ :**

ପୂର୍ଣ୍ଣାଙ୍ଗ ଶିକ୍ଷାର ଦୁଇଟି ଭିତ୍ତି : ଗୋଟିଏ ହେଲା ଦାର୍ଶନିକ, ଅନ୍ୟଟି ହେଲା ମନସ୍ତାତ୍ତ୍ୱିକ । ଏହାର ଦାର୍ଶନିକ ଭିତ୍ତି ସମ୍ବନ୍ଧରେ ଆମ୍ଭେମାନେ କିଛି ଆଲୋଚନା କରିଛୁ । ବର୍ତ୍ତମାନ ମନସ୍ତତ୍ତ୍ୱ ଦୃଷ୍ଟିରୁ ପୂର୍ଣ୍ଣାଙ୍ଗ ଶିକ୍ଷାର ବିଚାର କରିବା । ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନରେ ମାନବ-ବ୍ୟକ୍ତିତ୍ୱର ଯେପରି ଗଭୀର ବିଶ୍ଳେଷଣ ହୋଇଛି ତାହା ଅନ୍ୟତ୍ର ଦେଖାଯାଏ ନାହିଁ । ଶ୍ରୀଅରବିନ୍ଦ ମୁଖ୍ୟତଃ ମନୁଷ୍ୟର ବ୍ୟକ୍ତିତ୍ୱକୁ ଚାରି ଭାଗରେ ବିଭକ୍ତ କରିଛନ୍ତି : ଶାରୀରିକ ବ୍ୟକ୍ତିତ୍ୱ (Physical personality), ପ୍ରାଣିକ ବ୍ୟକ୍ତିତ୍ୱ (Vital personality), ମନୋମୟ ବ୍ୟକ୍ତିତ୍ୱ (Mental personality) ଏବଂ ପରିଶେଷରେ ଚୈତ୍ୟ ଓ ଅଧ୍ୟାତ୍ମ ବ୍ୟକ୍ତିତ୍ୱ (Psychic & spiritual personality) । ଅବଶ୍ୟ ଏସବୁର ଊର୍ଦ୍ଧ୍ୱରେ ରହିଛି ମନୁଷ୍ୟର ଅତିମାନସିକ ବ୍ୟକ୍ତିତ୍ୱ (Supramental personality) । ଏହି ଚତୁର୍ବିଧ ବ୍ୟକ୍ତିତ୍ୱର ବିକାଶ ନିମିତ୍ତ ଚତୁର୍ବିଧ ଶିକ୍ଷା ପ୍ରଣାଳୀର ଅନୁସରଣ କରିବାକୁ ପଡ଼ିବ – ଏହି ଶିକ୍ଷାଗୁଡ଼ିକ ହେଲା ଶାରୀରିକ ଶିକ୍ଷା, ପ୍ରାଣଗତ ଶିକ୍ଷା, ମନୋଗତ ଶିକ୍ଷା ଏବଂ ଚୈତ୍ୟ ତଥା ଆଧ୍ୟାତ୍ମିକ ଶିକ୍ଷା ।

ଏହି ପ୍ରତ୍ୟେକ ଅଙ୍ଗର ଶିକ୍ଷାର ବିଧାନ ଓ ପ୍ରଣାଳୀ ସମ୍ବନ୍ଧରେ ଶ୍ରୀମା ସ୍ୱୀୟ ପୁସ୍ତକ 'On Education'ରେ ଗଭୀରଭାବେ ମନ୍ତ୍ରତୁଲ୍ୟ ବର୍ଣ୍ଣନା କରିଛନ୍ତି । ଏହାଛଡ଼ା ବହୁ ସମୟରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର କଥୋପକଥନରେ, ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ପରିଚାଳନା, ସଙ୍ଗଠନ, ବିଧାନ ଓ ପାଠ୍ୟପ୍ରଣାଳୀ ସମ୍ବନ୍ଧରେ ଆଲୋଚନା କରିଛନ୍ତି । ଏହି ଶିକ୍ଷାକେନ୍ଦ୍ର ତାଙ୍କର ତତ୍ତ୍ୱାବଧାନରେହିଁ ଗଢ଼ି ଉଠିଛି । ଏହିସବୁ ବିଷୟ ଯେକୌଣସି ଅନୁସନ୍ଧିତ୍ସୁ ଜାଣିବାକୁ ଚାହିଁଲେ ଜାଣି ପାରିବେ ।

କିନ୍ତୁ ଏଠାରେ ଗୁରୁତର ପ୍ରଶ୍ନ ହେଉଛି, ଏହି ଶିକ୍ଷାକୁ କ'ଣ ସାମାଜିକ ଓ ରାଷ୍ଟ୍ରୀୟ କ୍ଷେତ୍ରରେ ପ୍ରୟୋଗ କରାଯାଇ ପାରିବ ? ଯଦି କରାଯାଇ ପାରିବ, ତେବେ କିପରି କରାଯାଇ ପାରିବ ? ଅନ୍ୟ ପ୍ରଶ୍ନ ହେଲା, ଶ୍ରୀଅରବିନ୍ଦ ଆଶ୍ରମର ପୃଷ୍ଠଭୂମିରେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଗଢ଼ି ଉଠିଛି, କିନ୍ତୁ ଅନ୍ୟ ସ୍ଥାନରେ କେଉଁ ପୃଷ୍ଠଭୂମିରେ ଏପରି ଶିକ୍ଷାକେନ୍ଦ୍ର ଗଢ଼ି ଉଠିବ । ସର୍ବୋପରି ବର୍ତ୍ତମାନ ସମାଜ ଓ ଦେଶ ଏହି ଶିକ୍ଷାକୁ ଗ୍ରହଣ କରିବାକୁ ସ୍ୱୀକୃତି ଦେବ ତ ?

ଏକଥା ମୂଳରୁ ସ୍ପଷ୍ଟ ହେବା ଉଚିତ ଯେ ଶ୍ରୀଅରବିନ୍ଦଙ୍କ ଦୃଷ୍ଟିକୋଣ ଓ ବିଚାର ସର୍ବଦା ଏକ ଗୁରୁତର ବୈପ୍ଳବିକ ପରିବର୍ତ୍ତନର ସୂଚନା ଦିଏ । ତାଙ୍କର ଜୀବନ-ଦର୍ଶନ, ସମାଜ-ଦର୍ଶନ, ରାଷ୍ଟ୍ର-ଦର୍ଶନ, ଶିକ୍ଷା-ଦର୍ଶନ ଓ ଏପରିକି କଳା, ସାହିତ୍ୟ, କବିତାର ଆଲୋଚନା ଓ ବିଚାର ଏକାନ୍ତ ନୂତନ ଦୃଷ୍ଟିଭଙ୍ଗୀଯୁକ୍ତ ଓ ବୈପ୍ଳବିକ । ଶ୍ରୀଅରବିନ୍ଦ ଭାବୀ କାଳର ଦ୍ରଷ୍ଟା,– ଏକ ଅନାଗତ ଭବିଷ୍ୟତର ବାର୍ତ୍ତାବହ; "Sri Aurobindo's message is an immortal sunlight radiating over the future." ''ଶ୍ରୀଅରବିନ୍ଦଙ୍କ ବାଣୀ ଏକ ଶାଶ୍ୱତ ସୂର୍ଯ୍ୟାଲୋକ, ଯାହା ଭବିଷ୍ୟତ୍ ଉପରେ ନିଜକୁ ବିକୀର୍ଣ୍ଣ କରୁଛି ।'' ସୁତରାଂ ଶ୍ରୀଅରବିନ୍ଦଙ୍କୁ ସ୍ପର୍ଶ କରିବା ଅର୍ଥ ବ୍ୟକ୍ତି ଓ ସମାଜ, ଦେଶ ଓ ରାଷ୍ଟ୍ର ଏକ ଗୁରୁତର ପରିବର୍ତ୍ତନର ସମ୍ମୁଖୀନ ହେବ ।

"The world is preparing for a big change. Will you help ?"

– The Mother

''ପୃଥିବୀ ଏକ ବିରାଟ ପରିବର୍ତ୍ତନ ନିମିତ୍ତ ପ୍ରସ୍ତୁତ ହେଉଛି – ତୁମେ ଏଥିରେ ସହାୟତା କରିବ କି ?''

– ଶ୍ରୀମା

ଆମ୍ଭେମାନେ ଏକ ମହାନ୍ ବିପ୍ଳବର ଦ୍ୱାରଦେଶରେ ଛିଡ଼ା ହୋଇଛୁ । ଏହି ବିପ୍ଳବ ଅନିବାର୍ଯ୍ୟ, ଅବଶ୍ୟମ୍ଭାବୀ । ସୁତରାଂ ଏହାକୁ ସ୍ୱୀକାର କରିବାକୁ ହେବ । ତେବେ, ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ନୂତନ ସତ୍ୟ ଓ ଜ୍ୟୋତିକୁ ସମାଜରେ ପ୍ରୟୋଗ କରିବାକୁ ହେଲେ ସମାଜ ବା ସମଷ୍ଟିଗତ ଜୀବନର ଚାରୋଟି ପ୍ରଧାନ ଦ୍ୱାର ହେଲା :

୧. ଶିକ୍ଷା (ସଂସ୍କୃତି, କଳା, ସାହିତ୍ୟ)

୨. କୃଷି

୩. ଶିଳ୍ପ ଓ ବାଣିଜ୍ୟ

୪. ରାଜନୀତି ।

ଏହା ମଧ୍ୟରେ ଅଗ୍ରାଧିକାର ଦେବାକୁ ହେବ ଶିକ୍ଷା ଓ କୃଷିକୁ । ତା'ପରେ ବା ଧୀରେ ଧୀରେ ଅନ୍ୟାନ୍ୟ ଦ୍ୱାର ମଧ୍ୟରେ ପ୍ରବେଶ କରିବା ସମ୍ଭବ ହେବ । କିନ୍ତୁ ଏହି ଶିକ୍ଷାକୁ ସମାଜରେ ପ୍ରବର୍ତ୍ତିତ କରାଯାଇ ପାରିବ ତ ? ଜନସାଧାରଣ ଏହାର ମୂଲ୍ୟକୁ ଉପଲବ୍ଧି କରିବେ ତ ? ସେଥିନିମିତ୍ତ ସର୍ବପ୍ରଥମେ ଯେଉଁ ପରିବର୍ତ୍ତନ ଆଣିବାକୁ ହେବ, ତାହାହେଲା ସାମାଜିକ କ୍ଷେତ୍ରରେ ଏକ ଭାବନାଗତ (Conceptual) ଅଥବା କଳ୍ପନାଗତ (Ideational) ଅଥବା ଚେତନାଗତ ବିପ୍ଳବ । ପ୍ରଥମେ ଅଳ୍ପ ଲୋକ ବା ବହୁ ଲୋକ, ଗୋଟିଏ ବା କେତେକ କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀ ବା କେନ୍ଦ୍ର ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଜୀବନ-ଦର୍ଶନକୁ ଗ୍ରହଣ କରିବେ । ଶ୍ରୀଅରବିନ୍ଦ ଜୀବନ, ସମାଜ, ଦେଶ, ରାଷ୍ଟ୍ର ଓ ମାନବଗୋଷ୍ଠୀ ନିମିତ୍ତ ଯେଉଁ ଦୃଷ୍ଟି ଓ ବିଚାର ଦେଖାଇଛନ୍ତି ତାହା ସମାଜରେ ପ୍ରଚାରିତ ହେବ, ଏହା ଦ୍ୱାରା ଏକ ବ୍ୟାପକ ଆଲୋଡ଼ନ ସୃଷ୍ଟି ହେବ । ବର୍ତ୍ତମାନ ଜୀବନଧାରା, ଶିକ୍ଷା, ସମାଜ ଓ ଆଚାର-ବିଚାରରେ ଅତିଷ୍ଠ ହୋଇ ବହୁ ବ୍ୟକ୍ତି ଏକ ପରିବର୍ତ୍ତନକୁ ଅପେକ୍ଷା କରିବେ । ଯେତେଯେତେ ସମୟ ବ୍ୟତୀତ ହେବ, ଅଧିକରୁ ଅଧିକ ବ୍ୟକ୍ତି ଏହି ଜୀବନ-ଦୃଷ୍ଟି ଓ ବିଚାର ପ୍ରତି ଆକୃଷ୍ଟ ହୋଇ ଏକ ଅଧ୍ୟାତ୍ମ ଜୀବନଧାରାକୁ ଗ୍ରହଣ କରିବେ । ଏହିପରି ଭାବେ ଯଦି ସାମାଜିକ ଜୀବନରେ ଏକ ନବୀନ ଉତ୍ଥାନ ଅନ୍ତତଃ ଚିନ୍ତାରାଜ୍ୟରେ ଦେଖାଯାଏ, ତେବେ ଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ଶିକ୍ଷାବିଧିକୁ ସମାଜରେ ପ୍ରବର୍ତ୍ତିତ କରାଯାଇପାରେ । ଏହା ନୁହେଁ ଯେ ଏକ ସାମାଜିକ ପରିବର୍ତ୍ତନ ପରେ ଶିକ୍ଷାଗତ ପରିବର୍ତ୍ତନ ଆସିବ, ହୁଏତ ଶିକ୍ଷାଗତ ପରିବର୍ତ୍ତନ ପରେ ଅସଲ ସାମାଜିକ ପରିବର୍ତ୍ତନ ଆସିବ । କିନ୍ତୁ ଉଭୟ କାର୍ଯ୍ୟ ନ କଲେ ସଫଳତା ଅର୍ଜନ କରାଯାଇ ପାରିବ ନାହିଁ ।

ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ପଶ୍ଚାତରେ ଏକ ବିରାଟ ଶିକ୍ଷାଳୟ ରହିଛି – ତାହା ହେଲା ଆଶ୍ରମ । ଏଠାରେ ଶିକ୍ଷାକେନ୍ଦ୍ର "is school within a larger school" ''ସ୍କୁଲ ମଧ୍ୟରେ ସ୍କୁଲ'' । ଅର୍ଥାତ୍, ଏଠାରେ ଯେଉଁମାନେ ଛାତ୍ର, ସେମାନେ ଆଶ୍ରମରେ ରହନ୍ତି ଏବଂ ଆଶ୍ରମ ଏକ ବ୍ୟାପକ ଅର୍ଥରେ ବିଦ୍ୟାଳୟ । ଏଠାରେ "All life is Yoga" ଅର୍ଥାତ୍, "All life is education" ବୋଲି ଗ୍ରହଣ କରାଯାଇଛି । କିନ୍ତୁ ସମାଜରେ ଯେଉଁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସ୍ଥାପିତ ହେବ, ତାହାର ପୃଷ୍ଠଦେଶରେ ଏକ ଅତି ଅପରିଚ୍ଛନ୍ନ, ଅଜ୍ଞାନ, ଅନ୍ଧ ସମାଜ ରହିଛି । ଯଦି ଆମ୍ଭେମାନେ କିଛି ଭାବରେ ଏହି ସମାଜକୁ ଉନ୍ନତ, ଆଲୋକିତ, ଶୁଦ୍ଧ କରି ନ ଦେଉ, ତେବେ ଏହି ଶିକ୍ଷାବିଧି ଗୃହୀତ ହେବ ବୋଲି ବିଶ୍ୱାସ ହେଉ ନାହିଁ । ସେଥିପାଇଁ ପ୍ରଥମେ ସାମାଜିକ ବିପ୍ଳବ ଆବଶ୍ୟକ ।

ଦ୍ୱିତୀୟତଃ, ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ତିନୋଟି ସ୍ତରରେ ଶିକ୍ଷା ବିଧାନକୁ ପ୍ରୟୋଗ କରିବାକୁ ହେବ । ଏହି ଶିକ୍ଷାନୀତିରେ

ଶିକ୍ଷକ, ଛାତ୍ର ଓ ଅଭିଭାବକ ପ୍ରତ୍ୟେକଙ୍କୁ ଶିକ୍ଷିତ ହେବାକୁ ହେବ । ଶିକ୍ଷକଗଣ ନିଜ ଜୀବନରେ ଏହି ଶିକ୍ଷାର ପ୍ରୟୋଗ କରିବେ, ଛାତ୍ରମାନେ ସହଜେ ଏହି ଧାରାରେ ଶିକ୍ଷିତ ହେବେ ଏବଂ ଛାତ୍ରମାନଙ୍କର ମାତାପିତା ବା ଅଭିଭାବକ ମଧ୍ୟ ଏହି ଶିକ୍ଷାର ମୂଲ୍ୟକୁ ସ୍ୱୀକାର କରିବେ ଏବଂ ଗଢ଼ି ଉଠୁଥିବା ଶିଶୁର ଶିକ୍ଷାକୁ ସମ୍ମାନ ଦେବେ । ଯେଉଁଠାରେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠିତ ହେବ, ସେଠାରେ ଛାତ୍ରର ମାତାପିତା ଓ ଅଭିଭାବକମାନଙ୍କୁ ଏ ବିଷୟରେ ଡକାଇ ବୁଝାଇବାକୁ ହେବ ଏବଂ ସେମାନଙ୍କ ଜୀବନକୁ ଉନ୍ନତ କରିବା ନିମିତ୍ତ ଉତ୍ସାହ ଦେବାକୁ ହେବ । ଯଦି ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଯଥାର୍ଥ ଶିକ୍ଷାଦାନ କରିପାରିବ, ତେବେ ଶିକ୍ଷାର ଉନ୍ନତି ସଙ୍ଗେ ସଙ୍ଗେ ସାମାଜିକ ଜୀବନର ମଧ୍ୟ ବିଶେଷ ଉନ୍ନତି ହେବ । ଏହାଛଡ଼ା ଏହି ଶିକ୍ଷାର ବିଧାନ ଓ ଦର୍ଶନ ବର୍ତ୍ତମାନ ଶିକ୍ଷକ ଓ ଅଧ୍ୟାପକମାନଙ୍କ ମଧ୍ୟରେ, ଶିକ୍ଷାୟତନ ମାଧ୍ୟମରେ, ପ୍ରେସ୍, ସଭାସମିତି ଓ ଶିକ୍ଷକ-ସେମିନାର ଦ୍ୱାରା ପ୍ରସାର କରାଇବାକୁ ହେବ । ସ୍ଥାନେ ସ୍ଥାନେ ଶିକ୍ଷା ଶିବିରମାନ ଅନୁଷ୍ଠିତ କରାଇ ପୂର୍ଣ୍ଣାଙ୍ଗ ଶିକ୍ଷାବିଧିକୁ ପ୍ରଚାରିତ କରାଇବାକୁ ହେବ । ପ୍ରତ୍ୟେକ ପ୍ରାଦେଶିକ ଭାଷାରେ ଏକ ମାସିକ ପତ୍ରିକା ଏହି ସମ୍ବନ୍ଧରେ ପ୍ରକାଶିତ ହେବା ବାଞ୍ଛନୀୟ ହେବ । ବିଭିନ୍ନ ରାଷ୍ଟ୍ରରେ ଯେଉଁସବୁ ଶିକ୍ଷା ପ୍ରଚଳିତ ହେଉଛି ତାହାର ମଧ୍ୟ ଏକ ତୁଳନାତ୍ମକ ବିଚାର ଦେଖିବାକୁ ହେବ ।

ଏହାଛଡ଼ା ସ୍ଥାନେ ସ୍ଥାନେ କ୍ଷୁଦ୍ର କ୍ଷୁଦ୍ର ପୂର୍ଣ୍ଣାଙ୍ଗ ଶିଶୁବିହାର ବା ବିଦ୍ୟାଳୟ ସ୍ଥାପନ କରି ଏହି ଶିକ୍ଷାକୁ ପ୍ରବର୍ତ୍ତିତ କରିବାକୁ ହେବ । ବର୍ତ୍ତମାନ ଭାରତ ସରକାରଙ୍କ ତରଫରୁ ମଧ୍ୟ ଏଥିପାଇଁ ଉତ୍ସାହ ମିଳୁଛି । ଏହି ଛୋଟ ଛୋଟ ଶିଶୁ ଶିକ୍ଷାକେନ୍ଦ୍ରକୁ ପରେ ହାଇସ୍କୁଲ ଓ କଲେଜ ସ୍ତରକୁ ନିଆଯାଇ ପାରିବ । କିନ୍ତୁ ଗୋଟିଏ କଥା ମନେ ରଖିବାକୁ ହେବ ଯେ ଏହି ଶିକ୍ଷାରେ ଚିରାଚରିତ ସାର୍ଟିଫିକେଟ୍ ବା ମାନପତ୍ର ଦେବାର ଆବଶ୍ୟକତା ରହିବ ନାହିଁ । ଏହା ପ୍ରଥମରୁ ଛାତ୍ରଛାତ୍ରୀ ଓ ଅଭିଭାବକଗଣଙ୍କୁ ସ୍ପଷ୍ଟ କରି ଦେବାକୁ ହେବ । ସାର୍ଟିଫିକେଟ୍ ବା ଡିପ୍ଲୋମା ଉଦ୍ଦେଶ୍ୟ ରଖି ଛାତ୍ରମାନେ ଅଧ୍ୟୟନ କରିବାକୁ ଆସିଲେ ଶିକ୍ଷାର ଉଦ୍ଦେଶ୍ୟ ବ୍ୟର୍ଥ ହେବ । ଏହା ଦ୍ୱାରା କିପରି ଅର୍ଥ ଉପାର୍ଜନ କରାଯାଇ ପାରିବ ଏବଂ ସମାଜରେ ଉଚ୍ଚ ସ୍ଥାନ ମିଳିବ ତାହାହିଁ ଛାତ୍ରର ଲକ୍ଷ୍ୟ ହୋଇଥାଏ । କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଲେ ସାମାଜିକ ସମ୍ମାନ ଓ ପ୍ରତିପତ୍ତି ମଧ୍ୟ ଲାଭ ହେବ । ଏହା ପ୍ରକୃତରେ ଶିକ୍ଷାର ଉଦ୍ଦେଶ୍ୟ ନୁହେଁ । ଏହି ବିଷୟ ଉଲ୍ଲେଖ କରି କିଛି ବର୍ଷ ପୂର୍ବେ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ କାହିଁକି 'ପ୍ରମାଣପତ୍ର' ବା ଡିପ୍ଲୋମା ଦିଆଯାଏ ନାହିଁ ସେ ବିଷୟରେ ଶ୍ରୀମା ସ୍ୱୟଂ କହିଥିଲେ, ''ଜ୍ଞାନଲାଭ କରିବା ପାଇଁ ଶିକ୍ଷା କରିବା, ପ୍ରକୃତି ଓ ଜୀବନର ରହସ୍ୟ ଉଦ୍‌ଘାଟନ ନିମିତ୍ତ ଅଧ୍ୟୟନ କରିବା, ନିଜ ଚେତନାର ଅଭିବୃଦ୍ଧି ସାଧନ କରିବା, ନିଜକୁ ଶିକ୍ଷିତ କରିବା, ଜୀବନ ଉପରେ ପୂର୍ଣ୍ଣ କର୍ତ୍ତୃତ୍ୱ ଆଣିବା ନିମିତ୍ତ ନିଜକୁ ଶୃଙ୍ଖଳିତ କରିବା, ଜୀବନରେ ଗୋଟାଏ ବିଶାଳତର, ମହତ୍ତର, ଉଦାରତର ଏବଂ ଉଚ୍ଚତର ଲକ୍ଷ୍ୟ ଆଡ଼କୁ ଅଗ୍ରସର ହେବା ନିମିତ୍ତ ନିଜକୁ ପ୍ରସ୍ତୁତ କରିବା – ଏହିସବୁ ବିଷୟରେ ଏହି ଛାତ୍ରମାନେ (ଉପାଧି ଓ ଡିପ୍ଲୋମା ଖୋଜୁଥିବା ଛାତ୍ରମାନେ) ଆଦୌ ଚିନ୍ତା କରନ୍ତି ନାହିଁ ବରଂ ଏସବୁକୁ ଏକ କାଳ୍ପନିକ ଆଦର୍ଶ (Utopia) ବୋଲି ମନେ କରନ୍ତି । ଆଉ ସେମାନଙ୍କର ଏକମାତ୍ର ସାରକଥା ହେଲା କିପରି କାର୍ଯ୍ୟକାରୀ ଓ ଚତୁର ହେବା ଏବଂ ଅର୍ଥ ଉପାର୍ଜନ ନିମିତ୍ତ ନିଜକୁ କିପରି ପ୍ରସ୍ତୁତ କରିବା ଓ ତାହାର ଉପାୟ ଶିକ୍ଷା କରିବା ।

''ଯେଉଁ ତରୁଣ ଛାତ୍ରମାନେ ଏହି ବ୍ୟାଧି ଦ୍ୱାରା ଆକ୍ରାନ୍ତ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ସେମାନଙ୍କ ନିମିତ୍ତ ଉପଯୁକ୍ତ ସ୍ଥାନ ନୁହେଁ । ଏହିକଥା ଛାତ୍ରମାନଙ୍କ ନିକଟରେ ପ୍ରମାଣ କରାଇବା ପାଇଁ ଆମ୍ଭେମାନେ ସେମାନଙ୍କୁ କୌଣସି ସରକାରୀ ଚାକିରି ବା ପ୍ରତିଯୋଗିତାମୂଳକ ପରୀକ୍ଷା ନିମିତ୍ତ ପ୍ରସ୍ତୁତ କରୁ ନାହୁଁ, ଅଥବା ସେମାନଙ୍କୁ କୌଣସି ଡିପ୍ଲୋମା ବା ସାର୍ଟିଫିକେଟ୍ ଦେଉ ନାହୁଁ... ... ।

''ଆମ୍ଭେମାନେ ଏକମାତ୍ର ସେହିମାନଙ୍କୁ ଚାହୁଁ ଯେଉଁମାନେ ଏକ ଉଚ୍ଚତର ଏବଂ ଶ୍ରେଷ୍ଠତର ଜୀବନ ନିମିତ୍ତ ଅଭୀପ୍ସା କରନ୍ତି, ଯେଉଁମାନେ ଜ୍ଞାନ ଓ ପୂର୍ଣ୍ଣତା ନିମିତ୍ତ ଉତ୍ସୁକ ତଥା ଯେଉଁମାନେ ଆଗ୍ରହ ଓ ଉତ୍ସାହପୂର୍ବକ ଏକ ବିଶାଳତର, ସର୍ବାଙ୍ଗୀନ ଓ ପରିପୂର୍ଣ୍ଣ ଭବିଷ୍ୟତ୍ ପ୍ରତି ପ୍ରତୀକ୍ଷା କରି ରହିଛନ୍ତି ।''

ଏହି ଉକ୍ତିରୁ ସ୍ପଷ୍ଟ ହେବ ଯେ ଡିପ୍ଲୋମା, ଡିଗ୍ରୀ ବା ଉପାଧି କିପରି ନିରର୍ଥକ ବସ୍ତୁ । ତଥାପି ଏକଥା ସ୍ମରଣ ରଖାଯାଇ ପାରିବ ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଶିକ୍ଷା ବିଧାନ ଯେକୌଣସି ଅବସ୍ଥାରେ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କରିପାରେ ଏବଂ ଏହି କେନ୍ଦ୍ରର ଛାତ୍ରମାନେ ସରକାରୀ ଚାକିରି କ୍ଷେତ୍ରରେ ମଧ୍ୟ ପ୍ରବେଶ କରି ପାରନ୍ତି । ଶିକ୍ଷାର

କ୍ଷେତ୍ରରେ ଏକ ଆମୂଳଚୂଳ ପରିବର୍ତ୍ତନ ଦେଖା ଦେବ ଏବଂ ଯଦି କୌଣସିଠାରେ ଯଥାର୍ଥ ଶିକ୍ଷା ଦିଆଯାଉଛି ବୋଲି ଉପଲବ୍ଧି କରାଯିବ, ତେବେ ତାହା ସଙ୍ଗେ ସଙ୍ଗେ ସ୍ୱୀକୃତ ହେବ – ଏଥିରେ ସନ୍ଦେହର ଅବକାଶ ନାହିଁ ।

ପରିଶେଷରେ ଆମ୍ଭେମାନେ ଦେଖିବା ବର୍ତ୍ତମାନ ପ୍ରଚଳିତ ଶିକ୍ଷା ପ୍ରଣାଳୀରେ, ସ୍କୁଲ, କଲେଜ ସ୍ତରରେ ଏହି ଶିକ୍ଷାକୁ ପ୍ରବର୍ତ୍ତନ କରାଯାଇ ପାରିବ କି ? ଅର୍ଥାତ୍, କେତେଦୂର ବର୍ତ୍ତମାନ ଶିକ୍ଷା-ବିଧାନ ସହ ଏହାକୁ ପ୍ରୟୋଗ କରାଯାଇ ପାରେ । ଯଥାର୍ଥରେ କହିବାକୁ ଗଲେ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ଓ ଆଦର୍ଶକୁ ବର୍ତ୍ତମାନର ବହୁ ସମାଲୋଚିତ ଶିକ୍ଷାପଦ୍ଧତିରେ ଗ୍ରହଣ କରାଯାଇ ପାରିବ ନାହିଁ । ପ୍ରଥମେ ଯଦି କୌଣସି ସ୍କୁଲରେ ଏହାର ପ୍ରୟୋଗ କରିବାକୁ ଇଚ୍ଛା ହୁଏ, ତେବେ ପ୍ରଥମେ ସେହି ସ୍କୁଲର ଶିକ୍ଷକଗଣ ପୂର୍ଣ୍ଣାଙ୍ଗ ଶିକ୍ଷାର ଆଦର୍ଶ ଓ ଲକ୍ଷ୍ୟ ସମ୍ବନ୍ଧରେ ଅନୁପ୍ରାଣିତ ହେବେ । ପୂର୍ଣ୍ଣାଙ୍ଗ ଶିକ୍ଷା ଗୋଟିଏ ଜୀବନଚର୍ଯ୍ୟା, ଗୋଟିଏ ଆଚରଣ (a way of life) । ଶିକ୍ଷକମାନେ ଏହା ଦ୍ୱାରା ଅନୁପ୍ରାଣିତ ହେଲେ ଛାତ୍ରମାନଙ୍କ ଉପରେ ତାହାର ପ୍ରଭାବ ପଡ଼ିବ । ଦ୍ୱିତୀୟତଃ, ଶିକ୍ଷକମାନେ ଛାତ୍ରମାନଙ୍କୁ ଡର, ଭୟ ମଧ୍ୟରେ ପାଠ ପଢ଼ାଇବେ ନାହିଁ ବା ଧମକ ଚମକ ମଧ୍ୟଦେଇ କିଛି କରାଇ ନେବେ ନାହିଁ । ତୃତୀୟତଃ, ବିଭିନ୍ନ ବିଷୟରେ – ଇତିହାସ, ଗଣିତ, ଭୂଗୋଳ, ସାହିତ୍ୟ ପ୍ରଭୃତି ବିଷୟରେ – ଶିକ୍ଷକମାନେ ଇଚ୍ଛା କଲେ ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ନୂତନ ଦୃଷ୍ଟିକୋଣ ଓ ବିଚାର ଦେଇ ପାରନ୍ତି । ଚତୁର୍ଥତଃ, ଯେକୌଣସି ଶିକ୍ଷାୟତନରେ ଶ୍ରୀଅରବିନ୍ଦଙ୍କ ଆଦର୍ଶରେ ଗଠିତ ଛାତ୍ରସମାଜ ଶ୍ରୀଅରବିନ୍ଦଙ୍କ ଜୀବନଦର୍ଶନ ଓ ସାଧନା ସମ୍ବନ୍ଧରେ କିଛି କିଛି ଜାଣି ପାରିବେ । ପୂର୍ଣ୍ଣାଙ୍ଗ ଶିକ୍ଷାରେ ଉଦ୍ଦିଷ୍ଟ ଶରୀର ଚର୍ଚ୍ଚା, ବ୍ୟାୟାମ, ବିଭିନ୍ନ ପ୍ରକାର ଖେଳ ପ୍ରଭୃତି ଶିକ୍ଷାୟତନରେ ଗ୍ରହଣ କରାଯାଇ ପାରିବ । ଏହାଛଡ଼ା ଯଦି ସମ୍ଭବ ହୁଏ, ଶିକ୍ଷାୟତନମାନଙ୍କରେ ନୀରବ ପ୍ରାର୍ଥନା ସମବେତ ଛାତ୍ରମଣ୍ଡଳୀରେ କରାଯିବା ଉଚିତ । ପୁନଶ୍ଚ ପୂର୍ଣ୍ଣାଙ୍ଗ ଶିକ୍ଷାର ଦୃଷ୍ଟିରେ ପ୍ରାଣଗତ ଶିକ୍ଷାର କେତେକ ନିୟମ ଛାତ୍ର, ଶିକ୍ଷକମାନେ ପାଳନ କରିପାରନ୍ତି । ଇନ୍ଦ୍ରିୟଗୁଡ଼ିକର ସୁରୁଚି ଓ ସୌନ୍ଦର୍ଯ୍ୟବୋଧ ନାନା ଶୁଦ୍ଧ ଓ ପରିଚ୍ଛନ୍ନ ଉପାୟରେ ଆଣିବାକୁ ହେବ । ସ୍କୁଲକୁ ପରିଷ୍କାର ପରିଚ୍ଛନ୍ନ ଓ ନିର୍ମଳ ରଖିବା, ସ୍କୁଲ ହତା ମଧ୍ୟରେ ନାନାପ୍ରକାର ଫୁଲଗଛ ଓ ଲତା ଲଗାଇ ବାତାବରଣକୁ ସୁନ୍ଦର ଓ ଚିତ୍ତାକର୍ଷକ କରିବା ଉଚିତ । ସାମୟିକଭାବେ ସଙ୍ଗୀତ, ନାଟକ ଓ ପ୍ରାଚୀନ ଗଳ୍ପ ମାଧ୍ୟମରେ ଛାତ୍ରମାନଙ୍କ ମଧ୍ୟରେ ଉତ୍ସାହ ଉଦ୍ଦୀପନା ସୃଷ୍ଟି କରାଯାଇ ପାରିବ । କିନ୍ତୁ ଏହି ସକଳ ବିଷୟ ନିର୍ଭର କରୁଛି ଶିକ୍ଷକ ଓ ସ୍କୁଲର କର୍ମକର୍ତ୍ତାଗଣଙ୍କ ଉପରେ । ଶ୍ରୀଅରବିନ୍ଦ ଶ୍ରୀମାଙ୍କ ପ୍ରତି ଆନୁଗତ୍ୟ, ତାଙ୍କଠାରେ ଅତୁଟ ବିଶ୍ୱାସ ଓ ତାଙ୍କର ଆଦର୍ଶ ପ୍ରତି ଏକ ଗଭୀର ଶ୍ରଦ୍ଧା ଓ ଉତ୍ସାହହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ଯଥାର୍ଥ ଆରମ୍ଭ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୩୭ - ୧୪୩)

ପ୍ରତ୍ୟେକ ବ୍ୟକ୍ତି ଈଶ୍ୱରଙ୍କ ସଙ୍ଗେ ଏକ ସ୍ୱତନ୍ତ୍ର ଧାରାରେ ସଂପର୍କିତ ହୁଏ ଏବଂ ଏକ ସ୍ୱତନ୍ତ୍ର ଧାରାରେ ଈଶ୍ୱରଙ୍କୁ ପ୍ରକାଶ କରେ । ତୁମେ ଅନ୍ୟର ପନ୍ଥା ଗ୍ରହଣ କରିବା ଆବଶ୍ୟକ ନାହିଁ ! ତୁମେ ତୁମ ବାଟକୁ ଅନୁସରଣ କରି ଚାଲ ଏବଂ ତୁମ ବାଟରେ ଗଲେହିଁ ତୁମେ ସେଇ ଶୀର୍ଷରେ ପହଞ୍ଚି ପାରିବ । ଏଇ ଶୀର୍ଷ ସ୍ଥାନଟି ''ଏକ'', କିନ୍ତୁ ତୁମ ବାଟରେ ତୁମେ ଯାଇ ସେଠି ପହଞ୍ଚୁଛ । ଲକ୍ଷ୍ୟଟି ରହିଛି ଏହି ଶୀର୍ଷକୁ ଅତିକ୍ରମ କରି ତା'ର ଆହୁରି ଊର୍ଦ୍ଧ୍ୱରେ । ସେଇ ଲକ୍ଷ୍ୟଟି ''ଏକ'' ଏବଂ ସବୁ ଶୀର୍ଷର ଅତୀତ ଓ ଊର୍ଦ୍ଧ୍ୱରେ । କିନ୍ତୁ ପ୍ରତ୍ୟେକଙ୍କୁ ତାଙ୍କ ନିଜ ରାସ୍ତାରେ ଯାଇ ସେଠାରେ ପହଞ୍ଚିବାକୁ ହେବ । ପ୍ରତ୍ୟେକଙ୍କୁ ତାଙ୍କ ନିଜର ପାହାଡ଼ ଚଢ଼ିବାକୁ ହେବ, ଅନ୍ୟର ପାହାଡ଼ ନୁହେଁ ।

(CWM, Vol. 4, p. 350) — ଶ୍ରୀମା

# ଚିରନ୍ତନ ଗୀତା

## ଶ୍ରୀ ମନୋଜ ଦାସ

ଏକଦା ମହାନ୍ ରାଜା କୁରୁଙ୍କ ଯଜ୍ଞ ଦ୍ୱାରା ପବିତ୍ରିତ ଭୂମି ଆଜି ରଣାଙ୍ଗନରେ ପରିଣତ । ତହିଁ ପରସ୍ପର ବିରୋଧୀ ପାଣ୍ଡବ ଏବଂ କୌରବବାହିନୀ ସଂଘର୍ଷ ସକାଶେ ପ୍ରସ୍ତୁତ । ଆପାତ ନିସ୍ତବ୍ଧତା ଭିତରେ ଭୟଙ୍କର ରଣହୁଙ୍କାର, ଆସ୍ଫାଳନ ଓ ଆର୍ତ୍ତନାଦ ପାଇଁ ଭୂମିକା ପ୍ରସ୍ତୁତ ହେଉଛି ।

ଉତ୍କଣ୍ଠା ଓ ଉଦ୍‌ଗ୍ରୀବତାସ୍ପନ୍ଦିତ ସେହି ଭୀଷଣ ମୁହୂର୍ତ୍ତ କୌଣସି ଦାର୍ଶନିକ ଭାବର ଆଦାନପ୍ରଦାନ ନିମନ୍ତେ ଅନୁକୂଳ ସମୟ ହୋଇ ପାରେନା ନିଶ୍ଚୟ ! ଅଥଚ ଶ୍ରୀକୃଷ୍ଣ ତାଙ୍କ ପ୍ରିୟ ଅନୁଗାମୀ ଅର୍ଜୁନଙ୍କୁ ସେତିକିବେଳେ ଦିବ୍ୟଜ୍ଞାନ ଦେବା ପାଇଁ ଅକୁଣ୍ଠିତ ! ଏହା କିପରି ସମ୍ଭବ ?

ପ୍ରଶ୍ନଟି ସ୍ଥୂଳ — ତଥାପି ଏ ପ୍ରଶ୍ନର ଉଦ୍ରେକ ଅନିବାର୍ଯ୍ୟ । ସମାନ ଭାବରେ ଅନିବାର୍ଯ୍ୟ ଦ୍ୱିତୀୟ ପ୍ରଶ୍ନ, ଯାହା ସୂକ୍ଷ୍ମ ନ ହେଲେ ମଧ୍ୟ ଅପେକ୍ଷାକୃତ କମ୍ ସ୍ଥୂଳ : ଯୁଦ୍ଧ ତୁଳନାରେ ଶାନ୍ତି, ହିଂସାଚରଣ ତୁଳନାରେ ଅହିଂସାଚରଣ ନିଶ୍ଚୟ ଶ୍ରେୟସ୍କର । ଅଥଚ ଶାନ୍ତି ଓ ଅହିଂସାଚରଣର ଆଦର୍ଶରେ ଉଦ୍‌ବୁଦ୍ଧ ଅର୍ଜୁନଙ୍କୁ ସ୍ୱୟଂ ଶ୍ରୀକୃଷ୍ଣ ସଂଗ୍ରାମ ପାଇଁ ପ୍ରବର୍ତ୍ତାଉଛନ୍ତି । ଏହାଠୁ ବଳି ବିଷମ ବିସ୍ମୟ କ'ଣ ହୋଇପାରେ ?

ମହାଭାରତ ଯୁଦ୍ଧ ଅବଶ୍ୟ ଗୀତାର ପଟଭୂମି । କିନ୍ତୁ ବହୁଦିନ ଯାଏ ମହାଭାରତ ଏବଂ ଗୀତା ଥିଲେ ସ୍ୱତନ୍ତ୍ର । ଯେକୌଣସି ଭାବରସିକ, ସାହିତ୍ୟରସିକ ବା ଜିଜ୍ଞାସୁ ସକାଶେ ମହାଭାରତ ଥିଲା ପାଠ୍ୟ, କିନ୍ତୁ ଗୀତା ସମସ୍ତଙ୍କ ପାଇଁ ଲଭ୍ୟ ନଥିଲା । କେବଳ ଗୁରୁଙ୍କ ଦୃଷ୍ଟିରେ ଯିଏ ଅଧିକାରୀ, ଗୀତା ଥିଲା ତାହାରି ପାଇଁ ଉଦ୍ଦିଷ୍ଟ । ଏହା ମହାଭାରତର ଅଂଶ-ବିଶେଷରେ ପରିଣତ ହେଲା କାଳକ୍ରମେ ।

ସୁଦୂର ଅତୀତର ଘଟଣାପ୍ରବାହ ସହ, ତାହା ସମ୍ପୃକ୍ତ ଚରିତ୍ରସମୂହ ସହ ଏକାତ୍ମ ହେବା ଏବଂ ସେମାନଙ୍କ ସମସ୍ୟା ଓ ସନ୍ଧାନ, ଅନୁଭବ ଏବଂ ଅଭିମାନ ହୃଦୟଙ୍ଗମ କରିବାର ଶକ୍ତି ଆଜିର ମଣିଷ ଆୟତ୍ତ କରିବା ଅସମ୍ଭବ କହିଲେ ଅତ୍ୟୁକ୍ତି ହେବ ନାହିଁ । ପ୍ରସ୍ତ ପ୍ରସ୍ତ ସଂସ୍କାର ଓ ଧ୍ୟାନଧାରଣା, ସମସାମୟିକ ଅସଂଖ୍ୟ ମୂଲ୍ୟବୋଧ ନିଜ ଚେତନାରୁ ଲିଭେଇ ଦେଇ ନପାରିଲେ, ନିର୍ମମ ଭାବରେ ନିଜକୁ ନିରପେକ୍ଷ କରି ନପାରିଲେ, ସେଭଳି ଶକ୍ତିଲାଭ ସମ୍ଭବପର ନୁହେଁ ।

ତଥାପି ବହୁଯୁଗ ତଳେ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କ ଭିତରେ ସଂଘଟିତ ଭାବଗତ ଆଦାନପ୍ରଦାନରେ ଅସାମାନ୍ୟ ଗୁରୁତ୍ୱ ଥିବାର ଅନୁଭବ କରନ୍ତି ପ୍ରତି ଶତାବ୍ଦୀର ସୁଧୀଜନେ । ଆଜି ବି ଯିଏ ଗୀତାରୁ ଯେତିକି ବୁଝେ, ତାହାଠୁ ଅଧିକ କିଛି ଅବୁଝା ରହିଗଲା ବୋଲି ମନେକରେ । ସେଭଳି ମନେହେବା ଦ୍ୱାରା ସନ୍ଧାନୀର ଜ୍ଞାନସ୍ପୃହା ବଳବତ୍ତର ହୁଏ । ସେ ଅଧିକ ବୁଝିବାକୁ ସଚେଷ୍ଟ ହୁଏ ।

ବେଦର ଶ୍ଳୋକମାନ ଯେପରି ପ୍ରାୟଶଃ ପ୍ରତୀକଧର୍ମୀ, ଗୀତା ସେପରି ନୁହେଁ । ଗୀତାର ଭାବ ପ୍ରାଞ୍ଜଳ, ଭାଷା ସଂଯତ, ଦ୍ୱୈତବୋଧକ ନୁହେଁ । କିନ୍ତୁ ସେ ପ୍ରାଞ୍ଜଳତା ଓ ସ୍ୱଚ୍ଛତାର ବୈଶିଷ୍ଟ୍ୟ ଏପରି, ପାଠକର ଚେତନାରେ ତାହା ଅଧିକରୁ ଅଧିକ ପ୍ରଭାବଶାଳୀ ହୁଏ । ଜଣେ ପ୍ରଥମେ ଯେତିକି ବୁଝେ ବା ନିଜର ଜ୍ଞାନର ପରିମାଣକୁ ନେଇ ଯେପରି ବୁଝେ, ସେ ବୁଝିବା ଭୁଲ୍ ନୁହେଁ, ଅଥଚ କ୍ରମାଗତ ଭାବରେ ସେ ଅଧିକରୁ ଅଧିକ ଆଲୋକର ସନ୍ଧାନ — ସେହି ଏକହିଁ ଶ୍ଳୋକରାଶି ଭିତରେ — ପାଇବା ସମ୍ଭବ । ଗୀତା ତା' ନିଜସ୍ୱ ବିଭୂତି ଦ୍ୱାରା ସନ୍ଧାନୀର ବୋଧଶକ୍ତିକୁ ଅଧିକରୁ ଅଧିକ ସମୃଦ୍ଧ କରେ ଏବଂ ତଦନୁସାରେ ପାଠ୍ୟର ତାତ୍ପର୍ଯ୍ୟ ମହତ୍ତରୁ ମହତ୍ତର ହୋଇ ଚାଲିଥାଏ ।

ପ୍ରଥମ ପ୍ରଶ୍ନ ସମ୍ପର୍କରେ ସଂକ୍ଷେପରେ ଏତିକି କୁହା-ଯାଇପାରେ, ଶ୍ରୀକୃଷ୍ଣ-ଅର୍ଜୁନ ସଂଳାପ ଠିକ୍ ଯୁଦ୍ଧକ୍ଷେତ୍ରରେ ନହୋଇ ତା'ର ଅବ୍ୟବହିତ ପୂର୍ବରୁ ହୋଇଥାଇପାରେ, କିନ୍ତୁ ଯାହା ଆହୁରି ଅଧିକ ପ୍ରାସଙ୍ଗିକ, ତା'ହେଲା ସମୟ ଏକ ଆପେକ୍ଷିକ ଅଭିଜ୍ଞତା । ସ୍ୱପ୍ନାବିଷ୍ଟ ଅବସ୍ଥାରେ ସୁଦୀର୍ଘ ସମୟ-ସାପେକ୍ଷ ଘଟଣାମାନ ଏକ ଏକ ମୁହୂର୍ତ୍ତରେ ଘଟିଯିବା ଭଳି ଆମର ମନେ ହୋଇପାରେ । ଶ୍ରୀକୃଷ୍ଣ-ଅର୍ଜୁନ ଭାବଗତ ଆଦାନପ୍ରଦାନ ନୀରବରେ, କେଇ ମୁହୂର୍ତ୍ତ ଭିତରେ, କୌଣସି ଏକ ଭିନ୍ନ ସମୟ-ସ୍ତରରେ ସମ୍ଭବପର ହୋଇଥାଇପାରେ । ଗୀତାରେ ତା'ର ଉଚ୍ଚାରଣ-ସମ୍ମତ ରୂପ ଦେଇଛନ୍ତି ବ୍ୟାସଦେବ । ଯୁଦ୍ଧର ପ୍ରାକ୍‌କାଳରେ ଅର୍ଜୁନଙ୍କ ଚେତନାକୁ ଦିବ୍ୟାଲୋକ-ପ୍ଲାବିତ କରି ହୁଏତ ଏହାହିଁ ଦେଖାଇ ଦିଆଯାଇଛି, ଜୀବନରେ ଏଭଳି କୌଣସି ପରିସ୍ଥିତି ନାହିଁ, ଯାହାକୁ ଦିବ୍ୟ କରୁଣା ଏକ ସୁଯୋଗରେ ପରିଣତ ନକରିପାରେ, ଏଭଳି ମୁହୂର୍ତ୍ତ ନାହିଁ, ଯାହା ଏକ ଦିବ୍ୟ ମୁହୂର୍ତ୍ତରେ ପରିଣତ ହୋଇ ନପାରେ ।

ବର୍ତ୍ତମାନ ଅଧିକ ଗୁରୁତ୍ୱପୂର୍ଣ୍ଣ ଯେଉଁ ଦ୍ୱିତୀୟ ପ୍ରଶ୍ନ ତାକୁ ବିଚାରକୁ ନିଆଯାଉ । ସଂଘର୍ଷ କୌଣସି ସ୍ୱାଭାବିକ ମଣିଷର କାମ୍ୟ ନୁହେଁ; ଶାନ୍ତି ଓ ସଂହତିହିଁ ତା'ର କାମ୍ୟ । କିନ୍ତୁ ବାସ୍ତବ କ୍ଷେତ୍ରରେ ପ୍ରାୟ ସଂଘର୍ଷ ଭିତର ଦେଇ ସଂହତିରେ ଉପନୀତ ହେବା ସମ୍ଭବ ହୋଇଥାଏ । ମଣିଷର ନିଜ ସତ୍ତାରେ ନିରବଧି ସଂଘର୍ଷ ଏକ ବାସ୍ତବତା । ପ୍ରାଣାବେଗ ସହ ମନବୁଦ୍ଧିର ସଂଘର୍ଷ, ଗୋଟାଏ ଚିନ୍ତା ସହ ଅନ୍ୟ ଏକ ଚିନ୍ତାର ସଂଘର୍ଷ, ମଣିଷର ନିୟତ ଅଭିଜ୍ଞତା ।

ସାମାଜିକ କ୍ଷେତ୍ରରେ ବି ସେହିପରି ବହୁବିଧ ସଂଘର୍ଷ । ସେହିସବୁ ଭିତରେ, ଜୟ-ପରାଜୟ, ଉତ୍ଥାନ-ପତନ ଭିତର ଦେଇ ସମାଜର କ୍ରମାଗତ ଅଗ୍ରଗତି, ତାହା ଯେତେ ଧୀର ଓ ମନ୍ଥର ହେଉନା କାହିଁକି, ସାଧିତ ହେଉଛି ।

ଏହି ସଂଘର୍ଷ-ବହୁଳତା, ସଂଘର୍ଷ-ବିଚିତ୍ରା ଭିତରେ ଯେଉଁ ସଂଘର୍ଷଟି ମୁଖ୍ୟ, ତାହାହେଲା ଭଲ ଏବଂ ମନ୍ଦ ଭିତରେ ସଂଘର୍ଷ । ପୁରାଣରେ ଦେବ ଓ ଦାନବ ଭିତରେ କ୍ରମାଗତ ଯୁଦ୍ଧରୂପେ ବର୍ଣ୍ଣିତ ଏ ଭଲ ବନାମ ମନ୍ଦର ଅର୍ଥ ଟିକିଏ ସୂକ୍ଷ୍ମ । ଭଲ-ମନ୍ଦ ଓତପ୍ରୋତ ମିଶ୍ରିତ ରହିଥା'ନ୍ତି, କିନ୍ତୁ ସମୂହ, ସମାଜ ଓ ମାନବ ସଭ୍ୟତା ସକାଶେ ପ୍ରଗତିର ଏକ ଦିଗ୍‌ଦର୍ଶନ ରହିଛି । ଯେଉଁସବୁ ଶକ୍ତି ସେହି ପ୍ରଗତିର ସହାୟକ, ଏହି ବିଶେଷ ଅର୍ଥରେ ସେମାନେ ଭଲ, ଯେଉଁସବୁ ଶକ୍ତି ତା'ର ବିରୋଧୀ, ସେମାନେ ମନ୍ଦ । ଘଟଣାଚକ୍ରରେ, ମନ୍ଦ ଶିବିରରେ ବହୁ ଗୁଣୀ, ବିଦ୍ୱାନ୍ ବା ପରାକ୍ରମୀ ସାମିଲ ହୋଇଥାଇ ପାରନ୍ତି, କିନ୍ତୁ ପ୍ରଗତିର ଅନିବାର୍ଯ୍ୟ ରଥଚକ୍ର ତଳେ ସେମାନଙ୍କୁ ବିଦଳିତ ହେବାକୁ ପଡ଼ିବ । ପ୍ରମତ୍ତ ଅହଂ ଏବଂ କ୍ଷମତାନ୍ଧତା ଏହି ମନ୍ଦର ପ୍ରଧାନ ଲକ୍ଷଣ । କୌରବ ଶିବିର ଏହି ପ୍ରତିକ୍ରିୟାଶୀଳତାର ପ୍ରତିନିଧିତ୍ୱ କରୁଛନ୍ତି । ସେମାନଙ୍କ ପକ୍ଷରେ ଯେତେ ନୀତିବାନ୍ ଓ ବିଜ୍ଞ ବ୍ୟକ୍ତି ଥିବେ, ସେମାନଙ୍କ ନୀତି ଓ ବିଜ୍ଞତାର ଅପବ୍ୟବହାର ବଳେ ବଳେ ହୋଇଯିବ, ଯେହେତୁ ସେମାନଙ୍କ କେନ୍ଦ୍ର ଆଭିମୁଖ୍ୟ ଭୁଲ୍ । ମୌଳିକ ମନ୍ଦର ବିନାଶ ସଙ୍ଗେ ସଙ୍ଗେ ଦୁର୍ଭାଗ୍ୟକୁ ମନ୍ଦ ଉପରେ ନିର୍ଭରଶୀଳ ଅନେକ ସାମୟିକ ଭଲର ବିନଷ୍ଟି ଅନିବାର୍ଯ୍ୟ ।

ମହାଭାରତ ଯୁଦ୍ଧରେ ଶ୍ରୀକୃଷ୍ଣ ମାନବ-ପ୍ରଗତିର ସହାୟକ ଶିବିର ପାଣ୍ଡବମାନଙ୍କ ପକ୍ଷରେ ଯିବା ସ୍ୱାଭାବିକ । ବିନା ସଂଘର୍ଷରେ ମନ୍ଦର ବିନାଶ ସମ୍ଭବପର ନୁହେଁ, ଅତଏବ ଅର୍ଜୁନଙ୍କୁ ଅସ୍ତ୍ର ଧାରଣ କରିବାକୁ ହେବ । କ୍ଷତ୍ରିୟ ଭାବରେ ଏହା ଅର୍ଜୁନଙ୍କର ସାମାଜିକ ଅଙ୍ଗୀକାର । ଅବଶ୍ୟ ଜଣେ କ୍ଷତ୍ରିୟ ଭାବରେ ଜନ୍ମ ହୋଇଥିଲେ, ତା' ନିଜ ପ୍ରେରଣା ବିରୋଧରେ ଯାଇ ଯାନ୍ତ୍ରିକ ଭାବରେ ଗତାନୁଗତିକ ଧର୍ମ ଅନୁସରଣ କରିବ, ଏଇଟା କଦାପି ସମର୍ଥନଯୋଗ୍ୟ ନୁହେଁ । କିନ୍ତୁ ଅର୍ଜୁନଙ୍କ ଉଦାସୀନତା ମହତ୍ତର ପ୍ରେରଣା-ପ୍ରସୂତ ନୁହେଁ, ତାହା ତୁଚ୍ଛା ସାମୟିକ ଉଦାସୀନତା; ତାମସିକ ଭାବର ସାମୟିକ ପ୍ରାବଲ୍ୟ ତା'ର ଉତ୍ସ । ତେଣୁ ଏ ନିର୍ଦ୍ଦିଷ୍ଟ କ୍ଷେତ୍ରରେ 'ସଂଘର୍ଷ ତୁଳନାରେ ଶାନ୍ତି ଉତ୍ତମ' – ଯୁକ୍ତି ପ୍ରଯୁଜ୍ୟ ନୁହେଁ ।

ମହତ୍ତର ଆଦର୍ଶର ସ୍ୱାର୍ଥରେ ଅର୍ଜୁନଙ୍କୁ ଯୁଦ୍ଧ କରିବାକୁ ହେବ, ସେ ଆଦର୍ଶର ବିଜୟରେ ମାନବତାର ମଙ୍ଗଳ ନିହିତ, ଏହା ଗୀତା ପରିବେଷିତ ଏକ ତତ୍ତ୍ୱ, କିନ୍ତୁ ଏହାହିଁ ଗୀତାର ଏକମାତ୍ର ମର୍ମ ନୁହେଁ । ମହାଭାରତ ଯୁଦ୍ଧରେ ପାଣ୍ଡବପକ୍ଷର ବିଜୟ ଭବିଷ୍ୟତ୍ ସକାଶେ ଯେତିକି ଶୁଭଙ୍କର ହେଲା, ତାହା ଗୀତାର ପ୍ରଥମ ଅବଦାନ । କିନ୍ତୁ ବ୍ୟକ୍ତିଗତ ଭାବରେ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯେଉଁ ଶିକ୍ଷା ଦେଲେ, ତାହା କ୍ରମାଗତ ଭାବରେ ଶତାବ୍ଦୀ ଶତାବ୍ଦୀ ଧରି, ଅଗଣନ ବ୍ୟକ୍ତିଙ୍କ ଚେତନାକୁ ଆଲୋକିତ କରି ଆସିଛି । ଅର୍ଥାତ୍, ଦୁଇ ସ୍ତରରେ ଦୁଇ ଅତୁଳନୀୟ ମହାନ୍ କାର୍ଯ୍ୟ ସାଧନ କରିଛି ଗୀତା ।

ତେବେ ଗୀତାର ନିଷ୍ଠାପର ପାଠକମାତ୍ରେ ଗୋଟିଏ ବିଷୟରେ ସତର୍କତା ଅବଲମ୍ବନ କରିବା ଉଚିତ । ଗୀତାର ପୂର୍ଣ୍ଣ ମର୍ମ କୌଣସି ଗୋଟାଏ ଅଧ୍ୟାୟରୁ ମିଳିବ ନାହିଁ । ଅର୍ଜୁନଙ୍କ ବୋଧଶକ୍ତି ଓ ମାନସିକ ଅବସ୍ଥା ଧ୍ୟାନରେ ରଖି ଶ୍ରୀକୃଷ୍ଣ ତାଙ୍କୁ ପର୍ଯ୍ୟାୟ ପରେ ପର୍ଯ୍ୟାୟ ସତ୍ୟ ପରଶି ଦେଉଛନ୍ତି । ସମସ୍ତ ପର୍ଯ୍ୟାୟକୁ ସଂହତ ଭାବରେ ଆମ ଚେତନାରେ ଧାରଣ କଲେ ଯାଇ ଗୀତାର ପୂର୍ଣ୍ଣ ମର୍ମ ହୃଦୟଙ୍ଗମ କରିବା ସମ୍ଭବପର ହେବ । ଅନେକ ବ୍ୟାଖ୍ୟାକାର ଗୀତାକୁ କର୍ମଯୋଗର ଏକ ନିର୍ଦ୍ଦେଶନାମା ଭାବରେ ଦେଖିଥା'ନ୍ତି । ଗୀତାରେ କର୍ମତତ୍ତ୍ୱ ଆମକୁ ଅଧିକ ପ୍ରଭାବିତ କରିବାର କାରଣ, ସଚରାଚର ଅଧିକାଂଶ ବ୍ୟକ୍ତି ଧରି ନେଇଥା'ନ୍ତି ଯେ ଆଧ୍ୟାତ୍ମିକ ଜୀବନ ଏବଂ ନୈଷ୍କର୍ମ ବା କର୍ମରେ ବୀତସ୍ପୃହତା ପରସ୍ପର ଅତି ସମ୍ପର୍କିତ । ତେଣୁ କର୍ମ ପ୍ରତି ଗୀତାର ଆହ୍ୱାନ ସ୍ୱତଃ ଏକ ଚମକ ସୃଷ୍ଟି କରେ । ସଙ୍ଗେ ସଙ୍ଗେ ଉପରଠାଉରିଆ ଭାବରେ ଅନେକେ ଧରିନିଅନ୍ତି ଯେ ନିଜର (ତଥାକଥିତ) କର୍ତ୍ତବ୍ୟ ନିଷ୍ଠାପର ଭାବରେ କରିଯିବାହିଁ ଗୀତାର ବାଣୀ ।

ଭାରତର ଆଧ୍ୟାତ୍ମିକ ଐତିହ୍ୟ ବ୍ୟାପକ ତଥା ବୈଚିତ୍ର୍ୟମୟ । ସେ ଐତିହ୍ୟର ଅନ୍ତର୍ଭୁକ୍ତ ଅସଂଖ୍ୟ ପରୀକ୍ଷା-

ନିରୀକ୍ଷା, ଉପଲବ୍ଧି ତଥା ମାର୍ଗଦର୍ଶନ । କର୍ମ, ଭକ୍ତି, ଜ୍ଞାନ ଭଳି କେତେକ ପ୍ରମୁଖ ଯୋଗମାର୍ଗ ଉପରେ, ସାଂଖ୍ୟ ଭଳି ସୁପ୍ରତିଷ୍ଠିତ ଦର୍ଶନ ଉପରେ ଆଲୋକପାତ କରିଛି ଗୀତା, କିନ୍ତୁ କୌଣସି ଗୋଟିକୁ ସେ ସମ୍ବଳ କରି ନାହିଁ । ସବୁର ସମନ୍ୱୟ ସମ୍ଭବ ବୋଲି ବୁଝାଇବା ସଙ୍ଗେ ସଙ୍ଗେ ସେ ସମନ୍ୱୟ-ବିଧାନର ସୂତ୍ର ମଧ୍ୟ ପରିବେଷଣ କରିଛି ଗୀତା ।

ଗୀତାର ସାମଗ୍ରିକ ମର୍ମ ବୁଝିବାର ପ୍ରସ୍ତୁତି ହିସାବରେ ଜିଜ୍ଞାସୁ ନିଜେ ନିଜ ସମ୍ପର୍କରେ ଚିନ୍ତା କରିବା ଆବଶ୍ୟକ । ଜଣେ ଯେଉଁ ସତ୍ତାକୁ 'ମୁଁ' ବୋଲି ବିନା ପ୍ରଶ୍ନରେ ଆଦରି ନେଇଥାଏ, ତାହା ବାସ୍ତବରେ କେତେଦୂର ନିର୍ଭରଯୋଗ୍ୟ ? ଯେଉଁସବୁ ଧ୍ୟାନଧାରଣା, ବିଶ୍ୱାସ ଓ ଭାବନା, ରୁଚି ଓ ସଂସ୍କାରସମୂହର ସମଷ୍ଟିକୁ ଜଣେ 'ମୁଁ' ବୋଲି ଆଖ୍ୟାଦିଏ ସେ ସମଷ୍ଟିରେ ସର୍ବଦା ପରିବର୍ତ୍ତନ ଲାଗି ରହିଥାଏ । ଧ୍ୟାନଧାରଣା, ବିଶ୍ୱାସ, ଭାବନା, ରୁଚି ଓ ସଂସ୍କାର ବଦଳିଯାଏ । ଆଗାମୀ କାଲିର କର୍ତ୍ତବ୍ୟବୋଧ ଆଜିର କର୍ତ୍ତବ୍ୟବୋଧଠାରୁ ସ୍ୱତନ୍ତ୍ର ହୋଇପାରେ — ଅତଏବ ଏଭଳି ଏକ ଅସ୍ଥିର ପରିଚୟ ମୋର ବାସ୍ତବ ସତ୍ତା ହେବ କିପରି ? ଅଥଚ ଏହି ଭଙ୍ଗୁର, ପରିବର୍ତ୍ତନଶୀଳ ସତ୍ତାକୁ ଆମେ ନିର୍ବିଚାରରେ ନିଜର ବ୍ୟକ୍ତିତ୍ୱ ବୋଲି ଗ୍ରହଣ କରିନେଉ । ଏ ସତ୍ତା କିନ୍ତୁ ବାସ୍ତବରେ ପ୍ରକୃତିର କ୍ରୀଡ଼ନକ ମାତ୍ର । ତମଃ, ରଜଃ ଏବଂ ସତ୍ତ୍ୱ — ଏ ତିନି ସାର୍ବଜନୀନ ଗୁଣ ଚାଳିତ ଭାବାବେଗ ଦ୍ୱାରା ମଣିଷ ସଚରାଚର ପରିଚାଳିତ ହୋଇଥାଏ । (ଅନ୍ତର୍ନିହିତ ଆତ୍ମାପୁରୁଷ ସାଧାରଣତଃ ହସ୍ତକ୍ଷେପ କରେ ନାହିଁ ।) ଏ ତିନି ଗୁଣ ଭିତରେ ସଂହତି ପ୍ରାୟ ନଥାଏ । କାହାରି ବ୍ୟକ୍ତିତ୍ୱରେ ତାମସିକତା ପ୍ରାଧାନ୍ୟ ବିସ୍ତାର କରିଥାଏ ତ ଆଉ କାହା ବ୍ୟକ୍ତିତ୍ୱରେ ରାଜସିକତା ବା ସାତ୍ତ୍ୱିକତା ପ୍ରାଧାନ୍ୟ ବିସ୍ତାର କରିଥାଏ । କିଂବା ଏକହିଁ ବ୍ୟକ୍ତିର ଚେତନାକୁ ଭିନ୍ନ ଭିନ୍ନ ସମୟରେ ଭିନ୍ନ ଭିନ୍ନ ଗୁଣ ଅକ୍ତିଆର କରିଥା'ନ୍ତି । ଯେଉଁ ବ୍ୟକ୍ତି ଆଜି ସତ୍ତ୍ୱ ଭାବରେ ଉଦ୍‌ବୁଦ୍ଧ ହୋଇ ପୂତ ପବିତ୍ର ଜୀବନ-ଯାପନର ଦୃଷ୍ଟାନ୍ତ ରଖିପାରେ, କାଲି ତାମସିକତା ବା ରାଜସିକତାର ବଶୀଭୂତ ହୋଇ ସେ ଅପ୍ରତ୍ୟାଶିତ କାମଟିଏ କରିପାରେ । ଏ ତିନି ଗୁଣ ଭିତରେ ସଂହତିବିଧାନ — ଅଥବା ତିନି ଗୋଟି ଭିତରେ ଶ୍ରେଷ୍ଠ ଯେଉଁ ସତ୍ତ୍ୱ — ତା'ର ନେତୃତ୍ୱରେ ପରିଚାଳିତ ହେବା ଏକ ଆଦର୍ଶ ଅବସ୍ଥା ନିଶ୍ଚୟ । କିନ୍ତୁ ତାହା ବି ମଣିଷର ପ୍ରକୃତ ସତ୍ତାର ବିକାଶ ନୁହେଁ । କାରଣ ସତ୍ତ୍ୱ ସମେତ ଏ ତିନି ଗୁଣ ଉପରେ ଅହଂ ଏବଂ ଅଜ୍ଞାନତାର ପୂର୍ଣ୍ଣ ଅଧିକାର । ମଣିଷ ଭାବେ, ସେ ତା'ର ସ୍ୱାଧୀନ ଇଚ୍ଛାରେ କ୍ରୁଦ୍ଧ ହେଉଛି, ସ୍ୱାଧୀନ ଇଚ୍ଛାରେ ପ୍ରେମ କରୁଛି ଇତ୍ୟାଦି । କିନ୍ତୁ ପ୍ରକୃତି-ନିହିତ ସେସବୁ ତରଙ୍ଗ ଆବହମାନ କାଳରୁ ଅଗଣନ ମଣିଷଙ୍କୁ ସେହି ଏକହିଁ ଭ୍ରାନ୍ତ ଧାରଣା ଦେଇଆସିଛନ୍ତି ।

ମଣିଷର ଅଜ୍ଞାତସାରରେ ତାକୁ ଅହରହ ପ୍ରଭାବିତ କରିବାକୁ ବ୍ୟଗ୍ର ଥା'ନ୍ତି ଆହୁରି ବହୁ ସ୍ତରର ବହୁ ଶକ୍ତି । କିଏ ବା ତା'ର ନିଜସ୍ୱ ବାସନା-କାମନାରେ ଇନ୍ଧନ ଯୋଗାଏ, କିଏ ବା ଅଭିନବ ଅଭିଳାଷମାନ ତା' ଭିତରେ ପୂରାଇଦିଏ । ଅଜ୍ଞାନ ମଣିଷ କିନ୍ତୁ ଭାବୁଥାଏ, ସେ ସ୍ୱାଧୀନ ଭାବରେ ଇଚ୍ଛା କରୁଛି । ବିଡ଼ମ୍ବନା ! ସେ ତଥାକଥିତ ସ୍ୱାଧୀନତା ତା'ର ଦାସତ୍ୱ ମାତ୍ର ।

ପ୍ରକୃତିର ରୂପ କିନ୍ତୁ ଏକ ନୁହେଁ । ଯେଉଁ ପ୍ରକୃତି ମଣିଷକୁ ଜନ୍ମ ଜନ୍ମ ଧରି ଜନ୍ମ-ମୃତ୍ୟୁ, ସୁଖ-ଦୁଃଖ, ଆଶା-ହତାଶା ସମ୍ବଳିତ ଜୀବନ ଭିତରେ କାରାରୁଦ୍ଧ କରିରଖେ, ମଣିଷ ଭିତରେ ମୁକ୍ତି-ପିପାସା ପ୍ରବଳ ହେଲେ, ସେହି ପ୍ରକୃତି ପୁଣି ସେ ମଣିଷର ସହାୟତା କରିପାରେ — ତା'ର ଉତ୍ତରଣ ନିମନ୍ତେ ।

ମୁକ୍ତି-ପିପାସା ଦିନେ ନା ଦିନେ ପ୍ରବଳ ହୁଏ, କାରଣ ପ୍ରକୃତି-ନିୟନ୍ତ୍ରିତ ଦେହ, ପ୍ରାଣ ଓ ମନହିଁ ଆମ ସତ୍ତାର ସର୍ବାଂଶ ନୁହନ୍ତି । ଯଦ୍ୟପି ସବୁ କିଛି 'ଏକମେବମ୍ ଦ୍ୱିତୀୟମ୍' ଭଗବତ୍ ଶକ୍ତିରୁ ଉତ୍ସାରିତ, ଏମାନେ ନିଜ ନିଜର ସ୍ୱରୂପ ବିସ୍ମୃତ । କିନ୍ତୁ ଆମ ସତ୍ତାର ଏପରି ଏକ ବିଭବ ରହିଛି, ଯାହା ତା' ନିଜ ସ୍ୱରୂପ ବା ସତ୍ୟ ବିସ୍ମୃତ ନୁହେଁ — ତାହା ଆମ ଆତ୍ମା । ତା'ର ନିଜସ୍ୱ ଚାହିଦା ରହିଛି । ସେ ପ୍ରକୃତିର ଅନ୍ଧ ଦାସତ୍ୱରୁ ମୁକ୍ତି ଚାହେଁ ।

ମୁକ୍ତି ସକାଶେ ଆତ୍ମାର ଆଗ୍ରହ କ୍ରମେ ମନ-ପ୍ରାଣକୁ ପ୍ରଭାବିତ କରି ଏକ ଆସ୍ପୃହାରେ ପରିଣତ ହୁଏ । ଏ ଆସ୍ପୃହା ଯେତିକି ସୁଗଠିତ ଓ ବଳିଷ୍ଠ ହେଉଥିବ, ମଣିଷ ପ୍ରକୃତି-ଚାଳିତ ନିଜ ଅଜ୍ଞାନ ଅହଂଚେତନା ସମ୍ପର୍କରେ ସେତିକି ମାତ୍ରାରେ ସଚେତନ ହେଉଥିବ । ନିଜ ସ୍ୱଭାବ ଓ ସ୍ୱଧର୍ମ କ'ଣ ତାହା ବୁଝିବା ଦିଗରେ ତା'ର ଆଗ୍ରହ ରୂପ ନେଉଥିବ । ନିଜର ଯେଉଁ ଭୁଲ୍ ପରିଚୟକୁ ସେ ସ୍ୱାଭାବିକ ଭାବରେ ଆଦରି ନେଇଥାଏ, ତହିଁରୁ ଉତ୍ତୀର୍ଣ୍ଣ ହୋଇ ସେ ନିଜ ସତ୍ତାର ସତ୍ୟ ଆବିଷ୍କାର ଦିଗରେ ପ୍ରୟାସୀ ହେବ । ସ୍ୱଧର୍ମ ସ୍ପଷ୍ଟତର ହେବ ।

କ୍ରମେ ସେ ହୃଦୟଙ୍ଗମ କରିବ, ତା' ସତ୍ତାର ଉତ୍ସ ଭଗବାନ୍ । ସେ ଉତ୍ସ ସହ ସଂଯୋଗ ଦିଗରେ ତା'ର ଯେଉଁ ଚେଷ୍ଟା, ତାହାହିଁ ଯୋଗ । ନିଜର ସୀମିତ ଜୀବନକାଳ ମଧ୍ୟରେ

ଜଣେ ଯୋଗର ଯେକୌଣସି ଗୋଟିଏ ମାର୍ଗରେ ଧାବିତ ହୋଇପାରେ, ଏକାଧିକ ମାର୍ଗ ବି ଅନୁସରଣ କରିପାରେ ।

ସନ୍ଧାନୀ ବା ଅଭୀପ୍ସୁର ଜୀବନର ଏହି ପର୍ଯ୍ୟାୟରେ ଦେଖାଦିଏ ଗୋଟାଏ ବିଷମ ଅବସ୍ଥା । ପ୍ରକୃତି-ନିୟନ୍ତ୍ରିତ ଯେଉଁ ଜୀବନଧାରା ସହ ଜନ୍ମ ଜନ୍ମ ଧରି ତା'ର ପରିଚୟ, ହଠାତ୍ ସେ ଜୀବନଧାରା ତାକୁ ମିଥ୍ୟା ଅଥବା ଅର୍ଥହୀନ ମନେହୁଏ । ସେତେବେଳେ ସଂସାର ଓ କର୍ମବର୍ଜନ, ଅର୍ଥାତ୍ ସନ୍ନ୍ୟାସ ମନେହୁଏ ମହତ୍ତର ଜୀବନର ଏକମାତ୍ର ମାର୍ଗ ।

ସଂସାର ଏକ ମାୟା (ମୌଳିକ ଅର୍ଥରେ 'ମାୟା' ମିଥ୍ୟାର ନାମାନ୍ତର ନୁହେଁ; ମାୟା ସୃଜନୀ ଶକ୍ତି – ଯାହାଦ୍ୱାରା ଅରୂପ ରୂପ ପରିଗ୍ରହ କରେ), ଅତଏବ ବର୍ଜନୀୟ, ଏ ଅନୁଭବକୁ ଭିତ୍ତିକରି ବହୁ ଦର୍ଶନ ଓ ଧର୍ମତତ୍ତ୍ୱ ବିଦ୍ୟମାନ । ବହୁ ଭ୍ରାନ୍ତ ମୂଲ୍ୟବୋଧ ଦ୍ୱାରା ପ୍ରତାରିତ ଆମ ସଂସାର-ଜୀବନ । ଏ ଦିଗରେ ଚେତିଉଠିଲେ ସଂସାର-ଜୀବନ ପ୍ରତି ବିତୃଷ୍ଣା ଆସିବାରେ ବିସ୍ମୟ ନାହିଁ । ଗୀତା ଏଭଳି ବୈରାଗ୍ୟକୁ ତା'ର ଯଥା ସ୍ଥାନ ଦେଇଛି, କିନ୍ତୁ ଏହାଠୁଁ ବହୁ ମହତ୍ତର ସତ୍ୟର ଆବିଷ୍କାର ଗୀତାର ଆଭିମୁଖ୍ୟ । ସଂଘର୍ଷମୟ ସଂସାର-ବର୍ଜନ ଆଧ୍ୟାତ୍ମିକତାର ସହାୟକ ହୋଇପାରେ, କିନ୍ତୁ ସଂସାରକୁ ଆଧ୍ୟାତ୍ମିକତାର ସାଧନାଭୂମି ଭାବରେ ଗ୍ରହଣ କରିବାରେ ଆଧ୍ୟାତ୍ମିକତାର ପରିସର ବ୍ୟାପକ ହୁଏ । ସଂସାରର ଅତି ଭୟଙ୍କର ପ୍ରକାଶ ଯେଉଁ ସମର ଭୂମିରେ, ସେ ଭୂମି ମଧ୍ୟ ପ୍ରଖର ସାଧନାର ସୁଯୋଗ ଦେଇପାରେ । ସଂସାର – ସଂସାରର କୌଣସି ଅଂଶ – ଭଗବାନଙ୍କ ବାହାରେ ନୁହେଁ ।

ଗୀତାର ଆଲୋକରେ ଆମେ ଉପଲବ୍ଧି କରୁଁ, ସନ୍ନ୍ୟାସ ନୁହେଁ, ତ୍ୟାଗହିଁ ସାଧନାର ସୂତ୍ର । ସେ ତ୍ୟାଗ ଏକ ଅବ୍ୟାହତ ଯଜ୍ଞ । ସେ ଯଜ୍ଞର ଶିଖା ମଣିଷର ଅନିର୍ବାଣ ଅଭୀପ୍ସା । ଚିନ୍ତା, କର୍ମ, ବାକ୍, ଶକ୍ତି, ସବୁ କିଛିର ପ୍ରତ୍ୟର୍ପଣ – ସବୁକିଛିର ଉତ୍ସ ଯେଉଁ ଭଗବାନ୍, ତାଙ୍କରି ଉଦ୍ଦେଶ୍ୟରେ ପୁନଃ ନିବେଦନ ନିମନ୍ତେ ବ୍ୟାକୁଳତା ସେହି ଅଭୀପ୍ସାର ଉପାଦାନ ।

ସାଧାରଣ ମଣିଷ କର୍ମ କରୁଥାଏ ନିଜର କିଂବା ନିଜ ଅହଂସତ୍ତାର ବିସ୍ତାରିତ ସଂସ୍କରଣ ପରିବାର ଅଥବା ଆତ୍ମୀୟ ସ୍ୱଜନଙ୍କ ଭରଣପୋଷଣ, ସୁଖ-ସୁବିଧା ନିମନ୍ତେ । ସେ କର୍ମ କରେ ନିଜର ଅସରନ୍ତି କାମନା-ବାସନାର ତୃପ୍ତିସାଧନ ନିମନ୍ତେ । ଯିଏ ମଣିଷ ହିସାବରେ ଉନ୍ନତ – ସାତ୍ତ୍ୱିକ ଭାବ ଦ୍ୱାରା ଅନୁପ୍ରାଣିତ, ସେ ହୁଏତ ସୀମିତ ସ୍ୱାର୍ଥର ଉର୍ଦ୍ଧ୍ୱରେ କୌଣସି ମହତ୍ ଆଦର୍ଶର ରୂପାୟନ ନିମନ୍ତେ କର୍ମ କରେ । ସେ ରୂପାୟନରେ ତା'ର ଆତ୍ମସନ୍ତୋଷ ।

ଆତ୍ମାର ଜାଗରଣ ଯୋଗେ ଯେତେବେଳେ ତା'ର ମୂଲ୍ୟବୋଧ ବଦଳିଯାଏ, ଯେତେବେଳେ ତା'ର ହୃଦ୍‌ବୋଧ ହୁଏ ଯେ ଗତାନୁଗତିକ କର୍ମରୁ ସେ ଆଉ ସନ୍ତୋଷ ଆହରଣ କରିପାରିବ ନାହିଁ, ସେତେବେଳେ କୌଣସି ପ୍ରକାର କର୍ମରେ ତା'ର ଆଗ୍ରହ ରହେ ନାହିଁ । କର୍ମବିମୁଖତା ତା'ର ଆଧ୍ୟାତ୍ମିକ ଆଦର୍ଶର ଏକ ଲକ୍ଷଣ ବୋଲି ପ୍ରତୀୟମାନ ହୁଏ । ଅଧ୍ୟାତ୍ମ-ମାର୍ଗର ବହୁ ପଥଚାରୀ ଏହି ପର୍ଯ୍ୟାୟରେ ଅଟକି ରହନ୍ତି । ଗୀତାର ବାର୍ତ୍ତା କିନ୍ତୁ ବୈପ୍ଲବିକ ଓ ସୁଦୂରପ୍ରସାରୀ । ଏ ସମଗ୍ର ସୃଷ୍ଟି ଭଗବାନଙ୍କର ଏକ କର୍ମ । ଅତଏବ କର୍ମ ଭଗବତ୍ ସାଧନାର ପରିପନ୍ଥୀ ହୋଇ ପାରେନା । କର୍ମକୁ ଅହଂ ତଥା ପ୍ରକୃତିର ନିୟନ୍ତ୍ରଣରୁ ଉତ୍ତୀର୍ଣ୍ଣ କରାଇ ଭଗବତ୍ ଇଚ୍ଛା ସହିତ ସଂଯୋଗ କରିବା ଯୋଗର ରହସ୍ୟ । ଭଗବାନଙ୍କ ଉଦ୍ଦେଶ୍ୟରେ କ୍ରମାଗତ କର୍ମ ସମର୍ପଣ ତା'ର ମାର୍ଗ । ତାହାହିଁ ସାଧନା ।

କର୍ମ ଯେତିକି ମାତ୍ରାରେ ଭଗବାନଙ୍କ ଉଦ୍ଦେଶ୍ୟରେ ସମର୍ପିତ ହେବ, ସେତିକି ମାତ୍ରାରେ ଅହଂରହିତ କର୍ମ ସମ୍ଭବପର ହେବ । ଏଇଠି ପ୍ରଶ୍ନ ଉଠେ, ବିନା କାମନା-ବାସନାରେ କର୍ମ ମୂଳରୁ ସମ୍ଭବପର କି ?

ଟିକିଏ ବିଶ୍ଳେଷଣ କଲେ ଦେଖାଯିବ, ଜୀବନରେ ବହୁ କାର୍ଯ୍ୟ ଆମେ ସ୍ୱତଃସ୍ଫୂର୍ତ୍ତ, ଯାନ୍ତ୍ରିକ ଭାବରେ କରିଥାଉଁ । ଅର୍ଥାତ୍, ସ୍ୱାଭାବିକ ଜୀବନଧାରାରେ ବି ସବୁ କିସମର କର୍ମ କାମନା-ବାସନାପ୍ରଣୋଦିତ, ତାହା ନୁହେଁ; ଅବଶ୍ୟ ଅଧିକାଂଶ କାର୍ଯ୍ୟ କାମନା-ବାସନା ପ୍ରଣୋଦିତ । ପୁଣି ବିଶ୍ଳେଷଣ କଲେ ଦେଖାଯିବ ସାଧାରଣ କାମନା-ବାସନାରୁ ଯେଉଁ ପ୍ରେରଣା ମିଳିଥାଏ, ତାହା ନିମ୍ନମାନର । ଜଣେ ଲୋଭୀ ତା'ର ଲୋଭ ଚରିତାର୍ଥ ପାଇଁ କିଛି ବିପଦ ଆଦରି ନେଇପାରେ, ସେଥିରେ ଦୈବାତ୍ ଜୀବନ ବି ଦେଇପାରେ – କିନ୍ତୁ ସେଥିରେ ସେ ଇଚ୍ଛାକୃତ ଭାବରେ ଜୀବନ ଦେବ ନାହିଁ । ଅପର ପକ୍ଷରେ, କୌଣସି ବିଶେଷ ଆଦର୍ଶ ପାଇଁ ଯିଏ କାମ କରୁଥାଏ । (ଆଦର୍ଶ ଭୁଲ୍ ହେଉ ବା ଠିକ୍ ହେଉ) ସେ ସ୍ୱେଚ୍ଛାରେ ଜୀବନ ଉତ୍ସର୍ଗ କରିପାରେ । ଅର୍ଥାତ୍ ପ୍ରେରଣା ମହତ୍ ହେଲେ କର୍ମରେ ଉତ୍ସାହ ମଧ୍ୟ ଅଧିକ ତଥା ମହତ୍ ହୁଏ ।

ଯେତେବେଳେ ପ୍ରେରଣାର ଗୁଣ ହୁଏ ଆହୁରି ବହୁ ଉନ୍ନତ, ଯେତେବେଳେ ଜଣେ ଭଗବତ୍ କୃପାର ଆଧାର

ଭାବରେ କର୍ମରତ ହେବାର ପ୍ରେରଣା ଅନୁଭବ କରେ, ସେତେବେଳେ ଖାଲି ଯେ ଜଣେ କର୍ମରତ ରହିପାରେ, ସେତିକି ନୁହେଁ, ଦିବ୍ୟ ପ୍ରଶାନ୍ତି ଭିତରେ ସେ ତା'ର କର୍ମ ଅବ୍ୟାହତ ରଖିପାରେ । ନିଷ୍କାମ କର୍ମର ପରିଣତି ନିଷ୍ପ୍ରାଣ କର୍ମ ନୁହେଁ; ଗଭୀର ପ୍ରତ୍ୟୟ-ଆଧାରିତ, ଫଳ-ନିରପେକ୍ଷ, ନିରୁଦ୍‌ବିଗ୍ନ, ନିରୁତ୍କଣ୍ଠ କର୍ମ । ଆସକ୍ତି ମାତ୍ରେ ଦାସତ୍ୱ । ପ୍ରକୃତ ନିରାସକ୍ତିରେ ଥାଏ ମୁକ୍ତିର ଆନନ୍ଦ । (ନିରାସକ୍ତିର ଆଦର୍ଶ ଯେଉଁମାନଙ୍କ ଜୀବନରେ ଆଳସ୍ୟ ପ୍ରତି ଆସକ୍ତିରେ ପର୍ଯ୍ୟବସିତ ହୋଇଥାଏ, କହିବା ବାହୁଲ୍ୟ, ହୁଏତ ସେମାନେ ଅଜ୍ଞାନର ନତୁବା ଆତ୍ମ-ପ୍ରବଞ୍ଚନାର ଶିକାର ।)

କର୍ମ କରିବା ସତ୍ତ୍ୱେ ଫଳ-ନିରପେକ୍ଷ ରହିବା ସମ୍ଭବପର କି ? ଫଳ, ନିଷ୍ଫଳ, ସୁଫଳ, କୁଫଳ ସମ୍ପର୍କରେ ଆମର ଧାରଣା ଆମର ଗତାନୁଗତିକ ମୂଲ୍ୟବୋଧ ଏବଂ ଅହଂବୋଧ ସହିତ ବିଜଡ଼ିତ । ଆଜି ଯାହା ସୁଫଳ ମନେ ହେଉଥିବ, ତହିଁ ଭିତରେ ଭବିଷ୍ୟତର କୁଫଳ ନିହିତ ଥାଇପାରେ । ଜୟ ଭିତରେ ପରାଜୟ, ପରାଜୟ ଭିତରେ ବିଜୟ ନିହିତ ଥାଇପାରେ । ଯୋଗୀ ନିଜ କର୍ମର ବିଶ୍ଳେଷଣ ନିଜର ମାନସିକ ଧାରଣା ଦ୍ୱାରା ପରିଚାଳିତ ହୋଇ କରେନା । ଯେଉଁ ଅସୀମତାର ସେ ଆଧାର, ତା'ର କର୍ମ – ଆପାତ ଦୃଷ୍ଟିରେ ତାହା ଗୌଣ ଦିଶୁ ବା ଗୁରୁତ୍ୱପୂର୍ଣ୍ଣ ଦିଶୁ ତାହା ସେହି ଅସୀମତାର ଅନ୍ତର୍ଭୁକ୍ତ । ଭକ୍ତିପୂତ ଚିତ୍ତରେ ଯେତେବେଳେ କର୍ମ ଭଗବାନଙ୍କଠାରେ ନିବେଦିତ ହୁଏ, ସେତେବେଳେ ସେ କର୍ମ ସ୍ୱତଃ ଜ୍ଞାନରେ ପରିଣତ ହୁଏ ।

ସମଭାବ ପ୍ରକୃତ ଯୋଗୀର ସ୍ୱାଭାବିକ ଦୃଷ୍ଟି । ସୃଷ୍ଟିର ସମସ୍ତ ଜୀବ ଏକହିଁ ବ୍ରହ୍ମର ପ୍ରତିଫଳନ । ପ୍ରତ୍ୟେକେ ଜ୍ଞାତ ବା ଅଜ୍ଞାତସାରରେ ସେହି ବ୍ରହ୍ମର ସଚେତନ ଉପଲବ୍ଧି ପାଇଁ ଧାବମାନ । ଜଣକର ପ୍ରଗତି କେତେ, ଜଣକର ଆବଶ୍ୟକତା କ'ଣ, ଜଣକର ବ୍ୟକ୍ତିତ୍ୱ ବା ଚେତନା କେଉଁ କେଉଁ ଉପାଦାନରେ ଗଠିତ, ଆଉ କେହି ତା'ର ଆକଳନ କରିବା ଅସମ୍ଭବ । ନିଜ ନିଜ ଧାରଣା, ବିଶ୍ୱାସ ଓ ଶକ୍ତି ଅନୁଯାୟୀ ଜଣେ ଭଗବାନଙ୍କ ସହ ସମ୍ପର୍କ ସ୍ଥାପନ କରିବ – ତା'ର ଶକ୍ତି ଓ ଆବଶ୍ୟକତାକୁ ଚାହିଁ ଭଗବାନ୍ ପ୍ରତ୍ୟୁତ୍ତର ଦେବେ । ଗୀତାଦର୍ଶୀ ଯୋଗୀ କାହାକୁ ବି ନ୍ୟୂନ ଆଖିରେ ଦେଖିବ ନାହିଁ ।

ପୃଥିବୀର ସୌନ୍ଦର୍ଯ୍ୟରେ ଭଗବାନଙ୍କ ବିଭୂତି ଦେଖିବା ସହଜ; ମଣିଷର ମହତ୍ତ୍ୱରେ ଭଗବାନଙ୍କୁ ଅନୁଭବ କରିବା ସହଜ, କିନ୍ତୁ ଯିଏ ଧର୍ମରହିଁ ବିରୋଧ କରୁଥିବ, ଅର୍ଥାତ୍ ଭଗବାନଙ୍କରହିଁ ବିରୋଧ କରୁଥିବ, ସେଭଳି 'ଶତ୍ରୁ' ଭିତରେ ଭଗବାନଙ୍କୁ ଅନୁଭବ କରିବା ଦୁରୂହ ବ୍ୟାପାର ନିଶ୍ଚୟ । କିନ୍ତୁ ଅର୍ଜୁନଙ୍କଠୁଁ ଶ୍ରୀକୃଷ୍ଣ ତାହାହିଁ ଆଶା କରନ୍ତି । (ଉତ୍ତମ ଯୋଗସାଧକଠୁଁ ପରମ ଗୁରୁଙ୍କର ଆଶା । ତାହା ସାଧାରଣ, ମାମୁଲି ଆଶା ହେବାର କାରଣ ନାହିଁ !) ଭୀଷଣ ଓ ଭୟଙ୍କର, ନିର୍ମମ ଓ ବୀଭତ୍ସ – କୌଣସି ଅବସ୍ଥା, କୌଣସି ଚରିତ୍ର ଭଗବତ୍-ବଳୟର ବହିର୍ଭୂତ ହୋଇ ନପାରେ । ଏଭଳି ବଳିଷ୍ଠ ପ୍ରତ୍ୟୟର ଅଧିକାରୀ ହେବା ନିମନ୍ତେ ଆମ ଚେତନା ବହୁ ବ୍ୟାପକ ହେବା ଆବଶ୍ୟକ । ସଚ୍ଚା ଅଭୀପ୍ସୁ ସକାଶେ ତାହାହିଁ ଗୀତାର ବାର୍ତ୍ତା ।

ଶେଷ ପ୍ରଶ୍ନ : ଆଜି ଏକବିଂଶ ଶତାବ୍ଦୀରେ ଆମ ପାଇଁ ହଜାର ହଜାର ବର୍ଷ ତଳେ ବିରଚିତ ଗୀତାର ବାସ୍ତବ ତାତ୍ପର୍ଯ୍ୟ କ'ଣ ?

ସଂକ୍ଷେପରେ, ପୁରୁଣା ମାତ୍ରେ ତାତ୍ପର୍ଯ୍ୟହୀନ ହୋଇ ଯାଏନା । ପାଣି, ପବନ, ଅମ୍ଳଜାନ, ସୂର୍ଯ୍ୟାଲୋକର ପ୍ରୟୋଜନ ଜୀବନ ସକାଶେ ହଜାର ହଜାର ବର୍ଷ ତଳେ ଯେତିକି ଥିଲା, ଆଜି ବି ସେତିକି । ଆମ ଚେତନା ପାଇଁ ବି ସେମିତି କେତେକ ସତ୍ୟର ତାତ୍ପର୍ଯ୍ୟ ଚିରନ୍ତନ । କେତୋଟି ମୌଳିକ ପ୍ରଶ୍ନର ଉତ୍ତର ପାଇବା ନିମନ୍ତେ ଚେତନାର ଜାଗରଣ ମୁହୂର୍ତ୍ତରୁ ମଣିଷ ସନ୍ଧାନୀ ହୋଇ ରହିଛି । ସେସବୁ ସେ ଅଦ୍ୟାବଧି ନପାଇ ଥାଇପାରେ, ତଥାପି ଚେତନାର ଗହନ ସ୍ତରରେ ତା'ର ଏକ ବିଶ୍ୱାସ ରହିଛି ଯେ ସେସବୁ ଉତ୍ତର ମରୀଚିକା ନୁହେଁ, ସେସବୁର ଉପଲବ୍ଧି ସମ୍ଭବ । ସେ ସନ୍ଧାନର ଅନ୍ତର୍ଭୁକ୍ତ ଭଗବାନ୍, ଜ୍ଞାନାଲୋକ, ମୁକ୍ତି, ପ୍ରଶାନ୍ତି ଏବଂ ଅମରତା । ମଣିଷ ଯାହା ପାଇ ନାହିଁ, ତାହା ଖୋଜେ । ସେ ଭଗବାନଙ୍କୁ ପାଇ ନାହିଁ – ଅତଏବ ତାଙ୍କୁ ଖୋଜୁଛି । କିନ୍ତୁ ଅଜ୍ଞାନତା ଭିତରେ ବିଲୁପ୍ତ ତା'ର ସନ୍ଧାନର ଫଳ ହେଲା ସ୍ଥୂଳ ଜଗତରେ ସେ ଯାହା ପାଇ ନାହିଁ ତାକୁହିଁ ଜାବୁଡ଼ି ଧରିବା । ମଣିଷର ସମସ୍ତ ଅଜ୍ଞାନ ଆଚରଣ କିନ୍ତୁ ଏକ ଏକ ସତ୍ୟର ବିକୃତି । ସେହି ବିକୃତିର ନିରାକରଣ ପାଇଁ ଲୋଡ଼ା ଆଲୋକ । ସେହିଠାରେ ଗୀତାର ମୂଲ୍ୟ ।

ଦର୍ଶନ, ମନସ୍ତତ୍ତ୍ୱ, ଅଧ୍ୟାତ୍ମ-ବିଜ୍ଞାନ – ଏସବୁର ସମାହାରରେ ଯେ ଖାଲି ଗୀତା ଅନନ୍ୟ, ତାହା ନୁହେଁ । ପୁରୁଷ ପୁରୁଷ ଧରି ମଣିଷ ଜୀବନରେ ଗୀତା ଯେଉଁ ବାସ୍ତବ ଭୂମିକା ତୁଲାଇଛି, ସେଥିପାଇଁ ମଧ୍ୟ ସେ ଅନନ୍ୟ । ତା'ର ଗୌରବଗାନ ଯେତେ ଅତିରଞ୍ଜନ ମନେ ହେଲେ ବି ସତ୍ୟ । ଆଜି ମଣିଷର ମାନସିକ ବିକଳତାର ଚିକିତ୍ସା ସକାଶେ ମନୋବିଜ୍ଞାନୀ

ଚିକିତ୍ସକଙ୍କର ଅଭାବ ନାହିଁ । କିନ୍ତୁ ଶହ ଶହ ବର୍ଷ ଧରି ଦାରୁଣ ମାନସିକ କ୍ଲେଶ ଓ ସଙ୍କଟରେ ପୀଡ଼ିତ ହୋଇ ମାନସିକ ଭାରସାମ୍ୟ ହରାଇବାକୁ ବସୁଥିବା ମଣିଷମାନଙ୍କୁ ଗୀତା ରକ୍ଷା କରିଛି ସେମାନଙ୍କ ଆନ୍ତର ଜଗତକୁ ଆଲୋକିତ କରି, ସେମାନଙ୍କୁ ଦିବ୍ୟ କରୁଣାର ଆଶ୍ୱାସନା ଦେଇ । ସେ ଦୃଷ୍ଟିରୁ ଗୀତାହିଁ ସର୍ବଶ୍ରେଷ୍ଠ ପ୍ରାକ୍-ଚିତ୍ତବୈକଲ୍ୟ ଚିକିତ୍ସକ । ଗୀତା ଅସଂଖ୍ୟ ହୃଦୟରେ ସଞ୍ଚାର କରିଛି ଆତ୍ମବିଶ୍ୱାସ । ଉତ୍ତରଣ ପାଇଁ ଯେଉଁମାନେ ପ୍ରସ୍ତୁତ, ସେମାନଙ୍କୁ ଦେଇଛି ନିର୍ଭୁଲ ଦିଗ୍‌ଦର୍ଶନ । ଶ୍ରୀକୃଷ୍ଣ ମହତ୍ତମ ଚେତନାର ଏକ ଅବତରଣ, ମଣିଷର ଦିବ୍ୟାୟନ ଦିଗରେ ଦୃଷ୍ଟାନ୍ତସ୍ଥାପକ । ଅର୍ଜୁନ ଓ ଶ୍ରୀକୃଷ୍ଣଙ୍କ ସଂଯୋଗ ମାଧ୍ୟମରେ ମାନବଚେତନା ସହ ଭଗବାନଙ୍କ ସଂଯୋଗ-ସାଧନର ଚିରନ୍ତନ ପ୍ରତିଶ୍ରୁତି ଗୀତା ।

ଗୀତାର ଅନବଦ୍ୟ ଭାଷ୍ୟକାର ଏ ଯୁଗରେ ଶ୍ରୀଅରବିନ୍ଦ । ତାଙ୍କ ଦିବ୍ୟଦୃଷ୍ଟିରେ ଆଜିର ତମସାବୃତ ମଣିଷର ରହିଛି ଏକ ଉଜ୍ଜ୍ୱଳ ରୂପାନ୍ତରିତ ଭବିଷ୍ୟତ୍ । ସଂଘର୍ଷକ୍ଲିଷ୍ଟ ପୃଥିବୀରୂପକ ଏ କୁରୁକ୍ଷେତ୍ରରେ ଦିନେ ଦିବ୍ୟଶକ୍ତିର ବିଜୟ ନିଶ୍ଚିତ । ଯୁଦ୍ଧକ୍ଷେତ୍ର ବର୍ଜନ କରିବା ପରିବର୍ତ୍ତେ ଦିବ୍ୟଶକ୍ତିର ମାଧ୍ୟମ ରୂପେ ତହିଁ ସଂଗ୍ରାମରତ, ଅର୍ଥାତ୍ ତପସ୍ୟାରତ ରହିବା ପାଇଁ ଅର୍ଜୁନଙ୍କ ପ୍ରତି ଶ୍ରୀକୃଷ୍ଣଙ୍କର ନିର୍ଦ୍ଦେଶ – ଶ୍ରୀଅରବିନ୍ଦଙ୍କ ଗୀତାଭାଷ୍ୟ ଯୋଗେ ଏକ ନୂତନ ତାତ୍ପର୍ଯ୍ୟରେ ଆଲୋକିତ । ❖

What Sri Aurobindo represents in the history of the earth's spiritual progress is not a teaching, not even a revelation; it is a mighty action straight from the Supreme.

(CWM Vol. 13, p. 4) – The Mother

*With best compliments from* :

**AUM SWASTIK FOODS**

**MAITAPUR, BALASORE, ODISHA**

# ଅନିର୍ବଚନୀୟା

## (ଶ୍ରୀଅରବିନ୍ଦଙ୍କ ରଚିତ 'ମା' ପୁସ୍ତକ ଅବଲମ୍ବନରେ)

**ଶ୍ରୀ ଚନ୍ଦ୍ରଶେଖର ରଥ**

ଗୁରୁସ୍ମରଣ କରି ନିର୍ବିଶେଷଲକ୍ଷଣା ପରମ ବ୍ୟୋମ-ରୂପାଙ୍କୁ ଏକାଗ୍ର ଅଭୀପ୍ସାବନ୍ତ ମନପ୍ରାଣଶୀର୍ଷରେ ଅବତରଣ କରିବାକୁ ଆବାହନ କଲେ କ୍ୱଚିତ୍ ଉଦ୍ଭାସିତ ମୁହୂର୍ତ୍ତରେ ସେ ଭାବରୂପରେ ଅଥବା ବାଣୀରୂପରେ ପ୍ରକଟିତ ହୁଅନ୍ତି, ବିଭୂତି ପ୍ରକାଶ କରନ୍ତି । ବିମୂଢ଼, ସ୍ତବ୍ଧଚେତନା ସେ ବାଣୀସ୍ଫୁରଣକୁ ଯଥାସମ୍ଭବ ଧାରଣ କରିବାକୁ ଯତ୍ନଶୀଳ ହୁଏ । ଅଜସ୍ର କରୁଣାର ବାରିଧାରା ଅପରିମେୟ ବିଭୂତିର ରତ୍ନରାଶି ବର୍ଷା କଲାବେଳେ ସାମାନ୍ୟ ଅଞ୍ଜଳିପୁଟରେ ଯାହା ଧରାଦିଏ ତାହା ଏବଂବିଧ । ଶୁଣିବା ହେଉ ସୁଧୀଜନେ, ନିଜ ନିଜ ଆୟତନରେ ତାକୁ ବହୁଗୁଣିତ କରି ଅନୁଭବ କରିବା ହେଉ !

''ମୋର ଅନନ୍ତ କୋଟି ରୂପ ତୋର ବୋଧଗମ୍ୟ ନୁହେଁ । ଅରୂପା ଆଦ୍ୟାଶକ୍ତି ମୁଁ ରୂପ ପରିଗ୍ରହ କରେ ନାହିଁ । ତଥାପି ଜାଣି ରଖ ମୁଁ ପରମା **ମାହେଶ୍ୱରୀ** ! ଏ ଅନନ୍ତ ଆକାଶର ନୀଳିମା ମୁଁ, ବ୍ୟାପ୍ତି ମୁଁ ! ପରମବ୍ୟୋମର ନୀରବତା ମୁଁ । ମୁଁ ହିଁ ଆଦ୍ୟ ପ୍ରଣବର ସ୍ପନ୍ଦନ । ଗତି ଏବଂ ସ୍ଥିତି ଉଭୟକୁ ଧାରଣ କରିଥିବା ଉତ୍ତମ ରହସ୍ୟ ମୁଁ । ଏ ଜ୍ୟୋତିଷ୍କ ମଣ୍ଡଳମାନଙ୍କୁ ମୁଁ ହିଁ କକ୍ଷ ପ୍ରଦାନ କରେ, ଜ୍ୟୋତି ପ୍ରଦାନ କରେ । ଆକାଶମାନଙ୍କ ମଧ୍ୟରେ ମୁଁ ଅନ୍ତରୀକ୍ଷ । ଅହୋରାତ୍ରମାନଙ୍କ ମଧ୍ୟରେ ମୁଁ ଆଦ୍ୟା ନିଶୀଥିନୀ । କାଳମାନଙ୍କ ମଧ୍ୟରେ ମୁଁ କାଳରାତ୍ରି । ନକ୍ଷତ୍ରପୁଞ୍ଜମାନଙ୍କ ମଧ୍ୟରେ ମୁଁ ନୀହାରିକା । ମୁଁ ହିଁ ସୃଷ୍ଟିର ପ୍ରଥମ କମ୍ପନ । ହିରଣ୍ୟଗର୍ଭଙ୍କର ତପସ୍ୟା ମୁଁ, କାମନା ମୁଁ । ମୁଁ ହିଁ ସୃଷ୍ଟି-ସ୍ଥିତି-ବିଲୟ ରୂପା । ମୋର ଶ୍ୱାସ ପତନହିଁ ବିଶ୍ୱର ଛନ୍ଦ ! ଅସଂଖ୍ୟ ଶିଶୁ ସୂର୍ଯ୍ୟଗୁଡ଼ିକୁ ମୁଁ ଅଞ୍ଜଳିରେ ଧାରଣ କରେ, ପରିପାଳନ କରେ । ସେମାନଙ୍କୁ ସଂଦୀପିତ କରେ, ବିଘୂର୍ଣ୍ଣିତ କରେ, ମାର୍ତଣ୍ଡ କରେ । ପ୍ରଥମା ପ୍ରାଣଶକ୍ତି ମୁଁ । ଜନୟିତ୍ରୀ ମୁଁ, ପାଳୟିତ୍ରୀ, କର୍ତ୍ତ୍ରୀ, ନିହନ୍ତ୍ରୀ ମୁଁ ! ମୁଁ ହିଁ ବିଶ୍ୱସୃଷ୍ଟିର ବିସ୍ତୃତ ଧାରା । ମୁଁ ଦିକ୍-ସକଳକୁ ସର୍ଜନା କରେ, ପରିବ୍ୟାପ୍ତ କରେ । ମୋର ରଚିତ କାଳସମୁଦ୍ରକୁ ମୁଁ ତରଙ୍ଗାୟିତ କରେ, ଅହୋରାତ୍ରର ଛନ୍ଦ ସୃଷ୍ଟି କରେ ! ମୁଁ ଜ୍ୟୋତି; ମୁଁ ପ୍ରଗତି । ମୁଁ ଜଡ଼ର ଜଡ଼ତା, ଚେତନର ଚେତନା, ସ୍ଥାବରର ସ୍ଥିତି, ଜଙ୍ଗମର ଗତି । ମାଧ୍ୟାକର୍ଷଣ ଶକ୍ତି ମୁଁ । ବିକର୍ଷଣ, ପ୍ରକ୍ଷେପଣ ଶକ୍ତି ମୁଁ । ମୁଁ ଜଗତ୍ ପ୍ରବାହର ଧର୍ମ ନିର୍ଣ୍ଣୟ କରେ, ଦିଗ ପ୍ରଦାନ କରେ । ମୁଁ ଅନିର୍ବଚନୀୟା । ମୁଁ ପରମା ଧ୍ୟାନମଗ୍ନା ତପଶ୍ଚାରିଣୀ ଜଗଦ୍ଧାତ୍ରୀ ! ମୁଁ ମାହେଶ୍ୱରୀ । ଦେବତାଙ୍କ ମଧ୍ୟରେ ମୁଁ ସବିତା, ମାନବୀଙ୍କ ମଧ୍ୟରେ ଆଦ୍ୟା, ପଶୁଙ୍କ ମଧ୍ୟରେ ସୁରଭି । ମୁଁ ଶୁଚି, ମୁଁ ଭକ୍ତି, ମୁଁ ସାବିତ୍ରୀ, ମୁଁ ବ୍ୟାପିନୀ ବୈଷ୍ଣବୀ ! ମୁଁ ବିଶ୍ୱମ୍ଭରା ମାହେଶ୍ୱରୀ... ମାହେଶ୍ୱରୀ... ମାହେଶ୍ୱରୀ...!!

ମୁଁ କୋପନା କାଳରାତ୍ରି ! ମୁଁ **ମହାକାଳୀ** ! ମୁଁ ପ୍ରଚଣ୍ଡା ମହାଶକ୍ତି । ମୋର ବିକୀର୍ଣ୍ଣ କେଶରାଶି ମୃତ୍ୟୁ ! ମୋର ତୃତୀୟ ଚକ୍ଷୁ ପ୍ରଳୟର ସୂର୍ଯ୍ୟ । ମୋର ଶ୍ୱାସରେ ବାତ୍ୟା, ମୋର ସ୍ତନଯୁଗଳ ସ୍ତନିତ ଗର୍ଭ ଆନତ କୃଷ୍ଣ ମେଘପଟଳ ! ଲେଲିହାନ ବିଦ୍ୟୁତ୍ ମୋର କେୟୂର ! ସହସ୍ର ଉଲ୍କାମାଳା ମୋର ମେଖଳା; ଘନ ଘୋର ରାତ୍ରି ମୋର ବର୍ଣ୍ଣ । ମେଦିନୀକୁ ବିଦୀର୍ଣ୍ଣ କରୁଥିବା ଭୂକମ୍ପ ମୋର ପଦପାତ । ବାତ୍ୟାମଥିତ ସମୁଦ୍ରର ଶିକରଶିଖା ମୁଁ । ଗିରିଗର୍ଭ ଦଗ୍ଧ କରି ଆକାଶକୁ ଲମ୍ଫ କରୁଥିବା ଅଗ୍ନିଧାରା ମୁଁ । ତଟ ଉଲ୍ଲଂଘନ କରୁଥିବା ବ୍ୟାକୁଳା ଆଲୁଳାୟିତା ପ୍ରଖରା ତଟିନୀ ମୁଁ । ସମୁଦ୍ରରେ ମୁଁ ବଡ଼ବାର ଶିଖା, ଅରଣ୍ୟରେ ଲୋଳଜିହ୍ୱା ଦାବାଗ୍ନି ! ମୁଁ ନିରଂକୁଶା, ପ୍ରବଳ ମର୍ଦ୍ଦିନୀ ସିଂହ ଶାସିନୀ ! ମୁଁ ପ୍ରଳୟଙ୍କରୀ, ଭୟଙ୍କରୀ, ମୁଁ ନିଖିଳବିଶ୍ୱର ପ୍ରଶାସିକା ! ମୁଁ ବିଶ୍ୱଚାରିଣୀ । ମୁଁ ଘୋରା, ମୁଁ ପ୍ରଖରା, ମୁଁ ତାପିନୀ ! ତିଥିଙ୍କ ମଧ୍ୟରେ ଅମାବାସ୍ୟା, କାଳଙ୍କ ଭିତରେ ସନ୍ଧ୍ୟାକାଳ ! ମୁଁ ହିଁ ପବନର ବାତ୍ୟା, ଜଳରେ ବନ୍ୟା, ବହ୍ନିରେ ଜ୍ୱାଳା । ଆଲୋକମାନଙ୍କ ମଧ୍ୟରେ ମୁଁ ଦାମିନୀ ! ଦେବୀଙ୍କ ମଧ୍ୟରେ ଶ୍ୟାମା ଦିଗମ୍ବରୀ । ମୁଁ ଅଘଟନ-ଘଟନ-ପଟୀୟସୀ ! ମୋର ନିଃଶ୍ୱାସରେ ଖଣ୍ଡ ବିଶ୍ୱ ସକଳ ବିଘୂର୍ଣ୍ଣିତ ହୁଅନ୍ତି, ନିର୍ବାପିତ ହୁଅନ୍ତି । ଅବଲୀଳା କ୍ରମେ ପର୍ବତ ମାଳା ଚୂର୍ଣ୍ଣୀଭୂତ ହୁଅନ୍ତି । ମୁଁ ନାରୀମାନଙ୍କ ମଧ୍ୟରେ ପ୍ରମଥିନୀ କାମିନୀ । ମୁଁ କ୍ଷୁଧା, ମୁଁ ତୃଷା, ମୁଁ ପ୍ରଚଣ୍ଡା, ମୁଁ ଦୀପ୍ତି ! ମୁଁ ସାଧକର ଦୃଢ଼ତା, ସାଧନାର ତୀବ୍ରତା, ସିଦ୍ଧିର ତୁଙ୍ଗିମା ! ମୁଁ ପ୍ରତିପକ୍ଷ ସଂହାରିଣୀ, ପ୍ରମତ୍ତା, ଉନ୍ମତ୍ତା ରଣରଙ୍ଗିନୀ ! ବଜ୍ର ମୋର ଡମ୍ବରୁ, ବିଦ୍ୟୁତ୍ ମୋର

ତ୍ରିଶୂଳ, ସୂର୍ଯ୍ୟ ମୋର ତ୍ରାସ, ଚନ୍ଦ୍ର ମୋର ଖଡ୍‌ଗ । ମୁଁ ତିମିର ବିଧ୍ୱଂସିନୀ, ଭୟଙ୍କରୀ, ଶଙ୍କରୀ । ମୋର ମୁଦ୍ରା ବରଦା ! ମୁଁ ପ୍ରଣତାର୍ତ୍ତିହାରିଣୀ ! ମୁଁ ହିଁ ପଙ୍ଗୁକୁ ଗିରିଲଙ୍ଘନ କରାଏ, ମୂକକୁ ବାଚାଳ କରାଏ । ବୀଜ କୋଷରେ ନଭଷ୍ଟାରିଣୀ ଅଭୀପ୍ସା ମୁଁ । ଭୂମି ବିଦାରଣ କରି ଅଙ୍କୁରର ଉଦ୍‌ଗମ କରାଏ ମୁଁ, ତୃଣ ମାତ୍ରକୁ ପ୍ରଖର ପ୍ରବାହରେ ସମୁଦ୍ରସଙ୍ଗମ କରାଏ ମୁଁ । ମୁଁ ଅଦମ୍ୟା ବିଶ୍ୱ ଶକ୍ତି ! ମୁଁ ମହାକାଳୀ ! ବ୍ୟାଲାଭରଣୀ କରାଳିନୀ ମୁଁ । ମୁଁ ହିଁ ଚିରଜାଗ୍ରତା, ଉତ୍ତିଷ୍ଠିତା ପୁରୁଷୀ !!

ଅନନ୍ତ ସୁଷମାମୟୀ, ଆଶିଷମୟୀ **ମହାଲକ୍ଷ୍ମୀ** ମୁଁ । ଶରଚ୍ଚନ୍ଦ୍ର ମୋର ଲଲାଟରେ ଚନ୍ଦନବିନ୍ଦୁ । ପ୍ରଶାନ୍ତ ସମୁଦ୍ର ମୋର ନୀଳାମ୍ବର । ଶୀତଳ ତାରକା ପୁଞ୍ଜ ମୋର ରତ୍ନାଭରଣ । ମୁଁ ବନାନୀର ଶ୍ୟାମଳିମା, ତଟିନୀର କଲ୍ଲୋଳ, ପୁଷ୍ପର ସୌରଭ, ବର୍ଣ୍ଣର ଶୋଭା, ରୂପର ମାଧୁରୀ, ଭ୍ରମରର ଗୁଞ୍ଜନ । ପବନରେ ମୁଁ ମଳୟ, ବୃକ୍ଷରେ ଚନ୍ଦନ, ସଙ୍ଗୀତରେ ମୂର୍ଚ୍ଛନା ! ମୁଁ ସ୍ମିତମୟୀ, ଛନ୍ଦମୟୀ, ଶୋଭାମୟୀ, ସବିତା ବରଣୀ ! ଅସ୍ତରାଗ ମୋର ବର୍ଣ୍ଣ ! ପୀୟୂଷ ମୋର ଦୃଷ୍ଟି, ଅମୃତ ମୋର ସ୍ପର୍ଶ । ମୁଁ ହିଁ ମଧୁବିଦ୍ୟା । ପବନରେ ମଧୁସଞ୍ଚାର କରେ ମୁଁ । ମୋର ସ୍ପର୍ଶରେ ସିନ୍ଧୁମାନେ ମଧୁକ୍ଷରଣ କରନ୍ତି, ମଧୁମାନ୍ ହୁଅନ୍ତି ସୂର୍ଯ୍ୟ ସକଳ, ଜଳ-ସ୍ଥଳ-ଆକାଶ ମଧୁମୟ ହୁଅନ୍ତି । ମୁଁ କାମିନୀର କଟାକ୍ଷ । ମୁଁ ରତି, ମୁଁ ପ୍ରୀତି, ମୁଁ ଅନୁରାଗ । ମୁଁ ମମତା, ମୁଁ ସ୍ନିଗ୍ଧତା ! ନୂତନ ପଲ୍ଲବର ମୃଦୁଲତା ମୁଁ । ଶାଖା ଉପଶାଖାର ସବୁଜ ଛନ୍ଦ ମୁଁ । ଉଦ୍ଭିଦର ଫଳ ଗୌରବ ମୁଁ । ମୁଁ ଶାକମ୍ଭରୀ, ଅନ୍ନମୟୀ, ପ୍ରାଣମୟୀ, ସୌଭାଗ୍ୟମୟୀ ମୁଁ । ଋତୁମାନଙ୍କ ମଧ୍ୟରେ ମୁଁ ଜ୍ୟୋତ୍ସ୍ନାମୟୀ, ପୁଲକମୟୀ, ଶରତ୍ ସନ୍ଧ୍ୟା । କାଳମାନଙ୍କ ମଧ୍ୟରେ ରାକାରଜନୀ । ତଟିନୀ ମଧ୍ୟରେ ଗଙ୍ଗୋତ୍ରୀ । ଦେବୀମାନଙ୍କ ମଧ୍ୟରେ ମୁଁ କମଳା, ନାରୀମାନଙ୍କ ମଧ୍ୟରେ ମୁଁ ମନୋରମା, ମୁଁ ଶୋଭା, ମୁଁ ସୁମତି, ମୁଁ ହ୍ଲାଦିନୀ, ମୁଁ ମୋହିନୀ, ମୁଁ ବିଚକ୍ଷଣା ! ବିଦଗ୍ଧା ଧରାବକ୍ଷରେ ପ୍ରଥମ ଧାରାପାତ ମୁଁ । ରୁକ୍ଷ ମହୀରୁହର ପ୍ରଥମ ନବାଙ୍କୁର ମୁଁ । କର୍କଶ ଶିଳାଖଣ୍ଡ ଉପରେ ଶୈବାଳର ସ୍ନିଗ୍ଧତା ମୁଁ । ସାଧନାର ଆଶା ମୁଁ, ଆଶ୍ୱାସନା ମୁଁ । ସିଦ୍ଧିର ଐଶ୍ୱର୍ଯ୍ୟ ମୁଁ ! ସାଧକର ପ୍ରେମ ମୁଁ, ବିଶ୍ୱାସ ମୁଁ । ମୁଁ ହିଁ କୃପା, ମୁଁ ଦୟା, ମୁଁ ବାତ୍ସଲ୍ୟ, ମୁଁ ଅନୁକମ୍ପା, ମୁଁ କରୁଣା । କମନୀୟତା ମୁଁ, ନମନୀୟତା ମୁଁ, ମାନନୀୟତା ମୁଁ ! ମୁଁ ହିଁ କମଳା ବିକଚପଦ୍ମାସନା, ପଦ୍ମଗନ୍ଧା ! ମୁଁ ଆନନ୍ଦମୟୀ, ଶାନ୍ତିମୟୀ, କାନ୍ତିମୟୀ ! ମୁଁ ଶ୍ରଦ୍ଧା, ମୁଁ ସର୍ବାର୍ଥସାଧିକା, ମୁଁ ଗୌରୀ, ମୁଁ ନାରାୟଣୀ ! ମୁଁ ଘନରସମୟୀ, ବ୍ରହ୍ମାନନ୍ଦମୟୀ, ଅଷ୍ଟୈଶ୍ୱର୍ଯ୍ୟମୟୀ କନକବର୍ଣ୍ଣା ମହାଲକ୍ଷ୍ମୀ ! ମୁଁ ଧନଦାୟିନୀ, ଯଶୋଦାୟିନୀ, ଆୟୁର୍ଦାୟିନୀ, ଚାରୁହାସିନୀ ଶିବାନୀ । ଆକାଶରେ ଇନ୍ଦ୍ରଧନୁ ଉଦୟ ହେଲେ ତାହା ମୋ କବରୀରେ ରତ୍ନମାଳ । କାବ୍ୟତାରା ମୋର ସୀମନ୍ତମଣି । କୋକିଳର ପଞ୍ଚମ ତାନ ମୋର ସ୍ୱର । ସ୍ୱର୍ଣ୍ଣାଭ ମେଘମାଳା ମୋର ଉତ୍ତରୀ । ଫୁଲରେ ରଙ୍ଗ, କେଦାରରେ ଶସ୍ୟଭାର, ନାରୀର ମମତା, ପୁରୁଷର ଧୈର୍ଯ୍ୟ, ତନୁରେ ତନିମା, ପ୍ରାଣରେ ପ୍ରେମ, ମନରେ ଏକାଗ୍ରତା, ଏସବୁ ମୋର ଆଶିଷ । ମୁଁ କ୍ଷମା, କୃତଜ୍ଞତା, ଆତ୍ମୀୟତା ! ମୁଁ ଗଭୀର ଆଶ୍ୱାସମୟୀ, ବିଶ୍ୱାସମୟୀ, ସୁଷମାମୟୀ ମହାଲକ୍ଷ୍ମୀ !!

ସୂକ୍ଷ୍ମରୂପା, ଜ୍ଞାନରୂପା, ବିଜ୍ଞାନରୂପା, ପ୍ରଜ୍ଞାମୟୀ, ପ୍ରକାଶମୟୀ, ବିଭାସମୟୀ ମୁଁ **ମହାସରସ୍ୱତୀ** । ବିଶ୍ୱଛନ୍ଦର ଐକ୍ୟତାନ ମୁଁ, ଘନୀଭୂତ ଝଙ୍କାର ମୁଁ । ଗଭୀରତମ ବସ୍ତୁ ଗର୍ଭରେ ଭାଗବତୀ ଇଚ୍ଛା ମୁଁ । ସମଗ୍ର ଜଗତର ଉଦ୍‌ବର୍ତ୍ତନ ମୁଁ । ମୁଁ ହିଁ ଅଣୁ ପରମାଣୁର ବିନ୍ୟାସ କରେ, ସଂଯୋଜନ କରେ । ଗଛରେ ପତ୍ର, ପତ୍ରରେ ଶିରା, ଶିରାରେ ଗ୍ରନ୍ଥି, ଗ୍ରନ୍ଥିରେ ରସବିନ୍ଦୁକୁ ମୁଁ ସଂଘଟିତ କରେ । ପବନର ପ୍ରତ୍ୟେକ ଅଦୃଶ୍ୟ ସ୍ରୋତକୁ ମୁଁ ନିୟନ୍ତ୍ରିତ କରେ । ତାକୁ ମୁଁ ହିଁ ବାତ୍ୟା, ଝଞ୍ଜା ବା ମଳୟର ରୂପଗୁଣ ପ୍ରଦାନ କରେ । ପ୍ରତି ମୁହୂର୍ତ୍ତରେ ଗ୍ରହ ଜ୍ୟୋତିଷ୍କମାନଙ୍କର ଚଳନ, ସ୍ପନ୍ଦନକୁ ମହାଜାଗତିକ ଛନ୍ଦ ପତନରେ ମିଶାଏ ମୁଁ । ପ୍ରତି ବସନ୍ତର ଆଗମରେ ପ୍ରତ୍ୟେକ ଲତା ଗୁଳ୍ମରେ ନବ ନବ ଉନ୍ମେଷର ଶିହରଣ ଜାଗ୍ରତ୍ କରେ ମୁଁ । କିଶଳୟର ଉଦ୍‌ଗମରେ ରଙ୍ଗ ଭରିଦିଏ ମୁଁ, ଶିରା ଉପଶିରା ଗଠନ କରେ ମୁଁ । ନିର୍ଝରର ପ୍ରତ୍ୟେକ ଜଳକଣାଗର୍ଭରେ ଆର୍ଦ୍ରତା, ଊର୍ଣ୍ଣନାଭର ପ୍ରତ୍ୟେକ ତନ୍ତୁରେ ସୂକ୍ଷ୍ମତା ଆଣିଦିଏ ମୁଁ । ଶରୀରର ଚାଳନା, ଆବେଗର ସଞ୍ଚାର, ମନର ଚିନ୍ତନ ମୁଁ ନିରୀକ୍ଷଣ କରେ, ନିୟନ୍ତ୍ରଣ କରେ । ଭ୍ରୂଣ ହେବା ଦିନଠାରୁ ଶରୀରର ପତନ ପର୍ଯ୍ୟନ୍ତ ଜାଗ୍ରତ୍, ସ୍ୱପ୍ନ, ସୁଷୁପ୍ତିର ପ୍ରତ୍ୟେକ କର୍ମ ମୋର ଶକ୍ତିରେ ସଂଘଟିତ ହୁଏ । ପୁରୁଷାନୁକ୍ରମେ ଅନନ୍ତ ଯୁଗ ଅବଧି ଏ ସମଗ୍ର ବିଶ୍ୱରେ ସମଗ୍ର କ୍ରିୟା ପଶ୍ଚାତରେ ଅତନ୍ଦ୍ରିତା ଶକ୍ତି ମୁଁ । ମୁଁ ଶୁଭ୍ରା ! ମୁଁ ଅକାୟା, ଅସ୍ନାବିରା ! ମୁଁ ଅବ୍ରଣା, ମୁଁ ଶୁଦ୍ଧା, ଅପାପବିଦ୍ଧା । ଶବ୍ଦମାନଙ୍କ ମଧ୍ୟରେ ମୁଁ ଝଙ୍କାର । କାଳ ମଧ୍ୟରେ ମୁଁ ବିଲିତା । ବସ୍ତୁ ଭିତରେ ମୁଁ କଣିକା । ନାରୀର ବୀଜକୋଷ ମୁଁ, ପୁରୁଷର ଶୁକ୍ର କୀଟ ମୁଁ । ମୁଁ ହିଁ ଉପାଦାନ ରୂପା, ଉତ୍ସରୂପା, ଚିରକ୍ରିୟାଶୀଳା, ଚିର ପ୍ରବହମାନ ଶକ୍ତି । ମୁଁ କଳ୍ପନାର ତନ୍ତୁ, କବିର ଦୃଷ୍ଟି, କାବ୍ୟର ଆତ୍ମା, ଭାଷାର ବ୍ୟଞ୍ଜନା । ମୁଁ ପ୍ରଜ୍ଞା,

ମୁଁ ପ୍ରତିଭା । ମୁଁ ବାକ୍ । ମୁଁ ଅଗ୍ନି । ମୁଁ ମନ୍ତ୍ରରୂପା, ବୀଜରୂପା ଶାଶ୍ୱତୀ । ମୁଁ ପ୍ରବାହ, ମୁଁ ଧାରା, ମୁଁ ଊର୍ମି ! ମୁଁ ବୋଧି, ମୁଁ ଋଦ୍ଧି । ସାଧକର ଅଖଣ୍ଡ ଅଭୀପ୍ସା ମୁଁ; ସାଧନାର ସୂକ୍ଷ୍ମତମ ପ୍ରଗତି ମୁଁ । ସିଦ୍ଧିର ପ୍ରତ୍ୟେକ ବିଭବ ମୁଁ । ମୁଁ ହିଁ ସାଧକକୁ ଉତ୍ତାନପାଦ କରେ, ଚୈତ୍ୟ-ପୁରୁଷଙ୍କୁ ଜାଗ୍ରତ୍ କରେ । ଅବିଦ୍ୟାରୁ ବିଦ୍ୟାକୁ, ନିରାଲୋକରୁ ଆଲୋକକୁ, ମୃତ୍ୟୁରୁ ଅମୃତକୁ ମୁଁ ମାର୍ଗ ପ୍ରସ୍ତୁତ କରେ । ମୁଁ ଜ୍ୟୋତିର୍ମୟୀ, ପ୍ରକାଶମୟୀ, ବେଦରୂପା ମହାସରସ୍ୱତୀ !!

ଦିବ୍ୟଜନନୀଙ୍କର ଅପାର ବିଭୂତି, ଅକଳନୀୟ ବିଭବ । ଆନନ୍ଦମୟୀ ଚୈତନ୍ୟମୟୀ ସତ୍ୟମୟୀଙ୍କର ଏକାଂଶରେ ଜଗତର ସ୍ଥିତି ବିଳୟ, ଭୂତ ଭବିଷ୍ୟତ୍ ଦୋଳାୟମାନ । କରୁଣାପ୍ରବଣା, ଅପ୍ରକଟ, ରୂପ ଗୁଣ ଶୂନ୍ୟା ପ୍ରକଟିତ ହେଲେ ବିଭୂତି; ଅପ୍ରକଟ ହେଲେ ଅନିର୍ବଚନୀୟା ବିଲୀୟମାନ ଚେତନା ଘନ ନୀରବତାରେ ନିମଗ୍ନା । ତଥାପି ତାକୁ ଯେ ଧାରଣ କରି ରଖନ୍ତି, ସେ ହିଁ ଅହେତୁକୀ ଭାଗବତୀ କୃପା !! ✤

Open to Sri Aurobindo's consciousness and let it transform your life.

(CWM. Vol. 13, p. 14) – The Mother

*With best compliments from :*

**SRI JAGANNATH RICE MILL**

**MAITAPUR, BALASORE (ODISHA)**

# ଭାରତ ସମ୍ପର୍କରେ ଶ୍ରୀମା

୧୯୫୦ ମସିହାରେ ଶ୍ରୀଅରବିନ୍ଦଙ୍କର ମହାପ୍ରୟାଣ ପରଠାରୁ ଶ୍ରୀମା ସେମାନଙ୍କର ସମସ୍ତ ଶିଷ୍ୟଙ୍କର ଦାୟିତ୍ୱ, ଆଶ୍ରମର ଦାୟିତ୍ୱ ସହିତ ମାନବ ନିୟତିର ପରିବର୍ତ୍ତନ ନିମିତ୍ତ ପୂର୍ଣ୍ଣଯୋଗର ଶେଷ ପର୍ଯ୍ୟାୟରେ ଉପନୀତ ହୋଇଥିଲେ । ସେ ଜୀବକୋଷମାନଙ୍କର ରୂପାନ୍ତର ଦ୍ୱାରା ଶରୀର ରୂପାନ୍ତର ଉପରେ ପ୍ରଗାଢ଼ କର୍ମ କରୁଥିଲେ । ଏସବୁ ସହିତ ସେ ଭାରତର ତତ୍କାଳୀନ ଅବସ୍ଥା, ସମସ୍ୟା, ତାହାର ଅତୀତର ସମସ୍ତ ଦୁର୍ଭାଗ୍ୟଜନକ ପରିସ୍ଥିତିକୁ ଅନୁଧ୍ୟାନ କରୁଥିଲେ, ଭାରତର ଭବିତବ୍ୟର ଦାୟିତ୍ୱ ମଧ୍ୟ ତାଙ୍କର ଚେତନାରେ ଗ୍ରହଣ କରିଥିଲେ । ଶ୍ରୀଅରବିନ୍ଦ ଭାରତକୁ କେତେ ବେଶୀ ଭଲ ପାଉଥିଲେ, ମୂଲ୍ୟ ଦେଉଥିଲେ, ତାହା ଆମେ ଜାଣୁ । ଶ୍ରୀମା ମଧ୍ୟ ଠିକ୍ ସେହି ଆନ୍ତରିକତାର ସହିତ, ଆବେଗର ସହିତ, ଆଶାର ସହିତ ଭାରତ ଉପରେ ଏକାଗ୍ର ହେଉଥିଲେ । ଭାରତର ଅଗ୍ରଗତି ନିମିତ୍ତ, ତା'ର ସମସ୍ୟାର ସମାଧାନ ନିମିତ୍ତ ସେ ଯୋଗଶକ୍ତି ପ୍ରୟୋଗ କରୁଥିଲେ । ସେତେବେଳେ ଭାରତର ଶାସନ କ୍ଷେତ୍ରରେ ରହିଥିବା ମନ୍ତ୍ରୀମାନେ, ରାଷ୍ଟ୍ରପତି ଓ ନେତାମାନେ ମା'ଙ୍କ ନିକଟରୁ ପରାମର୍ଶ ନେଉଥିଲେ । ସେ ଭାରତ ସମ୍ବନ୍ଧରେ ଦେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା, ବାଣୀ ଓ ମତାମତକୁ ମୁଁ ଏଠାରେ ଉଲ୍ଲେଖ କରୁଛି ।

**(୧୯୩୮)**

*ମା'ଙ୍କୁ ପ୍ରଶ୍ନ କରାଗଲା ''ଭାରତ କ'ଣ ?''*

ମା ଉତ୍ତର ଦେଲେ, ''ଭାରତ କେବଳ ମାଟି ନୁହେଁ, ଏହି ଭୂମିର ନଦୀ କିଂବା ପର୍ବତମାଳା ମଧ୍ୟ ନୁହେଁ, ଏହି ଦେଶର ଅଧିବାସୀମାନଙ୍କର ଏହା ଏକ ସାମୂହିକ ନାମ ମଧ୍ୟ ନୁହେଁ । ଭାରତ ଏକ ଜୀବନ୍ତ ସତ୍ତା, କହିବାକୁ ଗଲେ ଶିବଙ୍କ ପରି ଜୀବନ୍ତ । ପ୍ରତ୍ୟେକ ଦେଶର ନିଜସ୍ୱ ଆତ୍ମା ରହିଥାଏ ଏବଂ ତୁମେ ଯଦି ରାଜନୈତିକ ସ୍ତରରେ କିଛି ପରିବର୍ତ୍ତନ କରିଦିଅ ତାହା ଅବାସ୍ତବ ହେବ । ଉଦାହରଣସ୍ୱରୂପ ଯଦିଓ ଅଷ୍ଟ୍ରିଆ ଜର୍ମାନୀର ଏକ ଅଂଶରେ ପରିଣତ ହୋଇଛି, ତଥାପି ମଧ୍ୟ ସେମାନେ ସମ୍ପୂର୍ଣ୍ଣ ଅଲଗା ଓ ଅଷ୍ଟ୍ରିଆର ଆତ୍ମା ପୀଡ଼ିତ ହୋଇ ରହିଛି । (୧୯୩୮ ମସିହାରେ ଅଷ୍ଟ୍ରିଆକୁ ଜର୍ମାନୀ ଆକ୍ରମଣ କରି ଅଧିକାର କରିଥିଲା ।) ଭାରତ ଜଣେ ଦେବୀ, ଯେମିତିକି ଶିବ ଜଣେ ଦେବତା, ସେ ଇଚ୍ଛା କଲେ ମନୁଷ୍ୟ ଆକୃତିରେ ପ୍ରକାଶିତ ହୋଇପାରିବେ ।''

*

ଫ୍ରାନ୍ସ ହିଁ ଭାରତ ସହିତ ଇଉରୋପକୁ ସଂଯୁକ୍ତ କରିପାରିବ । ଫ୍ରାନ୍ସ ପାଇଁ ମହାନ୍ ଆଧ୍ୟାତ୍ମିକ ସମ୍ଭାବନା ରହିଛି । ତାହାର ବର୍ତ୍ତମାନର ମନ୍ଦ ଅବସ୍ଥା ସତ୍ତ୍ୱେ, ସେ ଗୋଟିଏ ବଡ଼ ଭୂମିକା ଗ୍ରହଣ କରିବ । ଫ୍ରାନ୍ସ ମାଧ୍ୟମରେହିଁ ଇଉରୋପରେ ଆଧ୍ୟାତ୍ମିକ ବାର୍ତ୍ତା ପହଞ୍ଚିବ । ସେଥିପାଇଁହିଁ ମୁଁ ମୋର ଜନ୍ମନିମିତ୍ତ ଫ୍ରାନ୍ସକୁ ମନୋନୀତ କରିଥିଲି ।

*

**ଜୁନ୍ ୩, ୧୯୪୭**

(ଏକ ବିଭାଜିତ ଭାରତକୁ ବ୍ରିଟେନ ତାହାର ଶାସନଭାର ହସ୍ତାନ୍ତରିତ କରିବା ପାଇଁ, ଭାରତୀୟ ନେତୃବର୍ଗଙ୍କୁ ରେଡ଼ିଓ ମାଧ୍ୟମରେ ଭାଇସ୍‌ରାୟ ଯେଉଁ ଘୋଷଣା କରିଥିଲେ, ତାହା ଶୁଣିବା ପରେ ଶ୍ରୀମା ନିମ୍ନୋକ୍ତ ଟିପ୍ପଣୀଟି ଲେଖିଥିଲେ ।)

ଭାରତର ସ୍ୱାଧୀନତାକୁ ପରିଚାଳନା କରିବା ନିମିତ୍ତ ରହିଥିବା ବାଧାବିଘ୍ନର ସମାଧାନ ଲାଗି ଏକ ପ୍ରସ୍ତାବ ଦିଆଯାଇଛି ଏବଂ ଭାରତୀୟ ନେତୃବର୍ଗଙ୍କର ସମସ୍ତ ଅନୁତାପ, ତିକ୍ତତା ସତ୍ତ୍ୱେ ଏହାକୁ ଗ୍ରହଣ କରାଯାଇଛି ।

କିନ୍ତୁ ତୁମେ କ'ଣ ଜାଣ, କାହିଁକି ଏ ପ୍ରସ୍ତାବ ଆମକୁ ଦିଆଯାଇଛି ? ଆମର କଳହର ଉଭଟତାକୁ ପ୍ରମାଣ କରିବା ନିମିତ୍ତ ।

ଏବଂ ତୁମେ କ'ଣ ଜାଣ, କାହିଁକି ଏହି ପ୍ରସ୍ତାବକୁ ସ୍ୱୀକାର କରିବାକୁ ପଡ଼ିଛି ? ଆମର କଳହର ଉଭଟତାକୁ ଆମ ନିଜ ପାଖରେ ପ୍ରମାଣିତ କରିବା ନିମିତ୍ତ ।

ସ୍ପଷ୍ଟତଃ ଏହା ଏକ ସମାଧାନ ନୁହେଁ, ଏହା ଏକ ପରୀକ୍ଷା । ଯଦି ଆମେ ସମସ୍ତ ଆନ୍ତରିକତାର ସହିତ ଏହାକୁ ଅତିକ୍ରମ କରିଯିବା, ତେବେ ପ୍ରମାଣିତ ହୋଇଯିବ ଯେ ଗୋଟିଏ ଦେଶକୁ କ୍ଷୁଦ୍ର ଅଂଶରେ ବିଭକ୍ତ କରିଦେବା ଦ୍ୱାରା ଆମେ ତାହାର ଏକତା ଓ ମହାନତା ଆଣିପାରିବା ନାହିଁ । ପରସ୍ପରର ସ୍ୱାର୍ଥକୁ

ବିରୋଧ କରିବା ଦ୍ୱାରା ଆମେ ଏହାର ସମୃଦ୍ଧି ଆଣି ପାରିବା ନାହିଁ । ପରସ୍ପର ବିରୋଧରେ ଅନ୍ଧ-ବିଶ୍ୱାସକୁ ପ୍ରତିଷ୍ଠା କରିବା ଦ୍ୱାରା ଆମେ ସତ୍ୟର ଆତ୍ମାକୁ ସେବା କରି ପାରିବା ନାହିଁ, ସବୁକିଛି ସତ୍ତ୍ୱେ ଭାରତର ଏକ ଆତ୍ମା ରହିଛି ଏବଂ ଏହି ଭାରତବର୍ଷକୁ ଏକ ଓ ଅବିଭକ୍ତ ବୋଲି କହି ପାରିବାର ସମୟ ଆଗତ ହେବା ପର୍ଯ୍ୟନ୍ତ ଆମର ଆହ୍ୱାନ ହେବ :

ଭାରତର ଆତ୍ମା
ଚିରକାଳ ନିମିତ୍ତ ବଞ୍ଚିରହୁ !

**ଜୁନ୍ ୬, ୧୯୪୭**

ଭାରତର ଆତ୍ମା ଏକ ଓ ଅବିଭକ୍ତ । ଭାରତ ବିଶ୍ୱରେ ତାହାର ଲକ୍ଷ୍ୟ ସମ୍ବନ୍ଧରେ ସଚେତନ ଅଛି । ଏହାର ଅଭିବ୍ୟକ୍ତିର ବାହ୍ୟ ଉପାୟଗୁଡ଼ିକ ପାଇଁ ସେ ଅପେକ୍ଷା କରିଛି ।

*

**ଅଗଷ୍ଟ ୧୫, ୧୯୪୭**

(ଭାରତର ସ୍ୱାଧୀନତା ଲାଭ ଉପଲକ୍ଷେ ଶ୍ରୀମା ଏକ ବାର୍ତ୍ତା ଦେଇଥିଲେ, ଏହି ଦିନଟି ଥିଲା ଶ୍ରୀଅରବିନ୍ଦଙ୍କର ୭୫ତମ ଜନ୍ମଦିବସ ।)

**ଆବାହନ**

ହେ ଆମର ଜନନୀ, ହେ ଭାରତବର୍ଷର ଆତ୍ମା, ସେହି ମାତା, ଯେ ନିଜର ସନ୍ତାନମାନଙ୍କୁ କେବେ ବି ପରିତ୍ୟାଗ କରି ନାହାନ୍ତି । ଗଭୀରତମ ହତାଶାର ଦିନଗୁଡ଼ିକରେ ଏପରିକି ସେମାନେ ଯେତେବେଳେ ତୁମର ଡାକକୁ ଏଡ଼ାଇ ଦେଇ ଚାଲି ଯାଇଥିଲେ, ଅନ୍ୟ ପ୍ରଭୁମାନଙ୍କର ସେବା କରିଥିଲେ, ତୁମକୁ ଅସ୍ୱୀକାର କରିଥିଲେ, ବର୍ତ୍ତମାନ ସେମାନେ ଜାଗ୍ରତ୍ ହୋଇଛନ୍ତି ଓ ତୁମର ମୁକ୍ତିର ଏହି ପ୍ରଭାତରେ ତୁମର ମୁଖମଣ୍ଡଳ ଆଲୋକିତ । ଏହି ମହାନ୍ ମୁହୂର୍ତ୍ତରେ ଆମେ ତୁମକୁ ପ୍ରଣାମ କରୁଛୁ । ଆମକୁ ଏପରି ଭାବରେ ପଥ ନିର୍ଦ୍ଦେଶ କର, ଯେପରି ଆମ ସମ୍ମୁଖରେ ସ୍ୱାଧୀନତାର ଏହି ଯେଉଁ ଦିଗ୍‌ବଳୟ ଉନ୍ମୋଚିତ ହେଉଛି, ତାହା ମଧ୍ୟ ଦେଶ ସମୂହ ମଧ୍ୟରେ ପ୍ରକୃତ ମହାନତା ଓ ତୁମର ସତ୍ୟ ଜୀବନର ଦିଗ୍‌ବଳୟ ହୋଇଉଠୁ । ପଥ ନିର୍ଦ୍ଦେଶ କର, ଯେପରି ଆମେ ସର୍ବଦା ମହାନ୍ ଆଦର୍ଶର ପକ୍ଷରେ ରହୁ ଏବଂ ମନୁଷ୍ୟମାନଙ୍କୁ ତୁମର ସତ୍ୟ ସ୍ୱରୂପ ଦେଖାଇ ଦେଇପାରୁ, ଆତ୍ମାର ପଥରେ ଏକ ପଥପ୍ରଦର୍ଶକ ଭାବରେ ଓ ସମସ୍ତ ମନୁଷ୍ୟଙ୍କର ବନ୍ଧୁ ଓ ସାହାଯ୍ୟକାରୀ ଭାବରେ ।

*

**୧୯୫୦ର ମଧ୍ୟବର୍ତ୍ତୀ ସମୟ**

ପୃଥିବୀର ମଙ୍ଗଳ ନିମିତ୍ତ ଭାରତ ସୁରକ୍ଷିତ ରହିବା ଉଚିତ । କାରଣ କେବଳ ଭାରତହିଁ ପୃଥିବୀକୁ ଶାନ୍ତି ଏବଂ ଏକ ନୂତନ ବିଶ୍ୱ ଶୃଙ୍ଖଳା ଦିଗରେ ଆଗେଇ ନେବ ।

*

ଭାରତର ଭବିଷ୍ୟତ୍ ଖୁବ୍ ସ୍ପଷ୍ଟ । ଭାରତ ଏହି ପୃଥିବୀର ଗୁରୁ । ପୃଥିବୀର ଭବିଷ୍ୟତର ଗଠନ ଭାରତ ଉପରେ ନିର୍ଭର କରେ । ଭାରତ ଏକ ଜୀବନ୍ତ ଆତ୍ମା, ସେ ପୃଥିବୀପୃଷ୍ଠରେ ଆଧ୍ୟାତ୍ମିକ ଜ୍ଞାନକୁ ଅବତରଣ କରାଏ । ଭାରତ ସରକାର ଭାରତର ଏ ପ୍ରକାର ପ୍ରାଧାନ୍ୟକୁ ସ୍ୱୀକାର କରିବା ଉଚିତ ଓ ସେହି ଅନୁସାରେ ନିଜର କର୍ମଧାରାର ଯୋଜନା କରିବା ଉଚିତ ।

କେବଳ ଭାଗବତ ଶକ୍ତିହିଁ ଭାରତକୁ ସାହାଯ୍ୟ କରିପାରିବ । ତୁମେ ଯଦି ଦେଶରେ ବିଶ୍ୱାସ ଓ ସୁସଂଗତିକୁ ଗଠନ କରିପାରିବ, ତେବେ ତାହା ଯେକୌଣସି ମନୁଷ୍ୟକୃତ ଶକ୍ତିଠାରୁ ଅଧିକ ଶକ୍ତିଶାଳୀ ହେବ । ଏକ ଅତି ପ୍ରାଚୀନ ପରମ୍ପରା ଅନୁସାରେ ଯଦି ବାର ଜଣ ସତ୍‌ମଣିଷ ଭାଗବତ ସଂକଳ୍ପକୁ ମୂର୍ତ୍ତ କରିବା ନିମିତ୍ତ ଏକତ୍ର ହୋଇ ପାରିବେ, ତେବେ ସେମାନେ ଭଗବାନଙ୍କୁ ଅଭିବ୍ୟକ୍ତ ହେବା ପାଇଁ ବାଧ କରିପାରିବେ । ଆଧ୍ୟାତ୍ମିକ ଜ୍ଞାନ ସହିତ ଏକ ସୁସଂଗତ ସଂକଳ୍ପ ଶକ୍ତିର ଏକ ଦୃଢ଼ ଗଠନକୁ ନେଇ ଗୋଟିଏ ଗୋଷ୍ଠୀ ରହିବା ଉଚିତ ଯାହାକି ଭାରତକୁ ଓ ବିଶ୍ୱଜଗତକୁ ରକ୍ଷା କରିପାରିବ । ଭାରତହିଁ କେବଳ ବିଶ୍ୱନିମିତ୍ତ ସତ୍ୟକୁ ଆଣିଦେଇ ପାରିବ । ପାଶ୍ଚାତ୍ୟର ଜଡ଼ବାଦକୁ ଅନୁସରଣ କରିବା ଦ୍ୱାରା ନୁହେଁ; ଭାଗବତ ସଂକଳ୍ପ ଓ ଶକ୍ତିର ଅଭିବ୍ୟକ୍ତି ଦ୍ୱାରାହିଁ ଭାରତ ତା'ର ବାର୍ତ୍ତାକୁ ବିଶ୍ୱ ଆଗରେ ପ୍ରଚାର କରିପାରିବ । ଭାଗବତ ସଂକଳ୍ପକୁ ଅନୁସରଣ କରିବା ଦ୍ୱାରାହିଁ ଭାରତ ଆଧ୍ୟାତ୍ମିକ ପର୍ବତ ଶିଖର ଉପରେ କିରଣଦାନ କରିବ, ସତ୍ୟର ପନ୍ଥା ନିର୍ଦ୍ଦେଶ କରିବ ଏବଂ ବିଶ୍ୱଏକତାକୁ ସଂଗଠିତ କରିବ ।

**ଅଗଷ୍ଟ ୨୩, ୧୯୫୧**

ଭାରତର ଜୀବନ୍ତ ଆତ୍ମାର ସହଯୋଗ ଓ ଆଶୀର୍ବାଦରେ, ତା'ର ଅତୀତର ଉଜ୍ଜ୍ୱଳ ମହିମା ଓ ଆଗତପ୍ରାୟ ଭବିଷ୍ୟତର ଉପଲବ୍ଧି ମଧ୍ୟରେ ଜନ୍ମଗ୍ରହଣ କରୁ ।

*

**ଅକ୍‌ଟୋବର ୨୮, ୧୯୫୩**

ଭାରତରେ କଳାର ଏକ ପରମ୍ପରା ରହିଛି, ସାରା ଦେଶ ଏପରି ଅନେକ ସୃଷ୍ଟି ଦ୍ୱାରା ପରିପୂର୍ଣ୍ଣ, ଯାହାସବୁ ଏ ଦେଶର କଳାର ଇତିହାସର ଶୀର୍ଷରେ ଗଠିତ ହୋଇଥିଲେ । ଲୋକମାନେ ତାହା ମଧ୍ୟରେ ବାସ କରନ୍ତି । ଏହି ବିଶ୍ୱରେ ଅନ୍ୟଠାରେ, ବିଶେଷତଃ ଇଉରୋପରେ ଯାହା କିଛି ଘଟିଛି ତାହାର ପ୍ରତିକ୍ରିୟା ଏଠାରେ ବିଶେଷ ଭାବରେ ଅନୁଭୂତ ହୋଇ ନାହିଁ । ଭାରତର ସେହିସବୁ ଅଂଶ ସେମାନଙ୍କର ସୌନ୍ଦର୍ଯ୍ୟବୋଧ ହରାଇଛନ୍ତି, ଯେଉଁମାନେ କି ଇଂରାଜୀ ସଭ୍ୟତା ଦ୍ୱାରା କିଛିଟା ପ୍ରଭାବିତ । ବମ୍ବେର କିଛି ଶିକ୍ଷାୟତନ, କଳାକାରମାନଙ୍କର ଶିକ୍ଷାୟତନସବୁ ଭୟଙ୍କର । କଲିକତାର ଶିକ୍ଷାୟତନରେ ଭାରତୀୟ କଳାର ପୁନରୁତ୍ଥାନ ନିମିତ୍ତ କିଛିଟା ପ୍ରଚେଷ୍ଟା ହୋଇଥିଲା, କିନ୍ତୁ ତାହା ଅଳ୍ପ ପରିମାଣର । କଳାତ୍ମକ ଦୃଷ୍ଟିକୋଣରୁ ସହଜତମ ଭାବରେ ଯାହା ମିଳିପାରେ ତାହା ହେଉଛି ପ୍ରାଚୀନ ଚାରୁକଳା, ପ୍ରାଚୀନ ମନ୍ଦିର, ପ୍ରାଚୀନ ଚିତ୍ରପଟ । ସେସବୁ ଖୁବ୍ ସୁନ୍ଦର ଥିଲେ । ସେସବୁ ଏକ ବିଶ୍ୱାସକୁ ଅଭିବ୍ୟକ୍ତ କରିବାକୁ ତିଆରି ହୋଇଥିଲେ ଏବଂ ସେସବୁ ଏକ ସାମଗ୍ରିକ ଅବବୋଧ ନେଇ ତିଆରି ହୋଇଥିଲେ, ବିଶୃଙ୍ଖଳାର ଅବବୋଧରୁ ନୁହେଁ । ଅନେକ କାରୁକାର୍ଯ୍ୟ, ପ୍ରାୟ ସମସ୍ତ କାରୁକାର୍ଯ୍ୟରେ ମୋର ଧାରଣା କାହାର ଦସ୍ତଖତ ନଥିଲା । ଗୁମ୍ଫାମାନଙ୍କରେ ରହିଥିବା ଚିତ୍ରସବୁ, ମୂର୍ତ୍ତିସବୁରେ ମଧ୍ୟ ନାମ ଲେଖା ହୋଇ ନଥିଲା । ସେସବୁକୁ କିଏ ତିଆରି କରିଛି ଆମର ସେ ବିଷୟରେ ଧାରଣା ନାହିଁ ଏବଂ ସେମାନେ ଯଶଃ, ଖ୍ୟାତି ପାଇଁ ସେସବୁ ନିର୍ମାଣ କରି ନଥିଲେ, ବର୍ତ୍ତମାନ ଯେପରି କରାଯାଉଛି । ତୁମେ ଜଣେ ମହାନ୍ କଳାକାର, ମହାନ୍ ବିଦ୍ୱାଣୀ, ତାହାହିଁ ଶେଷକଥା । ତୁମର ନାମକୁ ସବୁଥିରେ ଜଡ଼ିତ କରିବାର କିଂବା ଉତ୍ତେଜନାପୂର୍ଣ୍ଣ ଭାବରେ ସମ୍ବାଦପତ୍ରରେ ଘୋଷଣା କରିବାର ପ୍ରଶ୍ନ ଉଠୁ ନଥିଲା ଯଦ୍ଦ୍ୱାରା କି କେହି ତାକୁ ଭୁଲି ପାରିବେ ନାହିଁ । ସେ ସମୟରେ କଳାକାର ତାହାହିଁ କରୁଥିଲା, ଯାହା ତା'ର କରିବାର ଥିଲା । ତା'ର ନାମ ପରବର୍ତ୍ତୀକାଳକୁ ରହିବ କି ନା ସେ ସମ୍ବନ୍ଧରେ ବ୍ୟସ୍ତ ହେଉ ନଥିଲା । ଉଚ୍ଚତର ସୌନ୍ଦର୍ଯ୍ୟକୁ ଅଭିବ୍ୟକ୍ତ କରିବା ପାଇଁ ଏକ ଅଭୀପ୍ସାର ଗତିବୃତ୍ତି ସହିତ ଏହା କରାଯାଉଥିଲା ଏବଂ ସର୍ବୋପରି ଯେଉଁ ଦେବତାଙ୍କୁ ଆବାହନ କରାଯାଉଥିଲା ତାହାଙ୍କୁ ଯଥାର୍ଥ ନିବାସ ପ୍ରଦାନ କରିବାର ଧାରଣା ମଧ୍ୟ ସେଥିରେ ନିହିତ ଥିଲା । ମଧ୍ୟଯୁଗୀୟ ଗିର୍ଜାଗୁଡ଼ିକ ମଧ୍ୟ ଏହାହିଁ ଥିଲା, କିନ୍ତୁ ବର୍ତ୍ତମାନ ଏପରି ଖଣ୍ଡେ କାନ୍‌ଭାସ ମିଳିବ ନାହିଁ, ଯେଉଁଥିରେ ଅନ୍ୟମାନଙ୍କୁ ଜଣାଇବା ପାଇଁ ଦସ୍ତଖତଟିଏ ରହି ନଥିବ, ''ଏହା ମିଷ୍ଟର ଅମୁକଙ୍କ ଦ୍ୱାରା ଅଙ୍କିତ ହୋଇଛି ।''

*

**ଏପ୍ରିଲ ୨୫, ୧୯୫୪**

ଶ୍ରୀଅରବିନ୍ଦ ସର୍ବଦା ନିଜର ମାତୃଭୂମିକୁ ଗଭୀର ଭାବରେ ଭଲ ପାଉଥିଲେ । କିନ୍ତୁ ସେ ଚାହୁଁଥିଲେ ଯେ ତାହା ମହାନ୍, ଉଦାର ଓ ପବିତ୍ର ହୋଇଉଠୁ ଏବଂ ସମଗ୍ର ବିଶ୍ୱରେ ତା'ର ମହାନ୍ ଲକ୍ଷ୍ୟର ଯୋଗ୍ୟ ହୋଇଉଠୁ । ସେ ଚାହୁଁଥିଲେ ଯେପରି ଏହା ସ୍ୱାର୍ଥାନ୍ଧତା, ଅଜ୍ଞ ଏବଂ ଅନ୍ଧ ବିଶ୍ୱାସର ଅଶ୍ଳୀଳ ସ୍ତରକୁ ଖସି ନ ପଡୁ । ସେଥିପାଇଁ ତାଙ୍କର ଇଚ୍ଛା ସହିତ ସମ୍ପୂର୍ଣ୍ଣ ସହମତ ହୋଇ ଆମେ ସତ୍ୟ, ଅଗ୍ରଗତି ଓ ମାନବଜାତିର ରୂପାନ୍ତରର ମାନଦଣ୍ଡକୁ ଉର୍ଦ୍ଧ୍ୱକୁ ଉନ୍ନୀତ କରିଛୁ ।

*

**ଏପ୍ରିଲ ୧୯୫୫**

ସମ୍ଭବତଃ ଅନେକ ବିରୋଧାଭାସର ଏହି ଦେଶ ଭାରତ ଅନେକ ନୂତନ ଉପଲବ୍ଧିର ଦେଶ ହୋଇଉଠିବ, ଯେପରିକି ସେ ସେହିସବୁ ପରିକଳ୍ପନାର ଜନ୍ମଭୂମି ମଧ୍ୟ ଥିଲା ।

*

**ନଭେମ୍ବର ୧୫, ୧୯୫୫**

(ଭାରତର ରାଷ୍ଟ୍ରପତି ଡଃ ରାଜେନ୍ଦ୍ରପ୍ରସାଦ ଶ୍ରୀମାଙ୍କୁ ଦର୍ଶନ କରିବାକୁ ଆସିଥିବା ଅବସରରେ ତାଙ୍କୁ ପ୍ରଦତ୍ତ ଏକ ବାର୍ତ୍ତା ।)

ଭାରତ ତାହାର ଲକ୍ଷ୍ୟର ଶୀର୍ଷକୁ ଉଠିବା ଉଚିତ ଓ ବିଶ୍ୱ ଆଗରେ ସତ୍ୟକୁ ଘୋଷଣା କରିବା ଉଚିତ ।

(କ୍ରମଶଃ)

(ସଂଗ୍ରହ ଓ ଉପସ୍ଥାପନା : **ମମତା ଦାଶ**) ✤

ସାଧନା-ପରମ୍ପରା :

# ଅଶ୍ୱଘୋଷଙ୍କ ବୁଦ୍ଧଚରିତ

## (୧୦)

[ସଂସ୍କୃତ ଭାଷାରେ ରଚିତ ଅଶ୍ୱଘୋଷଙ୍କ କାବ୍ୟ '**ବୁଦ୍ଧଚରିତ**' ପୃଥିବୀର ବିଭିନ୍ନ ଭାଷାରେ ଅନୂଦିତ ହୋଇ ବହୁ ପ୍ରସିଦ୍ଧି ଲାଭ କରିଛି । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ ଅଶ୍ୱଘୋଷ ଜୀବିତ ଥିଲେ । ସେ ସାକେତର ଏକ ବ୍ରାହ୍ମଣ ବଂଶରେ ଜନ୍ମ ଗ୍ରହଣ କରି ବ୍ରାହ୍ମଣ୍ୟ ଶାସ୍ତ୍ରରେ ଅସାଧାରଣ ପାଣ୍ଡିତ୍ୟ ଲାଭ କରିଥିଲେ ଓ ପରେ ବୌଦ୍ଧ ହୋଇ ଯାଇଥିଲେ । ତାଙ୍କର ଏହି କାବ୍ୟ ୪୧୪-୪୨୧ ଖ୍ରୀଷ୍ଟାବ୍ଦରେ ଚୀନ୍ ଭାଷାରେ ଅନୂଦିତ ହୋଇଥିଲା । ପରେ ତିବ୍ବତ, ଜାପାନ ଓ ଇଉରୋପର ବିଭିନ୍ନ ଭାଷାରେ ଅନୂଦିତ ହୋଇ ଇଉରୋପୀୟ ପଣ୍ଡିତସମାଜରେ ବହୁ ସମାଦର ଲାଭ କରିଥିଲା । ଏପରିକି ଅନେକେ ଏହି କାବ୍ୟକୁ କାଳିଦାସଙ୍କ କାବ୍ୟର ସମପର୍ଯ୍ୟାୟର ବୋଲି ମନେ କରନ୍ତି ।

''ନବଜ୍ୟୋତି'ର ଗତ ସଂଖ୍ୟାରେ ବୁଦ୍ଧଚରିତର ତ୍ରୟୋଦଶ ସର୍ଗ 'ମାର ବିଜୟ'ରୁ କେତେକାଂଶର ଅନୁବାଦ ଦିଆଯାଇଥିଲା । ଏ ସଂଖ୍ୟାରେ ବୁଦ୍ଧଚରିତ ମହାକାବ୍ୟ ପୂର୍ବାର୍ଦ୍ଧର ଶେଷଭାଗ ଚତୁର୍ଦ୍ଦଶ ସର୍ଗ 'ବୁଦ୍ଧତ୍ୱ ପ୍ରାପ୍ତି'ର ସଂକ୍ଷିପ୍ତ ଅନୁବାଦ ଦିଆଯାଇ ଏହି ଧାରାବାହିକଟି ସମାପ୍ତ କରାଯାଉଛି । – ସଂପାଦକ]

### ଚତୁର୍ଦ୍ଦଶ ସର୍ଗ

ଧ୍ୟାନନିପୁଣ ତପସ୍ୱୀ ସିଦ୍ଧାର୍ଥ ନିଜର ଧୈର୍ଯ୍ୟ ଓ ଶାନ୍ତ ସ୍ୱଭାବ ଦ୍ୱାରା ମାର-ବଳଙ୍କୁ ଜିଣି ପରମତତ୍ତ୍ୱ ଜାଣିବା ଇଚ୍ଛାରେ ଧ୍ୟାନ ଆରମ୍ଭ କଲେ । ରାତ୍ରିର ପ୍ରଥମ ପ୍ରହରରେ ନିଜର ସହସ୍ର ସହସ୍ର ପୂର୍ବଜନ୍ମ ସବୁ ତାଙ୍କ ସ୍ମରଣକୁ ଆସିଲା ଓ ପ୍ରତ୍ୟକ୍ଷ ଭାବରେ ବହୁ ପୂର୍ବ ଜନ୍ମର ଜନ୍ମ ଓ ମୃତ୍ୟୁକୁ ସ୍ମରଣ ଓ ଅନୁଭବ କରି ସମସ୍ତ ପ୍ରାଣୀଙ୍କ ପ୍ରତି ତାଙ୍କର କରୁଣା ଭାବ ଜାତ ହେଲା । ସେ ଚିନ୍ତା କଲେ, ''ପ୍ରାଣୀମାନେ ଏଠାରେ ସ୍ୱଜନମାନଙ୍କୁ ଛାଡ଼ି ପୁଣି ଅନ୍ୟତ୍ର ଜନ୍ମଗ୍ରହଣ କରୁଛନ୍ତି । ଚକ୍ର ପରି ଘୂରୁଥିବା ଏହି ସଂସାରରେ ପ୍ରାଣୀମାନଙ୍କର ତ୍ରାଣ ନାହିଁ ।'' ଏହିପରି ଚିନ୍ତା କରୁ କରୁ ତାଙ୍କୁ ସଂସାରଟା କଦଳୀ ଗଛର ଗର୍ଭ ପରି ନିଃସାର ବୋଧ ହେଲା ।

ରାତ୍ରିର ଦ୍ୱିତୀୟ ପ୍ରହରରେ ସେହି ଅଦ୍ୱିତୀୟ ପରାକ୍ରମୀ ତପସ୍ୱୀ ସିଦ୍ଧାର୍ଥ ଦିବ୍ୟଚକ୍ଷୁ ଲାଭ କଲେ ଓ ନିଜର ସେହି ଶୁଦ୍ଧ ଦିବ୍ୟ ଚକ୍ଷୁରେ ନିର୍ମଳ ଦର୍ପଣରେ ଦେଖିବା ପରି ସମଗ୍ର ବିଶ୍ୱକୁ ଅବଲୋକନ କଲେ । ଉଚ୍ଚନୀଚ କର୍ମାନୁସାରେ ପ୍ରାଣୀମାନଙ୍କ ଉତ୍ଥାନ ପତନ ଦେଖି ତାଙ୍କର କରୁଣା ଆହୁରି ବୃଦ୍ଧି ପାଇଲା । ସେ ଦେଖିଲେ ଦୁଷ୍କର୍ମ କରୁଥିବା ପ୍ରାଣୀମାନେ କିପରି ଭୟଙ୍କର ନରକରେ ପଡ଼ି ଯନ୍ତ୍ରଣା ଭୋଗ କରୁଛନ୍ତି ଓ ପୁଣ୍ୟ କର୍ମ କରୁଥିବା ଲୋକମାନେ କିପରି ସ୍ୱର୍ଗକୁ ଗତି କରୁଛନ୍ତି । ସେ ଦେଖିଲେ, ''ନରକର ଦୃଶ୍ୟ ଅତୀବ ଭୟଙ୍କର । ସେଠାରେ କେତେକଙ୍କୁ ଉତ୍ତପ୍ତ ତରଳ ଲୁହା ପିଆଇ ଦିଆଯାଉଛି । କେତେକଙ୍କୁ ଉତ୍ତପ୍ତ ଲୁହା ସ୍ତମ୍ଭରେ ଆଉଜାଇ ଦିଆଯାଉଛି, କେତେକଙ୍କୁ ଜଳନ୍ତା ଅଙ୍ଗାରରେ ପକାଇ ଦଗ୍ଧ କରାଯାଉଛି । କେତେକଙ୍କୁ ଭୟଙ୍କର କୁକୁରମାନେ ତୀକ୍ଷ୍ଣଦନ୍ତରେ ଚିରି ଖାଉଛନ୍ତି । କେତେକଙ୍କୁ ଲୁହାରେ ତିଆରି ହେଲା ପରି କୁଆମାନେ ଲୁହା ଥଣ୍ଟରେ ଖୁମ୍ପି ଖାଉଛନ୍ତି । ଉତ୍ତାପକ୍ଲିଷ୍ଟ ହୋଇ କେତେକେ ଶୀତଳ ଛାୟାକୁ ଯିବା ପାଇଁ ଚାହୁଁଥିଲେ ବି ସେମାନଙ୍କୁ ବନ୍ଦୀ କରି ଖଣ୍ଡାଧାର ସଦୃଶ ବନ ମଧ୍ୟକୁ ନିଆଯାଉଛି, ଯେଉଁଠି ସେମାନଙ୍କ ଦେହ କ୍ଷତବିକ୍ଷତ ହେଉଛି । କେତେକଙ୍କର ହାତବାନ୍ଧି କୁରାଢ଼ିରେ କାଠ ଚିରିବା ପରି ଚିରାଯାଉଛି । ସୁଖ ଆଶାରେ ଏହି ପାପାତ୍ମାମାନେ ମନ୍ଦ କର୍ମ କରି ତା'ର ଫଳ ଭୋଗ କରୁଛନ୍ତି । ପାପକର୍ମରେ ଲିପ୍ତ ଲୋକମାନେ ନିଜ ପାପର ଏହି ଫଳ ଯଦି ଦେଖିପାରନ୍ତେ ତେବେ ମର୍ମାହତ ହୋଇ ରକ୍ତବାନ୍ତି କରନ୍ତେ ।

ଆଉ କେତେକେ ନିଜର ଚିତ୍ତଚାଞ୍ଚଲ୍ୟ ହେତୁ ନାନା ପ୍ରକାର କର୍ମ କରି ନାନା ପଶୁପକ୍ଷୀ ଯୋନିରେ ଜନ୍ମଗ୍ରହଣ କରନ୍ତି । ସେହିସବୁ ଯୋନିରେ ସେମାନଙ୍କ ମାଂସ, ଚର୍ମ, କେଶ କିଂବା ଦାନ୍ତ ପାଇଁ ଅଥବା ଅନ୍ୟ ପ୍ରାଣୀମାନଙ୍କର ହିଂସା ହେତୁ ସେମାନେ ବଡ଼ ଦୟନୀୟ ଭାବରେ ନିଜ ଆତ୍ମୀୟ ସ୍ୱଜନମାନଙ୍କ ଆଖି ଆଗରେ ନିହତ ହୁଅନ୍ତି । ଆଉ କେତେକ ଘୋଡ଼ା ବା ବଳଦ ଭଳି କ୍ଷୁଧା, ତୃଷା ଓ ପରିଶ୍ରମରେ କ୍ଲାନ୍ତ ହୋଇ କାମ

କରିବାକୁ ଅସମର୍ଥ ହେଲେ ମଧ୍ୟ ଚାବୁକ ଓ ପାଞ୍ଚଣ ଆଦି ଦ୍ୱାରା କ୍ଷତ ବିକ୍ଷତ ହୁଅନ୍ତି । ହାତୀ ପରି ବଳବାନ୍ ହେଲେ ମଧ୍ୟ ଦୁର୍ବଳମାନଙ୍କର ବାହନ ହୋଇ ଅଙ୍କୁଶର ଆଘାତ ସହ୍ୟ କରନ୍ତି । ପଶୁ-ପକ୍ଷୀ ଯୋନିରେ ଅନ୍ୟାନ୍ୟ ଅନେକ ଦୁଃଖ ଥିଲେ ମଧ୍ୟ ପରସ୍ପରର ବିରୋଧ ଓ ପରାଧୀନତା ସବୁଠୁ ବଡ଼ ଦୁଃଖ । ଆକାଶଚରମାନେ ଆକାଶଚରମାନଙ୍କ ଦ୍ୱାରା, ଜଳଚର ଓ ସ୍ଥଳଚରମାନେ ଜଳଚର ଓ ସ୍ଥଳଚରମାନଙ୍କ ଦ୍ୱାରା ଅତ୍ୟାଚାରିତ ହୁଅନ୍ତି । ଏହି ପ୍ରାଣୀମାନଙ୍କର ମନ ବିଦ୍ୱେଷରେ ପରିପୂର୍ଣ୍ଣ । ଏମାନେ ଆଲୋକବିହୀନ ପ୍ରେତଲୋକରେ ପ୍ରେତ ରୂପେ ଅତି ଶୋଚନୀୟ କର୍ମଫଳ ଭୋଗନ୍ତି । ଏହି ପ୍ରେତମାନଙ୍କ ଭିତରୁ କେତେକଙ୍କ ମୁହଁ ଛୁଞ୍ଚିର ରନ୍ଧ୍ର ଭଳି ସରୁ ଅଥଚ ପେଟ ପର୍ବତାକାର ବିରାଟ । ତେଣୁ କ୍ଷୁଧାତୃଷାର ଅସହ୍ୟ ଯନ୍ତ୍ରଣା ଭୋଗ କରନ୍ତି । ମନୁଷ୍ୟ ଯଦି ଜାଣନ୍ତା ବିଦ୍ୱେଷର ଫଳ ଏହିପରି ମିଳେ ତେବେ ସେ ଶିବଙ୍କ ପରି ନିଜ ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗକୁ ସର୍ବଥା ଦାନ କରି ଦିଅନ୍ତା । ଏହି ପ୍ରାଣୀମାନେ ଅପବିତ୍ର ହ୍ରଦ ସ୍ୱରୂପ । ମାତୃଗର୍ଭ ନାମକ ନରକରେ ପଡ଼ି ମନୁଷ୍ୟ ଯୋନିରେ ଦୁଃଖ ଭୋଗ କରୁଛନ୍ତି । ଜନ୍ମ ସମୟରେ ଶିଶୁକୁ ତା'ର ଆତ୍ମୀୟ ସ୍ୱଜନମାନେ ଧରନ୍ତି । କିନ୍ତୁ ସେମାନଙ୍କ କର୍କଶ ହସ୍ତ ସ୍ପର୍ଶରେ ଶିଶୁମାନେ ତୀକ୍ଷ୍ଣ ଅସ୍ତ୍ରରେ ବିଦ୍ଧ ହେଲା ପରି କଷ୍ଟ ଅନୁଭବ କରି ବିକଳ ଭାବରେ କ୍ରନ୍ଦନ କରନ୍ତି । ଶିଶୁ ଅବସ୍ଥାରେ ସ୍ୱଜନମାନଙ୍କ ସ୍ନେହ ପାଇ ଲାଳିତ ହେଲେ ମଧ୍ୟ ନିଜର କର୍ମ ହେତୁ ଅନେକ ଦୁଃଖ ଭୋଗ କରନ୍ତି ଓ ବୃଦ୍ଧ ଅବସ୍ଥାରେ ବହୁ କାମନା ପୋଷଣ କରି ସର୍ବଦା ଚିନ୍ତାମଗ୍ନ ହୋଇ କାଳାତିପାତ କରନ୍ତି ।

ଆଉ କେତେକ ମନୁଷ୍ୟ ପୁଣ୍ୟ ସଞ୍ଚୟ କରି ସ୍ୱର୍ଗକୁ ଯାଆନ୍ତି । କିନ୍ତୁ ସେଠାରେ ମଧ୍ୟ କାମନାର ଅଗ୍ନିରେ ଜଳୁଥାଆନ୍ତି । କାମନା ତୃପ୍ତ ହେବା ପୂର୍ବରୁ ସେମାନେ ତଳକୁ ଚ୍ୟୁତ ହୁଅନ୍ତି । ପୁଷ୍ପମାଳ ପରି ଝାଉଁଳି ପଡ଼ନ୍ତି । ହତପ୍ରଭ, ଶୋକାର୍ତ୍ତ ହୋଇ ଉପରକୁ ଚାହୁଁ ଥାଆନ୍ତି । ସେହି ଅପ୍ସରା-ପ୍ରେମୀମାନେ ଅନାଥ ଓ ଅସହାୟ ହୋଇ ତଳକୁ ଖସନ୍ତି । ଅପ୍ସରାମାନେ ବିମାନ-ଚ୍ୟୁତ ନିଜ ପ୍ରିୟମାନଙ୍କୁ ରକ୍ଷା କରିବାକୁ ଯାଇ ନିଜେ ତାରା ଖସିଲା ପରି ତଳକୁ ପଡ଼ନ୍ତି । ଚିତ୍ର-ବିଚିତ୍ର ମାଳା ଓ ଅଳଙ୍କାରଭୂଷିତା ଅପ୍ସରାମାନେ ନିଜର ପ୍ରିୟମାନଙ୍କୁ ଚାହିଁ କେବଳ ଅଶ୍ରୁପୂର୍ଣ୍ଣ ନୟନରେ ସେମାନଙ୍କ ଅନୁଗମନ କରନ୍ତି । ସ୍ୱର୍ଗବାସୀମାନେ ସ୍ୱର୍ଗରୁ ଚ୍ୟୁତ ହୋଇ କେବଳ ଶୋକାର୍ତ୍ତ କ୍ରନ୍ଦନ କରନ୍ତି । ଏହିପରି ଅତି କଷ୍ଟରେ ମିଳିଥିବା ସ୍ୱର୍ଗଲୋକ ମଧ୍ୟ କ୍ଷଣିକ ଓ ଅନିଶ୍ଚିତ । ବିଚ୍ଛେଦ ନିଶ୍ଚିତ ହେତୁ ସ୍ୱର୍ଗଲୋକ ମଧ୍ୟ ଦୁଃଖଦାୟକ ।

ଜଗତର ଏହା ନିୟମ ଓ ନିଶ୍ଚିତ ପ୍ରକୃତି । ତଥାପି ଲୋକମାନେ ଜଗତର ଏଭଳି ସ୍ୱରୂପକୁ ଦେଖିପାରୁ ନାହାନ୍ତି । ଯେଉଁ ଜିତେନ୍ଦ୍ରିୟ ବ୍ୟକ୍ତିମାନେ ସ୍ୱର୍ଗକୁ ଚିରନ୍ତନ ମନେ କରି ସେଠାକୁ ଯାଉଛନ୍ତି, ସେମାନଙ୍କର ମଧ୍ୟ ସମସ୍ତ ଅଭିଳାଷ ନଷ୍ଟ ହୋଇ ଯାଉଛି ଓ ସେମାନେ ବ୍ୟାକୁଳ ହୋଇ ସେଠାରୁ ଚ୍ୟୁତ ହେଉଛନ୍ତି । ନରକର ପ୍ରବଳ ଯନ୍ତ୍ରଣା, ପଶୁମାନଙ୍କର ପରସ୍ପର ପ୍ରତି ହିଂସା, ପ୍ରେତମାନଙ୍କର ପ୍ରବଳ କ୍ଷୁଧାତୃଷା ଏବଂ ମନୁଷ୍ୟମାନଙ୍କର କାମନାଜନିତ ଦୁଃଖ ରହିଛି । ଇହଲୋକରେ, ପରଲୋକରେ ତଥା ନରକରେ ବାରଂବାର ଜନ୍ମ ଗ୍ରହଣ କରିବା ଓ ମରିବା ନିଶ୍ଚିତ । ଏହିପରି ନିରନ୍ତର ଘୂରୁଥିବା ପ୍ରାଣୀମାନଙ୍କର ଯଥାର୍ଥ ସୁଖ ନାହିଁ । ଏହି ସଂସାରଚକ୍ର ଆଧାର ରହିତ । ଏହା ତୀବ୍ର ଗତିରେ ସର୍ବଦା ଘୂରୁଛି । ପ୍ରାଣୀମାନେ ଏହାର ଆୟତ୍ତ ହୋଇ ରହିଛନ୍ତି ଏବଂ କେବେ ହେଲେ ଶାନ୍ତି ସ୍ଥଳରେ ପହଞ୍ଚିପାରୁ ନାହାନ୍ତି ।''

ଏହିପରି ଭାବେ ସିଦ୍ଧାର୍ଥ ଦିବ୍ୟଚକ୍ଷୁରେ ପଞ୍ଚ ଜୀବଲୋକ ଦେଖିପାରିଲେ, କିନ୍ତୁ କଦଳୀ ଗଛର ଗଣ୍ଡି ଭଳି ସେଗୁଡ଼ିକ ଅନ୍ତଃସାରଶୂନ୍ୟ ବୋଲି ଉପଲବ୍ଧି କଲେ । ଅର୍ଦ୍ଧରାତ୍ର ଅତିବାହିତ ହୁଅନ୍ତେ ସେହି ଧ୍ୟାନୀଶ୍ରେଷ୍ଠ ସଂସାରତତ୍ତ୍ୱ ଜାଣିବା ଇଚ୍ଛାରେ ଇନ୍ଦ୍ରିୟମାନଙ୍କୁ ନିୟନ୍ତ୍ରିତ କରି ସତ୍ତ୍ୱଗୁଣରେ ସ୍ଥିତ ହୋଇ ଧ୍ୟାନ କଲେ । ''ଆହା ! ପ୍ରାଣୀମାନେ କେଉଁଠି ଶାନ୍ତି ବା ସ୍ଥିରତା ପାଉ ନାହାନ୍ତି । ବାରଂବାର ଜନ୍ମ ହେଉଛନ୍ତି, ଜରାଗ୍ରସ୍ତ ହେଉଛନ୍ତି ଓ ମରୁଛନ୍ତି । ମନୁଷ୍ୟମାନଙ୍କ ଦୃଷ୍ଟି ନିଶ୍ଚୟ କାମ ଓ ମୋହ ରୂପକ ଅନ୍ଧକାରରେ ଆଚ୍ଛନ୍ନ । ତେଣୁ ମହାଦୁଃଖରୁ ଉଦ୍ଧାରର ବାଟ ପାଉ ନାହାନ୍ତି । ଜରା, ମୃତ୍ୟୁ ଓ ଦୁଃଖ ହେଉଛି ଏହାର କାରଣ ।'' ଏହିପରି ଚିନ୍ତା କରି ସେହି ଜ୍ଞାନୀଶ୍ରେଷ୍ଠ ସତ୍ୟ ଭିତରକୁ ପ୍ରବେଶ କଲେ ଓ ବୁଝିଲେ ଜନ୍ମ ଅଛି ବୋଲି ଜରା ଓ ମରଣ ଅଛି । ଜନ୍ମ ନ ଥିଲେ ଜରା ଓ ମରଣ ନ ଥା'ନ୍ତା ।

### ସଂସାରଚକ୍ରର କାରଣକ୍ରମ

ମୁନିଶ୍ରେଷ୍ଠ ଅନ୍ତଃଚକ୍ଷୁ ଦ୍ୱାରା ସମସ୍ତ ଦେଖି ପାରିଲେ । ଜନ୍ମର କାରଣ କ'ଣ ହୋଇପାରେ ? ଚିନ୍ତା କରି ମୁନି ଦେଖିଲେ

ଯେ ଜନ୍ମର କାରଣ ହେଉଛି କର୍ମ । ନିଜ ଅନ୍ତରାତ୍ମାରେ ସେ ଦେଖିଲେ ଯେ କର୍ମ ଦ୍ୱାରାହିଁ ଜନ୍ମ ଘଟୁଛି; ପ୍ରକୃତି ଦ୍ୱାରା, କର୍ତ୍ତା ଦ୍ୱାରା ବା କିଛିର ଅଭାବ ଦ୍ୱାରା ବା ଆତ୍ମା ଦ୍ୱାରା ନୁହେଁ । ବାଉଁଶର ମୂଳ ପବକୁ କାଟିଲା ପରେ ଯେପରି ଅନ୍ୟ ସମସ୍ତ ପବକୁ କାଟିବା ସହଜ ହୁଏ ସେହିପରି ଜନ୍ମର ମୂଳ କାରଣ ଜାଣିବା ପରେ ତାଙ୍କର ଜ୍ଞାନ ବୃଦ୍ଧି ପାଇଲା । ସେ ବୁଝିଲେ ଯେ ଜନ୍ମର ଉପାଦାନରେହିଁ ଜନ୍ମର କାରଣ ନିହିତ । ଇହଲୋକରେ ଜୀବନର ନାନା ଆଚରଣ, ଚରିତ୍ର ଓ କର୍ମ – ଏହିଗୁଡ଼ିକହିଁ ଜନ୍ମର ଉପାଦାନ, ଯେପରି ଇନ୍ଧନ ହେଉଛି ଅନଳର ଉପାଦାନ । ଇହଲୋକରେ ଏହି ଉପାଦାନ କେଉଁ କାରଣରୁ ଉତ୍ପନ୍ନ ହୁଏ ? ଏହା ଚିନ୍ତା କରୁ କରୁ ସେ ଦେଖିଲେ ତୃଷ୍ଣା ବା କାମନା ହେଉଛି ଏହାର କାରଣ ।

ଯେପରି ବାୟୁ ସହିତ ମିଳିତ ହେଲେ ଅଗ୍ନିକଣା ଅରଣ୍ୟରେ ବିସ୍ତାର ଲାଭ କରେ, ସେହିପରି ସାଂସାରିକ ବିଷୟଭୋଗ ତୃଷ୍ଣା ସହ ମିଳିତ ହେଲେ କର୍ମରୂପକ ଅରଣ୍ୟରେ ତାହା ବିସ୍ତାର ଲାଭ କରେ । କେଉଁ କାରଣରୁ ତୃଷ୍ଣା ଜାତ ହୁଏ ? ଏହା ଉପରେ ଧ୍ୟାନ କରି ସେ ଜାଣିଲେ ସଂବେଦନା ବା ଇନ୍ଦ୍ରିୟପ୍ରବଣତା ହେଉଛି ତୃଷ୍ଣାର କାରଣ । ଏହି ସଂସାର ଇନ୍ଦ୍ରିୟପ୍ରବଣତା ଦ୍ୱାରା ଆକର୍ଷିତ ହୋଇ ତୃପ୍ତି ଲାଭ ନିମନ୍ତେ ଦୌଡ଼ୁଛି । ପିପାସାରେ ଆତୁର ହେଲେହିଁ ମନୁଷ୍ୟ ଜଳ ଚାହେଁ, ବିନା କାରଣରେ ନୁହେଁ । ଏହାପରେ ସେହି ଜିତେନ୍ଦ୍ରିୟ ତପସ୍ୱୀ ସିଦ୍ଧାର୍ଥ ଇନ୍ଦ୍ରିୟପ୍ରବଣତାର ମୂଳ କାରଣ ଖୋଜି ଦେଖିଲେ 'ସ୍ପର୍ଶ'ହିଁ ହେଉଛି ତା'ର କାରଣ । ଇନ୍ଦ୍ରିୟ, ଭୋଗ୍ୟବସ୍ତୁ ଓ ମନ; ଏ ତିନିର ସଂଯୋଗକୁ 'ସ୍ପର୍ଶ' କୁହାଯାଏ । ଯେପରି ଅରଣି (ଘର୍ଷଣ କାଷ୍ଠ)ରୁ ଅଗ୍ନିର ଉତ୍ପତ୍ତି ହୁଏ, ସେହିପରି 'ସ୍ପର୍ଶ'ରୁ ଇନ୍ଦ୍ରିୟପ୍ରବଣତାର ଉତ୍ପତ୍ତି ହୁଏ । ଏହାପରେ ଜ୍ଞାନୀଶ୍ରେଷ୍ଠ ସିଦ୍ଧାର୍ଥ 'ସ୍ପର୍ଶ'ର କାରଣ ଚିନ୍ତା କରି ଛ' ଆୟତନ (ଇନ୍ଦ୍ରିୟମାନଙ୍କ କ୍ରିୟା ପରିସର)କୁ ତା'ର କାରଣ ବୋଲି ଜାଣିଲେ । ଅନ୍ଧ ବ୍ୟକ୍ତି ଘଟାଦି ବସ୍ତୁ ଦେଖି ପାରେନା । କାରଣ ତାହାର ଦୃଷ୍ଟି ସହିତ ଘଟର ସଂଯୋଗ ହୁଏ ନାହିଁ । ତେଣୁ 'ଆୟତନ' ଥିଲେ 'ସ୍ପର୍ଶ' ଘଟିବା ସମ୍ଭବ ହୁଏ । ଏହାପରେ ସେହି ତତ୍ତ୍ୱଜ୍ଞ ମୁନି ଜ୍ଞାନ ବଳରେ ନାମ-ରୂପକୁ ଛ' ଆୟତନର କାରଣ ବୋଲି ଜାଣିଲେ । ଅଙ୍କୁର ଥିଲେ ସେଥିରୁ ପତ୍ର ଓ ଶାଖା ଉତ୍ପତ୍ତି ସମ୍ଭବ ହୁଏ । ସେହିପରି 'ନାମରୂପ' ଥିଲେ ତହିଁରୁ 'ଆୟତନ'ର ଉତ୍ପତ୍ତି ସମ୍ଭବ ହୁଏ । ତା'ପରେ ଜ୍ଞାନ-ପାରଦର୍ଶୀ ସିଦ୍ଧାର୍ଥ 'ନାମରୂପ'ର କାରଣ ଚିନ୍ତା କରି ଦେଖିଲେ ବିଜ୍ଞାନ (ଚେତନା)ହିଁ ତା'ର ମୂଳ । ବିଜ୍ଞାନର ଆବିର୍ଭାବ ହେଲେ ନାମ-ରୂପ ସମ୍ଭବ ହୁଏ, ଯେପରି ବୀଜର ସମ୍ୟକ୍ ବିକାଶ ହେଲେ ତହିଁରୁ ଅଙ୍କୁରୋତ୍ପତ୍ତି ସମ୍ଭବ ହୁଏ । ପୁଣି ବିଜ୍ଞାନ (ଚେତନା) କେଉଁଥିରୁ ଉତ୍ପନ୍ନ ହୁଏ ? ଏହା ଚିନ୍ତା କରି ସେ ଦେଖିଲେ ଯେ ନାମରୂପକୁ ଅବଲମ୍ବନ କରିହିଁ ବିଜ୍ଞାନ ବା ଚେତନା ଆବିର୍ଭୂତ ହେଉଛି ।

ଏହିପରି ନିମିତ୍ତ ଓ ନୈମିତ୍ତିକ (କାରଣ ଓ କାର୍ଯ୍ୟ)ର କ୍ରମ ଜାଣି ସିଦ୍ଧାର୍ଥଙ୍କ ମନ ସେହିଠାରେ ସ୍ଥିର ରହିଲା । ବିଜ୍ଞାନ ହେଉଛି ସେହି ପ୍ରତ୍ୟୟ ଯହିଁରୁ ନାମରୂପର ଉଦ୍ଭବ ହେଉଛି । ସେହିପରି ନାମରୂପ ହେଉଛି ଆଧାର ଯାହାର ଅବଲମ୍ବନରେ ବିଜ୍ଞାନ (ଚେତନା) ରହିଛି । ଜଳରେ ନୌକା ଯେପରି ମନୁଷ୍ୟକୁ ସ୍ଥଳ ଆଡ଼କୁ ନିଏ, ମନୁଷ୍ୟ ମଧ୍ୟ ସେହିପରି ନୌକାକୁ ସ୍ଥଳ ଆଡ଼କୁ ନିଏ । ବିଜ୍ଞାନ ଓ ନାମରୂପ ଏହିପରି ପରସ୍ପରର କାରଣ ଅଟନ୍ତି । ଉତ୍ତପ୍ତ ଲୁହା ତୃଣକୁ ଜଳାଏ । ଜଳନ୍ତା ତୃଣ ଲୁହାକୁ ଉତ୍ତପ୍ତ କରେ । ସେହିପରି ବିଜ୍ଞାନ ଓ ନାମରୂପ ପରସ୍ପରର କାରଣ ଓ କାର୍ଯ୍ୟ ଅଟନ୍ତି । ସେହି ଶ୍ରେଷ୍ଠ ତତ୍ତ୍ୱଜ୍ଞ ଧ୍ୟାନ କରି ଜାଣିଲେ ଯେ ବିଜ୍ଞାନ(ଚେତନା)ରୁ ନାମରୂପର ଉତ୍ପତ୍ତି ହେଉଛି; ନାମରୂପରୁ ଆୟତନର ଏବଂ ଆୟତନରୁ ସ୍ପର୍ଶର ଉତ୍ପତ୍ତି ହୁଏ । ସ୍ପର୍ଶରୁ ସଂବେଦନ(ଇନ୍ଦ୍ରିୟ ପ୍ରବଣତା), ସଂବେଦନାରୁ ତୃଷ୍ଣା, ତୃଷ୍ଣାରୁ ଉପାଦାନ ଏବଂ ଉପାଦାନରୁ ଭବ ବା ସଂସାର ଅର୍ଥାତ୍ ଜନ୍ମମରଣ ଚକ୍ରର ଉତ୍ପତ୍ତି ହୁଏ । ଭବରୁ ଜନ୍ମ, ଜରା ଓ ମରଣ ଘଟେ । ଏହିପରି ସେ ଉତ୍ତମ ରୂପେ ଜାଣିଲେ ଯେ କାରଣମାନଙ୍କ ଯୋଗୁଁହିଁ ଜନ୍ମମରଣ ଚକ୍ରର ଉତ୍ପତ୍ତି ହେଉଛି ।

ଜନ୍ମକୁ ନିଃଶେଷ କରାଯାଇ ପାରିଲେ ଜରା ଓ ମରଣକୁ ନିଃଶେଷ କରାଯାଇପାରିବ, ଅନ୍ୟ କୌଣସି ଉପାୟରେ ନୁହେଁ । ଜନ୍ମ-ମରଣ-ଚକ୍ରକୁ ନିଃଶେଷ କରାଯାଇ ପାରିଲେ ଜନ୍ମକୁ ନିଃଶେଷ କରାଯାଇ ପାରିବ, ଏହା ସେ ଉତ୍ତମ ରୂପେ ଅବଧାରଣା କଲେ । ଉପାଦାନକୁ ନିଃଶେଷ କରାଯାଇ ପାରିଲେ ଜନ୍ମ-ମରଣ-ଚକ୍ରକୁ ନିଃଶେଷ କରାଯାଇ ପାରିବ । ଏହିପରି ଧ୍ୟାନଶୀଳ ମୁନିଙ୍କର ବୋଧଶକ୍ତି ବୃଦ୍ଧି ପାଇଲା । ତୃଷ୍ଣାକୁ ନିଃଶେଷ କରାଯାଇ ପାରିଲେ ଉପାଦାନକୁ ନିଃଶେଷ କରାଯାଇ ପାରିବ ଏବଂ ସଂବେଦନା(ଇନ୍ଦ୍ରିୟପ୍ରବଣତା)କୁ ନିଃଶେଷ କରାଯାଇ ପାରିଲେ ତୃଷ୍ଣାର ଅସ୍ତିତ୍ୱ ରହିବ ନାହିଁ । ସ୍ପର୍ଶ ନିଃଶେଷ

ହେଲେ ସଂବେଦନା ନିଶ୍ଚୟ ନିଃଶେଷ ହେବ ଏବଂ ଛ' ଆୟତନ ନିଃଶେଷ ହେଲେ ସ୍ପର୍ଶ ନିଶ୍ଚୟ ନିଃଶେଷ ହେବ । ନାମରୂପ ନିଃଶେଷ ହେଲେ ଛ' ଆୟତନ ନିଃଶେଷ ହେବ । ସେହିପରି ବିଜ୍ଞାନ ନିଃଶେଷ ହେଲେ ନାମରୂପ ନିଃଶେଷ ହେବ । ସଂସ୍କାରକୁ ନିଃଶେଷ କରାଯାଇ ପାରିଲେ ବିଜ୍ଞାନକୁ ନିଃଶେଷ କରିହେବ । ଏହିପରି ଭାବେ ମୁନି ସିଦ୍ଧାର୍ଥ ଗୋଟିକ ପରେ ଗୋଟିଏକୁ ପରସ୍ପରର କାରଣ ବୋଲି ଜାଣିଲେ । ଅବିଦ୍ୟା ଦୂର ହୋଇଗଲେ ସମସ୍ତ ସଂସ୍କାର ନିଃଶେଷ ହୋଇଯାଏ । ଏହିପରି ଭାବେ ଯାହା ଜାଣିବାର ବିଷୟ ତାହା ଜାଣି ସିଦ୍ଧାର୍ଥ ବୁଦ୍ଧତ୍ୱ ପ୍ରାପ୍ତ ହେଲେ । ସେ ସକଳ ଭୁବନର ବାହାରେ, ଭିତରେ କେଉଁଠି ଆତ୍ମାକୁ ଦେଖିଲେ ନାହିଁ ଏବଂ ଆର୍ଯ୍ୟ ଅଷ୍ଟାଙ୍ଗ ମାର୍ଗରେ ପରମ ଶାନ୍ତି ଲାଭ କଲେ । ସେ ଉପଲବ୍ଧି କଲେ, ''ଯେଉଁ ମାର୍ଗରେ ମହର୍ଷିମାନେ ସତ୍ୟ ଓ ଅମୃତକୁ ଜାଣି କେବଳ ପରାର୍ଥେ ଜୀବନ ଧାରଣ କରୁଥିଲେ ମୁଁ ସେହି ମାର୍ଗକୁ ପାଇଲି ।''

## ବୁଦ୍ଧତ୍ୱ ପ୍ରାପ୍ତି

ରାତ୍ରିର ଚତୁର୍ଥ ପ୍ରହର ଉଷାକାଳରେ, ଯେତେବେଳେ ଚରାଚର ଜଗତ୍ ଶାନ୍ତ ଥିଲା, ସେହି ଜ୍ଞାନୀଶ୍ରେଷ୍ଠ ମୁନି ସିଦ୍ଧାର୍ଥ ଅବିନାଶୀ ପଦ ଓ ସର୍ବଜ୍ଞତ୍ୱ ଲାଭ କଲେ । ସେ ବୁଦ୍ଧତ୍ୱ ଲାଭ କରନ୍ତେ ପୃଥିବୀ ମତ୍ତ କାମିନୀ ପରି ଘୂରିଲା । ସିଦ୍ଧମାନଙ୍କ ସଙ୍ଗେ ଦିଗମାନେ ଉଜ୍ଜ୍ୱଳ ହୋଇ ଉଠିଲେ । ଆକାଶରେ ଦୁନ୍ଦୁଭି ବାଦ୍ୟ ବାଜିଲା, ବିନା ମେଘରେ ବୃଷ୍ଟିପାତ ହେଲା, ଧୀର ସୁଖକର ପବନ ବହିଲା ଏବଂ ବୃକ୍ଷମାନେ ଅସମୟରେ ଫଳ ଓ ପୁଷ୍ପ ପ୍ରଦାନ କଲେ । ସ୍ୱର୍ଗରୁ ସୁବର୍ଣ୍ଣ ତଥା ମାଣିକ୍ୟ ପ୍ରଭୃତି ରତ୍ନ ଓ ମନ୍ଦାର ପ୍ରଭୃତି ପୁଷ୍ପରାଶି ବୃଷ୍ଟି ହେଲା । ସେସବୁ ଦ୍ୱାରା ମୁନିଙ୍କର ଆଶ୍ରମ ପୂର୍ଣ୍ଣ ହୋଇଗଲା । ସେତେବେଳେ ଜଗତରେ କେହି କ୍ରୋଧୀ, ରୋଗୀ ଓ ପାପୀ ହୋଇ ରହିଲେ ନାହିଁ । ଜଗତ୍ ପୂର୍ଣ୍ଣତା ପ୍ରାପ୍ତ ତଥା ଶାନ୍ତ ହୋଇ ଅତ୍ୟନ୍ତ ଶୋଭା ପାଇଲା । ମୋକ୍ଷକାମୀ ଦେବତାମାନେ ହୃଷ୍ଟ ହେଲେ, ମର୍ତ୍ତ୍ୟ ଲୋକମାନେ ତୁଷ୍ଟ ହେଲେ । ସର୍ବତ୍ର ଧର୍ମଭାବର ବୃଦ୍ଧି ଫଳରେ ଜଗତ୍ ଅଜ୍ଞାନାନ୍ଧକାରରୁ ମୁକ୍ତ ହେଲା । ଇକ୍ଷ୍ୱାକୁବଂଶୀୟ ଋଷିଙ୍କର ସିଦ୍ଧିରେ ତୁଷ୍ଟ ହୋଇ ଦେବତା ଓ ମହର୍ଷିମାନେ ଦିବ୍ୟଯାନ ଆରୋହଣ କରି ତାଙ୍କୁ ସମ୍ମାନ ଜ୍ଞାପନ କରିବାକୁ ଆସିଲେ । ସିଦ୍ଧ, ଦେବତା ଓ ମହର୍ଷିମାନେ ଅଦୃଶ୍ୟରେ ରହି ଉଚ୍ଚ ସ୍ୱରରେ ତାଙ୍କର ସ୍ତବଗାନ କଲେ । ମାରର ବିପତ୍ତି ଆହୁରି ନିକଟତର ହୋଇ ଆସୁଥିବାରୁ ସେ ପୂର୍ବ ପରି ନିସ୍ତେଜ ହୋଇ ପଡ଼ିଲା ।

## ଜଗତର ହିତ ପାଇଁ ସଂକଳ୍ପ

ମୁନି ସିଦ୍ଧାର୍ଥ ଶରୀରକ୍ଳେଶରୁ ମୁକ୍ତ ହୋଇ ନିଜର ଅନ୍ତର ଭିତରକୁ ଅବଲୋକନ କଲେ । ବଟବୃକ୍ଷ ମୂଳରେ ତାଙ୍କର ଲକ୍ଷ୍ୟ ସିଦ୍ଧି ହୋଇଥିବାରୁ ସେହି ସ୍ଥାନଟି ପ୍ରତି ଶ୍ରଦ୍ଧାବଶତଃ ସେଠାରେ ସାତ ଦିନ ଅବସ୍ଥାନ କଲେ । କାର୍ଯ୍ୟକାରଣ ତତ୍ତ୍ୱକୁ ଜାଣି, ଅନାତ୍ମବାଦରେ ଉତ୍ତମରୂପେ ସ୍ଥିତ ହୋଇ ଜଗତର ଶାନ୍ତି ଉଦ୍ଦେଶ୍ୟରେ ଦିବ୍ୟଜ୍ଞାନସଂପନ୍ନ ବୁଦ୍ଧ-ଦୃଷ୍ଟିରେ ସେ ଜଗତକୁ ଚାହିଁଲେ । ସେ ଦେଖିଲେ ଜଗତ୍ ଛଳନା ଓ ପ୍ରବଞ୍ଚନାରେ ପୂର୍ଣ୍ଣ, ବ୍ୟର୍ଥ ପ୍ରୟାସରେ ପ୍ରୟାସୀ, କାମନା-ବାସନାରେ ନିମଜ୍ଜିତ ଓ ନୈତିକତାବିହୀନ । ଏସବୁ ମଧ୍ୟରେ ମୋକ୍ଷର ପଥ ଅତ୍ୟନ୍ତ ସଂକୀର୍ଣ୍ଣ । ତଥାପି ସେ ନିରୁତ୍ସାହିତ ହେଲେ ନାହିଁ । ପୂର୍ବ ପ୍ରତିଜ୍ଞାକୁ ସ୍ମରଣ କରି ଏବଂ ଜଗତକୁ ଦୁଃଖରେ ଶକ୍ତ ଥିବାର ଦେଖି ସେହି ମୁନିଶ୍ରେଷ୍ଠ ଶାନ୍ତିର ଉପଦେଶ ଦେବା ପାଇଁ ଇଚ୍ଛା ଅନୁଭବ କଲେ । ଜଗତକୁ ଜ୍ଞାନ ପ୍ରଦାନ ନିମନ୍ତେ ବୁଦ୍ଧଙ୍କର ମନ ଦୃଢ଼ସଂକଳ୍ପ ହୋଇଥିବାର ଦେଖି ଦୁଇଜଣ ଦେବତା ତାଙ୍କ ନିକଟକୁ ଆସିଲେ ।

ସେହି ଦେବତା ଦୁଇଜଣ ପାପରହିତ ଧର୍ମାନୁରାଗୀ ଲକ୍ଷ୍ୟସିଦ୍ଧ ମୁନିଙ୍କୁ ଆଦରର ସହ ପ୍ରଣାମ କରି ଧର୍ମସଂଗତ ବଚନ କହିଲେ, ''ହେ ମୁନି ! ଆପଣଙ୍କ ଦୟାର୍ଦ୍ର ହୃଦୟ ଜଗତର ଦୁଃଖାର୍ତ୍ତ ଜୀବମାନଙ୍କ ଆଡ଼କୁ ଯେ ଦୃଷ୍ଟିପାତ କରୁ ନାହିଁ, ଜଗତ୍ କ'ଣ ଏହି ସୌଭାଗ୍ୟ ପାଇଁ ଉପଯୁକ୍ତ ହୋଇ ନାହିଁ ? ସଂସାରରେ ବହୁ ସ୍ୱଭାବର ବହୁ ପ୍ରାଣୀ ଅଛନ୍ତି । କାହାର କାମନା ବହୁତ, କାହାର ବା ଅଳ୍ପ । କେହି ଅନୁକୂଳ ପ୍ରକୃତିର ଓ କେହି ପ୍ରତିକୂଳ ପ୍ରକୃତିର । ହେ ଉଚ୍ଚ ସାଗର ପାରଗାମୀ ! ଆପଣ ଜଗତକୁ ଉଦ୍ଧାର କରନ୍ତୁ । ଧନାଢ଼୍ୟ ବ୍ୟକ୍ତିମାନେ ଯେପରି ଧନ ବିତରଣ କରନ୍ତି, ଆପଣ ସେହିପରି ଆପଣଙ୍କ ମଙ୍ଗଳମୟ ଗୁଣ ବିତରଣ କରନ୍ତୁ । ମନୁଷ୍ୟମାନେ ଇହଲୋକ ତଥା ପରଲୋକରେ ପ୍ରାୟ ସ୍ୱାର୍ଥ ପାଇଁ କାର୍ଯ୍ୟ କରନ୍ତି । କିନ୍ତୁ ଜଗତର ହିତକାରୀ ମନୁଷ୍ୟ ଦୁର୍ଲଭ ।'' ଏହା କହି ସେ ଦୁଇଜଣ ଯେଉଁ ପଥରେ ଆସିଥିଲେ, ସେହି ଆଲୋକମୟ ପଥରେ ବାହୁଡ଼ି ଗଲେ । ମୁନି ମଧ୍ୟ ଜଗତର ହିତ ନିମନ୍ତେ ମନ ବଳାଇଲେ ।

*(ଅବଶିଷ୍ଟାଂଶ ପୃଷ୍ଠା ୫୭ରେ ଦେଖନ୍ତୁ)*

অন্তরাল জগত্ :

# ଜନ୍ମ ଓ ମୃତ୍ୟୁ

## ଶ୍ରୀମା

ମୁଁ ହୁଏତ ଏକଥା ମଧ୍ୟ କହି ପାରିବି ଯେ ଜନ୍ମ ନେବା ଲାଗି ପ୍ରସ୍ତୁତ ହେଉଥିବା ଅଥବା ଜନ୍ମଗ୍ରହଣ କରି ସାରିଥିବା ସତ୍ତାମାନଙ୍କର ବିକଶିତ ଆତ୍ମାଗୁଡ଼ିକ ଶରୀର ଧାରଣ କରୁଥିବା ସମୟରେ ଅଗଣିତ କ୍ଷେତ୍ରରେ ମୁଁ ଉପସ୍ଥିତ ରହିଛି । ମୁଁ ଆଗରୁ ଯେପରି କହୁଥିଲି, ପ୍ରତ୍ୟେକ କ୍ଷେତ୍ରର ପ୍ରତ୍ୟେକ କ୍ଷେତ୍ରଠାରୁ ଅନେକ ପାର୍ଥକ୍ୟ ରହିଛି; ସବୁକ୍ଷେତ୍ରରେ ଏହିସବୁ ପାର୍ଥକ୍ୟ ଭୌତିକ ପରିବେଶଟି ଅପେକ୍ଷା ମନୋଭୂମିଗତ ପରିବେଶ ଉପରେହିଁ ଅଧିକତର ପରିମାଣରେ ନିର୍ଭର କରିଛି, ମାତ୍ର ଭୌତିକ ପରିବେଶଗୁଡ଼ିକ ଉପରେ ମଧ୍ୟ କେତେକାଂଶରେ ନିର୍ଭର କରିଛି । ଦେହଧାରଣ କରିବାକୁ ଇଚ୍ଛା କରୁଥିବା ଆତ୍ମାର ବିକାଶସ୍ଥିତି ଉପରେ ମଧ୍ୟ ତାହା ନିର୍ଭର କରିଛି,– ଆମେ ଏଠାରେ ''ଆତ୍ମା'' ଶବ୍ଦଟିକୁ ଚୈତ୍ୟସତ୍ତାର ଅର୍ଥରେ, ଯାହାକୁ ଆମେ ଚୈତ୍ୟସତ୍ତା ବୋଲି କହିଥାଉ, ସେହି ଅର୍ଥରେ ଗ୍ରହଣ କରିଛୁ,– ତାହା ସେହି ଆତ୍ମାର ବିକାଶ ସ୍ଥିତି ଉପରେ ନିର୍ଭର କରୁଥାଏ, ଯେଉଁ ଜନପରିବେଶରେ ତାହା ଦେହଧାରଣ କରିବାକୁ ଯାଉଛି, ତା' ଉପରେ ମଧ୍ୟ ନିର୍ଭର କରେ; ଯେଉଁ ଅଭିପ୍ରାୟଟିକୁ ତାହା ପୂରଣ କରିବାକୁ ଯାଉଛି, ତା' ଉପରେ ବି ନିର୍ଭର କରୁଥାଏ । ଏଥିରୁ ଅନେକ ଅନେକ ପାର୍ଥକ୍ୟର ସୃଷ୍ଟି ହୁଏ... ମାଆବାପାଙ୍କର ଚେତନା ଯେଉଁ ସ୍ଥିତିରେ ଥାଏ, ଏକଥାଟି ତା' ଉପରେ ମଧ୍ୟ ଅନେକ ପରିମାଣରେ ନିର୍ଭର କରିଥାଏ । କାରଣ ଏହା ସର୍ବବାଦୀ ସମ୍ମତ ଯେ ସ୍ୱେଚ୍ଛାପ୍ରବୃତ୍ତ ହୋଇ, ଏକ ସଚେତନ ଅଭୀପ୍ସା ସହିତ, ଅଦୃଶ୍ୟ ଜଗତକୁ ଏକ ଆବାହନ ଜଣାଇ ଏବଂ ଏକ ଆଧ୍ୟାତ୍ମିକ ଉତ୍ସୁକତା ସହିତ ଗୋଟିଏ ଶିଶୁକୁ ଗର୍ଭରେ ଧାରଣ କରିବା ଏବଂ କୌଣସି ପ୍ରକାର ଇଚ୍ଛା ନଥାଇ ସମ୍ପୂର୍ଣ୍ଣ ଆକସ୍ମିକ ଭାବରେ, ଏପରିକି କୌଣସି ସନ୍ତାନ ନହେଉ ବୋଲି ଇଚ୍ଛା କରୁଥିବା ବେଳେ ଗୋଟିଏ ଶିଶୁକୁ ଧାରଣ କରିବା ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି । ଏହି ଦ୍ୱିତୀୟ କ୍ଷେତ୍ରଟିରେ କୌଣସି ଅବତରଣ ସମ୍ଭବ ନୁହେଁ ବୋଲି ମୁଁ ମୋଟେ କହୁ ନାହିଁ, ମାତ୍ର ଏହି କ୍ଷେତ୍ରରେ ସେହି ଅବତରଣ ଗର୍ଭାଧାନ ସମୟରେ ଘଟେ ନାହିଁ, ପରେ ଘଟେ ।

ଶିଶୁଟିର ରଚିତ ହେବାରେ ଏହା ଦ୍ୱାରା ଅନେକ ପାର୍ଥକ୍ୟ ସଂଘଟିତ ହୋଇଥାଏ ।

ଯଦି ଗର୍ଭାଧାନ ସମୟରେହିଁ ଅବତରଣଟି ଘଟେ, ତେବେ ଜନ୍ମ ହେବାକୁ ଯାଉଥିବା ଶିଶୁଟିର ସମସ୍ତ ଗଠନ ଅବତରଣକାରୀ ଚେତନାଟି ଦ୍ୱାରାହିଁ ପରିଚାଳିତ ଏବଂ ନିୟନ୍ତ୍ରିତ ହୋଇଥାଏ । ଉପାଦାନଗୁଡ଼ିକର ନିର୍ବାଚନ, ଗଠନତତ୍ତ୍ୱଟିର ଆକର୍ଷଣ-ଶକ୍ତିଗୁଡ଼ିକର ନିର୍ବାଚନ ଏବଂ ଏପରିକି ସ୍ୱାଙ୍ଗୀକୃତ ହେବାକୁ ଯାଉଥିବା ସାମଗ୍ରୀର ତତ୍ତ୍ୱଟି ମଧ୍ୟ ସେହି ଚେତନାଟି ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଆଗରୁ ମଧ୍ୟ ଏକ ନିର୍ବାଚନ ହୋଇ ସାରିଥାଏ । ଏବଂ ସେଥିରୁ ଶରୀରର ଗଠନ ପାଇଁ ସ୍ୱଭାବତଃ ଏପରି ସମ୍ପୂର୍ଣ୍ଣ ଭାବରେ ସ୍ୱତନ୍ତ୍ର ଅବସ୍ଥାମାନ ସୃଷ୍ଟ ହୋଇଥାଏ, ଯାହାକି ହୁଏତ ଆଗରୁ ବେଶ୍ ବିକଶିତ ହୋଇ ସାରିଥାଏ, ଜନ୍ମର ପୂର୍ବରୁହିଁ ବିବର୍ତ୍ତିତ ହୋଇ ଆସିଥାଏ ଏବଂ ଏକ ସମତାବସ୍ଥାର ସ୍ଥାପନ କରି ସାରିଥାଏ । ମୋତେ କହିବାକୁ ପଡ଼ିବ ଯେ କେବଳ କେତେକ ସ୍ୱତନ୍ତ୍ର କ୍ଷେତ୍ରରେ ସେପରି ହୁଏ, ମାତ୍ର ତଥାପି ହୁଏ ।

ଅଧିକତର ସମୟରେ ଏପରି ଅନେକ ଦୃଷ୍ଟାନ୍ତ ଦେଖିବାକୁ ମିଳେ, ଯେଉଁଥିରେ କି ଠିକ୍ ତାହାର ଜନ୍ମଗ୍ରହଣ କରିବାର ମୁହୂର୍ତ୍ତଟିରେ ଅର୍ଥାତ୍ ତାହା ଏକ ସ୍ୱତନ୍ତ୍ର ସତ୍ତାରେ ପରିଣତ ହେଉଛି ବୋଲି ପ୍ରଥମ ସଙ୍କେତମାନ ମିଳିବାକୁ ଆରମ୍ଭ କରୁଥିବା ସମୟରେ, ଯେତେବେଳେ କି ଆପଣାର ଯଥାସାଧ୍ୟ ଚେଷ୍ଟା କରି କାନ୍ଦିବା ଦ୍ୱାରା ଶିଶୁଟି ନିଜର ଫୁସ୍‌ଫୁସ୍‌ଗୁଡ଼ିକର ବିକାଶ ସାଧନ କରିବା ପାଇଁ ଚେଷ୍ଟା କରୁଥାଏ, ସେତିକିବେଳେ ଅଧିକାଂଶ ସମୟରେ ଜୀବନ ତରଫରୁ ଏହିପରି ଗୋଟିଏ ଆବାହନ ଅବତରଣକୁ ଅପେକ୍ଷାକୃତ ଅଧିକ ସହଜ କରିଦେଇଥାଏ, ଅଧିକ ଫଳପ୍ରଦ ବି କରାଏ ।

ବେଳେ ବେଳେ ଲଗାଏତ କେତେ ଦିନ ଏବଂ ଆଉ କେତେ ସମୟରେ କେତେ ମାସ ବି ଅତିବାହିତ ହୋଇଯାଏ, ଏବଂ ପ୍ରସ୍ତୁତିଟି ଭାରି ମନ୍ଥର ଭାବରେ ହେଉଥାଏ, ଶରୀର ପ୍ରବେଶଟି ଅତ୍ୟନ୍ତ ମନ୍ଥର ଭାବରେ ହୁଏ, ପ୍ରାୟ ଏକ ସୂକ୍ଷ୍ମ ଏବଂ ଅଦୃଶ୍ୟ ଭାବରେହିଁ ହେଉଥାଏ ।

ବେଳେ ବେଳେ ଏହା ଅନେକ ପରେ ହୁଏ; ସ୍ୱୟଂ ଶିଶୁଟି କିଞ୍ଚିତ୍ ପରିମାଣରେ ସଚେତନ ହୋଇଯିବା ପରେ ଏବଂ ଊର୍ଦ୍ଧ୍ୱରୁ, ଅନେକ ଊର୍ଦ୍ଧ୍ୱରୁ, ଏକ ଅତ୍ୟନ୍ତ ସୂକ୍ଷ୍ମ ମାତ୍ର ତଥାପି ଅତ୍ୟନ୍ତ ବାସ୍ତବ ସମ୍ବନ୍ଧଟିଏ ରହିଥିବାର ଅନୁଭବ କରୁଥିବା ସମୟରେ ଏହା ହୋଇଥାଏ; ସେହି ପ୍ରଭାବଟି ସତେଅବା ଉପରୁ ଆସି ଚାପ ଦେବାରେ ଲାଗିଥାଏ, ଏବଂ ଏହି ଅଜ୍ଞାତ ଓ ଅବୋଧ ବସ୍ତୁଟି ସହିତ ସମ୍ବନ୍ଧଯୁକ୍ତ ହୋଇ ରହିବାର ପ୍ରୟୋଜନଟିକୁ ତାହା ଅନୁଭବ କରିବାକୁ ଆରମ୍ଭ କରେ, କେବଳ ଅନୁଭବହିଁ କରିଥାଏ; ତାହାର ସେହି ଅଭୀପ୍ସା ଚୈତ୍ୟ ସତ୍ତାକୁ ଆକର୍ଷିତ କରିଆଣେ ଏବଂ ଶିଶୁଟି ମଧ୍ୟକୁ ତାହାର ଅବତରଣ ଘଟାଏ ।

ଏଠାରେ ମୁଁ ତୁମମାନଙ୍କୁ ବେଶ୍ ସାଧାରଣ କେତୋଟି ଉଦାହରଣ ଦେବି; ଏହି ଉଦାହରଣଗୁଡ଼ିକ ଅନେକ ଅନେକ ସଂଖ୍ୟାରେ ରହିଛି ଏବଂ ଅଗଣିତ ନାନା ରୀତିରେ ଏଗୁଡ଼ିକ ସଂଘଟିତ ବି ହୋଇପାରେ । କେବଳ ଯେଉଁଗୁଡ଼ିକୁ ମୁଁ ଅଧିକାଂଶ ସମୟରେ ଦେଖିଛି, ସେହିଗୁଡ଼ିକୁହିଁ ବର୍ଣ୍ଣନା କରି କହିଛି ।

ତେଣୁ ଅବତରଣ କରିବାକୁ ଇଚ୍ଛା କରୁଥିବା ଆତ୍ମାଟି ବେଳେ ବେଳେ ଉଚ୍ଚତର ମନର ରାଜ୍ୟରେ ଆସି ଅବସ୍ଥାନ କରୁଥାଏ, ପୃଥିବୀର ବେଶ୍ ନିକଟବର୍ତ୍ତୀ ହୋଇ ରହିଥାଏ ଏବଂ ସେତେବେଳକୁ ତାହା ଆପଣାର ପରବର୍ତ୍ତୀ ସଦନଟିକୁ ବାଛିନେଇ ସାରିଥାଏ । ଅଥବା, ତା' ନହେଲେ ତାହା ଆହୁରି ଅଧିକ ଓହ୍ଲାଇ ଆସିପାରେ, ପ୍ରାଣିକ ରାଜ୍ୟରେ ପ୍ରବେଶ କରିପାରେ ଏବଂ ସେଠାରୁ ଅଧିକ ପ୍ରତ୍ୟକ୍ଷ ଭାବରେ ଆପଣାକୁ କାର୍ଯ୍ୟକାରୀ କରିପାରେ । ଅଥବା, ଅନ୍ୟପ୍ରକାରେ ତାହା ସୂକ୍ଷ୍ମଭୌତିକ ମଧ୍ୟରେ ବି ଆସି ପ୍ରବେଶ କରିପାରେ ଏବଂ ଅତ୍ୟନ୍ତ ନିକଟବର୍ତ୍ତୀ ହୋଇ ରହି ଆପଣାର ଭବିଷ୍ୟତ୍ ଶରୀରଟିର ବିକାଶକୁ ନିୟନ୍ତ୍ରିତ କରିପାରେ ।

ବର୍ତ୍ତମାନ ଅନ୍ୟ ପ୍ରଶ୍ନଟି, ପ୍ରସ୍ଥାନ ବିଷୟରେ ପଚରା ଯାଇଥିବା ପ୍ରଶ୍ନଟି ।

ସେଇଟି ମଧ୍ୟ ବିକାଶର ଅଗ୍ରଗତି ଉପରେ ନିର୍ଭର କରୁଥାଏ, ଯେଉଁ ଅବସ୍ଥାରେ ମୃତ୍ୟୁ ଘଟିଲା, ତାହା ଉପରେ ନିର୍ଭର କରେ । ତାହା ସର୍ବୋପରି ଶରୀରକୁ ଛାଡ଼ି ଯାଉଥିବା ବେଳେ ସତ୍ତା କେତେଦୂର ଏକତ୍ରୀଭୂତ ହୋଇ ରହିଥାଏ ଏବଂ ତାହାର ମନୋଦୃଷ୍ଟି କିପରି ଥାଏ, ତାହାରି ଉପରେ ନିର୍ଭର କରେ । ଏଠାରେ ପୂର୍ଣ୍ଣବିକଶିତ ସତ୍ତାମାନଙ୍କ ବିଷୟରେହିଁ ପ୍ରଶ୍ନ କରାଯାଇଥିଲା, ଅର୍ଥାତ୍ ପୂର୍ଣ୍ଣବିକଶିତ ଚୈତ୍ୟ ସତ୍ତାମାନଙ୍କ ବିଷୟରେ ପ୍ରଶ୍ନ କରାଯାଇଥିଲା । ପୂର୍ଣ୍ଣ ବିକଶିତ ଚୈତ୍ୟସତ୍ତା କହିଲେ ଏକ ଭୌତିକ ଦେହ ମଧ୍ୟରେ ଅବସ୍ଥାନ କରୁଥିବାର ସୁଯୋଗକୁ ଯୋଗସାଧନା ଲାଗି ବିନିଯୋଗ କରୁଥିବା ଏକ ଚୈତ୍ୟସତ୍ତାକୁ ପ୍ରକୃତରେ ବୁଝାଉଛି କି ନାହିଁ, ମୁଁ ସେକଥା କହି ପାରୁ ନାହିଁ; କାରଣ ସେତେବେଳେ ପରିବେଶଗୁଡ଼ିକ ବେଶ୍ ଭିନ୍ନ ପ୍ରକାରରହିଁ ହୋଇଥାଏ । ମାତ୍ର ଅଧିକତର ପରିମାଣରେ ଏକ ସାଧାରଣ ଭାବରେ, ମୁଁ ତୁମମାନଙ୍କୁ ଆଗରୁ ମଧ୍ୟ ଅନେକ ଥର କହିଛି ଯେ ସତ୍ତାର ବହିରାବରଣଟି ବିଷୟରେ କହିବାକୁ ଗଲେ, ମୃତ୍ୟୁ କାଳରେ ତାହାର ମନୋଦୃଷ୍ଟିଟି ଉପରେହିଁ ସବୁ କଥା ନିର୍ଭର କରୁଥାଏ ଏବଂ ସେହି ମନୋଦୃଷ୍ଟିଟି ଅନିବାର୍ଯ୍ୟତଃ ତାହାର ଅନ୍ତର୍ଗତ ବିକାଶ ଏବଂ ଏକତ୍ରୀକରଣ ଉପରେ ନିର୍ଭର କରୁଥାଏ ।

ଯଦି ଆମେ ସର୍ବୋତ୍ତମ ଦୃଷ୍ଟାନ୍ତଟି ନେବା, ଏପରି ଜଣେ ବ୍ୟକ୍ତିର ଉଦାହରଣ ନେବା ଯିଏକି ତା' ଭିତରେ ରହିଥିବା ଦିବ୍ୟ ପରମ ସାନ୍ନିଧ୍ୟକୁ କେନ୍ଦ୍ର କରି ଆପଣାର ସତ୍ତାଟିକୁ ସମ୍ପୂର୍ଣ୍ଣ ଭାବରେ ଏକତ୍ରକରି ଆଣି ପାରିଛି, ଯାହାର କି କେବଳ **ଗୋଟିଏ** ଇଚ୍ଛା ରହିଛି, **ଗୋଟିଏ** ଚେତନା ରହିଛି, ତେବେ ଏକଥା ସୁନିଶ୍ଚିତ ଯେ ସେହି ବ୍ୟକ୍ତି ଆପଣାର କେନ୍ଦ୍ରସ୍ଥ ଚୈତ୍ୟ ସତ୍ତାର ଚାରିପାଖରେ ଏକ ପୂର୍ଣ୍ଣ ବିକଶିତ ଏବଂ ସୁସଂଗଠିତ ମନ, ପୂର୍ଣ୍ଣ ସମର୍ପିତ ଓ ପୂର୍ଣ୍ଣ ଭାବରେ ସହଯୋଗ କରୁଥିବା ଏକ ପ୍ରାଣିକ ସତ୍ତା ଏବଂ ଏକ ବାଧ୍ୟ, ଶାନ୍ତ ଏବଂ ନମନୀୟ ଶରୀରକୁ ଏକାଠି ଠୁଳ କରି ଆଣିଥିବ । ସମ୍ପୂର୍ଣ୍ଣ ଭାବରେ ବିକଶିତ ହୋଇ ପାରିଥିବାରୁ ଦୈହିକ ସତ୍ତାର ଏକ ସୂକ୍ଷ୍ମ ଶରୀର ରହିଥିବ,– ଯାହାକୁ ଶ୍ରୀଅରବିନ୍ଦ ''ଯଥାର୍ଥରେ ଭୌତିକ'' ବୋଲି କହିଛନ୍ତି,– ଯାହାକି ଅନନ୍ତ ମାତ୍ରାରେ ଆପଣା ଦେହର ସୀମାଗୁଡ଼ିକୁ ଅତିକ୍ରମ କରି ଚାଲିଯାଇ ପାରିବ; ସେଥିରେ ଏପରି ଏକ ନମନୀୟତା, ସ୍ଥିତିସ୍ଥାପକତା ଓ ଭାରସାମ୍ୟ ସମ୍ଭବ ହୋଇ ଯାଇଥିବ, ଯାହାଦ୍ୱାରା କି ତାହା ସତ୍ତାର ଅନ୍ତର୍ଗତ ଭାଗଗୁଡ଼ିକରେ ରହି ପାରିବାକୁ ଓ ଆତ୍ମାର ଗତିସ୍ପନ୍ଦନଗୁଡ଼ିକୁ ଅନୁସରଣ କରିବାକୁ ସମର୍ଥ ହୋଇଯିବ । ନିଜର ଆରୋହଣ ପଥରେ ତାହା ସେହିପରି ଅନୁସରଣ କରିବାକୁ ସମର୍ଥ ହେବ ବୋଲି ମୁଁ ମୋଟେ କହିବାକୁ ଇଚ୍ଛା କରୁ ନାହିଁ, ମାତ୍ର ତାହା ଶରୀରର ବାହାରେ ଆପଣାର ପର୍ଯ୍ୟଟନଗୁଡ଼ିକ ଲାଗି ସମର୍ଥ ହେବ ବୋଲି କହିବାକୁ ଇଚ୍ଛା କରୁଛି । ଆତ୍ମା କ'ଣ କରିବ ବା କେଉଁଆଡ଼େ ଯିବ, ଶରୀରକୁ ଛାଡ଼ି ବାହାରକୁ ଗଲାବେଳେ ସିଏ ଯାହା ନିଷ୍ପତ୍ତି

ଗ୍ରହଣ କରିଥିବ, ସେକଥା ତାହାରି ଉପରେହିଁ ନିର୍ଭର କରିବ । ଏବଂ, ଆପଣାର ଭୌତିକ ଜୀବନଟିର କ୍ଷେତ୍ରରେ ପୂର୍ଣ୍ଣସଂଗଠିତ ଓ ସମ୍ପୂର୍ଣ୍ଣ ଭାବରେ ଏକତ୍ରୀଭୂତ ସତ୍ତାଟିକୁ ଆପଣାର ଚତୁର୍ଦ୍ଦିଗରେ ରଖିବାରେ ସମର୍ଥ ହୋଇଥିବାରୁ ତାହା ନିଜେ କ'ଣ, କିପରି ବାଛିବାକୁ ଯାଉଛି, ତାହା ସେ ପ୍ରକୃତରେ ସମ୍ପାଦନ କରିପାରିବ । ଏବଂ ଏଥିରେ ନାନା ସମ୍ଭାବନାର ଏକ ଅତ୍ୟନ୍ତ ପୃଥକ୍ କ୍ଷେତ୍ରଟିଏ ଅନ୍ତର୍ଭୁକ୍ତ ହୋଇ ରହିଥିବ;— ଅର୍ଥାତ୍ ତାହା ସଚେତନ ଭାବରେ ଗୋଟିଏ ଶରୀରରୁ ଆଉ ଗୋଟିଏ ଶରୀର ମଧ୍ୟରେ ସିଧା ପ୍ରବେଶ କରି ପାରିବ,— ଏପରି କେତେକ ଦୃଷ୍ଟାନ୍ତ ରହିଛି ଯେଉଁଥିରେ କି ଏହିପରି ଗୋଟିଏ ପୂର୍ଣ୍ଣ ସଚେତନ ଏବଂ ପୂର୍ଣ୍ଣ ବିକଶିତ ସତ୍ତା ତାହାକୁ ଗ୍ରହଣ ଏବଂ ସ୍ୱାଙ୍ଗୀକୃତ କରି ନେବାକୁ ସମର୍ଥ ଆଉ ଗୋଟିଏ ସତ୍ତାକୁ ବେଶ୍ ଧୀରେ ଧୀରେ ପ୍ରସ୍ତୁତ କରି ଆଣିଛି, ଏବଂ ଗୋଟିଏ ଶରୀରକୁ ଛାଡ଼ିଯିବା ସମୟରେ ଯେପରି ତାହାର ଭୌତିକ କାର୍ଯ୍ୟଟି ବନ୍ଦ ହୋଇ ନଯାଏ, ସେଥିଲାଗି ତାହା ଆଉ ଗୋଟିଏ ଚୈତ୍ୟସତ୍ତା ସହିତ ଯାଇ ଯୁକ୍ତ ହୋଇଛି, ତାହାରି ସହିତ ଏକତ୍ର ସମ୍ମିଳିତ ହୋଇ ଯାଇଛି, ଆଉ ଏକ ଭୌତିକ ଶରୀରରେ ତାହାରି ସହିତ ଏକାଠି ଯାଇ ବାସ କରିଛି । ଏହା ହେଉଛି ଏକ ଚରମ ଦୃଷ୍ଟାନ୍ତ, ଏହା ଅତ୍ୟନ୍ତ କ୍ୱଚିତ୍ ବି ଘଟିଥାଏ, ମାତ୍ର ତାହାହିଁ ଏକ ସମ୍ପୂର୍ଣ୍ଣ ପାରମ୍ପରିକ ଗୂଢ଼ବିଦ୍ୟାଗତ ଜ୍ଞାନର ଅଂଶ ହୋଇ ରହିଛି । ଅନ୍ୟ ଚରମ ପ୍ରାନ୍ତଟିରେ ଏପରି ଆଉ ଗୋଟିଏ ଦୃଷ୍ଟାନ୍ତ ମଧ୍ୟ ଦିଆଯାଇ ପାରିବ, ଯେଉଁଠାରେ କି ଶରୀରସ୍ଥ ହୋଇ ରହିବାର ଆପଣାର ସକଳ ଅଭିଜ୍ଞତା ଅର୍ଜନ କରି ସାରିବା ପରେ ଆତ୍ମା ଆପଣାର ବିଶ୍ରାମ ପର୍ଯ୍ୟାୟଟିରେ ତାହାକୁ ସ୍ୱାଙ୍ଗୀକୃତ କରିନେବାକୁ ଇଚ୍ଛା କରିଛି ଏବଂ ପରେ, ଅନେକ ପରେ ଆଉ ଏକ ଭୌତିକ ଜୀବନ ଲାଗି ତାହାକୁ ପ୍ରସ୍ତୁତ କରିଛି । ଏବଂ, ଏହିପରି ଭାବରେ, ଅନେକ ସମ୍ଭାବନା ମଧ୍ୟରେ ଏକଥା ମଧ୍ୟ ଘଟୁଛି : ପ୍ରତ୍ୟେକ ରାଜ୍ୟରେ — ସୂକ୍ଷ୍ମଭୌତିକ, ପ୍ରାଣିକ ଏବଂ ମନୋଗତ ପ୍ରତ୍ୟେକଟିରେ,— ତାହା ତଦନୁରୂପ ସତ୍ତାଗୁଡ଼ିକୁ ଛାଡ଼ିଦେଇ ଯାଉଛି; ସେମାନଙ୍କ ମଧ୍ୟରେ ଗୋଟାଏ ପ୍ରକାର ଖିଅ ଗୁନ୍ଥିଦେଇ ସେ ସେମାନଙ୍କୁ ଛାଡ଼ିଯାଉଛି, ମାତ୍ର ପ୍ରତ୍ୟେକ ରାଜ୍ୟ ତା'ର ସ୍ୱତନ୍ତ୍ର ଅସ୍ତିତ୍ୱଟିକୁ ଅବଶ୍ୟ ବଜାୟ ରଖିପାରୁଛି, ଏବଂ ସିଏ ସ୍ୱୟଂ ସତ୍ୟର ରାଜ୍ୟଟିକୁ ପ୍ରସ୍ଥାନ କରୁଛି, ଖାସ୍ ଚୈତ୍ୟ ରାଜ୍ୟଟିକୁ ପ୍ରସ୍ଥାନ କରୁଛି ଓ ସ୍ୱାଙ୍ଗୀକୃତ କରିନେବା ଲାଗି ଏକ ଆନନ୍ଦମୟ ବିଶ୍ରମ୍ଭ ରାଜ୍ୟରେ ଯାଇ ପ୍ରବେଶ କରୁଛି; ଏହି ଲେଖାଟିରେ ଯେପରି ବର୍ଣ୍ଣନା କରାଯାଇଛି (ମାଆ ହସି କରି କହୁଥା'ନ୍ତି), ଆପଣାର ସବୁଯାକ ଭଲ କାର୍ଯ୍ୟକୁ ସ୍ୱାଙ୍ଗୀକୃତ କରିନେବା ଯାଏ, ସବୁ ଉତ୍ତମ କାର୍ଯ୍ୟତକ ହଜମ କରିନେବା ଯାଏ ଏବଂ ଏକ ନୂତନ ଜୀବନ ଆରମ୍ଭ କରିବା ଯାଏ ସିଏ ଏକ ଆନନ୍ଦମୟ ରାଜ୍ୟରେ ଯାଇ ପ୍ରବିଷ୍ଟ ହେଉଛି । ଏବଂ ତା'ପରେ ଯଦି ତାହାର କାର୍ଯ୍ୟଟି ସୂଚାରୁ ରୂପେ ସମ୍ପନ୍ନ ହୋଇପାରୁଛି ଏବଂ ଯଦି ତା'ର ସତ୍ତାରେ ରହିଥିବା ବିଭିନ୍ନ ଭାଗ ଅର୍ଥାତ୍ ବିଭିନ୍ନ କୋଷ, ଯେଉଁଗୁଡ଼ିକୁ କି ସେ ସେଗୁଡ଼ିକର ଆପଣା ଆପଣା କ୍ଷେତ୍ରରେ ଛାଡ଼ିଦେଇ ଯାଇଛି, ଯଦି ସେଗୁଡ଼ିକ ଯଥାର୍ଥ ଭାବରେ ଆପଣାର କାର୍ଯ୍ୟ କରି ପାରିଛନ୍ତି, ତେବେ, ସେତେବେଳେ ସେହି ଆତ୍ମା ପୁନରାବତରଣ କରୁଛି, ପୂର୍ବବର୍ତ୍ତୀ ଜୀବନକାଳରେ ତା' ସହିତ ଏକାଠି ବଞ୍ଚିଥିବା ଏହି ଯାବତୀୟ ଭାଗକୁ ତାହା ଗୋଟି ଗୋଟି କରି ପୁନର୍ବାର ପରିଧାନ କରିବ ଏବଂ ତଦୁପଲବ୍ଧ ଜ୍ଞାନ ଏବଂ ଅଭିଜ୍ଞତାର ଭଣ୍ଡାରଟିକୁ ସାଙ୍ଗରେ ଧରି ତାହା ଏକ ନୂତନ ଶରୀରରେ ପ୍ରବେଶ କରିବା ଲାଗି ପ୍ରସ୍ତୁତ ହେବ । ...ଏକଥା ହୁଏତ ଅନେକ ଶତ ବା ଅନେକ ହଜାର ବର୍ଷ ପରେ ଘଟିବ, କାରଣ, ସେହିସବୁ ରାଜ୍ୟରେ ଯାହାକିଛି ସଂଗଠିତ ହୋଇ ରହିଥାଏ, ସେସବୁ, ଏଠାରେ ଆମେ ଯାହାକୁ ''ମୃତ୍ୟୁ'' ବୋଲି କହିଥାଉ, ତାହା ସେହି ବିଯୋଜନଟିର ଆଉ କଦାପି ଅଧୀନ ହୋଇ ରହିବାକୁ ବାଧ୍ୟ ହୁଏ ନାହିଁ । ଏକ ପ୍ରାଣିକ ସତ୍ତା ପୂର୍ଣ୍ଣ ସୌଷମ୍ୟଯୁକ୍ତ ହେବା ମାତ୍ରକେ ଅମରତ୍ୱ ଲାଭ କରିଥାଏ । ତାହା ମଧ୍ୟରେ ରହିଥିବା ଯାବତୀୟ ଅସମଞ୍ଜସତା ତଥା ଧ୍ୱଂସ ଓ ବିଯୋଜନ ଲାଗି ରହିଥିବା ଯାବତୀୟ ପ୍ରବୃତ୍ତିହିଁ ତାହାକୁ ବିଘଟିତ କରିଦିଏ ଓ ଖଣ୍ଡ ଖଣ୍ଡ କରି ଭାଙ୍ଗି ପକାଇଥାଏ । ମାତ୍ର ଯଦି ତାହା ସମ୍ପୂର୍ଣ୍ଣରୂପେ ସମଞ୍ଜସତାଯୁକ୍ତ ଏବଂ ସଙ୍ଗଠିତ ହୋଇଥାଏ, ଅର୍ଥାତ୍ ଦିବ୍ୟତା ପ୍ରାପ୍ତ ହୋଇ ପାରିଥାଏ, ତେବେ ତାହା ଅମରତ୍ୱ ଲାଭ କରେ । ମନର ସ୍ତରରେ ମଧ୍ୟ ଠିକ୍ ତାହାହିଁ ଘଟିଥାଏ । ଏବଂ, ଏପରିକି ସୂକ୍ଷ୍ମଭୌତିକର କ୍ଷେତ୍ରରେ ମଧ୍ୟ ଯେଉଁ ସତ୍ତାମାନେ ପୂର୍ଣ୍ଣବିକଶିତ ହୋଇଥା'ନ୍ତି ଏବଂ ଆଧ୍ୟାତ୍ମିକ ଶକ୍ତିଗୁଡ଼ିକ ଦ୍ୱାରା ସଂସେଚିତ ହୋଇ ରହିଥା'ନ୍ତି, ସେଗୁଡ଼ିକ ଯେ ମୃତ୍ୟୁ ପରେ ଅବଶ୍ୟ ନଷ୍ଟ ହୋଇ ଯାଆନ୍ତି, ସେକଥା ଆଦୌ ନୁହେଁ । ପ୍ରକୃତିର କେତେକ ଉପାଦାନ ଭିତରେ ସେଗୁଡ଼ିକ ହୁଏତ ତଥାପି କାର୍ଯ୍ୟ କରିପାରନ୍ତି ବା ଏକ ଲାଭଦାୟକ ବିଶ୍ରାମ ମଧ୍ୟ ଗ୍ରହଣ କରିପାରନ୍ତି । ଏଠାରେ ଜଳକୁ

ଏକ ଦୃଷ୍ଟାନ୍ତରୂପେ ଗ୍ରହଣ କରାଯାଇ ପାରେ,– ସାଧାରଣତଃ କୌଣସି ତରଳ ପଦାର୍ଥରେ, ଜଳରେ ଅଥବା କୌଣସି ବୃକ୍ଷର ରସରେ ସେମାନେ ବିଶ୍ରାମ ଗ୍ରହଣ କରିଥା'ନ୍ତି । ଅଥବା, ଏହି ଲେଖାଟିରେ ଯେପରି ବର୍ଣ୍ଣନା କରାଯାଇଛି (ମାଆ ହସି କରି କହୁଥା'ନ୍ତି), ସେମାନେ ମେଘ ଭିତରେ ବି ରହି ପାରନ୍ତି । ମାତ୍ର ଜଡ଼ପ୍ରକୃତିର ଅପେକ୍ଷାକୃତ ଅଧିକ ଭୌତିକ ଉପାଦାନ-ଗୁଡ଼ିକର କ୍ଷେତ୍ରରେ ମଧ୍ୟ ସେଗୁଡ଼ିକ କାର୍ଯ୍ୟ କରିପାରନ୍ତି ଓ ଅବାରିତ ଭାବରେ ସକ୍ରିୟ ହୋଇ ରହିପାରନ୍ତି ।

ଏଠାରେ ମୁଁ ତୁମମାନଙ୍କୁ ବେଶ୍ କେତୋଟି ଦୃଷ୍ଟାନ୍ତ ଦେଇଛି; ମୁଁ ତ କହିଛି, ଏ ବିଷୟରେ ମୁଁ ଘଣ୍ଟା ଘଣ୍ଟା ଧରି କେତେ କଥା କହିପାରିବି ଏବଂ କେତେ କେତେ ଉଦାହରଣ ବି ଦେଇପାରିବି । ମାତ୍ର ମୁଁ ଯେତିକି କହିଲି, ତାହା ବେଶ୍ ବ୍ୟାପକ ଭାବରେ ବିଷୟଟିର ଚର୍ଚ୍ଚା କରିପାରିଛି ଏବଂ ଆମର କଳ୍ପନା ଲାଗି ଦ୍ୱାରୋନ୍ମୋଚନ କରିଦେଇଛି ।

ବର୍ତ୍ତମାନ ସେତିକି ରହିଲା ।

(CWM, Vol. 8, pp. 334 - 338)

(ମାତୃ ରଚନାବଳି : ୮ମ ଖଣ୍ଡ ଗ୍ରନ୍ଥରୁ ଆହୃତ ଓ ଅନୂଦିତ, ପୃଷ୍ଠା. ୪୮୯-୪୯୪)

ଅନୁବାଦ : ଚିତ୍ତରଞ୍ଜନ ଦାସ

---

*(ପୃଷ୍ଠା ୫୩ର ଅବଶିଷ୍ଟାଂଶ)*

ମୁନି ଭିକ୍ଷା ଗ୍ରହଣ କରିବେ, ଏହି ଉଦ୍ଦେଶ୍ୟରେ ଦିଗପାଳମାନେ କେତୋଟି ଭିକ୍ଷାପାତ୍ର ତାଙ୍କୁ ଦେଲେ । ସେ ସେହି ପାତ୍ରଗୁଡ଼ିକୁ ଏକତ୍ର କଲେ । ସେହି ସ୍ଥାନ ବାଟେ ଏକ ବଣିକ ଦଳ ଯାଉଥିଲେ । ସେମାନଙ୍କ ମଧ୍ୟରୁ ଦୁଇଜଣ ଉତ୍ତମ ବଣିକ ଆସି ମୁନିଙ୍କର ପୂଜା କଲେ ଏବଂ ତାଙ୍କୁ ପ୍ରଥମ ଭିକ୍ଷା ପ୍ରଦାନ କଲେ । ଅରାଡ଼ ମୁନି ଓ ଉଦ୍ରକ ମୁନି – ଦୁଇଜଣ ଏହି ମୋକ୍ଷ ଧର୍ମ ବୁଝିବାକୁ ସମର୍ଥ ହୋଇଥାଆନ୍ତେ । କିନ୍ତୁ ବୁଦ୍ଧ ସେ ଦୁଇଜଣ ସ୍ୱର୍ଗତ ହୋଇଥିବାର ଅବଗତ ହେଲେ । ପାଞ୍ଚଜଣ ଭିକ୍ଷୁଙ୍କ କଥା ମଧ୍ୟ ତାଙ୍କର ମନେ ପଡ଼ିଲା । ଉଦୀୟମାନ ସୂର୍ଯ୍ୟତୁଲ୍ୟ ମୁନି ସଂସାରର ଅଜ୍ଞାନରୂପକ ଅନ୍ଧକାରକୁ ସର୍ବତ୍ର ଦୂର କରିବା ନିମନ୍ତେ ଭୀମରଥଙ୍କ ପ୍ରିୟ ସ୍ୱନାମଧନ୍ୟ, ସୁନ୍ଦର କାଶୀ ନଗରକୁ ଯିବା ପାଇଁ ଇଚ୍ଛା କଲେ । ତା'ପରେ ସେହି ଗଜେନ୍ଦ୍ରଗାମୀ, କେଶରୀଗ୍ରୀବ ମୁନି କାଶୀ ଅଭିମୁଖେ ଯିବାକୁ ଉଦ୍ୟତ ହୋଇ, ମୁହଁ ବୁଲାଇ ବୋଧିଦ୍ରୁମ ଉପରେ ଶୁଭ ଦୃଷ୍ଟିପାତ କଲେ ।

(ଉପରୋକ୍ତ ଅନୁବାଦ ପାଇଁ ଡକ୍ଟର ଧନେଶ୍ୱର ମହାପାତ୍ରଙ୍କ ଅନୂଦିତ 'ଅଶ୍ୱଘୋଷ ରଚନାବଳୀ'ର ସାହାଯ୍ୟ ନିଆଯାଇଛି)

(ସମାପ୍ତ)

---

ଭଗବାନଙ୍କୁ ଅର୍ପଣ କରି କରାଯାଉଥିବା କର୍ମ ମାଧ୍ୟମରେହିଁ ଚେତନାର ସର୍ବୋତ୍ତମ ବିକାଶ ହୁଏ ।

ଆଳସ୍ୟ ଓ ନିଷ୍କ୍ରିୟତାର ଶେଷ ରୂପ ହେଉଛି ତମସ୍; ତାହା ହେଉଛି ଅଚେତନା ଭିତରକୁ ଏକ ପତନ ଏବଂ ଏହା ସମସ୍ତ ଅଗ୍ରଗତି ଓ ଆଲୋକର ବିପରୀତ ।

ନିଜର ଅହଂକୁ ଅତିକ୍ରମ କରିବା ଏବଂ ଭଗବାନଙ୍କ ସେବାରେ ନିୟୋଜିତ ରହି ବାସ କରିବା – ଏହାହିଁ ଆମର ଆଦର୍ଶ ଏବଂ ଯଥାର୍ଥ ଚେତନାର ଅର୍ଜନ ପାଇଁ ଏହାହିଁ ହ୍ରସ୍ୱତମ ପଥ ।

୧୭.୦୪.୧୯୭୧ – ଶ୍ରୀମା

ଶେଷ ପୃଷ୍ଠା :

# ମହାନ୍ ଆଦର୍ଶର ଭୂମିକା

## ଶ୍ରୀ ବିଶ୍ୱମ୍ବର ସାମନ୍ତ

ନୋବେଲ ପୁରସ୍କାର ପାଇଥିବା ସୋଭିଏତ୍ ରୁଷର ବିଖ୍ୟାତ ଲେଖକ ସୋଲୋକୋଭ୍‌ଙ୍କର ପ୍ରସିଦ୍ଧ ବହି 'ଭର୍ଜିନ୍ ସଏଲ୍ ଅପ୍‌ଟର୍ଣ୍ଣଡ୍'ରେ ବର୍ଣ୍ଣିତ ଗୋଟିଏ ଚରିତ୍ର କଥା ମନକୁ ଆସୁଛି । କମ୍ୟୁନିଷ୍ଟ ଆଦର୍ଶରେ ଅନୁପ୍ରାଣିତ ଏହି ବ୍ୟକ୍ତି ଜଣକ ସାଧାରଣ ଶ୍ରମିକ ଶ୍ରେଣୀର, ବିଶେଷ ଶିକ୍ଷାଦୀକ୍ଷା ନାହିଁ, ସାରାଦିନ ନିଜ କାମରେ ଖଟି ଖଟି ପରିଶ୍ରାନ୍ତ । ତଥାପି ସାରା ରାତି ଉଜାଗର ରହି ସେ ଇଂରାଜୀ ଭାଷା ଶିଖୁଛି, ଉଦ୍ଦେଶ୍ୟ ହେଲା ବିଶ୍ୱ କମ୍ୟୁନିଷ୍ଟ ବିପ୍ଳବରେ ଭାଗ ନେବାକୁ ହେଲେ ଇଂରାଜୀ ଭାଷା ଜାଣିବା ନିତାନ୍ତ ଦରକାର । ତା'ର ସମସ୍ତ ଚିନ୍ତା, ସମସ୍ତ ଆବେଗ, ସମସ୍ତ କର୍ମୋତ୍ସାହ ସବୁକିଛି ସେହି ଗୋଟିଏ ଲକ୍ଷ୍ୟ ପଛରେ ଏକାଗ୍ର, କେମିତି ସାରା ପୃଥିବୀରେ ସାମ୍ୟବାଦ ପ୍ରତିଷ୍ଠିତ ହେବ । ନିଜ ଦେଶରେ ଯେଉଁ ସର୍ବହରା ବିପ୍ଳବ ଜୟଯୁକ୍ତ ହୋଇଛି ତାହା କିପରି ପୃଥିବୀର ସବୁ ଦେଶରେ ବ୍ୟାପିବ ଓ ଖାଲି ସଦିଚ୍ଛାମୂଳକ କଳ୍ପନାରେ ନୁହେଁ, ବାସ୍ତବରେ କିପରି ସେ ସେଥିପାଇଁ କାମ କରି ପାରିବ । ରୁଷରେ କମ୍ୟୁନିଜମ୍ ପ୍ରତିଷ୍ଠାର ପ୍ରଥମ ପର୍ବରେ ସେ ଦେଶର ସହସ୍ର ସହସ୍ର ଜନସାଧାରଣ ପୂର୍ବୋକ୍ତ ଚରିତ୍ର ପରି ମନେ କରୁଥିଲେ, ସାରା ପୃଥିବୀକୁ ପୁଞ୍ଜିବାଦ ଓ ସାମ୍ରାଜ୍ୟବାଦ କବଳରୁ ମୁକ୍ତ କରିବାର ଦାୟିତ୍ୱ ସେମାନଙ୍କର ।

ଆଜି ସେହି ଆଦର୍ଶର ଦଶା ଯା' ହେଉନା କାହିଁକି, କିନ୍ତୁ ଆଦର୍ଶର ମହାନ୍ ପ୍ରେରଣାରେ ଉଦ୍‌ବୁଦ୍ଧ ଏହିପରି ଚରିତ୍ର ଖାଲି କବିର କଳ୍ପନା ନୁହେଁ । ଯେତେବେଳେ ଗୋଟିଏ ବଡ଼ ଆଦର୍ଶ କୌଣସି ବ୍ୟକ୍ତିକୁ ବା ଜାତିକୁ ଅଧିକାର କରେ ସେତେବେଳେ ତା' ଭିତରେ ଚେଇଁଉଠେ ଏକ ନୂଆ ଚେତନା, ଜନ୍ମନିଏ ଏକ ନୂଆ ବ୍ୟକ୍ତିତ୍ୱ । ସେହି ଆଦର୍ଶକୁ ସଫଳ କରିବା ପାଇଁ ସେ ଜୀବନକୁ ପଣ ରଖି ଆଗେଇ ଆସେ, ସବୁକିଛି ତ୍ୟାଗ କରିବା ପାଇଁ, ସବୁକିଛି କଷ୍ଟ ସହିବା ପାଇଁ ସେ ପ୍ରସ୍ତୁତ ହୁଏ । ତା'ର ଆଉ ନିଜର ବୋଲି କିଛି ରହେ ନାହିଁ, ସେ ହୋଇଉଠେ ସେହି ଆଦର୍ଶ ଓ ଲକ୍ଷ୍ୟର ଗୋଟିଏ ଯନ୍ତ୍ର ପରି ।

ଆଜି ଆମ ଜାତିର ଅଭ୍ୟୁତ୍ଥାନ ପାଇଁ ଦେଶବାସୀଙ୍କଠାରୁ କଠୋର ଶ୍ରମ, ଅକୁଣ୍ଠ ଆତ୍ମତ୍ୟାଗ ଓ ବିପୁଳ କର୍ମୋତ୍ସାହ ଦାବି କରିଲା ବେଳେ ପ୍ରଶ୍ନ ଉଠେ ସେମାନଙ୍କ ଆଗରେ କେଉଁ ମହାନ୍ ଆଦର୍ଶ ରଖାଯାଇଛି,– ମାନବସମାଜ ପାଇଁ, ପୃଥିବୀ ପାଇଁ ଭାରତର କେଉଁ ବିଶେଷ ଭୂମିକା ସମ୍ପର୍କରେ ସେମାନଙ୍କୁ ଅବହିତ ଓ ସଚେତନ କରାଯାଇଛି । ପରିତାପର ବିଷୟ ଆଜି ଜାତୀୟ ଜୀବନର କୌଣସି କ୍ଷେତ୍ରରେ ଏ ବିଷୟରେ ସ୍ୱଷ୍ଟ ଚିନ୍ତା ନାହିଁ, ବିଶେଷ କରି ଆଜି ଯେଉଁମାନେ ଦେଶର ନେତା ଓ କର୍ଣ୍ଣଧାର ରୂପେ ଜାତୀୟ ଚେତନାକୁ ଉଦ୍‌ବୁଦ୍ଧ କରିବାର, ଜାତୀୟ ଶକ୍ତିକୁ ରୂପ ଦେବାର ନାନା ଗୁରୁତ୍ୱପୂର୍ଣ୍ଣ ଆସନରେ ବସିଛନ୍ତି ସେମାନଙ୍କର ଏ ସମ୍ପର୍କରେ କୌଣସି ସ୍ୱଷ୍ଟ ଧାରଣା ତ ଦୂରର କଥା, ଏପରିକି ଏହିପରି ଆଦର୍ଶର ପ୍ରୟୋଜନୀୟତା ସମ୍ପର୍କରେ କୌଣସି ବୋଧ ଅଛି କି ନାହିଁ ସନ୍ଦେହ ।

ଅବଶ୍ୟ ଏହା ସତ୍ୟ ଯେ ଆଜି ଆମେ ଏପରି ଏକ ଯୁଗରେ ବାସ କରୁଛେ, ଯେତେବେଳେ କି ମଣିଷ ଆଗରେ ରଖାଯାଇଥିବା ଆଦର୍ଶର ବିରାଟ ବିରାଟ ସୌଧସବୁ ଭାଙ୍ଗି ଭୁଶୁଡ଼ି ପଡ଼ୁଛି । ଯୁଗ ଯୁଗ ଧରି ମଣିଷଠାରୁ ସମ୍ମାନ ଓ ଆନୁଗତ୍ୟ ପାଇ ଆସୁଥିବା ସାମାଜିକ, ନୈତିକ ଆଦର୍ଶସବୁ ଆଜି ବିଦ୍ରୂପ, ତାଚ୍ଛଲ୍ୟ ଓ ଉପହାସର ପାତ୍ର ହୋଇଛି । କାରଣ ବିଜ୍ଞାନ, ସମାଜନୀତି ଓ ଅର୍ଥନୀତି ଆଦି କ୍ଷେତ୍ରରେ ନୂଆ ନୂଆ ସତ୍ୟର ଆବିଷ୍କାର, ନୂଆ ନୂଆ ତଥ୍ୟ ଓ ତତ୍ତ୍ୱର ଅନୁପ୍ରବେଶ ଫଳରେ ମଣିଷର ଚେତନା ଓ ଦୃଷ୍ଟିଭଙ୍ଗୀ ପୂର୍ବର ସୀମା ସରହଦ ଓ ସଂକୀର୍ଣ୍ଣ ଗଣ୍ଡି ଅତିକ୍ରମ କରି ନୂତନ ଦିଗନ୍ତ ଅଭିମୁଖେ ପ୍ରସାରିତ ହୋଇ ଯାଉଥିବା ବେଳେ ତା'ର ସେଇ ପରିବ୍ୟାପ୍ତ ଓ ଶାଣିତ ଚେତନା ଆଗରେ ପୂର୍ବର ନାନା ଆଦର୍ଶ ଓ ଲକ୍ଷ୍ୟ ନିତାନ୍ତ ଅଚଳନ୍ତି, କୁସଂସ୍କାରପୂର୍ଣ୍ଣ ବନ୍ଧନ ପରି ମନେ ହେଉଛି । ମାନବସମାଜର ଚେତନାର ବିବର୍ତ୍ତନ ଧାରାରେ ଏହିପରି ସଙ୍କଟର ଅବସ୍ଥା ବରାବର ଅନିବାର୍ଯ୍ୟ ଭାବରେ ଆସେ ଯେତେବେଳେ ପୃଥିବୀ-ଚେତନାରେ ଏକ ବ୍ୟାପକ ନୂତନ ସତ୍ୟ ନିଜକୁ ପ୍ରକଟ କରିବାକୁ ଚାହୁଁଥାଏ ଓ ସେଥିପାଇଁ ଯେତେବେଳେ ଏହା ବିକାଶର ସାଧାରଣ ଧୀରସ୍ଥିର ମନ୍ଥର ଗତିକୁ ଅନୁସରଣ ନ କରି ଏକ ବୈପ୍ଳବିକ ଲମ୍ଫ ପ୍ରଦାନର ଧାରାକୁ ବାଛି ନେଇଥାଏ ।

ସଭ୍ୟତାର ବିବର୍ତ୍ତନରେ ଏହି ଅବସ୍ଥା ଦେଖାଦେଲା ବେଳେ ପ୍ରଥମ ଲକ୍ଷଣ ଦେଖାଦିଏ ଯେ ମଣିଷ ଆଉ ସମାଜର ବାହ୍ୟ କୃତିତ୍ୱ, ଆଡ଼ମ୍ବର, ସାଫଲ୍ୟ ବା ସମ୍ପଦରେ ସନ୍ତୁଷ୍ଟ ରହିପାରେ ନାହିଁ । ଯେଉଁସବୁ ଆଦର୍ଶ ଓ ଲକ୍ଷ୍ୟ କେବଳ ଏହି ବାହ୍ୟ ସମ୍ପଦର ଉପାର୍ଜନ ଓ ଭୋଗ ଆଦିକୁ ବା ସେହି ବିଷୟର ଜ୍ଞାନ ଆଦିକୁ ବଡ଼ କରି ଧରିଥାଏ ଏବଂ ସେହି ବାହ୍ୟ ଭୋଗ୍ୟ-ବସ୍ତୁର ଉତ୍ପାଦନ ଓ ବଣ୍ଟନକୁ ସୁଚାରୁ ରୂପେ ସଙ୍ଗଠିତ ଓ ନିୟମିତ କରିବାକୁ ନିଜର ପ୍ରଧାନ ଧ୍ୟେୟ ବୋଲି ଧରିଥାଏ – ସେହିସବୁ ନୀତି ଓ ଆଦର୍ଶ ମଧ୍ୟ ଆଉ ତା' ମନରେ କୌଣସି ଉତ୍ସାହ ସୃଷ୍ଟି କରେ ନାହିଁ । ତେଣୁ ଆମେ ଆଜି ଦେଖୁ ପାଶ୍ଚାତ୍ୟ ସଂସ୍କୃତିର ଅଗ୍ରଣୀ ବ୍ୟକ୍ତିମାନେ ସେହି ସଭ୍ୟତାର ସମସ୍ତ ସାଫଲ୍ୟ ଓ କୃତିତ୍ୱକୁ ସନ୍ଦେହ ଚକ୍ଷୁରେ ଦେଖୁଛନ୍ତି । ପାଶ୍ଚାତ୍ୟ ଜଗତକୁ ପୋଡ଼ାଭୂଇଁ (ୱେଷ୍ଟ୍ ଲ୍ୟାଣ୍ଡ) ବୋଲି କହି ଗଙ୍ଗା ଓ ହିମାଳୟର ଦେଶକୁ ଚାହୁଁଛନ୍ତି ଶୀତଳ ବାରିର ଆଶାରେ । ଇଉରୋପ ଆମେରିକାର ସେହିସବୁ ହିପ୍‌ପି ଯୁବକମାନଙ୍କୁ ଦେଖୁ ଯେଉଁମାନେ ବିଶ୍ୱବିଦ୍ୟାଳୟର କୃତୀ ଛାତ୍ର, ଧନୀ ପରିବାରର ସନ୍ତାନ କିନ୍ତୁ ସେହିସବୁ ସମ୍ପଦ ଓ ଶିକ୍ଷାକୁ ତାଚ୍ଛଲ୍ୟ ଭାବରେ ପ୍ରତ୍ୟାଖ୍ୟାନ କରି, ଚିରାଚରିତ ପ୍ରଚଳିତ ଆଦର୍ଶସବୁକୁ ଉପହାସ କରି ଖୋଜୁଛନ୍ତି ଆଦର୍ଶ ଓ ସତ୍ୟର ଯଦି ଆଉ କିଛି ମହତ୍ତର ରୂପ ଥାଏ ।

ପାଶ୍ଚାତ୍ୟ ସଭ୍ୟତା ଓ ଆଦର୍ଶର ଏହି ଯେଉଁ ଅବସ୍ଥା, ସେ ସମ୍ପର୍କରେ ଆଜି ଏହି ଯେଉଁ ମୋହଭଙ୍ଗ ଦେଖା ଦେଇଛି – ବହୁ ପୂର୍ବରୁ ଶ୍ରୀଅରବିନ୍ଦ ଦେଖି ପାରିଥିଲେ ଯେ କିପରି ଏହି ସଭ୍ୟତା ଏକ ଶୋଚନୀୟ ଅନ୍ତଃସାରଶୂନ୍ୟତା ଓ ସଙ୍କଟ ଦିଗରେ ଆଗେଇ ଯାଉଛି । ଆମେ ଦେଖୁ ଇଉରୋପୀୟ ସଂସ୍କୃତିର ତତ୍କାଳୀନ ଦିକ୍‌ପାଳମାନେ ନିଜ ସଭ୍ୟତା ଓ ଆଦର୍ଶକୁ ନେଇ ଗର୍ବ ଓ ଆତ୍ମବଡ଼ିମାରେ ଫାଟି ପଡୁଥିବା ବେଳେ ଆଜିକୁ ପ୍ରାୟ ଅନେକ ବର୍ଷ ତଳେ ଶ୍ରୀଅରବିନ୍ଦ ଲେଖିଥିଲେ, ''ଇଉରୋପରେ ସେମାନେ ଏକ ମନୋରମ ନରକ ତିଆରି କରିଛନ୍ତି, ଯନ୍ତ୍ରଣାର ନରକ ନୁହେଁ, ସେ ନରକ ହେଉଛି ଭୋଗ ଓ ସୁଖର, ଆଲୋକସଜ୍ଜା ଓ ଯାନବାହାନର, ନୃତ୍ୟ ଓ ନୈଶ ଭୋଜନର, ଥିଏଟର, କାଫେ, ସଙ୍ଗୀତ ଆସର, ଲାଇବ୍ରେରି, କ୍ଲବ, ଏକାଡେମୀର, କଳାଭବନ, ପ୍ରଦର୍ଶନୀ, କାରଖାନା, ଦୋକାନ, ବ୍ୟାଙ୍କ ଓ ଷ୍ଟକ୍ ଏକ୍‌ସଚେଞ୍ଜର ।... ପ୍ରଣାଳୀ, ସଙ୍ଗଠନ ଓ ଯନ୍ତ୍ର ସେମାନଙ୍କର ଚୂଡ଼ାନ୍ତ ପୂର୍ଣ୍ଣତାରେ ପହଞ୍ଚିଛି, ବନ୍ଧନକୁ ପହଞ୍ଚାଇ ଦିଆଯାଇଛି ତା'ର ଉଚ୍ଚତମ ଅଭିବ୍ୟକ୍ତିରେ ଏବଂ ବାହ୍ୟ ସ୍ୱାଧୀନତାକୁ ସଙ୍ଗଠିତ କରିବାର ନିଶା ନେଇହିଁ ଇଉରୋପ ହତ୍ୟା କରୁଛି ତା'ର ଆତ୍ମିକ ସ୍ୱାଧୀନତାକୁ... ଯେହେତୁ ଏ ପର୍ଯ୍ୟନ୍ତ ନିଜର ଇନ୍ଦ୍ରିୟ ଲାଳସାକୁ ଚରିତାର୍ଥ କରିବା ପାଇଁ ଓ ସେହି ଭୋଗରେ ମାତି ରହିବା ପାଇଁ ତା'ର ସ୍ୱାଧୀନତା ରହିଛି, ଇଉରୋପବାସୀ ଭାବୁଛି ନିଜକୁ ସ୍ୱାଧୀନ ବୋଲି । ସେ ଜାଣେ ନାହିଁ ତା'ର ସେହି ସ୍ୱାଧୀନତାର ହୃଦୟ ଆଜି କେଉଁ ଦନ୍ତାଘାତ ଦ୍ୱାରା ବିଦୀର୍ଣ୍ଣ ଓ ଛିନ୍ନଭିନ୍ନ ହେବାକୁ ଯାଉଛି ।''

"It is a very pleasant inferno they have created in Europe, a hell not of torments but of pleasures, of lights and carriages, of balls and dances and suppers, of theatres and caf´es and music halls, of libraries and clubs and Academies, of National Galleries and Exhibitions, of factories, shops, banks and Stock Exchanges. ... ... System, organisation, machinery have attained their perfection. Bondage has been carried to its highest expression, and from a passion for organising external liberty Europe is slaying her spiritual freedom. ... ... Because he is still free to gratify his senses and enjoy himself, the European thinks himself free. He does not know what teeth are gnawing into the heart of his liberty."

(CWSA, Vol. 1, pp. 546-547)

ସେତେବେଳେ ବି ଶ୍ରୀଅରବିନ୍ଦ ପ୍ରଶ୍ନ କରିଥିଲେ, ''ମଣିଷ ସଭ୍ୟତାର ଦୀର୍ଘ ଅଭିଯାନର କ'ଣ ଏହାହିଁ ଶେଷ ପରିଣତି, ଏହି ଆଧ୍ୟାତ୍ମିକ ଆତ୍ମହତ୍ୟା, ଆତ୍ମା ଏହିପରି ନୀରବରେ ପଥର ହୋଇ ଜଡ଼ ପାଲଟି ଯିବା,– ଏହାହିଁ କ'ଣ ଶେଷ ପରିଣତି ? ମନୁଷ୍ୟତ୍ୱର କ୍ରମବିକାଶ ଯେଉଁ ଲକ୍ଷ୍ୟ ଦିଗରେ ପ୍ରୟାସ କରୁଥିଲା, ଏକ ସଫଳ ବ୍ୟବସାୟୀ ହେବା କ'ଣ ତା'ର ଚୂଡ଼ାନ୍ତ ରୂପ ?

"Is this then the end of the long march of human civilisation, this spiritual suicide, this

quiet petrifaction of the soul into matter ? Was the successful business-man that grand culmination of manhood toward which evolution was striving ?”

(CWSA, Vol. 1, P. 545)

ଆମେ ଦେଖୁ ଆଧୁନିକ ମାନବୀୟ ସଭ୍ୟତା ଓ ସଂସ୍କୃତିର ପ୍ରଧାନ ପୀଠ ଆମେରିକା ଓ ଇଉରୋପର ସମାଜ ଆଜି କିପରି ନିଜର କ୍ରମଶଃ ସମସ୍ତ ବୈଷୟିକ ସମୃଦ୍ଧି ସତ୍ତ୍ୱେ ଲକ୍ଷ୍ୟହୀନତା, ମାନସିକ ଅଶାନ୍ତି, ଉଦ୍‌ବେଗ ଓ ଉତ୍ତେଜନାର ଅନ୍ଧକାରରେ ବୁଡ଼ି ଯାଉଛି । ଆମେ ଦେଖୁ କିପରି ସବୁ ପ୍ରକାର ଶୋଷଣ ଓ ପୀଡ଼ନରୁ ମୁକ୍ତିର ଧ୍ୱନି ଉଠାଇ ଥିବା ସମାଜବାଦର ପ୍ରୟୋଗଶାଳା ରୂପେ ବିବେଚିତ ଦେଶସବୁରେ ଚାଲିଛି ଏକଚ୍ଛତ୍ର ଶାସନର ନିର୍ମମ ଲୀଳା ।

ଏଇସବୁ ବ୍ୟର୍ଥତାର କାରଣ କ’ଣ ? କାରଣ ଏହିସବୁ ସଭ୍ୟତା ଓ ସଂସ୍କୃତି ସେଇ ଅସଲ ମୂଳ ସତ୍ୟଟିକୁ ଧରି ପାରି ନାହିଁ; ଯେଉଁ ସତ୍ୟର ପ୍ରଚ୍ଛନ୍ନ ପ୍ରେରଣା ଫଳରେହିଁ ମାନବସମାଜ ତା’ର ନିରବଚ୍ଛିନ୍ନ ବିକାଶ ପଥରେ ଆଗେଇ ଚାଲିଛି, ସେ ସତ୍ୟ ହେଉଛି ଆତ୍ମାର ସତ୍ୟ । ଯେଉଁ ଆଦର୍ଶ ଏହି ଆତ୍ମାର ସତ୍ୟକୁ ଠିକ୍ ରୂପେ ଧରି ପାରିବ ଓ ରୂପାୟିତ କରିପାରିବ, ସେଇ ଆଦର୍ଶହିଁ କେବଳ ଆଜି ପୃଥିବୀକୁ ଓ ମାନବସମାଜକୁ ନେତୃତ୍ୱ ଦେଇ ପାରିବ । ସେଇ ଆଦର୍ଶହିଁ ମାନବସଭ୍ୟତାକୁ ତା’ର ବର୍ତ୍ତମାନର ଅବକ୍ଷୟରୁ ଉଦ୍ଧାର କରି ତା’ ଭିତରେ ନୂତନ ଜୀବନ ସଞ୍ଚାର କରି ପାରିବ । ଏଇଠାରେହିଁ ନିହିତ ରହିଛି ଭାରତର ବିଶେଷ ଭୂମିକା । ପାଶ୍ଚାତ୍ୟ ସଂସ୍କୃତିରୁ ଜନ୍ମ ଓ ରୂପ ନେଇଥିବା କୌଣସି ଆଦର୍ଶ ଏ ଭୂମିକା ଗ୍ରହଣ କରିବାକୁ ଅସମର୍ଥ । ଅନେକ ବର୍ଷ ତଳେ ଥରେ ଜଣେ ବିଶିଷ୍ଟ ଇଉରୋପୀୟ ଯେତେବେଳେ ପାଶ୍ଚାତ୍ୟରେ ସାମ୍ୟ, ମୁକ୍ତି ଓ ମୈତ୍ରୀର ଆଦର୍ଶ, ଉଦାରବାଦର ଆଦର୍ଶ ବ୍ୟର୍ଥ ହୋଇ ଯାଉଥିବାର ଦେଖି ଖେଦ ପ୍ରକାଶ କରିଥିଲେ — ତା’ ଉପରେ ଏକ ସମ୍ପାଦକୀୟ ଟିପ୍ପଣୀରେ ଶ୍ରୀଅରବିନ୍ଦ ଲେଖିଥିଲେ, ‘‘ଏହି ଆଦର୍ଶସବୁକୁ କାର୍ଯ୍ୟକାରୀ କରିବାକୁ ଇଉରୋପର ଆଧ୍ୟାତ୍ମିକ ସାମର୍ଥ୍ୟ ନାହିଁ କି ନୈତିକ ଶକ୍ତି ନାହିଁ । ସେ ଅତ୍ୟଧିକ ସ୍ୱାର୍ଥପର, ତା’ର ଦୃଷ୍ଟି ଅତ୍ୟଧିକ ସଂକୀର୍ଣ୍ଣ, ସେ ଅତ୍ୟଧିକ ଜଡ଼ବାଦୀ ଓ ଅଜ୍ଞ । ବ୍ୟର୍ଥତାହିଁ ତା’ର ପ୍ରାପ୍ୟ ଓ ସେ ବ୍ୟର୍ଥ ବିଫଳ ହେବା ଅନିବାର୍ଯ୍ୟ । ପୃଥିବୀକୁ ନୂଆ କରି ଗଢ଼ିବାର ଭାର ଆଜି ଏସିଆ ଉପରେ ବିଶେଷ କରି ଭାରତ ଉପରେ ନ୍ୟସ୍ତ ।’’


“Europe had not the spiritual strength, nor the moral force to carry them out. She was too selfish, too short-sighted, too materialistic and ignorant. She deserved to fail and could not but fail. It is left for Asia and especially for India to reconstruct the world.”

(CWSA, Vol. 8, pp. 56-57)

ସେଇଥିପାଇଁ ଶ୍ରୀଅରବିନ୍ଦ, ଶ୍ରୀମା ବାରଂବାର କହନ୍ତି ନିଜ ପାଇଁ ନୁହେଁ ପୃଥିବୀ ପାଇଁ ଓ ମାନବସମାଜ ପାଇଁ ଭାରତକୁ ଉତ୍ଥିତ ହେବାକୁ ହେବ । କାରଣ ପୃଥିବୀ ଆଜି ଯେଉଁ ଆଦର୍ଶର ସଙ୍କଟ ଭିତର ଦେଇ ଗତି କରୁଛି, ସେଇ ସଙ୍କଟର ସମାଧାନ କରିବାର ସାମର୍ଥ୍ୟ ରହିଛି କେବଳ ଭାରତର ଆତ୍ମାଠାରେ । ଭାରତହିଁ ପୃଥିବୀ ଆଗରେ ସେହି ମହାନ୍ ଆଦର୍ଶର ନୂତନ ଦିଗନ୍ତ ଖୋଲି ଦେଇ ପାରିବ ଯାହା ଭିତରେ ମାନବସମାଜ ଖୋଜି ପାଇବ ସତ୍ୟର ସେଇ ପୂର୍ଣ୍ଣାଙ୍ଗ ରୂପକୁ ଯାହା ସେ ଯୁଗ ଯୁଗ ଧରି ନିଜର ଅଜାଣତରେ ଖୋଜି ଆସିଛି ନାନା ମାନସିକ, ପ୍ରାଣିକ ଆଦର୍ଶର ନାନା ଭଙ୍ଗାଗଢ଼ା, ଉତ୍ଥାନପତନ, ସାଫଲ୍ୟ ଓ ବ୍ୟର୍ଥତା ଭିତରେ । ✤

ତୁମର ଚେତନା ଯେତିକି ଅଧିକ ବ୍ୟାପକ ଓ ବିସ୍ତୃତ ହେବ, ଊର୍ଦ୍ଧ୍ୱରୁ ଗ୍ରହଣ କରିବା ପାଇଁ ତୁମେ ସେତିକି ଅଧିକ ସକ୍ଷମ ହେବ ।

— ଶ୍ରୀଅରବିନ୍ଦ



1961
This wonderful world of delight
waiting at our gates for our call,
to come down upon earth...



1961

This wonderful world of delight

waiting at our gates for our call,

to come down upon earth...

The Mother

୧୯୬୧

ଆନନ୍ଦ ଦ୍ୱାରା ପୂର୍ଣ୍ଣ ହୋଇ ରହିଥିବା ଏହି ଚମତ୍କାର ପୃଥିବୀଟି

ଧରାପୃଷ୍ଠକୁ ଓହ୍ଲାଇ ଆସିବ ବୋଲି ଆମର ଦ୍ୱାରଦେଶରେ

ଆମରି ଆବାହନକୁ ଅପେକ୍ଷା କରି ରହିଛି ...


ଶ୍ରୀମା

Vol. LXV, No. 1, NAVAJYOTI – 21 February, 2022, R. N. 8889/63

ନବଜ୍ୟୋତି ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ପୁସ୍ତକମାନ ତଥା ନବପ୍ରକାଶ, ନବଜ୍ୟୋତି ପତ୍ରିକା ପାଇବା ନିମନ୍ତେ Draft ପଠାଇଲେ **Navajyoti Publication** ନାମରେ Draft କରିବାକୁ ଅନୁରୋଧ ।

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




**ସାବିତ୍ରୀ**

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**

**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry - 2 and Printed by Swadhin Chatterjee at Sri Aurobindo Ashram Press, Pondicherry - 2, India.

Editor : Biswambhara Samanta

**ପ୍ରତି ସଂଖ୍ୟା : ୨୦ ଟଙ୍କା, ବାର୍ଷିକ ଚାନ୍ଦା : ୮୦ ଟଙ୍କା, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ୮୦୦ ଟଙ୍କା**

**Single Copy : Rs. 20.00, Annual Subscription : Rs. 80.00, Life Member (20 years) : Rs. 800.00**